# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୪/୨୦୨୩ (୧୪ ପୃଷ୍ଠା) Bhubaneswar, Tuesday, February 14/2023 Page 14 ₹ 7.00

୪୯ଶ ଭାଗ ୮୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 82 ମୂଲ୍ୟ ₹୭/-




### ଶୁବମନ ପ୍ଲେୟର ଅଫ୍ ଦି ମନ୍ଥ୍

ଭାରତର ଶୁବମନ ଗିଲ୍ ସୋମବାର ଜାନୁୟାରୀ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି।

୧୪

୦୨

### 'ଯବାନ'ରେ ଅଲ୍ଲୁଙ୍କ ଏଣ୍ଟ୍ରି ନେଇ ଚର୍ଚ୍ଚା

ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ଆଗାମୀ ଫିଲ୍ମ 'ଯବାନ'ରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଏଣ୍ଟ୍ରି ନେଇ ଚର୍ଚ୍ଚା ହେଉଛି।





କେନ୍ଦୁଝରସ୍ଥିତ ଧରଣୀଧର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଅନୁମୋଦନପତ୍ର ଦେଉଛନ୍ତି। **(ରିପୋର୍ଟ: ପୃଷ୍ଠା-୩)**

# ହାଇସ୍କୁଲ ପାଇଁ ୬,୦୨୫ ଏଲ୍‌ଟିଆର୍ ଶିକ୍ଷକ

## ଛୁଟିରେ ରହୁଥିବା ଶିକ୍ଷକଙ୍କ ଅଭାବ ପୂରଣ ହେବ

**ଭୁବନେଶ୍ୱର, ୧୩।୨ (ବ୍ୟୁରୋ)**

ହାଇସ୍କୁଲଗୁଡ଼ିକରେ ଶିକ୍ଷକମାନେ ଛୁଟି, ଟ୍ରେନିଂ କିମ୍ବା ସ୍ୱାସ୍ଥ୍ୟଗତ କାରଣରୁ ଅନୁପସ୍ଥିତ ରହିଲେ ଛାତ୍ରୀଛାତ୍ରମାନେ ସମ୍ପୃକ୍ତ ବିଷୟରେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସରକାରୀ ହାଇସ୍କୁଲଗୁଡ଼ିକରେ ପୂର୍ବ ଅନୁମୋଦନଠାରୁ ଆଉ ୧୫ ପ୍ରତିଶତ ଅଧିକ ଶିକ୍ଷକ (ଲିଭ୍, ଟ୍ରେନିଂ ରିଜର୍ଭ ବା ଏଲ୍‌ଟିଆର୍) ପଦବୀ ପୂରଣ କରିବେ। ହାଇସ୍କୁଲଗୁଡ଼ିକରେ ଏବେ ୪୦,୧୬୬ ଶିକ୍ଷକ ପଦବୀ ରହିଛି। ଏହାର ୧୫ ପ୍ରତିଶତ ହିସାବରେ ୬ ହଜାର ୨୫ ପଦବୀ ସୃଷ୍ଟି କରାଯିବ। ତାହା ବିଭିନ୍ନ ସମୟରେ ଖାଲି ପଡୁଥିବା ଶିକ୍ଷକ ପଦବୀ ପୂରଣ କରିବାରେ ସହାୟକ ହେବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହ ପ୍ରସ୍ତାବକୁ ଲୋକସେବା ଭବନରେ ସୋମବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୋଟ ୧୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ରାଜ୍ୟ ସରକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ୨୩୭ଟି ଛାତ୍ରାବାସ (ବାଳକ) ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଗୁଡ଼ିକର ନିର୍ମାଣ ପାଇଁ ୧୦୦୦.୧୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରତ୍ୟେକ ଛାତ୍ରାବାସ ପାଇଁ ୪.୨୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଛାତ୍ରାବାସଗୁଡ଼ିକୁ ୩ ମହଲା ବିଶିଷ୍ଟ ହେବ ଏବଂ ନିର୍ମାଣ କାର୍ଯ୍ୟ ୧ ବର୍ଷ ମଧ୍ୟରେ ଶେଷ ହେବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ସରକାରୀ କର୍ମଚାରୀଙ୍କର କିନ୍ନର (ଟ୍ରାନ୍ସଜେଣ୍ଡର) ସନ୍ତାନଙ୍କୁ ପରିବାର ପେନ୍‌ସନ ମିଳିବ। ସେମାନେ ଅନ୍ୟ ସନ୍ତାନଙ୍କ ଭଳି ପେନ୍‌ସନ ପାଇବାକୁ ହକଦାର ହେବେ। ରାଜ୍ୟ ସରକାର ଓଡ଼ିଶା ବେସାମରିକ ସେବା ☞ପୃଷ୍ଠା-୪

**କ୍ୟାବିନେଟ ନିଷ୍ପତ୍ତି**

- ଆଦର୍ଶ ବିଦ୍ୟାଳୟରେ ନିର୍ମାଣ ହେବ ୨୩୭ ଛାତ୍ରାବାସ
- ଟ୍ରାନ୍ସଜେଣ୍ଡର ସନ୍ତାନଙ୍କୁ ମିଳିବ ପରିବାର ପେନ୍‌ସନ

## ୨.୩ ଲକ୍ଷ କୋଟିର ବଜେଟକୁ ମଞ୍ଜୁରୀ

### ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ

**ଭୁବନେଶ୍ୱର, ୧୩।୨ (ବ୍ୟୁରୋ)**

ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଛନ୍ତି। ଲୋକସେବା ଭବନଠାରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। ୨୦୨୨-୨୩ ବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିଲେ। ଆସନ୍ତା ବଜେଟର ଆକାର ଗତ ବଜେଟଠାରୁ ୧୫% ବୃଦ୍ଧି ପାଇଛି। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଥିବାରୁ ରାଜ୍ୟ ସରକାର ନିଜ ଉତ୍ସରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଆଦାୟ କରିବେ। ଏଥିସହିତ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ସଂଶୋଧିତ ବଜେଟକୁ ଅନୁମୋଦନ କରାଯାଇଛି। ଆସନ୍ତା ବର୍ଷ ନିର୍ବାଚନ ଥିବାରୁ ସରକାର ବଜେଟକୁ ଗ୍ରାମାଞ୍ଚଳ ଭିତ୍ତିଭୂମି, ପାନୀୟ ଜଳ, କୃଷି କ୍ଷେତ୍ର, ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଅଧିକ ଫୋକସ ଦେବେ ବୋଲି ଅନୁମାନ କରାଯାଉଛି।

# ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି: ଦର ବଢ଼ିବ

**ନୂଆଦିଲ୍ଲୀ, ୧୩।୨**

ଭାରତର ଖୁଚୁରା ମୁଦ୍ରାସ୍ଫୀତି ଗତ ଜାନୁୟାରୀରେ ୬.୫୨ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଧାର୍ଯ୍ୟ ସୀମାଠାରୁ ଯଥେଷ୍ଟ ଅଧିକ। ପୂର୍ବ ମାସରେ ମୁଦ୍ରାସ୍ଫୀତି ୫.୭ ପ୍ରତିଶତ ରହିଥିଲା। ପୂର୍ବ ମାସରେ ମୁଦ୍ରାସ୍ଫୀତି ୦.୪ ପ୍ରତିଶତ ହ୍ରାସ ପାଇଥିବାବେଳେ ଜାନୁୟାରୀରେ ଏହା ୦.୪୬ ପ୍ରତିଶତ ବୃଦ୍ଧି ପାଇଛି। ଭାରତର ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ବାସ୍କେଟ୍‌ରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ବଢ଼ିଥିବାରୁ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିବା କୁହାଯାଉଛି। ଡିସେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ୪.୧୯ ପ୍ରତିଶତ ଥିବାବେଳେ ଜାନୁୟାରୀରେ ତାହା ୫.୯୪ରେ ପହଞ୍ଚିଛି। ଉଚ୍ଚ ମୁଦ୍ରାସ୍ଫୀତି ବୃଦ୍ଧି ଆର୍‌ବିଆଇ ସମେତ ସାରା ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଇଁ ଚିନ୍ତାର କାରଣ ହୋଇଆସିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅନିଶ୍ଚିତତା ସାଙ୍ଗକୁ ମହାମାରୀ ପରେ ବିଶ୍ୱରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଥିବାରୁ ସବୁ ସାମଗ୍ରୀର ଦରଦାମ୍ ଆଗକୁ ଆହୁରି ବଢ଼ିବ।

# 'ପିର୍‌ଭାକରନ ଜୀବିତ'

### ତାମିଲ ନେତାଙ୍କ ଦାବି: ଖୁବ୍‌ଶୀଘ୍ର ଆତ୍ମପ୍ରକାଶ କରିବେ ଏଲ୍‌ଟିଟିଇ ମୁଖ୍ୟ



ଭେଲୁପିଲ୍ଲାଇ ପିର୍‌ଭାକରନ

**ତାଞ୍ଜାଭୁର, ୧୩।୨**

ଶ୍ରୀଲଙ୍କା ସରକାର ଏଲ୍‌ଟିଟିଇ ମୁଖ୍ୟ ଭେଲୁପିଲ୍ଲାଇ ପିର୍‌ଭାକରନଙ୍କୁ ମୃତ ଘୋଷଣା କରିବାର ୧୪ ବର୍ଷ ପରେ ସେ ଜୀବିତ ଥିବା ନେଇ ତାମିଲନାଡୁର ପୂର୍ବତନ ରାଜନେତା ତଥା ବିଶ୍ୱ ତାମିଲ ମହାସଂଘର ଅଧ୍ୟକ୍ଷ ପାଝା ନେଡୁମାରାନ ସୋମବାର ଦାବି କରିଛନ୍ତି। ଲିବରେଶନ ଟାଇଗର୍ସ ଅଫ୍ ତାମିଲ ଇଲମ (ଏଲ୍‌ଟିଟିଇ)ର ପ୍ରତିଷ୍ଠାତା ପିର୍‌ଭାକରନ ବଞ୍ଚିଛନ୍ତି ଓ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ ଖୁବ୍‌ଶୀଘ୍ର ସର୍ବସାଧାରଣରେ ଆତ୍ମପ୍ରକାଶ କରିବେ ବୋଲି ନେଡୁମାରାନ କହିଛନ୍ତି। ତେବେ ସେ ଏବେ କେଉଁଠି ଅଛନ୍ତି, ସେ ସମ୍ପର୍କରେ ନେଡୁମାରାନ୍ ପ୍ରଘଟ କରିନାହାନ୍ତି।

ପିର୍‌ଭାକରନ୍‌ଙ୍କ ନେତୃତ୍ୱରେ ଏଲ୍‌ଟିଟିଇ ଦ୍ୱୀପ ଦେଶ ଶ୍ରୀଲଙ୍କାରେ ସେଠାର ତାମିଲମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଲାଗି ବ୍ୟାପକ ଗେରିଲା ଅଭିଯାନ ଚଳାଇଥିଲେ। ଶ୍ରୀଲଙ୍କା ସେନା ସହ ଏଲ୍‌ଟିଟିଇ ଗେରିଲାମାନଙ୍କ ଦୀର୍ଘଦିନର ଯୁଦ୍ଧ ଚାଲିଥିଲା। ୨୦୦୯ ମେ' ୧୮ରେ ମୁଲ୍ଲିଭୈକାଲରେ ଶ୍ରୀଲଙ୍କା ସେନାର କାର୍ଯ୍ୟାନୁଷ୍ଠାନ ☞ପୃଷ୍ଠା-୪

# ୩.୪ କୋଟିରେ ଗଲେ ମନ୍ଧାନା

**ଓମେନ୍ସ ପ୍ରିମିୟର ଲିଗ୍ ନିଲାମି**

**୯ ଭାରତୀୟ ଖେଳାଳିଙ୍କ ମୂଲ୍ୟ ୧ କୋଟି ପାର**



ସ୍ମୃତି ମନ୍ଧାନା

**ମୁମ୍ବାଇ, ୧୩।୨ (ପି.ଟି.)**

ପ୍ରଥମଥର ପାଇଁ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ)। ମହିଳା କ୍ରିକେଟରେ ପ୍ରଥମଥର ପାଇଁ ଏହି ଟି୨୦ ଲିଗ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ସୋମବାର ଅନୁଷ୍ଠିତ ହୋଇଛି ଏହାର ନିଲାମି। ପ୍ରଥମ ସଂସ୍କରଣର ନିଲାମି ପାଇଁ ୫ଟି ଯାକ ଫ୍ରାଞ୍ଚାଇଜ୍ ଉପସ୍ଥିତ ରହିଥିବା ବେଳେ ବିସିସିଆଇ ସଭାପତି ରୋଜର ବିନ୍ନି, ସମ୍ପାଦକ ଜୟ ଶାହା ଓ କୋଷାଧ୍ୟକ୍ଷ ରାଜୀବ ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ମଲ୍ଲିକା ସାଗର ନିଲାମକାରୀ ଭୂମିକାରେ ନଜର ଆସିଥିଲେ। ବିସିସିଆଇ ସଭାପତି ବିନ୍ନି ସମସ୍ତ ଫ୍ରାଞ୍ଚାଇଜ୍‌ଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିବା ପରେ ନିଲାମି ଆରମ୍ଭ ହୋଇଥିଲା। ୪୦୯ ଜଣ ଖେଳାଳି ନିଲାମୀରେ ସାମିଲ ହୋଇଥିବା ବେଳେ ଭାରତୀୟ ଦଳର ଓପ୍‌ନର ସ୍ମୃତି ମନ୍ଧାନା ଡବ୍ଲ୍ୟୁପିଏଲର ସବୁଠାରୁ ମହଙ୍ଗା ଖେଳାଳି ରହିଛନ୍ତି। ମନ୍ଧାନାଙ୍କୁ ୩.୪ କୋଟି ଟଙ୍କାରେ କିଣିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି)। ଏହା ସହିତ ୯ ଭାରତୀୟ ଖେଳାଳିଙ୍କ ମୂଲ୍ୟ ୧ କୋଟି ପାର କରିଥିଲା। ମନ୍ଧାନା ସବୁଠାରୁ ମହଙ୍ଗା ରହିଥିବା ବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଭାରତରେ ଲିଥିୟମ୍**

# ୟୁଏଫ୍‌ଓ: ଆମେରିକା-ଚାଇନା ମୁହାଁମୁହିଁ

**ୱାଶିଂଟନ୍/ବେଜିଂ ୧୩।୨**

ରହସ୍ୟଜନକ ଉଡ଼ନ୍ତା ବସ୍ତୁକୁ ନେଇ ବିଶ୍ୱର ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ ଚାଇନା ମଧ୍ୟରେ ଆରୋପ ପ୍ରତ୍ୟାରୋପର ପର୍ବ ଆରମ୍ଭ ହୋଇଛି। ଆମେରିକା ୮ ଦିନ ଭିତରେ ୪ଟି ଅଚିହ୍ନା ଉଡ଼ନ୍ତା ବସ୍ତୁ (ୟୁଏଫ୍‌ଓ)କୁ ଆକାଶରୁ ଖସାଇବା ପରେ ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ରବିବାର ନ୍ୟାଶନାଲ ଗାର୍ଡ ପାଇଲଟ୍ ଯୁଦ୍ଧବିମାନ ସାହାଯ୍ୟରେ କାନାଡା ସୀମାନ୍ତ ମିଶିଗାନ୍‌ସ୍ଥିତ ହ୍ୟୁରୋନ୍ ହ୍ରଦ ନିକଟରେ ଏହି ଅଜଣା ଉଡ଼ନ୍ତା ବସ୍ତୁକୁ ତଳକୁ ଖସାଇଛି। ଜାନୁୟାରୀ ଶେଷ ସପ୍ତାହରେ ଆମେରିକା ଆକାଶରେ ଉଡୁଥିବା ଗୋଇନ୍ଦା ବେଲୁନ୍‌କୁ ନଷ୍ଟ କରାଯିବା ପରେ ଦେଶରେ ପ୍ରତିରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ୟୁଏସ୍ ନର୍ଦ୍ଦର୍ନ କମାଣ୍ଡ ଜେନେରାଲ ଗ୍ଲେନ୍ ଭାନହର୍କ ସୂଚନା ଦେଇଛନ୍ତି। ଏ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଗ୍ଲେନ୍ କହିଛନ୍ତି ଯେ, ୟୁଏଫ୍‌ଓ କେଉଁଠାରୁ ଆସୁଛି ତାହା ଏବେ ସ୍ପଷ୍ଟ ହୋଇନାହିଁ। ତେବେ ଏହାପଛରେ ଏଲିଅନ୍‌ଙ୍କ ସମ୍ପୃକ୍ତି ନେଇ ସନ୍ଦେହ କରାଯାଉଥିବା ଖବରଦାତାମାନେ ପ୍ରଶ୍ନ କରିଥିବାବେଳେ ଗ୍ଲେନ୍ ତାହାକୁ ଖଣ୍ଡନ କରିଥିଲେ। ଗତ ସପ୍ତାହରେ ଆମେରିକୀୟ ଫାଇଟର୍ ଜେଟ୍ କାନାଡା ଓ ଆଲାସ୍କାରୁ ଗୋଟିଏ ☞ପୃଷ୍ଠା-୪



- ୮ ଦିନରେ ୪ଟି ଅଜଣା ବସ୍ତୁ ଖସାଇଲାଣି ଆମେରିକା
- ୟୁଏଫ୍‌ଓକୁ ଅଟକାଇ ରଖିଛନ୍ତି ମୋ ଏଲିଅନ୍ ବନ୍ଧୁ: ମସ୍କ




## ବାବୁଲ ସୁପ୍ରିଓ ହସ୍ପିଟାଲରେ ଭର୍ତ୍ତି

ପଶ୍ଚିମବଙ୍ଗ ମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତା ବାବୁଲ ସୁପ୍ରିଓଙ୍କୁ ସୋମବାର ଉଡ୍‌ଲାଣ୍ଡ ମଲ୍ଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାରଠାରୁ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହେଉଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଡାକ୍ତର କହିଛନ୍ତି।

**ସଂକ୍ଷେପରେ**

## ଆସାମ ୟୁଟ୍ୟୁବରଙ୍କ ମୃତ୍ୟୁ: ସ୍ୱାମୀ ଗିରଫ



**କାଠମାଣ୍ଡୁ, ୧୩।୨:** ଆସାମ ୟୁଟ୍ୟୁବର ପ୍ରିୟୋଲିନା ନାଥ୍‌ଙ୍କ ମୃତ୍ୟୁ ନେଇ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ରବିବାର ରାତିରେ ୧୯ ବର୍ଷୀୟା ପ୍ରିୟୋଲିନାଙ୍କ ଝୁଲନ୍ତା ମୃତଦେହ ବାମୁନି ମେଦାମସ୍ଥିତି ତାଙ୍କ ଘରୁ ମିଳିଥିଲା। ପଡ଼ୋଶୀଙ୍କ ସୂଚନାକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ୍ ପାଇଁ ପଠାଇଥିଲା। ପ୍ରିୟୋଲିନାଙ୍କ ଶରୀରରେ ବହୁ କ୍ଷତଚିହ୍ନ ଥିବା ପୋଲିସ କହିଛି। ଘଟଣା ନେଇ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା କରାଯିବା ପରେ ପୋଲିସ ତାଙ୍କୁ ଗିରଫ କରିନେଇଛି। ତିନି ମାସ ପୂର୍ବେ ପ୍ରିୟୋଲିନା ପଙ୍କଜ ନାଥଙ୍କୁ ବିବାହ କରିଥିଲେ। ହତ୍ୟାପରେ ପ୍ରିୟୋଲିନାଙ୍କ ମୃତଦେହକୁ ପଙ୍କଜ ଝୁଲାଇ ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଘଟଣା ନେଇ ପୋଲିସ ତଦନ୍ତ ଚଳାଇଛି।

## ଆଇଆଇଟି ବମ୍ବେରେ ଛାତ୍ରଙ୍କ ଆତ୍ମହତ୍ୟାକୁ ନେଇ ଉତ୍ତେଜନା

**ମୁମ୍ବାଇ, ୧୩।୨:** ବମ୍ବେ ଆଇଆଇଟିରେ ୧୮ ବର୍ଷୀୟ ଛାତ୍ର ଦର୍ଶନ ସୋଲାଙ୍କିଙ୍କ ଆତ୍ମହତ୍ୟା ନେଇ କଲେଜରେ ଉତ୍ତେଜନା ଦେଖାଯାଇଛି। ରବିବାର କଲେଜର ପୋୱାଇ କ୍ୟାମ୍ପସ୍‌ରେ ଦର୍ଶନ ସାତ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ନିକଟରୁ କୌଣସି ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇ ନ ଥିବାବେଳେ ଜାତିଆଣ ଭେଦଭାବ ପାଇଁ ଦର୍ଶନ ଆତ୍ମହତ୍ୟା କରିଥିବା କଲେଜ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଦୁର୍ଘଟଣାଜନିତ ମୃତ୍ୟୁ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଦର୍ଶନ ପ୍ରଥମ ବର୍ଷ ବିଟେକ୍ ଛାତ୍ର ଥିବାବେଳେ ଅହମଦାବାଦରେ ତାଙ୍କ ଘର। ତିନିମାସ ପୂର୍ବେ ଦର୍ଶନ କଲେଜରେ ଆଡିମିଶନ୍ କରିଥିଲେ। ତେବେ ଦର୍ଶନଙ୍କ ମୃତ୍ୟୁର କାରଣ ଖୋଜି ବାହାର କରିବା ଲାଗି ପୋୱାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

## କୋର୍ଟ କ୍ୟାମ୍ପସ୍ ନିକଟରେ ଯୁବକଙ୍କୁ ହତ୍ୟା

**କୋଏମ୍ବାଟୁର, ୧୩।୨:** କୋଏମ୍ବାଟୁର୍ କୋର୍ଟ କ୍ୟାମ୍ପସ୍ ନିକଟରେ ଜଣେ ୨୪ ବର୍ଷୀୟ ଯୁବକଙ୍କୁ ସୋମବାର ଅପରାହ୍ନରେ ହତ୍ୟା କରାଯାଇଛି। ଏକ ଅଜଣା ଗ୍ୟାଙ୍ଗ ତାଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛି। ଏହାକୁ ନେଇ କୋଏମ୍ବାଟୁର ସହର ମଧ୍ୟଭାଗରେ ଥିବା ଗୋପାଳପୁରମ୍ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ଜି. ଗୋକୁଲ ନାମକ ଯୁବକ ଜଣକ ଏକ ହତ୍ୟା ମାମଲାର ଶୁଣାଣି ପାଇଁ କୋର୍ଟରେ ହାଜର ହେବାକୁ ଆସୁଥିବାବେଳେ ତାଙ୍କୁ ଫାଟକଠାରୁ ଅଳ୍ପ କେତେମିଟର ଦୂରରେ ହତ୍ୟା କରାଯାଇଥିଲା। ଆକ୍ରମଣକାରୀମାନେ ମାସ୍କ ପିନ୍ଧିଥିବାରୁ ସେମାନଙ୍କୁ ଚିହ୍ନଟ କରାଯାଇପାରି ନାହିଁ। ଗୋକୁଲଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ କରିଥିବା ତାଙ୍କ ବନ୍ଧୁ ମନୋଜ ଗୁରୁତର ଆହତ ହୋଇ କୋଏମ୍ବାଟୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

**ଆଦାନୀ ବିବାଦ**

# ବେକାର ଗଲା ପ୍ରଥମ ପର୍ଯ୍ୟାୟ

### ମାର୍ଚ୍ଚ ୧୩ରୁ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ



**ନୂଆଦିଲ୍ଲୀ, ୧୩।୨**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭରୁ ବିରୋଧୀ ଦଳଗୁଡ଼ିକ ଆଦାନୀ ପ୍ରସଙ୍ଗ ଉଠାଇ ଉଭୟ ଗୃହକୁ କ୍ରମାଗତ ଭାବେ ଅଚଳ କରି ରଖିଥିଲେ। ଫଳରେ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଏକପ୍ରକାର ବେକାର ଯାଇଛି। ଆମେରିକାର ଶର୍ଟ ସେଲର କମ୍ପାନୀ ହିଣ୍ଡେନ୍‌ବର୍ଗ ରିପୋର୍ଟରେ ଭାରତର ଧନୀ ବ୍ୟବସାୟୀ ଗୌତମ ଆଦାନୀଙ୍କ ଗ୍ରୁପ୍ କମ୍ପାନୀ ଆର୍ଥିକ ଅନିୟମିତତା କରିଥିବା ଅଭିଯୋଗ ଆଣିବା ପରେ ଏହା ପାର୍ଲାମେଣ୍ଟ ଅଧିବେଶନକୁ ସରଗରମ କରି ରଖିଥିଲା। ହିଣ୍ଡେନ୍‌ବର୍ଗ ରିପୋର୍ଟ ପରେ ଆଦାନୀ ଗ୍ରୁପ୍‌ର ଶେୟାର ମୂଲ୍ୟ ଯଥେଷ୍ଟ ହ୍ରାସ ପାଇବା ସହ ଏଥିରେ ନିବେଶ କରିଥିବା ସଂସ୍ଥାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲେ। ଆଦାନୀ ଗ୍ରୁପ୍ ଷ୍ଟକ୍ ବଜାର ମୂଲ୍ୟ ୧୧୮ ବିଲିୟନ ଡଲାର ହ୍ରାସ ପାଇଥିଲା। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଏଲ୍‌ଆଇସି ଆଦାନୀ ଗ୍ରୁପ୍‌ରେ ପୁଞ୍ଜି ଲଗାଇଥିଲେ। ଏହି ଗ୍ରୁପ୍‌ର ଶେୟାର ମୂଲ୍ୟ ହ୍ରାସ ଯୋଗୁ ଜମାକାରୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ହିଣ୍ଡେନବର୍ଗ ରିପୋର୍ଟରେ ଜେପିସି ତଦନ୍ତ ଦାବିରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ ଜାରି ରଖିବାରୁ ଅଧିକାଂଶ ସମୟ ଗୃହ ଅଚଳ ରହିଥିଲା। ଦେଶରେ ଆଦାନୀ ସରକାର ଚାଲିଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲା। ଏହି ପ୍ରସଙ୍ଗରେ କଂଗ୍ରେସ ଦେଶବ୍ୟାପୀ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଜେପିସି ତଦନ୍ତ ଦାବିରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବାରମ୍ବାର ଗୃହ ମୁଲତବୀ ରହିବା ସତ୍ତ୍ୱେ ସରକାର କୌଣସି ଜବାବ ରଖି ନ ଥିଲେ। ଏପରିକି ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ ଦିନ ସୋମବାର ମଧ୍ୟ ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ଜେପିସି ତଦନ୍ତ ଏବଂ କଂଗ୍ରେସ ଏମ୍‌ପି ରଜନୀ ପାଟିଲଙ୍କ ଉପରେ ନିଲମ୍ବନ ଉଠାଇବାକୁ ଦାବି କରି ସ୍ଲୋଗାନ ଦେଇଥିଲେ। ଫଳରେ ରାଜ୍ୟ ସଭାରେ ଅଧ୍ୟକ୍ଷତା କରୁଥିବା ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ପ୍ରଶ୍ନୋତ୍ତର କାଳ ଆରମ୍ଭ ହେବାର କିଛି ସମୟ ପରେ ଗୃହକୁ ମାର୍ଚ୍ଚ ୧୩ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ସୋମବାର ଶେଷ ହେବା ସହ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାକୁ ମାସେ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ମାର୍ଚ୍ଚ ୧୩ରୁ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଜାନୁୟାରୀ ୩୧ରେ ଆରମ୍ଭ ହୋଇଥିଲା ଓ ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଉତ୍ତର ରଖିଥିଲେ। ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ସାଧାରଣ ବଜେଟ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

**ହିଣ୍ଡେନ୍‌ବର୍ଗ-ଆଦାନୀ ବିବାଦ**

## ସୁପ୍ରିମକୋର୍ଟଙ୍କ ଦ୍ୱାରା କମିଟି ଗଠନ ପାଇଁ କେନ୍ଦ୍ର ରାଜି

**ନୂଆଦିଲ୍ଲୀ, ୧୩।୨**

ହିଣ୍ଡେନ୍‌ବର୍ଗ-ଆଦାନୀ ଗ୍ରୁପ୍ ବିବାଦ ପରେ ନିୟାମକ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ସୁପ୍ରିମକୋର୍ଟଙ୍କ ଦ୍ୱାରା କମିଟି ଗଠନ ପ୍ରସ୍ତାବରେ କେନ୍ଦ୍ର ସରକାର ସୋମବାର ରାଜି ହୋଇଛନ୍ତି। ତେବେ କମିଟି ଯୋଗୁ ପୁଞ୍ଜିନିବେଶ ଓ ଅର୍ଥ ପ୍ରବାହ ଯେପରି ପ୍ରଭାବିତ ନ ହୁଏ, ତାହା ଉପରେ ଧ୍ୟାନ ଦେବାକୁ କେନ୍ଦ୍ର କହିଛି। ଭବିଷ୍ୟତରେ ନିବେଶକମାନଙ୍କ ଅର୍ଥ ଯେପରି ସୁରକ୍ଷିତ ରହିବ ଏବଂ ଏଭଳି ସ୍ଥିତିକୁ ପରିଚାଳନା କରିବାରେ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଯେପରି ସକ୍ଷମ ହେବ ସେଥିପାଇଁ ପ୍ରସ୍ତାବ ଦେବା ନିମନ୍ତେ କମିଟି ଗଠନ କରିବାରେ ସରକାରଙ୍କର କୌଣସି ଆପତ୍ତି ନାହିଁ ବୋଲି ଶୁଣାଣି ବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ବୁଧବାର ସୁଦ୍ଧା ପ୍ରସ୍ତାବିତ ସର୍ତ୍ତାବଳୀ ଉପରେ ଏକ ନୋଟ୍ ଦାଖଲ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ କହିବା ସହ ପରବର୍ତ୍ତୀ ଶୁଣାଣି ଶୁକ୍ରବାରକୁ ଧାର୍ଯ୍ୟ କରିଛନ୍ତି।



ବେଙ୍ଗାଲୁରୁର ୟେଲାହାଙ୍କା ଏୟାରବେସ୍‌ରେ ଏରୋ ଇଣ୍ଡିଆ ୨୦୨୩ ଉଦ୍‌ଘାଟନବେଳେ ଆମେରିକା ଏଫ୍-୩୫ ଯୁଦ୍ଧ ବିମାନ ପ୍ରଦର୍ଶିତ।

## 'ଏରୋ ଇଣ୍ଡିଆ ୨୦୨୩' ଉଦ୍‌ଘାଟିତ

**ବେଙ୍ଗାଲୁରୁ, ୧୩।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ବେଙ୍ଗାଲୁରୁଠାରେ 'ଏରୋ ଇଣ୍ଡିଆ ୨୦୨୩'ର ଚତୁର୍ଦ୍ଦଶ ସଂସ୍କରଣ ଉଦ୍‌ଘାଟନ କରିଛନ୍ତି। ଚଳିତ ବର୍ଷର ବିଷୟବସ୍ତୁ 'ଦ ରନ୍‌ୱେ ଟୁ ଏ ବିଲିଅନ୍ ଅପରଚୁନିଟିଜ୍' ରହିଛି। ଦେଶର ପ୍ରତିରକ୍ଷା ସଶକ୍ତ କରିବା ଦିଗରେ ଏହା ଶୋକସ୍ ଭଳି। ବିଶ୍ୱରେ ପ୍ରତିରକ୍ଷା ଉପକରଣ ରପ୍ତାନି ଦିଗରେ ବିଶ୍ୱରେ ଭାରତ ଏକ ଅଗ୍ରଣୀ ଦେଶ ଭାବେ ଉଭା ହେବ ବୋଲି ମୋଦି କହିଛନ୍ତି। ପ୍ରତିରକ୍ଷା ଦିଗରେ ଭାରତ ଅଗ୍ରସର ହେଉଥିବା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଅନ୍ୟପକ୍ଷେ ଦେଶରେ ଏରୋସ୍ପେସ୍ ସେକ୍ଟରର ଉନ୍ନତିକରଣ ପାଇଁ 'ଏରୋ ଇଣ୍ଡିଆ ୨୦୨୩'ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବା କଥା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଏହି କାର୍ଯ୍ୟକ୍ରମ ୫ଦିନ ଧରି ଚାଲିବ। ବୈଦେଶୀକ କମ୍ପାନୀ ସହାୟତାରେ ଉନ୍ନତ ଜ୍ଞାନକୌଶଳରେ ବିକଶିତ କରିଥିବା ଉପକରଣ ଓ ନୂଆ ଟେକ୍ନୋଲୋଜି ସବୁକୁ ଏଥିରେ ଫୋକସ୍ କରାଯାଇଛି।

## ଭୂକମ୍ପ ମୃତ୍ୟୁ ୩୭ ହଜାର ଟପିଲା

**ଆଡିୟାମାନ (ତୁର୍କୀ), ୧୩।୨**

ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପକୁ ୧୭୪ ଘଣ୍ଟାରୁ ଅଧିକ ସମୟ ବିତିଥିବାବେଳେ ଏବେ ବି ଭଗ୍ନାବଶେଷ ତଳୁ ଲୋକଙ୍କୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଉଛି। ଇତିମଧ୍ୟରେ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୩୭ ହଜାର ଅତିକ୍ରମ କରିଛି। କେବଳ ତୁର୍କୀରେ ମୃତ୍ୟୁସଂଖ୍ୟା ୩୧,୬୪୩ରେ ପହଞ୍ଚିଥିବାବେଳେ ସିରିଆରେ ୫,୭୧୪ ଜଣଙ୍କ ଜୀବନ ଯାଇଛି। ଭଗ୍ନାବଶେଷ ତଳୁ ଅଧିକ ମୃତଦେହ ମିଳୁଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ସମ୍ଭାବନା ରହିଛି। ଭୂକମ୍ପରୁ ବର୍ତ୍ତିଯାଇଥିବା ଲୋକମାନେ ଶୂନ ଡିଗ୍ରୀ ତାପମାତ୍ରାରେ ଏବେ ଖାଦ୍ୟ ଓ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହୋଇଛନ୍ତି।

### ସହାୟତା ପାଇବାକୁ ସିରିଆର ସଂଘର୍ଷ ଜାରି

ଭୂକମ୍ପ ବିପର୍ଯ୍ୟୟ ଅଞ୍ଚଳରୁ ବିପନ୍ନମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ସେମାନଙ୍କ ନିଖୋଜ ଆତ୍ମୀୟଙ୍କୁ ଫେରିପାଇବା ଆଶାରେ ଭଙ୍ଗା ଘରେ ଅପେକ୍ଷା କରି ରହିଛନ୍ତି। ପ୍ରଥମ ଭୂକମ୍ପର ୧୭୪ ଘଣ୍ଟା ପରେ ସୋମବାର ଉଦ୍ଧାରକାରୀମାନେ ଜଣେ ୪୦ ବର୍ଷୀୟା ମହିଳାଙ୍କୁ ଗାଜିଆଣ୍ଟେପ୍ ପ୍ରଦେଶର ଏକ ୫ ମହଲା ବିଲ୍ଡିଂର ଭଗ୍ନାବଶେଷ ତଳୁ ବାହାର କରିଛନ୍ତି। ସେହିପରି ଅନ୍ୟ ଜଣେ ୬୦ ବର୍ଷୀୟ ବୃଦ୍ଧଙ୍କୁ ଆଦିୟାମେନ୍ ପ୍ରଦେଶରୁ ଉଦ୍ଧାର କରାଯାଇଛି। ସିରିଆକୁ ବିଶେଷ ସହାୟତା ମିଳୁ ନ ଥିବାବେଳେ ସେଠାର ବିପନ୍ନମାନେ ରିଲିଫ ପାଇବା ପାଇଁ ସଂଘର୍ଷ ଚଳାଇଛନ୍ତି।

ଭୂକମ୍ପର ସପ୍ତାହେ ପରେ ମଧ୍ୟ ଅନେକ ବାସହରା ଲୋକେ ରାସ୍ତାରେ ପଡ଼ିରହିଛନ୍ତି। କେତେଜଣ ସେମାନଙ୍କ ଆତ୍ମୀୟମାନଙ୍କୁ ଫେରିପାଇବା ଲାଗି ଭୁଶୁଡ଼ି ପଡ଼ିଥିବା ଘର ଆଗରେ ଅପେକ୍ଷା କରି ରହିଛନ୍ତି। ଭୂକମ୍ପ କେନ୍ଦ୍ରସ୍ଥଳଠାରୁ ୧୦୦ କିଲୋମିଟର ଦୂରରେ ଅବସ୍ଥିତ ମାଲାତ୍ୟା ପ୍ରଦେଶର ପୋଲାଟ ଗ୍ରାମରେ ଗୋଟିଏ ବି ଘର ବର୍ତ୍ତିନାହିଁ। ସ୍ଥାନୀୟ ଲୋକେ ଭଙ୍ଗା ଘର ମଧ୍ୟରୁ ରେଫ୍ରିଜରେଟର, ୱାଶିଂ ମେଶିନ୍ ଆଦି ଆସବାବପତ୍ର ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ଯଥେଷ୍ଟ ଟେଣ୍ଟ ଯୋଗାଇ ଦିଆଯାଇ ନ ଥିବାରୁ ଗୋଟିଏ ଗୋଟିଏ ଟେଣ୍ଟରେ ୩ରୁ ୪ ପରିବାର ମୁଣ୍ଡ ଗୁଞ୍ଜିଛନ୍ତି।

## ଶପଥ ନେଲେ ୨ ନୂଆ ବିଚାରପତି

### ପୂର୍ଣ୍ଣ ସାମର୍ଥ୍ୟରେ ପହଞ୍ଚିଲା ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୩।୨(ପି.ଟି.)**



ଜଷ୍ଟିସ୍ ରାଜେଶ ବିନ୍ଦଲ ଜଷ୍ଟିସ୍ ଅରବିନ୍ଦ କୁମାର

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ସୋମବାର ସୁପ୍ରିମକୋର୍ଟରେ ଦୁଇ ନୂଆ ବିଚାରପତିଙ୍କୁ ଶପଥ ପାଠ କରାଇଛନ୍ତି। ସେମାନଙ୍କୁ ମିଶାଇ ସର୍ବୋଚ୍ଚ ଅଦାଲତ ପୂର୍ଣ୍ଣ ସାମର୍ଥ୍ୟରେ ପହଞ୍ଚିଛି ଅର୍ଥାତ୍ ବିଚାରପତି ସଂଖ୍ୟା ୩୪ ହୋଇଛି। ସୁପ୍ରିମକୋର୍ଟ ପରିସରରେ ଜଷ୍ଟିସ୍ ରାଜେଶ ବିନ୍ଦଲ ଏବଂ ଅରବିନ୍ଦ କୁମାର ଶପଥ ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇବା ପୂର୍ବରୁ ଜଷ୍ଟିସ୍ ବିନ୍ଦଲ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ସେହିପରି ଜଷ୍ଟିସ କୁମାର ପୂର୍ବରୁ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ରହିଥିଲେ। ଜାନୁୟାରୀ ୩୧ରେ ସୁପ୍ରିମକୋର୍ଟ କଲେଜିୟମ ସେମାନଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ କରିଥିଲେ। ସିଜେଆଇ ଗତ ୬ ତାରିଖରେ ଜଷ୍ଟିସ୍ ପଙ୍କଜ ମିଥାଲ, ସଞ୍ଜୟ କାରୋଲ, ପି.ଭି. ସଞ୍ଜୟ କୁମାର, ଆସାନୁଦ୍ଦିନ ଅମନୁଲ୍ଲା ଏବଂ ମନୋଜ ମିଶ୍ରଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ପାଠ କରାଇଥିଲେ।

## ଶୁଭେନ୍ଦୁ ଅଧିକାରୀ ବିଧାନସଭାରୁ ନିଲମ୍ବିତ

**କୋଲକାତା, ୧୩।୨**

ଆକ୍ଷେପମୂଳକ ମନ୍ତବ୍ୟ ପାଇଁ ନନ୍ଦିଗ୍ରାମର ଭାଜପା ବିଧାୟକ ଶୁଭେନ୍ଦୁ ଅଧିକାରୀଙ୍କୁ ପଶ୍ଚିମବଙ୍ଗ ବିଧାନସଭା ବାଚସ୍ପତି ସୋମବାର ନିଲମ୍ବନ କରିଥିଲେ। ତେବେ କିଛି ସମୟ ପରେ ସେ ଏହି ନିର୍ଦ୍ଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ଟିଏମ୍‌ସି ସଦସ୍ୟ ତାପସ ରାୟ ଶୁଭେନ୍ଦୁଙ୍କ ବିରୋଧରେ ପ୍ରସ୍ତାବ ପ୍ରତ୍ୟାହାର କରିନେବାରୁ ତାଙ୍କ ଉପରୁ ନିଲମ୍ବନ ଆଦେଶକୁ ବାଚସ୍ପତି ଫେରାଇ ନେଇଥିଲେ। ସୂଚନାଯୋଗ୍ୟ, ଗତ ବୁଧବାର ରାଜ୍ୟ ବିଧାନସଭାରେ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ପ୍ରଥମ ଥର ପାଇଁ ଉଦ୍‌ବୋଧନ ଦେଉଥିବାବେଳେ ଶାସକ ଟିଏମ୍‌ସିର ଦୁର୍ନୀତି ପ୍ରସଙ୍ଗକୁ ନେଇ ଭାଜପା ବିଧାୟକମାନେ ହଟ୍ଟଗୋଳ କରିଥିଲେ। ଶୁଭେନ୍ଦୁଙ୍କ ନେତୃତ୍ୱରେ ଭାଜପା ବିଧାୟକମାନେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ରାଜ୍ୟପାଳଙ୍କ ଅଭିଭାଷଣ ବେଳେ କକ୍ଷତ୍ୟାଗ କରିଥିଲେ। ଭାଜପା ଗୃହ କାର୍ଯ୍ୟରେ ବାଧା ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ଟିଏମ୍‌ସି ମୁଖ୍ୟ ହ୍ୱିପ୍ ନିର୍ମଳ ଘୋଷ ଅଭିଯୋଗ କରିଥିଲେ।



ଶୁଭେନ୍ଦୁ ଅଧିକାରୀ

## ରାଖୀଙ୍କ ସ୍ୱାମୀଙ୍କ ନାଁରେ ବଳାତ୍କାର ମାମଲା




**ମହୀଶୂର, ୧୩।୨**

ବଲିଉଡ୍ ଆଇଟମ୍ ଗର୍ଲ ରାଖୀ ସାୱନ୍ତଙ୍କ ସ୍ୱାମୀ ଆଦିଲଙ୍କ ନାଁରେ ଜଣେ ଇରାନୀୟ ଛାତ୍ରୀ ମହୀଶୂର ଥାନାରେ ବଳାତ୍କାର ଅଭିଯୋଗ ଆଣିବା ପରେ ତାଙ୍କ ବରୋଧରେ ମାମଲା ରୁଜୁ ହୋଇଛି। ଅଭିଯୋଗକାରିଣୀ ଛାତ୍ରୀଜଣକ ୫ ବର୍ଷ ପୂର୍ବେ ପାଠପଢ଼ିବା ପାଇଁ ମହୀଶୂର ଆସିଥିଲେ। ଆଦିଲ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ପୋଲିସ କହିଛି। କିନ୍ତୁ ଗତ ୫ ମାସ ତଳେ ଆଦିଲ ଉକ୍ତ ଯୁବତୀଙ୍କୁ ବାହାହେବେ ନାହିଁ ବୋଲି ମନା କରିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଆଦିଲଙ୍କ ବିରୋଧରେ ଏହା ଦ୍ୱିତୀୟ ଅଭିଯୋଗ। ପୂର୍ବରୁ ରାଖୀ ସାୱନ୍ତ ଆଦିଲଙ୍କ ବିରୋଧରେ ଶାରୀରିକ ନିର୍ଯାତନା, ଟଙ୍କା ହେରଫେର୍ ଅଭିଯୋଗ କରିବା ପରେ ଆଦିଲଙ୍କୁ ପୋଲିସ ଗିରଫ କରିଥିଲା।

## କଶ୍ମୀରରେ ସୀମା ନିର୍ଦ୍ଧାରଣ କମିଶନ ଗଠନ ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ, ୧୩।୨ :** ଜମ୍ମୁ-କଶ୍ମୀରରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଲାଗି କମିଶନ ଗଠନକୁ ବିରୋଧ କରି ଦାଏର ପିଟିଶନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏଭଳି କମିଶନ ଗଠନ କରିବା କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଥିଲା। ତେଣୁ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣର ଆବଶ୍ୟକ ପଡ଼ିଛି। ଏଥିପାଇଁ କେନ୍ଦ୍ର ସରକାର କମିଶନ ଗଠନ ନିଷ୍ପତ୍ତି ନେଇଥିବାବେଳେ ଏହାକୁ କେତେଜଣ ସ୍ଥାନୀୟ ନେତା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ କେନ୍ଦ୍ରର ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଅନ୍ୟପକ୍ଷରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ଦାଏର ହୋଇଥିବାବେଳେ ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି।



## 'ଯବାନ'ରେ ଅଲ୍ଲୁଙ୍କ ଏଣ୍ଟ୍ରି ନେଇ ଚର୍ଚ୍ଚା

**ମୁମ୍ବାଇ**

ବଲିଉଡ୍ ବାଦଶାହ ଶାହରୁଖ ଖାନ୍‌ଙ୍କ ସହ ସ୍କ୍ରିନ ଶେୟାର କରିବେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ। ଅଭିନେତ୍ରୀ ନୟନତାରା ଓ ବିଜୟ ସେଥୁପତିଙ୍କ ପରେ ଏବେ ଶାହରୁଖଙ୍କ ଆଗାମୀ ଫିଲ୍ମ 'ଯବାନ'ରେ ଅଲ୍ଲୁ ଏଣ୍ଟ୍ରି କରିବାକୁ ନେଇ ଚର୍ଚ୍ଚା ହେଉଛି। ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଟଲି କୁମାର ଫିଲ୍ମର ଏକ ଅଂଶ ପାଇଁ ଅଲ୍ଲୁଙ୍କୁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ହେଲେ ଅଲ୍ଲୁ ନିର୍ଦ୍ଦେଶକଙ୍କ ପ୍ରସ୍ତାବ ଗ୍ରହଣ କରିଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇ ପାରିନାହିଁ। ଫିଲ୍ମରେ କିଛି ଦୃଶ୍ୟ ପାଇଁ ନିର୍ଦ୍ଦେଶକ ଅଟଲି ଅଲ୍ଲୁଙ୍କୁ ବାଛିଛନ୍ତି। ତେବେ କିଛି ଦିନ ମଧ୍ୟରେ ଅଲ୍ଲୁ ହଁ କରିବେ ବୋଲି ଅଟଲି ଆଶା ରଖିଛନ୍ତି। ଫିଲ୍ମଟି ଥ୍ରିଲର ଆଧାରିତ ହୋଇଥିବାବେଳେ ଶାହରୁଖ ଏଥିରେ ଯୁଗ୍ମ ରୋଲରେ ନଜରକୁ ଆସିବେ। ଶାହରୁଖଙ୍କ ଏହି ଫିଲ୍ମରେ ଦୀପିକା ପାଦୁକୋନ୍, ସନାୟା ମାଲହୋତ୍ରା, ସୁନିଲ ଗ୍ରୋଭର, ଯୋଗୀ ବାବୁଙ୍କ ସମେତ ଅନେକଙ୍କୁ ଦେଖିବାକୁ ମିଳିବ। ଉକ୍ତ ସିନେମା ଚଳିତ ବର୍ଷ ୨ ଜୁନ୍‌ରେ ରିଲିଜ୍ ହେବାର ସମୟ ଧାର୍ଯ୍ୟ ହୋଇଛି। ଅନ୍ୟପଟେ ଶାହରୁଖଙ୍କ ଫିଲ୍ମ 'ପଠାନ୍'ର ସଫଳତା ପରେ 'ଯବାନ' ମଧ୍ୟ ସୁପରହିଟ୍ ହେବ ବୋଲି ଫିଲ୍ମ ନିର୍ମାତା ଆଶା ରଖିଛନ୍ତି।

# ଫୁଟ୍‌ପାଥ୍‌ରେ ୧୯ ହଜାର ପିଲା

**ନୂଆଦିଲ୍ଲୀ, ୧୩।୨**



ଭାରତର ୧୯ ହଜାରରୁ ଊର୍ଦ୍ଧ୍ୱ ପିଲା ଫୁଟ୍‌ପାଥରେ ସେମାନଙ୍କ ମାଆବାପାଙ୍କ ସହ କିମ୍ବା ଏକାକୀ ରହୁଛନ୍ତି। ୮୮୨ ଶିଶୁ ଏକା ଏକା ରାସ୍ତା କଡ଼ରେ ଜୀବନ ପାଇଁ ସଂଗ୍ରାମ କରୁଛନ୍ତି। ଏକାକୀ ରହୁଥିବା ଶିଶୁଙ୍କ ମଧ୍ୟରୁ ଅଧିକାଂଶ ଉତ୍ତରପ୍ରଦେଶର ବୋଲି ବାଲ୍ ସ୍ୱରାଜ ପୋର୍ଟାଲ ତଥ୍ୟରୁ ଜଣାପଡ଼ିଛି। ଏହି ତଥ୍ୟ ଅନୁଯାୟୀ ରାସ୍ତା ପାର୍ଶ୍ୱରେ ମୋଟ ୧୯,୫୪୬ ପିଲା ରହୁଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୫,୧୫୩ ଜଣ ଫୁଟ୍‌ପାଥ୍‌ରେ ଜୀବନ ଯାପନ କରୁଥିବାବେଳେ ଗୁଜରାଟରେ ୧,୯୯୦, ଦିଲ୍ଲୀରେ ୧,୮୫୩, ତାମିଲନାଡୁରେ ୧,୭୧୯, ମଧ୍ୟପ୍ରଦେଶରେ ୧,୪୯୧, କର୍ଣ୍ଣାଟକରେ ୧,୨୨୦ ଏବଂ ଉତ୍ତରପ୍ରଦେଶରେ ୧,୦୩୮ ଜଣ ଶିଶୁ ରାସ୍ତା ପାର୍ଶ୍ୱରେ ରହିଛନ୍ତି। ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ଏହି ଶିଶୁମାନଙ୍କ ଯତ୍ନ ନେବା ଆବଶ୍ୟକ ବୋଲି ବାଲ୍ ସ୍ୱରାଜ ପୋର୍ଟାଲ ପକ୍ଷରୁ କୁହାଯାଇଛି।

ମୋଟ ୧୯,୫୪୬ ଜଣଙ୍କ ମଧ୍ୟରୁ ୧୦,୪୦୧ ଜଣ ରାସ୍ତା ପାର୍ଶ୍ୱରେ ସେମାନଙ୍କ ପରିବାର ସହ ରହୁଥିବାବେଳେ

### ବାଲ୍ ସ୍ୱରାଜ ପୋର୍ଟାଲ ତଥ୍ୟ

୮,୨୬୩ ଜଣ ଦିନ ବେଳା ଫୁଟ୍‌ପାଥରେ ଏବଂ ରାତିରେ ସେମାନଙ୍କ ବସ୍ତିରେ ରହୁଛନ୍ତି। ୟୁପିର ୨୭୦ ପିଲା ବିନା ପରିବାର ଓ ମାଆବାପାଙ୍କ ସହାୟତାରେ ରାସ୍ତା ପାର୍ଶ୍ୱରେ ଜୀବନ ବିତାଉଛନ୍ତି। ଏହା ପଛକୁ ତାମିଲନାଡୁର ୧୨୪ ଥିବାବେଳେ କର୍ଣ୍ଣାଟକର ୧୦୫, ଦିଲ୍ଲୀର ୬୧, ମଧ୍ୟପ୍ରଦେଶର ୪୫ ଏବଂ ମହାରାଷ୍ଟ୍ରର ୩୯ ପିଲା ରହିଛନ୍ତି। ଏହି ପିଲାମାନେ ମୁଖ୍ୟତଃ ଭିକ୍ଷା ମାଗି, ଛୋଟମୋଟ କାମ କରି କିମ୍ବା ରାସ୍ତା କଡ଼ରେ ବିଭିନ୍ନ ସାମଗ୍ରୀ ବିକ୍ରି କରି ଜୀବନ ବଞ୍ଚାଇଥାନ୍ତି ବୋଲି ଏନ୍‌ସିପିସିଆର୍ କହିଛି। ସେମାନଙ୍କ ମଧ୍ୟରୁ କେତେଜଣ ଭିନ୍ନକ୍ଷମ, ମାଆବାପା ଛେଉଣ୍ଡ ଯୋଗୁ ଏକୁଟିଆ ଫୁଟ୍‌ପାଥରେ ରହିବାକୁ ବାଧ୍ୟ ହୋଇଛନ୍ତି।

# ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଲୋକାର୍ପିତ



ସଭାରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫–ଟି ସଚିବ ଭି.କେ . ପାଣ୍ଡିଆନ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ସଦର ବିଧାୟକ ମୋହନ ଚରଣ ମାଝି, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଜିଲା ଉନ୍ନୟନ କାଉନ୍‌ସିଲର ଅଧକ୍ଷା ଲକ୍ଷ୍ମୀ ନାଏକ, ଜିଲା ପରିଷଦ ଅଧକ୍ଷା ସାଗରିକା ସାହୁ।

**କେନ୍ଦୁଝର,୧୩।୨(ସ୍ୱ.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କେନ୍ଦୁଝର ଜିଲାରେ ନବନିର୍ମିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ଲୋକାର୍ପଣ କରିଛନ୍ତି। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ହାତରେ ବିଶ୍ୱବିଦ୍ୟାଳୟର ମାନ୍ୟତାପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରିଥିଲେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା୧୫ରେ କେନ୍ଦୁଝର ସହର ହେଲିପ୍ୟାଡ୍‌ରେ ଓହ୍ଲାଇ କବିତ୍ରାସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଅଭିମୁଖେ ଯାଇଥିଲେ। ସେଠାରେ ପହଞ୍ଚି ଡାକ୍ତରୀ ପଢୁଥିବା ଛାତ୍ରୀଛାତ୍ର ଓ ଅଧାପକଙ୍କ ସହିତ ଆଲୋଚନା କରିଥିଲେ। ପରେ ସେଠାରେ ଆୟୋଜିତ ସଭାସ୍ଥଳକୁ ଯାଇ ନବନିର୍ମିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ଲୋକାର୍ପଣ କରିଥିଲେ। ଆରମ୍ଭରୁ ଆପଣମାନେ ଖୁସି ତ.. ମୁଁ ବି ବହୁତ ଖୁସି ବୋଲି ସମ୍ବୋଧନକରି ଖୁସି ଜାହିର କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ, ଭିତ୍ତିଭୂମି ଦେଇଥିବା କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର ଓ ନର୍ସିଂ କଲେଜ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ। ଏହାଦ୍ୱାରା ଡାକ୍ତର ସମସ୍ୟା ଦୂରହେବା ସହ ଜିଲାରେ ଉନ୍ନତମାନର ଚିକିତ୍ସା ସୁବିଧା ମିଳିପାରିବ। ଜିଲାବାସୀଙ୍କୁ ଆଉ କଟକ ଓ ଭୁବନେଶ୍ୱର ଯାଇ ହଇରାଣ ହେବାକୁ ପଡ଼ିବ ନାହିଁ। ସବୁ ଜୀବନ ମୋ ପାଇଁ ମୂଲ୍ୟବାନ୍। ଏଣୁ ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାରା ରାଜ୍ୟରେ ୮, ୩୦, ୭୭୩ ଲୋକ ଉପକୃତ ହେଉଥିବା ବେଳେ ଏଥିପାଇଁ ୧୮୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। କେବଳ କେନ୍ଦୁଝର ଜିଲାରେ ୨୪ ହଜାର ଲୋକ

**■ ୪୭୦୩ କୋଟିର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

**■ ମହିଳାଙ୍କୁ ଉଦ୍ୟୋଗୀ କରିବା ମୋର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ**

ଉପକାର ପାଇଛନ୍ତି। ସେ ବାବଦକୁ ୪୭ କୋଟିରୁ ଅଧିକ ଖର୍ଚ୍ଚ କରାଯାଇଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲା ପାଇଁ ସମୁଦାୟ ୪୭୦୩ କୋଟିର ୨୫୯ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶୁଭାରମ୍ଭ କରିଥିଲେ। ଏଥିରେ ୧୧୦୩ କୋଟି ୫ ଲକ୍ଷ ଟଙ୍କାର ୧୩୮ ଟି ପ୍ରକଳ୍ପ ଭିତ୍ତିଭୂମି ଦିଆଯାଇଥିବା ବେଳେ ୮୬୮ କୋଟି ୩୩ ଲକ୍ଷ ଟଙ୍କାର ୯୮ ଟି ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ସେହିପରି ୨୭୩୧ କୋଟି ୮୬ ଲକ୍ଷ ଟଙ୍କାର ୨୩ ଟି ନୂଆ ପ୍ରକଳ୍ପ ଘୋଷଣା କରିଥିଲେ। ଏଥିସହ ଜିଲାର ୧୪ ହଜାର ୩୭୨ ମିଶନ ଶକ୍ତି ଗୋଷ୍ଠୀ ଜରିଆରେ ୧.୬୦ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନଙ୍କ ପାଇଁ ୩୭୮ କୋଟି ଟଙ୍କାର ବିନା ସୁଧରେ ଋଣ ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ। ଏହି ଅବସରରେ ବାଂଶପାଳ ବ୍ଲକ୍‌ର ବଣପୁଷ୍ପ ସ୍ୱୟଂ ସହାୟକ ଗୋଷ୍ଠୀକୁ ମୁଖ୍ୟମନ୍ତ୍ରୀ ୨୦ ଲକ୍ଷ ଟଙ୍କାର ଋଣ ଚେକ୍ ଓ ଘଷିପୁରା ବ୍ଲକ୍‌ର ବିଜୟା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୨୫,୭୫୭ ଟଙ୍କାର ସୁଧ ରିହାତି ଚେକ୍ ପ୍ରଦାନ କରିଥିଲେ। ମିଶନ ଶକ୍ତିର ମା'ମାନଙ୍କୁ ଉଦ୍ୟୋଗୀ କରିବା ମୋ ଲକ୍ଷ୍ୟ। ଚାଷୀ, ମହିଳା ଓ ଯୁବସମାଜ ରାଜ୍ୟ ପ୍ରଗତିର ତ୍ରିଶକ୍ତି। ଏହି ତ୍ରିଶକ୍ତି ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କହିଥିଲେ।

କାର୍ଯ୍ୟ ଆରମ୍ଭରେ ଭୂୟାଁ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇ ମା' ତାରିଣୀଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ଜଗନ୍ନାଥ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ସଦର ବିଧାୟକ ମୋହନ ଚରଣ ମାଝି, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଜିଲା ଉନ୍ନୟନ କାଉନ୍‌ସିଲର ଅଧକ୍ଷା ଲକ୍ଷ୍ମୀ ନାଏକ, ଜିଲା ପରିଷଦ ଅଧକ୍ଷା ସାଗରିକା ସାହୁ, ଜିଲାପାଳ ଆଶିଷ ଠାକ୍‌ରେଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ। ସଦର ବିଧାୟକ ମାଝି ପରୋକ୍ଷରେ ମେଡିକାଲ କଲେଜରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗଦାନ ବିଷୟରେ ଉତ୍ଥାପନ କରିଥିଲେ। ଏଥିସହ ଜିଲାରେ ଏକ ବୃହତ୍ ଇସ୍ପାତ କାରଖାନା ସ୍ଥାପନ, ଓଏମ୍‌ସି ଜରିଆରେ ଶିଳ୍ପ କ୍ଷେତ୍ରର ବିକାଶ ଉପରେ ପ୍ରାଧାନ୍ୟ ଦେଇ ଜିଲାକୁ ବିକାଶ କରିବାରେ ସହାୟକ ହେବାକୁ ସେ ନିବେଦନ କରିଥିଲେ।

### ଛାତ୍ରୀଛାତ୍ରଙ୍କ ହାତରେ ବିଶ୍ୱବିଦ୍ୟାଳୟର ଅନୁମୋଦନ ପତ୍ର

ସଭାରେ ୫–ଟି ସଚିବ ଭି.କେ.ପାଣ୍ଡିଆନ ଧରଣୀଧର ମହାବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇଛନ୍ତି ବୋଲି ଘୋଷଣା କରିଥିଲେ। ମାନ୍ୟତାପତ୍ର ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଦେବା ପାଇଁ ଚାହୁଁଥିବା କହିଥିଲେ। ପରେ ଛାତ୍ରୀଛାତ୍ର ମଞ୍ଚକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ହାତରୁ ଏହାକୁ ଗ୍ରହଣ କରିଥିଲେ। ପ୍ରତିବଦଳରେ ଛାତ୍ରୀଛାତ୍ର ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଧରଣୀଧର ନାଏକଙ୍କ ଏକ ଫଟୋଚିତ୍ର ପ୍ରଦାନ କରିଥିଲେ।




DSPL-451



**ଆଜିର ମନ୍ତବ୍ୟ**

"ସେନା ପାଇଁ ଭାରତ କେବଳ 'ଆସେମ୍ବଲି ୱାକଶପ୍' ହୋଇ ରହିବାକୁ ଚାହେଁ ନାହିଁ। ଏହା ଏବେ ଅତ୍ୟାଧୁନିକ ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ଲକ୍ଷ୍ୟ ରଖିଛି।
-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହା କରିବାକୁ ସାହା ନାହିଁ କେହି**
**କା' ଆଗେ କହିବି ଦୁଃଖ?**
**ବାହା କରିବାକୁ ଯାହାକୁ ଡାକିଲି**
**ତାକୁ ନ ଲାଗଇ ସୁଖ।**

ଜୀବନରେ ଦୁଃଖ ଶୁଣିବାକୁ ଯେମିତି କେହି ନାହିଁ, ସୁଖର ମର୍ମ ବୁଝିବାକୁ ବି କାହାର ସ୍ପୃହା ନାହିଁ। ନିଃସଙ୍ଗ ନିଃସ୍ୱ ବ୍ୟକ୍ତି ସବୁକ୍ଷେତ୍ରରେ ନିଜକୁ ଅସହାୟ ମଣିବା ସହ ନିରାଶା ଭୋଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଡ଼ ନୟନ, ବଙ୍କା ଭ୍ରୁ,**
**ତାଙ୍କୁ ଜାଣିବ ଠକଙ୍କ ଗୁରୁ।**

ସାଧାରଣତଃ ଟେରା ଆଖିଥିବା ବ୍ୟକ୍ତି ଓ ଭ୍ରୁ ବଙ୍କା ଥିବା ବ୍ୟକ୍ତି ଆଦୌ ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଅନ୍ୟକୁ ଚିଟା କାଟିବାରେ ବା ଠକିବାରେ ବେଶ୍ ସିଦ୍ଧହସ୍ତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ହାଇକୋର୍ଟରେ ରାଜ୍ୟର ୩ ଡଙ୍ଗାବୁଡ଼ି ମାମଲା | ଏକତ୍ର ଶୁଣାଣି ପାଇଁ ନିର୍ଦ୍ଦେଶ

କଟକ ଅଫିସ, ୧୩।୨

ହାଇକୋର୍ଟରେ ବିଚାରାଧୀନ ଥିବା ଓଡ଼ିଶାରେ ସଂଘଟିତ ୩ଟି ଡଙ୍ଗାବୁଡ଼ି ମାମଲାର ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତ ଗୋଟିଏ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପାଇଁ ଫେବୃୟାରୀ ୨୧ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ପ୍ରକାଶ ଯେ, କୋରାପୁଟ ଜିଲା କୋଲାବ ନଦୀର ଶାଖା ପାତାଳି ନଦୀରେ ୨୦୧୪ ମେ ୨୪ରେ ଏକ ଡଙ୍ଗାବୁଡ଼ି ଘଟଣାରେ ୬ଜଣଙ୍କ ମୃତ୍ୟୁ ହୋଇଥିଲା। କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଚିଟଲପଡ଼ା ଗ୍ରାମର କେତେଜଣ ଲୋକ ନଦୀ ପାର ହୋଇ ଆନ୍ଧ୍ରପ୍ରଦେଶର ଏକ ହାଟକୁ



ଯାଇଥିଲେ। ହାଟ ସାରି ସେମାନେ ଡଙ୍ଗାରେ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆଇନଜୀବୀ ପ୍ରବୀର ଦାସ ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ନିରାପତ୍ତା ପାଇଁ ଡଙ୍ଗାର ପଞ୍ଜୀକରଣ, ଜୀବନ ରକ୍ଷାକାରୀ ସରଞ୍ଜାମ ମହଜୁଦ ଆଦି ବ୍ୟବସ୍ଥା ଗ୍ରହଣ କରାଯିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ଦେବା ନିମନ୍ତେ ଆବେଦନରେ ଦର୍ଶାଯାଇଥିଲା।

ସେହିପରି ୨୦୧୪ ଫେବୃୟାରୀରେ ଆଉ ଏକ ଡଙ୍ଗାବୁଡ଼ି ଦୁର୍ଘଟଣା ହୀରାକୁଦରେ ହୋଇଥିଲା। ଏଥିରେ ୩୧ ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ହାଇକୋର୍ଟ ନିଜ ଆଡ଼ୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହି ଦୁଇଟି ମାମଲାର ଏକତ୍ର ଶୁଣାଣି ଚାଲିଥିବାବେଳେ ରାଜ୍ୟର ଅନ୍ୟ ଏକ ସ୍ଥାନରେ ୨୦୧୩ରେ ଘଟିଥିବା ଆଉ ଏକ ଡଙ୍ଗାବୁଡ଼ି ମାମଲାର ଶୁଣାଣି ପୃଥକ ଭାବେ ହେଉଥିଲା। ୨୦୧୩ ମାମଲାର ଶୁଣାଣି ଆଗାମୀ ୨୧ ତାରିଖରେ ହେବାର ଥିଲା। ତେବେ ଆବେଦନକାରୀ ପ୍ରବୀର ଦାସ ଏହି ୩ଟି ଯାକ ମାମଲାକୁ ଏକତ୍ର ଶୁଣାଣି କରିବା ନିମନ୍ତେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଏହି ଆବେଦନକୁ ଗ୍ରହଣ କରିବା ସହ ଏକତ୍ର ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଯେଉଁ କାମରେ ଯାତ୍ରା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। କୃତ୍ତିକା ନକ୍ଷତ୍ର ଆଶା କରିଥିବା ଜିନିଷଟି ଆଜି ଅପରାହ୍ନେ ପାଇପାରନ୍ତି। ବନ୍ଧୁଙ୍କ ମନୋଭାବରେ ପରିବର୍ତ୍ତନ କାରଣରୁ ଭୁଲ୍ ବୁଝାମଣା ହୋଇପାରେ। ଶିକ୍ଷା, ପରୀକ୍ଷା, ଇଣ୍ଟରଭ୍ୟୁ, ଯୋଗାଯୋଗ କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**ବୃଷ**
ପ୍ରତ୍ୟେକ କ୍ଷେତ୍ରରେ ନିଜର ଲୋକମାନେ ମଧ୍ୟ କ୍ରମଶଃ ଦୂରେଇଯାଉଥିବାର ଲକ୍ଷ୍ୟ କରିବେ। ଆର୍ଥିକ ସମସ୍ୟା ଦୂରେଇବାରେ ଜଣେ ବିଜାତୀୟବନ୍ଧୁ ସାହାଯ୍ୟ କରିବେ। ଅତୀତର ପରିସ୍ଥିତିକୁ ଯେତିକି ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ମୃଗଶିରା ନକ୍ଷତ୍ର ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ**
ଆଜି ଅନୁକୂଳ ବାତାବରଣ ମଧ୍ୟରେ ପ୍ରତ୍ୟେକ କାମ ସମ୍ପନ୍ନ କରିବେ। ଆର୍ଥିକ ସଙ୍କଟ ରହିବ ନାହିଁ, ଜଣେ ବନ୍ଧୁଙ୍କଠାରୁ ଉଧାରି ଟଙ୍କା ଆଣି ଆବଶ୍ୟକତା ପୂରଣ କରିବେ। ପଡ଼ୋଶୀ ପ୍ରତିବାଦ କଲେ ମଧ୍ୟ ଅନ୍ୟମାନେ ସପକ୍ଷରେ ମତ ଦେବେ। ଆର୍ଦ୍ରା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ।

**କର୍କଟ**
ଆଜିର ଯାତ୍ରା ସମୟରେ ଅଜଣା ଅଣୁଶା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଠିକ୍ ହେବ। ଅଶ୍ଳେଷା ପରୋକ୍ଷ ଶତ୍ରୁତା ପ୍ରତି ସାବଧାନ ରହିବା ଭଲ ହେବ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ**
ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ବିବ୍ରତ ରହିବ। ସ୍ଥଗିତ କାମ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ମଉଜ କରିବାକୁ ଅବସର ପାଇବେ ନାହିଁ। ମଘା ନକ୍ଷତ୍ର ସକାଶେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ କରିବାକୁ ବାଧ ହେବେ।

**କନ୍ୟା**
ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜକୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ହସ୍ତା ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି। ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା**
କର୍ମକ୍ଷେତ୍ରରେ କୌଣସି ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ଚିତ୍ରା ନକ୍ଷତ୍ରର ପରିବାରରେ ବିଭିନ୍ନ ଅନାକାଂକ୍ଷିତ ସମସ୍ୟା ଦେଖାଦେଇପାରେ। କରୁଥିବା ବ୍ୟବସାୟରେ ବିଶେଷ ଲାଭ ନ ହେଲେ ସୁଦ୍ଧା କ୍ଷତିର ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ। ସାଧାରଣ କଥାକୁ ନେଇ ଉତ୍ତେଜନା କାରଣରୁ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ବିଛା**
ସମସ୍ୟାର ଯଥାବିଧି ସମାଧାନ ପାଇଁ ତତ୍ପରତା ପ୍ରକାଶକରି ସଫଳତା ପାଇବେ। ବିଶାଖା ନକ୍ଷତ୍ରର ପରିବାର ଭିତରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସମ୍ପର୍କୀୟମାନେ ଉପର ମନରେ ସ୍ନେହ, ଶ୍ରଦ୍ଧା ଦେଖାଇ ଭିତରେ ଚେର କାଟିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବା ସୂଚନା ରହିଛି।

**ଧନୁ**
ଆରମ୍ଭ କରିଥିବା ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ ନାହିଁ। ପୂର୍ବାଷାଢ଼ା ନକ୍ଷତ୍ର ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟିକ ସଫଳତା ଓ ରାଜନୈତିକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ମନ ବୁଝିଲାଭଳି କଥା କହି ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**ମକର**
ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଚଳିତ କରିପାରେ। ଅନ୍ୟର ମନ ଅନୁଯାୟୀ କାମକରି ବାହାବା ନେଇପାରନ୍ତି ଫଳରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶ୍ରବଣା ନକ୍ଷତ୍ରର ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇବାର ସମ୍ଭାବନା ରହିଛି। ନିର୍ମାଣ, ମରାମତି କାମ ଓ ପ୍ରତିଟି ପଦକ୍ଷେପରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**କୁମ୍ଭ**
ଆର୍ଥିକ ପ୍ରଗତି କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଶତଭିଷା ନକ୍ଷତ୍ର ଯାହା ଖୋଜୁଛନ୍ତି ତାହା ଅବଶ୍ୟ ଲାଭକରି ଉପକୃତ ହେବେ। ବିଭିନ୍ନ ପ୍ରକାର ଖାଦ୍ୟ ଖାଇ ପେଟ ଗୋଳମାଳ ଓ ଅଜୀର୍ଣ୍ଣ ଜନିତ ବ୍ୟାଧି ଦେଖାଦେଇପାରେ। ଭ୍ରମଣ ରାଜନୀତି, ପ୍ରଶାସନ ତଥା ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ମୀନ**
ବହୁ ପରିଶ୍ରମ କରିବା କାରଣରୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ଅବହେଳା ଜନିତ ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ଆଗାମୀ ନୂତନ କାମଟିର ଆରମ୍ଭ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ରେବତୀ ନକ୍ଷତ୍ର ପାରିବାରିକ ବ୍ୟତିକ୍ରମକୁ ସୁଧାରିନେବାର ପ୍ରଯତ୍ନ କରିପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ମଙ୍ଗଳବାର, ଫେବୃୟାରୀ ୧୪ ତାରିଖ, ଭାଲେଣ୍ଟାଇନ୍ସ ଦିବସ। ରାଶି ନକ୍ଷତ୍ର-ଅନୁରାଧା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୯।୧୦ ଗତେ, ଘ.୧୦।୫୨ ମଧ୍ୟେ,ଘ.୦୧।୦୯ ଗତେ,ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୪୫ ଗତେ, ଘ.୦୯।୧୦ ମଧ୍ୟେ ରାହୁକାଳ।

## ରିମାଣ୍ଡ ଶେଷ, ଜେଲ ଗଲେ ଗୋପାଳ

**ନବ ଦାସ ହତ୍ୟା ମାମଲା**

ବ୍ରଜରାଜନଗର, ୧୩।୨(ଡି.ଏନ୍.ଏ.)

ରିମାଣ୍ଡ ଅବଧି ସରିବା ପରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଅଭିଯୁକ୍ତ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କୁ କ୍ରାଇମବ୍ରାଞ୍ଚ ସୋମବାର ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ଅଦାଲତଙ୍କ ନିର୍ଦ୍ଦେଶରେ ଝାରସୁଗୁଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି। ବହୁଚର୍ଚ୍ଚିତ ଏହି ହତ୍ୟା ଘଟଣାକୁ ଇତିମଧ୍ୟରେ ୧୬ଦିନ ବିତିଲାଣି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେଇଥିଲା। ଏହା ମଧ୍ୟରେ କ୍ରାଇମବ୍ରାଞ୍ଚ ତିନୋଟି ପର୍ଯ୍ୟାୟରେ ୧୩ଦିନ ରିମାଣ୍ଡରେ ନେଇ ଅଭିଯୁକ୍ତ ଗୋପାଳଙ୍କୁ ପଚରାଉଚରା କରିଛି। ଏପରି କି ଗୁଜରାଟର ଗାନ୍ଧୀନଗରକୁ ନେଇ ପଲିଗ୍ରାଫ, ନାର୍କୋ ଟେଷ୍ଟ କରିଛି। ତଥାପି ହତ୍ୟାର ରହସ୍ୟ ବିଶେଷ କରି କାହିଁକି ଗୋପାଳ ମନ୍ତ୍ରୀଙ୍କୁ ଗୁଳି ମାରିଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ତୃତୀୟ ପର୍ଯ୍ୟାୟର ଶେଷଦିନ ଅର୍ଥାତ୍ ସୋମବାର ରିମାଣ୍ଡ ଅବଧି ସରିବା ପରେ କ୍ରାଇମବ୍ରାଞ୍ଚ ଗୋପାଳଙ୍କୁ କୋର୍ଟରେ ହାଜର କରି ସମସ୍ତ ତଥ୍ୟ ପ୍ରଦାନ କରିଥିଲା। ପରେ କୋର୍ଟ ତାଙ୍କୁ ଜେଲକୁ ପଠାଇ ଦେଇଛନ୍ତି। ନାର୍କୋ ଓ ପଲିଗ୍ରାଫ ଟେଷ୍ଟ ରିପୋର୍ଟ ଆସିବାକୁ ଏକସପ୍ତାହ ଲାଗିବ ବୋଲି କ୍ରାଇମବ୍ରାଞ୍ଚ ତରଫରୁ ସୂଚନା ଦିଆଯାଇଛି।

## ସିବିଆଇ ତଦନ୍ତ ଦାବି କଲେ ସୁରେଶ ପୂଜାରୀ

ନୂଆଦିଲ୍ଲୀ/ସମ୍ବଲପୁର, ୧୩।୨

ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ପ୍ରସଙ୍ଗ ସୋମବାର ଲୋକ ସଭାରେ ଉଠିଛି। ବରିଷ୍ଠ ଭାଜପା ନେତା ତଥା ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଶୂନ୍ୟକାଳରେ ନବ ଦାସ ହତ୍ୟା ପ୍ରସଙ୍ଗ ଉଠାଇଥିଲେ। ହତ୍ୟାକାଣ୍ଡର କ୍ରାଇମ୍ ବ୍ରାଞ୍ଚ ତଦନ୍ତକୁ ସେ ନିନ୍ଦା କରିବା ସହ ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି। ସେ କହିଛନ୍ତି, ଗତ ମାସ ୨୯ ତାରିଖରେ ବ୍ରଜରାଜନଗରରେ ମନ୍ତ୍ରୀ ନବ ଦାସଙ୍କୁ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ଅତି ନିକଟରୁ ଗୁଳିକରି ହତ୍ୟା କରିଥିଲେ। ଏହା ଏକ ସଙ୍ଗୀନ ବିଷୟ। ନବବାବୁ ମୋ ସଂସଦୀୟ କ୍ଷେତ୍ର ଅଧୀନସ୍ଥ ବିଧାୟକ ଥିଲେ। ହତ୍ୟାକାଣ୍ଡକୁ ଇତିମଧ୍ୟରେ ୧୫ ଦିନ ବିତିଥିବାବେଳେ ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ କ୍ରାଇମ୍ ବ୍ରାଞ୍ଚ ଖୋଜି ବାହାର କରିପାରି ନାହିଁ। ଓଡ଼ିଶା ସରକାର ଅଭିଯୁକ୍ତଙ୍କ ନାର୍କୋ ଆନାଲିସିସ୍ ଏବଂ ପଲିଗ୍ରାଫ୍ ପରୀକ୍ଷା ପାଇଁ କେନ୍ଦ୍ରର ସହାୟତା ନେଉଥିବାବେଳେ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିବାକୁ କୁଣ୍ଠାବୋଧ କରୁଛନ୍ତି କାହିଁକି ବୋଲି ପୂଜାରୀ ପ୍ରଶ୍ନ କରିଥିଲେ। କ୍ରାଇମ୍ ବ୍ରାଞ୍ଚ ତଦନ୍ତରୁ କିଛି ମିଳିବ ନାହିଁ। ତେଣୁ ପୋଲିସ କ'ଣ ପାଇଁ ମନ୍ତ୍ରୀଙ୍କୁ ଗୁଳିକରି ହତ୍ୟା କଲେ ତାହାର କାରଣ ଜାଣିବା ପାଇଁ ସିବିଆଇ ତଦନ୍ତ କରାଇବାକୁ ଭାଜପା ନେତା କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିଲେ।

**ଲୋକ ସଭାରେ ଉଠିଲା ନବ ଦାସ ହତ୍ୟା ପ୍ରସଙ୍ଗ**

ସୂଚନାଯୋଗ୍ୟ, ଗତ ମାସ ୨୯ରେ ମନ୍ତ୍ରୀ ନବ ଦାସ ବ୍ରଜରାଜନଗର ଗସ୍ତରେ ଯାଇଥିବାବେଳେ ଗାନ୍ଧୀଛକରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ମନ୍ତ୍ରୀ ଦାସ ଗାଡ଼ିରୁ ଓହ୍ଲାଇବା ମାତ୍ରେ ଅଭିଯୁକ୍ତ ଗୋପାଳ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ଓ ପରେ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମାଗଣାରେ ବ୍ୟବହାର କରିହେବ ସରକାରୀ ଶୌଚାଳୟ

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ରାଜ୍ୟର ସବୁ ସହରରେ ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ସରକାରୀ ଶୌଚାଳୟଗୁଡ଼ିକୁ ଲୋକମାନେ ଏଣିକି ମାଗଣାରେ ଉପଯୋଗ କରିପାରିବେ। ଏଥିପାଇଁ ଲୋକଙ୍କୁ ଆଉ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ। ରାଜ୍ୟର ସମସ୍ତ ପବ୍ଲିକ ଓ କମ୍ୟୁନିଟି ଟଏଲେଟଗୁଡ଼ିକ ସମ୍ମୁଖରେ ସ୍ପଷ୍ଟ ଦୃଶ୍ୟମାନ ହେଉଥିବା ଡିସପ୍ଲେ ବୋର୍ଡ ଅବା କାନ୍ଥଲେଖା ରହିବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋଚିତ୍ର ସହ 'ମାଗଣା ଶୌଚାଳୟ ଉପଯୋଗ' ଲେଖିବା ନିମନ୍ତେ ରାଜ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶ ଦେଇଛି। ଆଉ ଶୌଚାଳୟ ପରିଚାଳନା ଓ ଡିସପ୍ଲେ ବୋର୍ଡ ବାବଦ ଅର୍ଥ ସ୍ୱଚ୍ଛ ଭାରତ ମିଶନ(ସହରାଞ୍ଚଳ) ପାଣ୍ଠିରୁ ଭରଣା କରାଯିବ। ରାଜ୍ୟର ସହରାଞ୍ଚଳ ଗୁଡ଼ିକରେ ଥିବା ଶୌଚାଳୟ ଉପଯୋଗ ନିମନ୍ତେ କୌଣସି ଅର୍ଥ ବା ଫି' ଦେବାକୁ ପଡ଼ିବ ନାହିଁ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ ସବୁ ମ୍ୟୁନିସିପାଲ କର୍ପୋରେସନର କମିଶନର, ମ୍ୟୁନିସିପାଲିଟି ଏବଂ ଏନ୍‌ଏସିର ଏକଜିକ୍ୟୁଟିଭ ଅଫିସରଙ୍କୁ ଚିଠି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଯଦି କେହି ଶୌଚାଳୟ ଉପଯୋଗ ପାଇଁ ୟୁଜର୍ସ ଫି ଦାବି କରୁଛନ୍ତି, ତା'ହେଲେ ନଗର ଉନ୍ନୟନ ବିଭାଗର 'ମୋ ସହର ସରକାର' ହେଲ୍ପଲାଇନ ନମ୍ବର-୦୬୭୪ ୨୩୯୧୯୯୯ରେ ଅଭିଯୋଗ କରିପାରିବେ। ୟୁଜର୍ସ ଫି' ନ ନେବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ବିଡିଏ କର୍ତ୍ତୃପକ୍ଷ ଓ ସୁଲଭ ଇଣ୍ଟରନ୍ୟାସନାଲ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

## ଟ୍ରାକ୍ଟର-ବାଇକ ଧକ୍କା, ନବଦମ୍ପତି ମୃତ

ଗୋପାଳପୁର, ୧୩।୨(ଡି.ଏନ୍.ଏ.)

ବିବାହର ତିନି ଦିନ ପରେ ପରମ୍ପରା ଅନୁସାରେ ଝିଅ ଓ ଜ୍ୱାଇଁ ବାପ ଘରକୁ ଆସୁଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଗୋଳନ୍ଥରା ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ସୋମବାର ଅପରାହ୍ନରେ ବାଇକ ସହ ଟ୍ରାକ୍ଟର ଧକ୍କା ହେବାରୁ ନବଦମ୍ପତି ବ୍ରହ୍ମପୁର ଅଞ୍ଚଳର ସି.ଏଚ.ପ୍ରବଣିକା ଓ ତାଙ୍କ ସ୍ୱାମୀ ଆନ୍ଧ୍ରପ୍ରଦେଶ ଇଚ୍ଛାପୁରମ୍ ଅଞ୍ଚଳର ଜି.ବେଣୁଙ୍କ ମୃତ୍ୟୁ ଘଟିଛି।

ସୂଚନାନୁସାରେ, ଗତ ୧୦ ତାରିଖରେ ବ୍ରହ୍ମପୁର ଅଞ୍ଚଳର ସି.ଏଚ.ପ୍ରବଣିକାଙ୍କ ସହ ଇଚ୍ଛାପୁରମ୍ ଅଞ୍ଚଳର ଜି.ବେଣୁଙ୍କ ବିବାହ ହୋଇଥିଲା। ବିବାହର ତୃତୀୟ ଦିନ ଝିଅ ଓ ଜ୍ୱାଇଁ ବାଇକ ଯୋଗେ ବ୍ରହ୍ମପୁର ଆସୁଥିବା ବେଳେ ସନ୍ଧ୍ୟାରେ ଗୋଳନ୍ଥରା ଥାନା ସମ୍ମୁଖରେ ଏକ ଟ୍ରାକ୍ଟର ବେଣୁଙ୍କ ବାଇକକୁ ଧକ୍କା ଦେଇଥିଲା। ଉଭୟ ରାସ୍ତା କଡ଼ରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଗୋଳନ୍ଥରା ପୋଲିସ ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଓ ବାଇକକୁ ପୋଲିସ ଜବତ କରିଛି। ପୋଲିସ ୯୧/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## ୩ ବର୍ଷରେ ୧.୧୨ ଲକ୍ଷ ଦିନ ମଜୁରିଆ ଆତ୍ମହତ୍ୟା କରିଛନ୍ତି

ନୂଆଦିଲ୍ଲୀ, ୧୩।୨

ଦେଶରେ ୨୦୧୯ରୁ ୨୦୨୧ ଭିତରେ ୧.୧୨ ଲକ୍ଷ ଦିନ ମଜୁରିଆ ଆତ୍ମହତ୍ୟା କରିଥିବା କେନ୍ଦ୍ର ଶ୍ରମମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୋମବାର ଲୋକ ସଭାରେ କହିଛନ୍ତି। ଏହାବାଦ୍ ୬୬,୯୧୨ ଗୃହିଣୀ, ୫୩,୬୬୧ ଜଣ ସେଲ୍ଫ ଏମ୍ପ୍ଲଏଡ୍, ୪୩,୪୨୦ ବେତନଧାରୀ ଏବଂ ୪୩,୩୮୫ ବେକାରି ବ୍ୟକ୍ତିବିଶେଷ ଆତ୍ମହତ୍ୟା କରିଛନ୍ତି। ଅନ୍ୟପକ୍ଷେ ୩୫,୯୫୦ ଛାତ୍ରୀଛାତ୍ର, ୩୧,୮୩୯ କୃଷିକାର୍ଯ୍ୟରେ ନିୟୋଜିତ ବ୍ୟକ୍ତି ୨୦୧୯-୨୧ ଭିତରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା କେନ୍ଦ୍ରମନ୍ତ୍ରୀ ନ୍ୟାଶନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋକୁ ଆଧାର କରି ଏହି ସୂଚନା ପ୍ରଦାନ କରିଛନ୍ତି।

## ଆସନ୍ତା ୧୫ରୁ କ୍ଷେତ୍ର ପରିଦର୍ଶନରେ ଯିବେ ଟ୍ରିବ୍ୟୁନାଲ

**ମହାନଦୀ ଜଳ ବିବାଦ ମାମଲା**

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ମହାନଦୀ ଜଳ ବିବାଦ ମାମଲାର ଫଇସଲା ପାଇଁ ଆସନ୍ତା ମାର୍ଚ୍ଚ ୧୫ରୁ ସପ୍ତାହେ ଧରି କ୍ଷେତ୍ର ପରିଦର୍ଶନରେ ଯିବେ ଟ୍ରିବ୍ୟୁନାଲ। ଏନେଇ ସୋମବାର ମହାନଦୀ ଜଳ ବିବାଦ ମାମଲାରେ ଟ୍ରିବୁନାଲ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ୍. ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଶୁଣାଣି କରିଛନ୍ତି। ଟ୍ରିବ୍ୟୁନାଲ ସଦସ୍ୟଙ୍କ ପରିଦର୍ଶନ ବେଳେ ଟେକ୍ନିକାଲ ଟିମ୍ ଏବଂ ଆସେସର ସ୍ଥାନ ନିରୂପଣ କରିବେ। କ୍ଷେତ୍ର ପରିଦର୍ଶନ ପରେ ବିଚାର ପ୍ରକ୍ରିୟା ଓ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ। ମାର୍ଚ୍ଚ ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ସ୍ଥିର ହୋଇଛି। ସେପଟେ ଟ୍ରିବ୍ୟୁନାଲରର କାର୍ଯ୍ୟକାଳ ମାର୍ଚ୍ଚରେ ସରୁଥିବାରୁ ରାଜ୍ୟଗୁଡିକ ଅବଧି ବଢାଇବା ସମ୍ବନ୍ଧରେ ସରକାରଙ୍କୁ ଟ୍ରିବ୍ୟୁନାଲ ପକ୍ଷରୁ କୁହାଯାଇଛି। ଏନେଇ ଛତିଶଗଡ଼ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ କହିଛନ୍ତି, ଓଡ଼ିଶା ଓ ଛତିଶଗଡ଼ ଭିତରେ ଥିବା ଏହି ସମସ୍ୟା ସମାଧାନ କରିବାକୁ ୨ ପକ୍ଷଙ୍କ ଯୁକ୍ତିକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନକୁ ଯାଞ୍ଚ କରାଯିବ। ମହାନଦୀର ଉତ୍ପତ୍ତି ସ୍ଥଳରୁ ଶେଷ ସ୍ଥଳ ପର୍ଯ୍ୟନ୍ତ ସବୁ ସ୍ଥାନକୁ ଯାଞ୍ଚରେ ନିଆଯିବ। ଛତିଶଗଡ଼ ଓ ଓଡ଼ିଶା ଭିତରେ ନଦୀର ଗତିପଥ ଯାଞ୍ଚ କରିବାରୁ ୪ଦିନ ଲେଖାଏ ସମୟ ଲାଗିପାରେ। ଆବଶ୍ୟକ ପଡ଼ିଲେ ଏରିଏଲ୍ ସର୍ଭେ ମଧ୍ୟ ହୋଇପାରେ। ଏହା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିବ।

## ଛାତ୍ରୀଙ୍କୁ ବଳାତ୍କାର କରି ଶିକ୍ଷକ ଗିରଫ

ରେୱା, ୧୩।୨

ମଧ୍ୟପ୍ରଦେଶ ଗ୍ୱାଲିଅରରେ ୧୦ ବର୍ଷର ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ସରକାରୀ ସ୍କୁଲ ଶିକ୍ଷକଙ୍କୁ ସୋମବାର ପୋଲିସ ଗିରଫ କରିଛି। ଶନିବାର ଛାତ୍ରୀଜଣକ ସ୍କୁଲକୁ ଆସିବା ପରେ ଶିକ୍ଷକ ତାଙ୍କୁ ଏକ ନିଛାଟିଆ ଜାଗାକୁ ନେଇଯାଇ ବଳାତ୍କାର କରିଥିବା ପୋଲିସ କହିଛି। ଏସମ୍ପର୍କରେ ଛାତ୍ରୀଜଣକ ଘରକୁ ଫେରି ପରିବାର ଆଗରେ ସମସ୍ତ କଥା କହିଥିଲେ। ଏହାପରେ ତାଙ୍କ ଘରଲୋକ ଜିଲା ମହିଳା ଥାନାରେ ସମ୍ପୃକ୍ତ ଶିକ୍ଷକଙ୍କ ନାଁରେ ଅଭିଯୋଗ କରିଥିଲେ। ଶିକ୍ଷକଙ୍କ ବିରୋଧରେ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ପୋଲିସ ଉକ୍ତ ଶିକ୍ଷକଙ୍କୁ ଗିରଫ କରିଛି।

**ପ୍ରଥମ ପୃଷ୍ଠାରୁ...**

## 'ପିର୍‌ଭାକରନ ଜୀବିତ'...

ବେଳେ ପିର୍‌ଭାକରନ୍ ନିହତ ହୋଇଥିବା ଘୋଷଣା କରାଯାଇଥିଲା। ସେତେବେଳେ ମହିନ୍ଦା ରାଜପାକ୍ସେ ଶ୍ରୀଲଙ୍କା ରାଷ୍ଟ୍ରପତି ଥିଲେ। ତାଞ୍ଜାଭୁର୍‌ରେ ଖବରଦାତାମାନଙ୍କୁ ସୂଚନା ଦେଇ ନେଦୁମାରାନ କହିଛନ୍ତି, ଆମେ ଖୁସିର ସହ ସାରା ବିଶ୍ୱକୁ ଜଣାଉଅଛୁ ଯେ ଏଲ୍‌ଟିଟିଇ ମୁଖ୍ୟ ପିର୍‌ଭାକରନ ଜୀବିତ ଓ ସୁସ୍ଥ ଅଛନ୍ତି। ତାମିଲ ଇଲମ ପାଇଁ ସେ ଖୁବ୍‌ଶୀଘ୍ର ନିଜର ଯୋଜନା ସମ୍ପର୍କରେ ଘୋଷଣା କରିବେ। ଶ୍ରୀଲଙ୍କାରେ ସିଂହଳୀମାନଙ୍କ ଆନ୍ଦୋଳନ ଯୋଗୁ ରାଜପାକ୍ସେ ସରକାରଙ୍କ ପତନ ଅନୁକୂଳ ସ୍ଥିତି ସୃଷ୍ଟି କରିଛି। ପିର୍‌ଭାକରନ୍‌ଙ୍କ ଆତ୍ମପ୍ରକାଶ ପାଇଁ ଏହା ଉପଯୁକ୍ତ ସମୟ ବୋଲି ନେଡୁମାରାନ କହିଛନ୍ତି।

ସୂଚନାଯୋଗ୍ୟ, ୨୦୦୯ରେ ପିର୍‌ଭାକରନଙ୍କୁ ସରକାର ମୃତ ଘୋଷଣା କରିବା ସମୟରେ ଏକ ମୃତଦେହର ଏକାଧିକ ଫଟୋ ଓ ଭିଡିଓ ଶେୟାର କରାଯାଇଥିଲା। ଏଥିରେ ଜାଲିଆତି କରାଯାଇଥିବା ସେତେବେଳେ ଅନେକେ ଅଭିଯୋଗ କରିଥିଲେ। ଏକ ଚୁକ୍ତିନାମା ଅନୁଯାୟୀ ପିର୍‌ଭାକରନ ଆତ୍ମସମର୍ପଣ ଲାଗି ଆସୁଥିବାବେଳେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା, ଯାହା ଅନ୍ତର୍ଜାତୀୟ ଚୁକ୍ତି ନିୟମର ଉଲ୍ଲଂଘନ ବୋଲି କେତେଜଣ କହିଥିଲେ।

୧୯୯୧ରେ ଶ୍ରୀପେରୁମ୍ବୁଦୁରଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ଘଟଣାରେ ପିର୍‌ଭାକରନ ମୁଖ୍ୟ ଅଭିଯୁକ୍ତ। ଏହି ହତ୍ୟାକାଣ୍ଡ ପରେ ତାଙ୍କୁ କୋର୍ଟ ଅପରାଧୀ ଘୋଷଣା କରିଥିଲେ। ଏଥିସହିତ ସେ ଶ୍ରୀଲଙ୍କାରେ ଅନେକ ହତ୍ୟାକାଣ୍ଡରେ ଅଭିଯୁକ୍ତ ଥିଲେ। ଏଲ୍‌ଟିଟିଇକୁ ବେଆଇନ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଥିଲା। ଶ୍ରୀଲଙ୍କାରେ ତାମିଲମାନଙ୍କ ପ୍ରତି ବର୍ଷବର୍ଷ ଧରି ପକ୍ଷପାତ କରାଯାଇ ଆସୁଥିବାବେଳେ କେତେକ ସଂଗଠନ ସହ ମିଶି ପିର୍‌ଭାକରନ ସ୍ୱାଧୀନତା ଆନ୍ଦୋଳନ ଚଳାଇଥିଲେ। ପରେ ଏଲ୍‌ଟିଟିଇ ମୁଖ୍ୟ ଗେରିଲା ଯୁଦ୍ଧକୌଶଳ ଏବଂ ଆତ୍ମଘାତୀ ଆକ୍ରମଣ ସହିତ ସଶସ୍ତ୍ର ସଂଘର୍ଷରେ ସାମିଲ ହୋଇଥିଲେ। ଏଲ୍‌ଟିଟିଇ ପ୍ରଥମ ଆତଙ୍କବାଦୀ ସଂଗଠନ ଯାହାର ଏକ ବାୟୁସେନା ରହିଥିଲା। ଏଲ୍‌ଟିଟିଇକୁ ଦମନ କରିବା ପାଇଁ ଶ୍ରୀଲଙ୍କା ସେନା ଏହା ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା, ଯେଉଁଥିରେ ଲକ୍ଷାଧିକ ତାମିଲ ନାଗରିକ ନିହତ ହୋଇଥିଲେ। ଜାତିସଂଘର ଏକ କମିଶନ ଏନେଇ ତଦନ୍ତ କରିଥିଲେ ମଧ୍ୟ ଶ୍ରୀଲଙ୍କା ଏପର୍ଯ୍ୟନ୍ତ ଏହାର ଜବାବ ଦେଇନାହିଁ।

## ୩.୪ କୋଟିରେ...

ବିଦେଶୀ ଖେଳାଳିଙ୍କ ମଧ୍ୟରେ ଇଂଲଣ୍ଡର ନାଟାଲି ସ୍କିଭର ବ୍ରଣ୍ଟ ଓ ଅଷ୍ଟ୍ରେଲିଆର ଆସ୍‌ଲେ ଗାର୍ଡନର ସର୍ବାଧିକ ୩.୨କୋଟି ଟଙ୍କା ମୂଲ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଜାଏଣ୍ଟ୍ସକୁ ଯାଇଥିଲେ। ଭାରତୀୟ ଅଧିନାୟିକା ହରମନପ୍ରୀତ କୌର ୧.୮ କୋଟି ଟଙ୍କା ମୂଲ୍ୟରେ ମୁମ୍ବାଇ ଇଣ୍ଡିଆନ୍ସରେ ସାମିଲ ହୋଇଥିଲେ। ତେବେ ହରମନ୍‌ପ୍ରୀତଙ୍କ ମୂଲ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଷଷ୍ଠ ସର୍ବାଧିକ ରହିଥିଲା। ଦୀପ୍ତି ଶର୍ମା ୨.୬ କୋଟି ଟଙ୍କା ମୂଲ୍ୟରେ ୟୁପି ୱାରିୟର୍ସରେ ସାମିଲ ହୋଇଥିଲେ। ଜେମିମା ରୋଡ୍ରିଗୁଏଜ୍ ୨.୨ କୋଟି ଓ ଶେଫାଳି ବର୍ମା ୨ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସରେ ସାମିଲ ହୋଇଥିଲେ। ଅଲ୍‌ରାଉଣ୍ଡର ପୂଜା ବସ୍ତ୍ରକାର ଓ ଉଇକେଟ୍‌କିପର ବ୍ୟାଟର ରିଚା ଘୋଷ୍ ସମାନ ୧.୯ କୋଟି ଟଙ୍କା ମୂଲ୍ୟରେ ଯଥାକ୍ରମେ ମୁମ୍ବାଇ ଇଣ୍ଡିଆନ୍ସ ଓ ଆର୍‌ସିବିରେ ସାମିଲ ହୋଇଥିଲେ। ମନ୍ଧାନାଙ୍କ ବ୍ୟତୀତ ଆରସିବି ୧.୭ କୋଟି ଟଙ୍କାରେ ଏଲିସ୍ ପେରୀଙ୍କୁ ଓ ସୋଫି ଡିଭାଇନଙ୍କୁ ୫୦ ଲକ୍ଷ ଟଙ୍କାର ବେସ୍ ପ୍ରାଇସରେ କିଣିଥିଲା। ଏହି ୩ ଖେଳାଳିଙ୍କ ପ୍ରତିବଦ୍ଧତା ଆମକୁ ଫାଇଦା ପ୍ରଦାନ କରିବ ବୋଲି କହିଛନ୍ତି ଆର୍‌ସିବିର ଡାଇରେକ୍ଟର ଅଫ୍ କ୍ରିକେଟ ମାଇକ ହସନ୍। ଭାରତୀୟ ଉପମହାଦେଶରେ ସ୍ମୃତିଙ୍କ ଅଭିଜ୍ଞତା କାରଣରୁ ସେ ଆମ ଦଳର ଅଧିନାୟିକା ରହିବାର ସମ୍ଭାବନା ଅଧିକ। ଅଷ୍ଟ୍ରେଲିଆର ସଫଳ ଅଧିନାୟିକା ମେଗ୍ ଲାନିଙ୍ଗଙ୍କୁ ୧.୧ କୋଟି ଟଙ୍କାରେ କ୍ରୟ କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ଇଂଲଣ୍ଡର ବାମହାତୀ ସ୍ପିନର ସୋଫି ଏକେଲଷ୍ଟୋନଙ୍କୁ ୧.୮ କୋଟି ଟଙ୍କାରେ କିଣିଛି ୟୁପି। ତେବେ ଶ୍ରୀଲଙ୍କା ଅଧିନାୟିକା ଚମାରି ଅଟ୍ଟାପଟ୍ଟୁ ଓ ଦକ୍ଷିଣ ଆଫ୍ରିକାର ଲୌରା ଓଲ୍ଭାର୍ଡ୍ଟଙ୍କ ପରି ଖେଳାଳିଙ୍କୁ କିଣିନାହାନ୍ତି କୌଣସି ଫ୍ରାଞ୍ଚାଇଜ୍।

## ହାଇସ୍କୁଲ ପାଇଁ ୬,୦୨୫...

(ପେନ୍‌ସନ) ନିୟମାବଳୀ- ୧୯୯୨ର ସଂଶୋଧନ କରିଛନ୍ତି। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ଉକ୍ତ ନିୟମ ସଂଶୋଧନ ହେବା ପରେ ୨୦୨୦ ଜାନୁୟାରୀ ୧୦ ଅଥବା ଏହାପରେ ମୃତ୍ୟୁ ଘଟିଥିବା ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ ଭୋଗୀଙ୍କର ସାଥୀହୀନ କିନ୍ନରଙ୍କୁ ଅବିବାହିତ କନ୍ୟା ଭାବେ ବିବେଚନା କରାଯିବ। ଯଦି ମୃତ କର୍ମଚାରୀଙ୍କର ଅନ୍ୟ କୌଣସି ବଡ଼ ଅବିବାହିତା ଅଥବା ଦିବ୍ୟାଙ୍ଗ କନ୍ୟା ନ ଥିବେ ତେବେ କିନ୍ନର ସନ୍ତାନଙ୍କୁ ପରିବାର ପେନ୍‌ସନ ମିଳିବ। ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନ (ନିୟମାନୁଯାୟୀ ପରିବାର ପେନ୍‌ସନ ପାଇବାକୁ ହକଦାର ହେଉଥିଲେ) ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ ଭୋଗୀଙ୍କ ଉପରେ ନିର୍ଭରଶୀଳ ହୋଇଥିଲେ ପରିବାର ପେନ୍‌ସନ ପାଇପାରିବେ। ଏଥିସହିତ ପରିବାର ପେନ୍‌ସନ ପାଇବା ପାଇଁ ୨୫ ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତା, ବିଧବା, ସ୍ୱାମୀ ପରିତ୍ୟକ୍ତା କନ୍ୟାଙ୍କ କ୍ଷେତ୍ରରେ ମାସିକ ଆୟ ସୀମା ୪,୪୪୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯିବ। ଓଡ଼ିଶା ବେସାମରିକ ସେବା (ପେନ୍‌ସନ) ନିୟମାବଳୀ-୧୯୯୨ରେ ଟ୍ରାନ୍ସଜେଣ୍ଡରମାନଙ୍କୁ ସନ୍ତାନ ଭାବେ ବିବେଚନା କରାଯାଉ ନ ଥିଲା। ଫଳରେ ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ ଭୋଗୀଙ୍କର ମୃତ୍ୟୁ ହେଲେ, ସେମାନଙ୍କର ଟ୍ରାନ୍ସଜେଣ୍ଡର ସନ୍ତାନ ପରିବାର ପେନ୍‌ସନ ପାଇବାରୁ ବଞ୍ଚିତ ହେଉଥିଲେ।

## ୟୁଏଫ୍‌ଓ: ଆମେରିକା...

ଲେଖାଏ ଉଡ଼ନ୍ତା ବସ୍ତୁକୁ ତଳକୁ ଖସାଇଥିଲା। ଗ୍ଲେନ୍‌ଙ୍କ ମତରେ ୟୁନାଇଟେଡ୍ ଷ୍ଟେଟ୍ ନର୍ଦ୍ଦର୍ନ କମାଣ୍ଡରେ ଉଡ଼ନ୍ତା ବସ୍ତୁ ପ୍ରଥମ ଥର ଲାଗି ଦୃଷ୍ଟିଗୋଚର ହୋଇଛି। ଏ ନେଇ ଟୁଇଟର ସିଇଓ ଏଲନ୍ ମସ୍କ ସୋମବାର ଏକ ପୋଷ୍ଟ ଶେୟାର କରିଛନ୍ତି। ସେ ଲେଖିଛନ୍ତି, 'ବ୍ୟସ୍ତ ହୁଅ ନାହିଁ, ମୋ ଏଲିଅନ୍ ବନ୍ଧୁମାନେ ଏହି ଉଡ଼ନ୍ତା ବସ୍ତୁକୁ ଅଟକାଇ ରଖିଛନ୍ତି।'

ଅନ୍ୟପକ୍ଷେ ୨୦୨୨ ଜାନୁୟାରୀ ପରଠୁ ଅଦ୍ୟାବଧି ଚାଇନା ଆକାଶକୁ ଆମେରିକା ୧୦ଟି ବେଲୁନ ପଠାଇଥିବା ନେଇ ବେଜିଂ ଅଭିଯୋଗ ଆଣିଛି। ବେଆଇନ୍ ଭାବେ ଅନ୍ୟ ରାଷ୍ଟ୍ରର ଏୟାରସ୍ପେସ୍‌ରେ ପ୍ରବେଶ କରିବା ଆମେରିକା ପାଇଁ କୌଣସି ନୂଆ କଥା ନୁହେଁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଛନ୍ତି। ଚାଇନାର ଏଭଳି ଅଭିଯୋଗକୁ ଆମେରିକା ଖଣ୍ଡନ କରିଛି। ଚାଇନାର ଅଭିଯୋଗ ଭିତ୍ତିହୀନ। ୫ ମହାଦେଶ ଓ ଆମେରିକା ସମେତ ୪୦ ଦେଶର ଗୋଇନ୍ଦା ସୂଚନା ହସ୍ତଗତ କରବା ଲାଗି ଚାଇନା ବେଲୁନ୍ ପ୍ରୋଗ୍ରାମ ଆରମ୍ଭ କରିଥିବା ନ୍ୟାଶନାଲ ସିକ୍ୟୁରିଟି କାଉଂସିଲ୍‌ର ମୁଖପାତ୍ର ଆଡ୍ରିନ୍ ୱାଟସନ୍ ସୂଚନା ଦେଇଛନ୍ତି।




## ଦୁଇ ପୁଅଙ୍କୁ ହତ୍ୟା କରି ମା'ଙ୍କ ଆତ୍ମହତ୍ୟା

କେନ୍ଦୁଝର/ଚମ୍ପୁଆ, ୧୩।୨(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ଦୁରୁକୁଳିଆ ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ବନ୍ଦ ଘରୁ ଦୁଇ ପୁଅ ସହ ମା'ଙ୍କ ମୃତଦେହ ଜବତ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ୩ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ମହିଳା ହେଲେ ଭୀମସେନ ନାଏକ ସ୍ତ୍ରୀ କ୍ଷଣପ୍ରଭା ନାଏକ (୩୫) ଓ ତାଙ୍କର ଦୁଇ ପୁଅ। ଦୁଇ ପୁଅଙ୍କ ବୟସ ୩ ଓ ୪ ବର୍ଷ। ଦୁଇ ପୁଅଙ୍କୁ ହତ୍ୟା କରିବା ପରେ ମା' ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସ୍‌ଡିପିଓ ରାମରାୟ ମୁର୍ମୁ କହିଛନ୍ତି। ସୂଚନା ଅନୁଯାୟୀ, ଭୀମସେନ ଦିନରେ କ୍ଷେତକୁ କାମ କରିବାକୁ ଯାଇଥିଲେ। ବଡ ଝିଅ ସ୍କୁଲ ଯାଇଥିଲେ। ଘରେ କ୍ଷଣପ୍ରଭା ଓ ୨ ପୁଅ ଥିଲେ। ଝିଅ ସ୍କୁଲରୁ ଘରକୁ ଫେରିବା ପରେ କବାଟ ବନ୍ଦ ଥିବା ଦେଖିଥିଲେ। ସେ କବାଟ ବାଡେଇବାରୁ କେହି ଖୋଲି ନ ଥିଲେ। ଝିଅଟି ପାଖ ପଡୋଶୀଙ୍କୁ ଡାକି ସବୁ କଥା କହିଥିଲେ। ଲୋକେ ଟାଇଲ ଭାଙ୍ଗିବାରୁ କ୍ଷଣପ୍ରଭାଙ୍କୁ ପିନ୍ଧା ଲୁଗାରେ ଝୁଲୁଥିବା ଓ ପାଖରେ ଦୁଇ ଶିଶୁଙ୍କ ମୃତଦେହ ପଡ଼ି ରହିଥିବା ଦେଖିଥିଲେ। ପୋଲିସ ପହଞ୍ଚି ମହିଳାଙ୍କ ବାପ ଘର ଲୋକଙ୍କୁ ଖବରଦେଇଛି।

## ଘନଶ୍ୟାମ ମହାପାତ୍ର ପାଇଲେ 'ଜୟଦେବ ପୁରସ୍କାର'


ଘନଶ୍ୟାମ ମହାପାତ୍ରଙ୍କୁ 'ଜୟଦେବ ପୁରସ୍କାର' ପ୍ରଦାନ କରାଯାଉଛି। (ଫଟୋ: ବିକାଶ)

### ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ଓ ଟେଲି ପୁରସ୍କାର ପ୍ରଦାନ ଉତ୍ସବ ଆରମ୍ଭ

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ବହୁ ବିବାଦ ପରେ ୨୦୧୯ ପାଇଁ ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଏନେଇ ସୋମବାର ଉତ୍କଳ ମଣ୍ଡପଠାରେ ୩୧ତମ ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ଓ ୮ମ ରାଜ୍ୟ ଓଡ଼ିଆ ଟେଲି ପୁରସ୍କାର ବିତରଣ ଉତ୍ସବ ଆରମ୍ଭ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜୀବନବ୍ୟାପୀ ସାଧନା ପାଇଁ ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ରଙ୍କୁ ଚଳଚ୍ଚିତ୍ର 'କନକଲତା' ପାଇଁ 'ଜୟଦେବ ପୁରସ୍କାର' ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ୨ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସେହିପରି ଚଳଚ୍ଚିତ୍ର 'କାଲିର ଅତୀତ' ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଛି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ତଥା ପ୍ରଯୋଜକ ନୀଳମାଧବ ପଣ୍ଡାଙ୍କୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ' ପୁରସ୍କାର ବାବଦକୁ ୫୦ହଜାର ଟଙ୍କା, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ୨୦ହଜାର ଟଙ୍କା ଓ ଅଭିନେତା ପୀତବାସ ତ୍ରିପାଠୀଙ୍କୁ 'ଶ୍ରେଷ୍ଠ ଅଭିନେତା' ଭାବେ ୧୫ହଜାର ଟଙ୍କା ଅର୍ଥରାଶି ସହ ସମ୍ମାନିତ କରାଯାଇଛି। ଅଭିନେତ୍ରୀ ଶିବାନୀ ସଙ୍ଗୀତା ଷଡ଼ଙ୍ଗୀଙ୍କୁ 'ବାବୁ ଭାଇଜାନ୍' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ କରାଯାଇଥିବାବେଳେ ୧୫ହଜାର ଟଙ୍କା ଅର୍ଥରାଶି ଦିଆଯାଇଛି। ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସ୍ୱର୍ଗତ ରାଜୁ ମିଶ୍ରଙ୍କୁ 'ବାଳକୃଷ୍ଣ ସମ୍ମାନ', ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ସ୍ୱୟମ୍ ପାଢ଼ୀ, ଶ୍ରେଷ୍ଠ ଗାୟିକା ଦୀପ୍ତିରେଖା ପାଢ଼ୀ, ଶ୍ରେଷ୍ଠ ଚିତ୍ରଗ୍ରହଣ ପାଇଁ ରବୀନ୍ଦ୍ର ବେହେରାଙ୍କୁ 'ପ୍ରମୋଦ ପତି' ସମ୍ମାନ ଦିଆଯାଇଛି। ଶ୍ରେଷ୍ଠ ସମ୍ପାଦନାରେ ଚଳଚ୍ଚିତ୍ର 'କୋଟିଏରେ ଗୋଟିଏ ମନ' ପାଇଁ ପୁନିତ ରାଜ, ଶ୍ରେଷ୍ଠ ଗୀତିକାର ପ୍ରଦୀପ୍ତ ନନ୍ଦ, ଶ୍ରେଷ୍ଠ ଚିତ୍ରନାଟ୍ୟ ସନ୍ତୋଷ ନାରାୟଣ ଦାସ, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ବବି ମିଶ୍ର, ଅଭିନେତ୍ରୀ ବନିତା ନାଗ, ଶ୍ରେଷ୍ଠ ହାସ୍ୟ କଳାକାର ହରିହର ମହାପାତ୍ର, ଶ୍ରେଷ୍ଠ ଶିଶୁ କଳାକାର ଭାବେ ମୟଙ୍କ, ଶ୍ରେଷ୍ଠ କଳା ନିର୍ଦ୍ଦେଶକ କଳିଙ୍ଗ କେଶରୀ ନାୟକ ଓ ଶ୍ରେଷ୍ଠ ଶବ୍ଦ ଗ୍ରହଣକାରୀ ଚନ୍ଦ୍ରଶେଖର ଶର୍ମାଙ୍କୁ ସମ୍ମାନିତ କରାଯାଇଛି। ରୋହିତ ରାଜ୍‌ଙ୍କୁ ସ୍ୱତନ୍ତ୍ର ଜୁରୀ ପୁରସ୍କାର ଦିଆଯାଇଥିବାବେଳେ ଟେଲି ଚଳଚ୍ଚିତ୍ର 'ବାଜି ଦ ଇମୋର୍ଟାଲ ବୋଟ୍ ବୟ' ଓ 'ଫ୍ରମ୍ ସଞ୍ଜୁ'କୁ 'ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁଭିତ୍ତିକ ପୁରସ୍କାର' ମିଳିଛି। ଦୁଇ ଚଳଚ୍ଚିତ୍ରର ପ୍ରଯୋଜକ ସତ୍ୟବ୍ରତ ରଥ ଓ ଅଭିଷେକ କୁମାର ଦାଶଙ୍କୁ ପୁରସ୍କାର ବାବଦକୁ ୨୦ହଜାର ଟଙ୍କା ଲେଖାଏ ଦିଆଯାଇଛି।

ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର 'ଶ୍ରୀକ୍ଷେତ୍ର ସାହିଯାତ' ପାଇଁ ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ବର୍ଗରେ ମଧ୍ୟ ମନୋନୀତ କରାଯାଇଛି। ଶ୍ରେଷ୍ଠ ସଂଳାପ ଲେଖକ ସ୍ୱର୍ଗତ ଅଟଳ ବିହାରୀ ପଣ୍ଡା, ଶ୍ରେଷ୍ଠ ବେଶ ପୋଷାକ ସଜ୍ଜାକାରୀ ଚୈତନ୍ୟ ମଟାରି, ଶ୍ରେଷ୍ଠ ରୂପ ସଜ୍ଜାକାରୀ ରାଜୁକିଶୋର ଜେନା, ଶ୍ରେଷ୍ଠ ନୃତ୍ୟ ସଂଯୋଜନାରେ ଗିରୀଶ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି। ସିନେ ସମୀକ୍ଷକ ସୂର୍ଯ୍ୟ ଦେଓଙ୍କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁସ୍ତକ 'କାଲି ପାଇଁ କାଲିର ସିନେମା' ପାଇଁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ସହଯୋଗ ଲାଗି ଓଡ଼ିଶା ସିନେ କଳାକାର ସଂଘର ଶ୍ରୀତମ ଦାସ, ଉଷସୀ ମିଶ୍ର, ଦେବୁ ପଟ୍ଟନାୟକ ଓ ସୁରେଶ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋଟ ୨୬ଟି ବିଭାଗରେ ୨୭ଜଣଙ୍କୁ ପୁରସ୍କାର ଦିଆଯାଇଛି। ଆବେଦନ ହୋଇଥିବା ଚଳଚ୍ଚିତ୍ରଗୁଡ଼ିକ ୬ ଜଣିଆ ଜୁରୀ କମିଟି ଦ୍ୱାରା ଚୟନ କରାଯାଇଥିଲା। ମଙ୍ଗଳବାର ଟେଲି ପୁରସ୍କାର ପ୍ରଦାନ କରାଯିବ।

ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ମେୟର ସୁଲୋଚନା ଦାସ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ସତ୍ୟବ୍ରତ କୁନା ତ୍ରିପାଠୀ ଓ ନିଗମର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିୟା ପ୍ରମୁଖ ଉପସ୍ଥିତ ଥିଲେ। ଚଳଚ୍ଚିତ୍ର ପୁରସ୍କାରର ଜୁରୀ ଅଧ୍ୟକ୍ଷ ଭାବେ ବିଶିଷ୍ଟ ସିନେମାଟୋଗ୍ରାଫର ସୁରେନ୍ଦ୍ର ସାହୁ, ଜୁରୀ ସଦସ୍ୟ ଭାବେ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଣବ କିଶୋର ପଟ୍ଟନାୟକ, ବିଶିଷ୍ଟ ଅଭିନେତ୍ରୀ ତ୍ରିପୁରା ମିଶ୍ର, ଚଳଚ୍ଚିତ୍ର ପ୍ରଯୋଜକ ଜିତେନ୍ଦ୍ର ମିଶ୍ର, ସିନେ ସାମ୍ବାଦିକ ଆଦିକନ୍ଦ ରାଉତ ଓ ବିଶିଷ୍ଟ ଗୀତିକାର ଗୌର ପଟ୍ଟନାୟକ ରହିଥିଲେ।

ସନ୍ଧ୍ୟାରେ ସିନେ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଅଭିନେତା ସୁକାନ୍ତ ଓ ଉପସ୍ଥାପିକା ସୁଲଗ୍ନା ମଞ୍ଚରେ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ଚଳଚ୍ଚିତ୍ରଜଗତ ସହିତ ଜଡ଼ିତ ଦିବଂଗତ ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାପରେ ଓଡ଼ିଆ ଚଳଚ୍ଚିତ୍ରର ୮୬ବର୍ଷର ଯାତ୍ରାକୁ ନେଇ ଏକ ଅଡ଼ିଓ ଭିଜୁଆଲ ପ୍ରଦର୍ଶିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ ସହଯୋଗରେ ଏହି ଉତ୍ସବ ଆୟୋଜନ କରାଯାଇଛି।

# ଜେଲ ଗଲେ ଦୁଇ ଏବିଭିପି ସଦସ୍ୟ




ଜେଏନ୍‌ୟୁ ପ୍ରଫେସରଙ୍କୁ ମାଡ଼ ପ୍ରତିବାଦରେ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ର କଂଗ୍ରେସ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

### ବାଣୀବିହାରରେ ଜେଏନ୍‌ୟୁ ପ୍ରଫେସରଙ୍କୁ ମାଡ଼ ଘଟଣା

- ଥାନା ହାଜତରେ ଅଭିଯୁକ୍ତଦ୍ୱୟଙ୍କୁ ମାଡ଼ ଅଭିଯୋଗ
- ଏବିଭିପି ବିରୋଧରେ ଛାତ୍ର କଂଗ୍ରେସ, ଛାତ୍ର ବିଜେଡିର ପ୍ରତିବାଦ
- ଘଟଣାକୁ ପ୍ରାୟୋଜିତ ହିଂସା କହିଲା ସିଟିଜେନ୍ସ ଫୋରମ୍

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ୍ ହଲ୍‌ରେ ସିଟିଜେନ୍ସ ଫୋରମ୍ ପକ୍ଷରୁ ସେମିନାର ଚାଲିଥିବାବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ସଦସ୍ୟମାନେ ଜେଏନ୍‌ୟୁ ପ୍ରଫେସର, କର୍ମକର୍ତ୍ତା ଓ ଅନ୍ୟ ଅତିଥିଙ୍କୁ ଗାଳିଗୁଲଜ କରି ମାଡ଼ ମାରିବା ଘଟଣାରେ କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଛି। ଏଥିରେ ସମ୍ପୃକ୍ତ ଦୁଇ ପୂର୍ବତନ ଛାତ୍ର ତଥା ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ଶହୀଦନଗର ଥାନା ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ଅନ୍ତର୍ଗତ କୁରୁଡ଼ା ଗ୍ରାମର ମାନସ କୁମାର ସାହୁ (୩୧) ଓ ନୂଆଗାଁ ଗ୍ରାମର ସଞ୍ଜୟ କୁମାର ମଲ୍ଲିକ (୩୨)। ମାମଲା (ନଂ.୫୯/୨୦୨୩)ରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମାନସଙ୍କ ନାମରେ ପୂର୍ବରୁ ୮ଟି ଓ ସଞ୍ଜୟଙ୍କ ନାମରେ ୯ଟି ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ଅନ୍ୟପକ୍ଷରେ ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ଥାନା ହାଜତରେ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏବିଭିପିର ରାଜ୍ୟ ମିଡ଼ିଆ ସଂଯୋଜକ ବିଶ୍ୱଜିତ ପାତ୍ର କହିଛନ୍ତି, ପୋଲିସ ଗୁଣ୍ଡା ସାଜି ଏବିଭିପି ସଦସ୍ୟଙ୍କୁ ମାଡ଼ ମାରିଛି। ଛାତ୍ର ନେତା ସଞ୍ଜୟ କୋର୍ଟରେ ଅଚେତ ହୋଇପଡ଼ିଥିଲେ। ହେଲେ ତାଙ୍କୁ ମେଡିକାଲ ନ ନେଇ ଝାରପଡ଼ା ଜେଲ ପଠାଇ ଦିଆଯାଇଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଏବିଭିପି ସଦସ୍ୟଙ୍କ ଏଭଳି ଆଚରଣକୁ ବିରୋଧ କରି ଛାତ୍ର କଂଗ୍ରେସ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସନ୍ଧ୍ୟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ପ୍ରତିବାଦ କରାଯାଇଥିଲା। ଛାତ୍ର କଂଗ୍ରେସର ୩୦ରୁ ଅଧିକ କର୍ମୀ ଟାୟାର ଜାଳି ନାରାବାଜି ଦେବା ସହ ବିକ୍ଷୋଭ କରିଥିଲେ। ଛାତ୍ର କଂଗ୍ରେସ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି, ବାଣୀବିହାର ପରିସର ଅଶାନ୍ତ କରିବାକୁ ଏବିଭିପି ଚକ୍ରାନ୍ତ କରୁଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଯଶ ଗରିମାକୁ କ୍ଷୁଣ୍ଣ କରିବା ସହ ଏହାର ଚେହେରା ଓ ପରିଚୟକୁ ସାରା ଭାରତରେ ମଳିନ କରାଇବା ଅପପ୍ରୟାସରୁ ଏବିଭିପି ନିବୃତ୍ତ ରହୁ ବୋଲି ଛାତ୍ର କଂଗ୍ରେସ କହିଛି। ସେହିପରି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବା ସହ ପ୍ରତିବାଦ କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ନଷ୍ଟ କରି ଅରାଜକତା ସୃଷ୍ଟି କରିଥିବା ଅଣଛାତ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସେହିପରି ସିଟିଜେନ୍ସ ଫୋରମ ପକ୍ଷରୁ ମଧ୍ୟ ମାଷ୍ଟର କ୍ୟାଣ୍ଟିନଠାରେ ଖବରଦାତା ସମ୍ମିଳନୀ କରାଯାଇ ପ୍ରତିବାଦ କରାଯାଇଥିଲା। ବିଶ୍ୱ ବିଦ୍ୟାଳୟରେ ଏବିଭିପିର ଏହା ପ୍ରାୟୋଜିତ ଗୁଣ୍ଡାରାଜ ଓ ହିଂସା ବୋଲି ଫୋରମ୍ ଅଭିଯୋଗ ଆଣିଛି।

ସୂଚନାଯୋଗ୍ୟ, ରବିବାର ସିଟିଜେନ୍ସ ଫୋରମ ପକ୍ଷରୁ 'ଭାରତ ସମ୍ବିଧାନ ଏବଂ ଶିକ୍ଷାନୀତି' ଉପରେ ରାଜ୍ୟସ୍ତରୀୟ ସେମିନାର୍ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପ୍ରଫେସର ସୁର୍‌ଜିତ ମଜୁମ୍‌ଦାର ବକ୍ତବ୍ୟ ରଖୁଥିବା ସମୟରେ ଏବିଭିପିର ସଦସ୍ୟମାନେ ବିରୋଧ କରିଥିଲେ। ଦେଶ ବିରୋଧୀ ମନ୍ତବ୍ୟ ଦିଆଯାଉଥିବା ଅଭିଯୋଗ ଆଣି ୭ରୁ ଅଧିକ ଏବିଭିପି ସଦସ୍ୟ ଗାଳିଗୁଲଜ କରିବା ସହ ସିଟିଜେନ୍ସ ଫୋରମର ଆବାହକ ପ୍ରଦୀପ୍ତ ନାୟକ, ଜେଏନ୍‌ୟୁ ପ୍ରଫେସର ଓ ଅନ୍ୟ ଅତିଥିଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ହୋଇଥିଲା। ଏନେଇ ପ୍ରଦୀପ୍ତ ନାୟକ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଏବିଭିପି ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ କରାଯାଇଥିଲା।



ଗିରଫ ଏବିଭିପି ସଦସ୍ୟ ମାନସ କୁମାର ସାହୁ ଓ ସଞ୍ଜୟ କୁମାର ମଲ୍ଲିକ।

## ୪ ଦଫା ଦାବି ନେଇ ଅଧ୍ୟାପକଙ୍କ ବିକ୍ଷୋଭ

### ଯୁକ୍ତ ୨, ଯୁକ୍ତ ୩ ପରୀକ୍ଷାରେ ଅସହଯୋଗ ଚେତାବନୀ

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ନିଖିଳ ଓଡ଼ିଶା ୬୬୨ ବର୍ଗ ବେସରକାରୀ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ସୋମବାର ୪ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ହଜାର ହଜାର ଅଧ୍ୟାପକ ଏକାଠି ହୋଇ ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିର ଧାରଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଶିକ୍ଷକ ନେତାମାନେ ସମାନ ଗ୍ରେଡ୍ ପେ ଆଧାରରେ ସମାନ ଦରମା ବୃଦ୍ଧି, ସମସ୍ତଙ୍କୁ ଗ୍ରାଚ୍ୟୁଇଟି ଓ ପେନସନ୍ ପ୍ରଦାନ ସମେତ ୪ଦଫା ଦାବି ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସଂଘ ସଭାପତି ଗୋଲକ ନାୟକଙ୍କ କହିବାନୁସାରେ, ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ ହେବାର ୩୦ବର୍ଷ ପରେ ମଧ୍ୟ ସବୁ କ୍ଷେତ୍ରରେ ବରିଷ୍ଠ ଥିବା ଅଧ୍ୟାପକ ଓ କର୍ମଚାରୀମାନେ ବାରମ୍ବାର ବୈମାତୃକ ମନୋଭାବର ଶିକାର ହୋଇ ଆସୁଛନ୍ତି। ତେଣୁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନିଅନ୍ତୁ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ହସ୍ତକ୍ଷେପ କରନ୍ତୁ ଓ ଏହାର ଆଶୁ ସମାଧାନ କରିବା ପାଇଁ ସଂଘ ଦାବି କରୁଛି। ଯଦି ଏହି ନିଷ୍ପତ୍ତିର ଶୀଘ୍ର ପୁନର୍ବିଚାର କରା ନ ଯାଏ, ତେବେ ଏହି ଆନ୍ଦୋଳନ ଆମରଣ ଅନଶନ ଭଳି କଠୋର ହେବ। ଆବଶ୍ୟକ ପଡ଼ିଲେ ଆଗାମୀ ଯୁକ୍ତ୨ ଓ ଯୁକ୍ତ୩ ବାର୍ଷିକ ପରୀକ୍ଷାରେ ଅସହଯୋଗ କରିବ ଏବଂ ପରବର୍ତ୍ତୀ ସମୟରେ ମୂଲ୍ୟାଙ୍କନ ବର୍ଜନ ଭଳି କଠୋର ନିଷ୍ପତ୍ତି ନିଆଯିବ। ଏହି ବିକ୍ଷୋଭରେ ସଂଘର ଦୁଇ ସାଧାରଣ ସମ୍ପାଦକ ସତାପଉଦ୍ଦିନ୍ ଅହମ୍ମଦ, ଗଗନ ବେଉରା ପ୍ରମୁଖ ସଂଘର ଦାବିକୁ ନେଇ ସରକାରଙ୍କ ଆଭିମୁଖ୍ୟର ପ୍ରତିବାଦ କରିଥିଲେ।



ନିଖିଳ ଓଡ଼ିଶା ୬୬୨ ବର୍ଗ ବେସରକାରୀ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ। (ଫଟୋ: ମନୋରଞ୍ଜନ)

## ୧୬ରୁ ରାଜ୍ୟସ୍ତରୀୟ 'କୃଷି ଓଡ଼ିଶା'

ଭୁବନେଶ୍ୱର, ୧୩।୨(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ।

### 'କୃଷି ଓଡ଼ିଶା ୨୦୨୩' ୱେବ୍‌ସାଇଟ୍ ଲୋକାର୍ପିତ

- ମେଳାରେ ଖୋଲିବ ୧୭୫ ଷ୍ଟଲ୍
- କୃଷକ, କୃଷି ଉଦ୍ୟୋଗୀ, ବିଶେଷଜ୍ଞ ଓ ବୈଜ୍ଞାନିକଙ୍କ ସହ ଆଲୋଚନାଚକ୍ର
- ଅଗ୍ରଣୀ ଚାଷୀ, କୃଷି ଉଦ୍ୟୋଗୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସମ୍ବର୍ଦ୍ଧିତ ହେବେ

କୃଷି ଓ ଆନୁଷଙ୍ଗିକ କୃଷି ସଂକ୍ରାନ୍ତରେ ଚାଷୀଙ୍କୁ ଗୋଟିଏ ଛାତ ତଳେ ସମସ୍ତ ସୂଚନା ଉପଲବ୍ଧ କରିବା ପାଇଁ ଆସନ୍ତା ୧୬ ତାରିଖରୁ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ ରାଜ୍ୟସ୍ତରୀୟ 'କୃଷି ଓଡ଼ିଶା ୨୦୨୩' ଆରମ୍ଭ ହେବ। ଏହା ୩ଦିନ ଧରି ଅର୍ଥାତ୍ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସୋମବାର କୃଷି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏ ସମ୍ପର୍କରେ ସୂଚନା ଦେଇ କହିଲେ, କୃଷିମେଳାରୁ ଚାଷୀଙ୍କଠାରୁ ମିଳୁଥିବା ମତାମତ ଓ ସେମାନଙ୍କର ଅନୁଭୂତିକୁ ଆଧାର କରି ରାଜ୍ୟ ସରକାର କୃଷି କାର୍ଯ୍ୟକ୍ରମ ପ୍ରଣୟନ କରୁଛନ୍ତି। ଚଳିତବର୍ଷର କୃଷି ଓଡ଼ିଶାର ବିଷୟବସ୍ତୁ ରହିଛି 'କୃଷି ବିକାଶରେ ନୂତନ ଜ୍ଞାନକୌଶଳ'। କୃଷି ବିକାଶ ଯୋଜନା ଏବଂ ଆଧୁନିକ ଜ୍ଞାନକୌଶଳ ଓ ଯନ୍ତ୍ରପାତିକୁ କୃଷକଙ୍କ ନିକଟତର କରିବା ପାଇଁ ଚଳିତବର୍ଷ ମଧ୍ୟ ପ୍ରଥମଥର ପାଇଁ ଆଞ୍ଚଳିକ ଓ ପ୍ରତି ଜିଲାରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କରାଯାଉଛି। ମହିଳା ସଶକ୍ତୀକରଣ ନିମନ୍ତେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟର ଚାଷୀମାନେ ବହୁଳ ଭାବରେ ଅଂଶଗ୍ରହଣ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ 'କୃଷି ଓଡ଼ିଶା ୨୦୨୩' ୱେବ୍‌ସାଇଟକୁ ଲୋକାର୍ପଣ କରିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ମେଳା ସମ୍ପର୍କରେ ସୂଚନା ଦେଇଥିବାବେଳେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। 'କୃଷି ଓଡ଼ିଶା'କୁ ୧୬ ତାରିଖ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ଓ ୧୮ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଚଳିତବର୍ଷ କୃଷି ଓଡ଼ିଶାରେ ମୋଟ ୧୭୫ ଷ୍ଟଲ୍‌ରେ କୃଷି ଓ ଆନୁଷଙ୍ଗିକ ସାମଗ୍ରୀ ପ୍ରଦର୍ଶିତ ହେବ। ଏଥିରେ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ମିଶନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଜାତୀୟ ଧାନ ଗବେଷଣା କେନ୍ଦ୍ର, କୃଷି ବିଜ୍ଞାନ କେନ୍ଦ୍ର ଓ ଅନ୍ୟାନ୍ୟ ବୈଷୟିକ ସଂସ୍ଥା, କୃଷି ଉଦ୍ୟୋଗୀ, ବ୍ୟବସାୟିକ ପ୍ରତିଷ୍ଠାନ, କୃଷି ସାମଗ୍ରୀ ବିତରକ, କୃଷି ଉତ୍ପାଦନ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଓଡ଼ିଶା ମିଲେଟ୍ ମିଶନ ଆଦି ସଂସ୍ଥା ଭାଗନେବେ। ଏହି ଅବସରରେ ୧୦ଟି ବିଷୟବସ୍ତୁ ଉପରେ କୃଷକ, କୃଷି ଉଦ୍ୟୋଗୀ, ବିଶେଷଜ୍ଞ ଓ ବୈଜ୍ଞାନିକଙ୍କ ସହ ଆଲୋଚନାଚକ୍ରର ଆୟୋଜନ କରାଯାଇଛି। ଏଥିସହ ରାଜ୍ୟର ୩୦ ଜିଲାର ଅଗ୍ରଣୀ ଚାଷୀ, କୃଷି ଉଦ୍ୟୋଗୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ସୂଚନା ଦିଆଯାଇଛି।

ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। **-ଶ୍ରୀଅରବିନ୍ଦ**

# ଭାରତରେ ଲିଥିୟମ୍

ଖବର ମିଳିଛି ଜମ୍ମୁ ଓ କଶ୍ମୀରର ରିଆସି ଜିଲାରେ ଥିବା ଖଣିରେ ୫.୯ ନିୟୁତ ଟନ୍ ଲିଥିୟମ୍ ଅଛି। ଏହା ଏକ ଅଣ-ଲୌହଯୁକ୍ତ ପଦାର୍ଥ। ଏହି ତେଜସ୍କ୍ରିୟ ଖଣିଜ ପଦାର୍ଥ ସ୍ୱଚ୍ଛ ଶକ୍ତି ଭାବେ ପରିଗଣିତ ହୋଇଥାଏ ଓ ସ୍ୱଳ୍ପ ସ୍ଥାନରେ ପ୍ରଚୁର ପରିମାଣର ଶକ୍ତିକୁ ଗଚ୍ଛିତ କରି ରଖାଯାଇପାରୁଥିବାରୁ ବ୍ୟାଟେରିରେ ଏହାକୁ ପ୍ରମୁଖ ଉପାଦାନ ଭାବେ ବ୍ୟବହାର କରାଯାଇଥାଏ। ମୋବାଇଲ, ଲାପ୍‌ଟପ୍ ଓ ଇଲେକ୍‌ଟ୍ରିକ୍ ଭେହିକିଲ୍ସ (ଇଭି) ସକାଶେ ଏହାର ଯଥେଷ୍ଟ ଆବଶ୍ୟକତା ଥିବାରୁ ଏହି ଶକ୍ତି ଉତ୍ସ ପଛରେ ସାରା ବିଶ୍ୱ ପଡ଼ି ରହିଛି। ଆମେରିକା ଭୂତାତ୍ତ୍ୱିକ ସର୍ଭେ (ୟୁଏସ୍‌ଜିଏସ୍) ତଥ୍ୟ ଅନୁଯାୟୀ ବିଶ୍ୱରେ ୮୦ ନିୟୁତ ଟନ୍ ପରିମାଣର ଲିଥିୟମ୍ ଖଣି ଚିହ୍ନଟ ହୋଇଥିବା ବେଳେ ସେଥିରୁ ମାତ୍ର ୨୨ ନିୟୁତ ଟନ୍ ଖଣି ଉତ୍ତୋଳନ ଉପଯୋଗୀ ହୋଇପାରିଛି। ବିଶ୍ୱରେ ଗଚ୍ଛିତ ଲିଥିୟମର ଅଧାରୁ ଅଧିକ ଦକ୍ଷିଣ ଆମେରିକୀୟ ଦେଶରେ ରହିଛି। ତେବେ ଲିଥିୟମ୍-ଆୟନ୍ ବ୍ୟାଟେରି ଉତ୍ପାଦନରେ ଚାଇନା ଆଗରେ ରହିଛି। ଭାରତ ଏହି ଖଣିଜ ପଦାର୍ଥର ବହୁଳ ପରିମାଣ ଆମଦାନୀ କରି ଚାହିଦା ମେଣ୍ଟାଉଛି।

ଏବେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ସମଗ୍ର ପୃଥିବୀ ପାଇଁ ବିପଦ ଭାବେ ଉଭା ହୋଇଛି। ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ପ୍ରଦୂଷଣକାରୀ ପଦାର୍ଥରୁ ରକ୍ଷାପାଇବା ଲାଗି ମଣିଷ ବିକଳ୍ପ ଶକ୍ତି ଉତ୍ସ ସନ୍ଧାନ କରିଚାଲିଛି। ଲିଥିୟମ୍ ପରିବେଶ ଅନୁକୂଳ ଧାତୁ ଓ ଅଳ୍ପ ପରିମାଣରୁ ଅଧିକ ଶକ୍ତି ଏଥିରୁ ମିଳିପାରୁଥିବାରୁ ଯେଉଁ ଦେଶରେ ଏହାକୁ ଠାବ କରାଯାଉଛି, ସେହି ରାଷ୍ଟ୍ର ଧନୀ ହେଉଛନ୍ତି ବୋଲି କୁହାଯାଉଛି। କିନ୍ତୁ ଭାରତରେ ଲିଥିୟମ୍ ଖନନରୁ ଆସିବାକୁ ଥିବା ଧନ ଦେଶବାସୀଙ୍କ ପାଖରେ ପହଞ୍ଚିବ ନାହିଁ। କ୍ଷମତାସୀନ ବ୍ୟକ୍ତିଙ୍କ ନିକଟତର ଘରୋଇ କମ୍ପାନୀକୁ ସୁନିଶ୍ଚିତ ଉତ୍ତୋଳନ ଦାୟିତ୍ୱ ମିଳିବ ଏବଂ ବିନା ଦ୍ୱନ୍ଦ୍ୱରେ କହିହେବ ଯେ, ଦେଶର ଦୁଇରୁ ଚାରିଟି ପରିବାର ଅପର୍ଯ୍ୟାପ୍ତ ଧନର ମାଲିକ ପାଲଟିବେ। ଏଥିସହିତ ଲିଥିୟମ୍ ଉତ୍ତୋଳନ ଏକ କଠିନ ବ୍ୟାପାର। ଉପଯୁକ୍ତ ପ୍ରଯୁକ୍ତି ବ୍ୟବହାର କରାଯାଇ ଦକ୍ଷତାର ସହିତ ଉତ୍ତୋଳନ କରାଯାଇ ନ ପାରିଲେ ତାହା ଅର୍ଥନୈତିକ ଓ ପରିବେଶଗତ କ୍ଷତି ପହଞ୍ଚାଇଥାଏ। ଜମ୍ମୁ ଓ କଶ୍ମୀର କଥା ଦେଖିଲେ ରିଆସି ଅଞ୍ଚଳ ହିମାଳୟ ପରିବେଷ୍ଟିତ ହୋଇଥିବାରୁ ତାହା ପରିବେଶ ଦୃଷ୍ଟିକୋଣରୁ ଭଙ୍ଗୁର ବା ନରମା ରହିଛି। ତେଣୁ ସେଠାରୁ ବୈଜ୍ଞାନିକ ଉପାୟରେ ଖନନ ନ ହେଲେ ଅଧିକ କ୍ଷତି ଘଟାଇବ। ଭାରତ ଗବେଷଣା ଓ ବିକାଶ (ଆର୍ ଅଣ୍ଡ୍ ଡି)କୁ ସେଭଳି ଗୁରୁତ୍ୱ ଦେଉ ନ ଥିବାରୁ ହୁଣ୍ଡା ଭାବେ ସେହି ଇଲାକାକୁ ଖୋଳିଚାଲିଲେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ହେବା ଥୟ। ୨୦୨୧ରେ କର୍ନାଟକରେ ସ୍ୱଳ୍ପ ପରିମାଣର ଲିଥିୟମ୍ ଗଚ୍ଛିତ ଥିବା ଭଣ୍ଡାରର ସନ୍ଧାନ ମିଳିଥିଲା। କିନ୍ତୁ ତାହାକୁ ବ୍ୟବହାର ଉପଯୋଗୀ ସ୍ତରକୁ ଅଣାଯାଇପାରି ନାହିଁ। ପୁନଶ୍ଚ କୁହାଯାଇପାରେ ଯେ, ଜମ୍ମୁ ଓ କଶ୍ମୀରରେ ପ୍ରଚୁର ପରିମାଣର ଲିଥିୟମ ଗଚ୍ଛିତ ଥିବା ଜଣାପଡ଼ିବା ପରେ ଦେଶର ବୃହତ୍ କର୍ପୋରେଟ୍ ସଂସ୍ଥା ତାହାକୁ ହାତେଇବା ପାଇଁ ଲାଗିପଡ଼ିପାରନ୍ତି। ଭାରତରେ ବଡ଼ ଶିଳ୍ପ ସଂସ୍ଥା ସହ ସରକାରଙ୍କ ସମ୍ପର୍କ ଉତ୍ତମ ଥିବାରୁ ଏ ଦିଗରେ ଅନୁମତି ମିଳିବା ସହଜ ହୋଇପାରେ। କିନ୍ତୁ ସରକାର ସେହି ଭୁଲ୍ କରିବସିଲେ ପରିବେଶଗତ ବିପଦ ଅଧିକ ଘନୀଭୂତ ହେବ। ଘରୋଇ ସଂସ୍ଥାଗୁଡ଼ିକ ମନଇଚ୍ଛା ଉତ୍ତୋଳନ କରିବା ପାଇଁ ଲାଗିପଡ଼ି ସମ୍ପୃକ୍ତ ଅଞ୍ଚଳକୁ ଛାରଖାର କରିଦେବେ। ତେଣୁ ସରକାର ଏଭଳି ମୂଲ୍ୟବାନ ଧାତୁକୁ ନିଜ ନିୟନ୍ତ୍ରଣ ଭିତରେ ରଖି ଉତ୍ତୋଳନ କରିବା ଦରକାର। ପ୍ରଥମେ ଏହାର ଖନନ ଲାଗି ଆର୍ ଆଣ୍ଡ୍ ଡି ବ୍ୟବସ୍ଥା କରାଯାଉ। ଲିଥିୟମ୍ ସମୃଦ୍ଧ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ବଲିଭିଆ, ଆର୍ଜେଣ୍ଟିନା ଓ ଚିଲି ସହ ଭାରତ ଯୋଗାଯୋଗ କରିବା ଦରକାର। ଚିଲି ରାଷ୍ଟ୍ରପତି ଗାବ୍ରିଏଲ୍ ବୋରିକ୍ ଫଣ୍ଟ୍ ଲିଥିୟମ୍ ଗଚ୍ଛିତ ଅଞ୍ଚଳକୁ ସରକାରୀ ନିୟନ୍ତ୍ରଣାଧୀନ କରିଛନ୍ତି। ଏଥିଲାଗି ଏକ ଜାତୀୟ ଲିଥିୟମ୍ ସଂସ୍ଥା ପ୍ରତିଷ୍ଠା କରିବାକୁ ରାଷ୍ଟ୍ରପତି ପ୍ରସ୍ତାବ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ଘରୋଇ କମ୍ପାନୀକୁ କ୍ଷୁଦ୍ର ଭାଗୀଦାରି ଭାବେ ଗ୍ରହଣ କରାଯାଇପାରେ ବୋଲି ସେ କହିଛନ୍ତି। କାରଣ ପରିବେଶ ସଂରକ୍ଷଣ ତାଙ୍କ ପାଇଁ ଅଧିକ ଗୁରୁତ୍ୱ ବହନ କରୁଥିବା ଫଣ୍ଟ୍ ଦର୍ଶାଇଛନ୍ତି। ଚିଲି ରାଷ୍ଟ୍ରପତିଙ୍କ ଚିନ୍ତାଧାରାକୁ ଭାରତ ଗ୍ରହଣ କରିବା ଦରକାର। କାରଣ ଏହି ଧାତୁ ପ୍ରତି ପ୍ରବଳ ଲୋଭ ରହୁଥିବାରୁ ଘରୋଇ କମ୍ପାନୀଙ୍କ ହସ୍ତକ୍ଷେପ ବିଡ଼ମ୍ବନା ସୃଷ୍ଟି କରିପାରେ। ଏଠାରେ ଆହୁରି ମନେରଖିବାକୁ ହେବ ଯେ, ଜମ୍ମୁ ଓ କଶ୍ମୀର ଏଭଳି ଏକ ପ୍ରାନ୍ତ ଯାହାକୁ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ସହ ତୁଳନା କରିହେବ ନାହିଁ। କେବଳ ପରିବେଶ ସୁରକ୍ଷାରେ ସମସ୍ୟା ସୀମିତ ରହିବ ନାହିଁ। ଲିଥିୟମ୍ ଖନନ ବେଳେ ଅନେକ ରାଜନୈତିକ ସମସ୍ୟା ଉପୁଜିବା ସୁନିଶ୍ଚିତ ମନେହେଉଛି।

ମଣିଷର ଲୋଭ ଉତ୍ତରାଖଣ୍ଡର ଜୋଷୀମଠକୁ କେଉଁଭଳି ସ୍ତରକୁ ନେଇ ଆସିଛି ତାହା ଦେଶବାସୀ ଦେଖିଲେ। ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନକୁ ରୋକିବା ଲାଗି ସ୍ୱଚ୍ଛ ଶକ୍ତିର ବ୍ୟବହାର ଆବଶ୍ୟକ ହୋଇପଡ଼ିଲାଣି। କିନ୍ତୁ ବିକଳ୍ପ ଉପଯୋଗିତା ପାଇଁ ଧାଇଁ ଯଦି ତରବରିଆ ଭାବେ ପଦକ୍ଷେପ ନିଆଯିବ, ତେବେ ସ୍ଥିତି ଆହୁରି ସଙ୍ଗିନ ହୋଇଯିବ। ଲିଥିୟମ୍ ଭଣ୍ଡାର ଠାବ ହେବା ଦେଶ ପାଇଁ ଶୁଭ ଖବର। କିନ୍ତୁ ତାହାକୁ ବ୍ୟବହାର ଉପଯୋଗୀ କରିବା ସ୍ତରକୁ ଆଣିବା ସକାଶେ ସରକାରଙ୍କୁ ଅଧିକ ଦାୟିତ୍ୱବାନ୍ ହେବାକୁ ପଡ଼ିବ।



# ଅମୃତକାଳରେ ଚାଷୀ କେଉଁଠି

ବିଚିତ୍ର ବିଶ୍ୱାଳ

୨୦୨୩ର ବଜେଟ ଯଦି ଆସନ୍ତା ୨୫ବର୍ଷ ମଧ୍ୟରେ ଆସିବାକୁ ଥିବା ଅମୃତକାଳକୁ ଏକ ରାସ୍ତା, ତେବେ ବୁଝିବାକୁ ହେବ ଯେ, ଏହି ଇପ୍‌ସିତ ଅମୃତକାଳର ପରିକଳ୍ପନାରେ ଚାଷ ଓ ଚାଷୀ ନାହାନ୍ତି। ଦେଶରେ ଥିବା ବିଷମତାକୁ ନେଇ ଯେଉଁ ଇଣ୍ଡିଆ ଓ ଭାରତର ତତ୍ତ୍ୱ ବ୍ୟବହାର କରାଯାଏ, ସେହି ଅନୁସାରେ ଅମୃତକାଳ କେବଳ ଇଣ୍ଡିଆ ପାଇଁ, ଭାରତ ପାଇଁ ନୁହେଁ। କାରଣ ଭାରତ ଜନସଂଖ୍ୟାର ସିଂହଭାଗ ଚାଷୀମାନଙ୍କର ପରିସ୍ଥିତି ବଦଳିବା ପରି ବଜେଟରେ ବିଶେଷ କିଛି ନାହିଁ। ଏହି ବଜେଟରେ ପୁଞ୍ଜି ଖର୍ଚ୍ଚ, ଆର୍ଥିକ ଐକୀକରଣ, ନିରନ୍ତର ଅଭିବୃଦ୍ଧି ଆଦି ପ୍ରତିଶ୍ରୁତିକୁ ନେଇ ହୋହଲ୍ଲା ଶୁଣାଯାଉଥିବାବେଳେ ଅପରପାର୍ଶ୍ୱରେ ଚାଷୀଙ୍କ ପରିସ୍ଥିତିର ପରିବର୍ତ୍ତନ ବିଷୟରେ ବଜେଟ ନୀରବତା ଅବଲମ୍ବନ କରୁଛି।

ଗ୍ରାମାଞ୍ଚଳର ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। କିନ୍ତୁ କାହିଁକି ସେମାନଙ୍କ ରୋଜଗାର ବୃଦ୍ଧି ବିଷୟରେ ବଜେଟରେ କିଛି କୁହାଯାଇନାହିଁ, ତାହା ବୁଝିବା ବାହାରେ। ଯେତେବେଳେ ନିରନ୍ତର ଆର୍ଥିକ ଅଭିବୃଦ୍ଧି କଥା କୁହାଯାଉଛି, ସେତେବେଳେ ଜନସଂଖ୍ୟାର ସିଂହଭାଗ ଲୋକଙ୍କୁ ଛାଡ଼ି ଏହା କିପରି ସମ୍ଭବ ହେବ? ଗ୍ରାମାଞ୍ଚଳ ଭାରତ, ଯେଉଁଠି ଚାଷୀମାନେ ବସବାସ କରନ୍ତି, ସେମାନେ ଏହି ଅଭିବୃଦ୍ଧିର ବାହାରେ ରହିଯିବେ।

ଚାଷକ୍ଷେତ୍ରରେ ଆଖିଦୃଶିଆ ପୁଞ୍ଜିନିବେଶ ଓ ଚାଷୀଙ୍କ ରୋଜଗାର ସୁରକ୍ଷା ବିନା ଚାଷୀମାନଙ୍କର ଭାଗ୍ୟରେ ପରିବର୍ତ୍ତନ ହୋଇପାରିବ ନାହିଁ। ଚାଷ କ୍ଷେତ୍ରରେ ପୁଞ୍ଜି ନିବେଶର କଥା ଯେତେବେଳେ କୁହାଯାଉଛି, ତାହା କେବଳ ଚାଷୀମାନଙ୍କୁ ଋଣ ଯୋଗାଇଦେବା ନୁହେଁ। କାରଣ ଚାଷ ଉପକରଣ ତଥା ଯନ୍ତ୍ରପାତି ପାଇଁ ଯୋଗାଇ ଦିଆଯାଉଥିବା ଋଣର ଅସଲ ଲାଭ ନେଉଛନ୍ତି ଉପକରଣ ବିକ୍ରେତା କମ୍ପାନୀଗୁଡ଼ିକ। ତେଣୁ ସେସବୁ ବ୍ୟୟ ଅଟକଳକୁ ଚାଷୀଙ୍କ ପାଇଁ ତଥା ଚାଷ କ୍ଷେତ୍ରରେ ବ୍ୟୟ ବରାଦ ବୋଲି କହିବା ସତ୍ୟର ଅପଳାପ। ଗତ କିଛି ବର୍ଷର ବଜେଟକୁ ଲକ୍ଷ୍ୟକଲେ ଦେଖାଯାଏ, ସର୍ବସାଧାରଣ କ୍ଷେତ୍ରରେ ପୁଞ୍ଜି ନିବେଶ ନିୟମିତ ଭାବେ କମି ଚାଲିଛି ନ ହେଲେ ସ୍ଥିର ଅଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ତଥ୍ୟ ଅନୁସାରେ ୨୦୧୧-୧୨ରୁ ୨୦୧୭-୧୮ ମଧ୍ୟରେ ସର୍ବସାଧାରଣ କ୍ଷେତ୍ରରେ ପୁଞ୍ଜିନିବେଶ ଜିଡିପିର ୦.୩ ରୁ ୦.୪ ପ୍ରତିଶତ ମଧ୍ୟରେ ଥିବା ବେଳେ ଏହି ସମୟ ମଧ୍ୟରେ ଶିଳ୍ପସଂସ୍ଥାଗୁଡ଼ିକୁ ଯେତିକି ଆର୍ଥିକ ଛାଡ଼ ଦିଆଯାଇଛି ତାହା ଜିଡିପିର ୫.୫ ପ୍ରତିଶତ। ଏହି ଗୋଟିଏ ପରିସଂଖ୍ୟାନରୁ ଅନୁମାନ କରାଯାଇପାରେ ଚାଷ କ୍ଷେତ୍ର ଯେଉଁଥିରେ ପାଖାପାଖି ୫୦% ଶ୍ରମଶକ୍ତି ନିୟୋଜିତ ତାହା କାହିଁକି ଅବହେଳିତ। ଏଥିସହ ୨୦୨୩ର ଅର୍ଥନୈତିକ ସର୍ଭେ ରିପୋର୍ଟ କହୁଛି, ୨୦୨୦-୨୧ରେ କୃଷିକ୍ଷେତ୍ରରେ କରାଯାଇଥିବା ପୁଞ୍ଜି ଏ ଦଶନ୍ଧିରେ ସର୍ବନିମ୍ନ।



ଏଥିରୁ ବୁଝିହେଉଛି ଯେ, ଚାଷ ଓ ଚାଷୀ ସରକାରଙ୍କ ପ୍ରାଥମିକତା ତାଲିକାରେ ନାହାନ୍ତି। ଚଳିତ ବର୍ଷ ବଜେଟରେ କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ର ପାଇଁ ଯେତିକି ବ୍ୟୟ ବରାଦ ହୋଇଛି, ତାହା ପ୍ରମାଣ କରୁଛି ଯେ ସରକାରଙ୍କ ଅମୃତକାଳରେ ଚାଷ ଓ ଚାଷୀ ନାହାନ୍ତି। ଦେଶକୁ ଯଦି ସତରେ ଅମୃତକାଳକୁ ନେବାର ଅଛି ତେବେ କୃଷିକ୍ଷେତ୍ରର ଅର୍ଥନୈତିକ ବିକାଶ ପାଇଁ ବ୍ୟବସ୍ଥା କରିବାକୁ ହେବ।

ଚଳିତ ବର୍ଷ ବଜେଟରେ କୃଷିକ୍ଷେତ୍ରର ଭାଗକୁ ସମୁଦାୟ ବଜେଟର ୩.୨୦ ପ୍ରତିଶତକୁ କମେଇ ଦିଆଯାଇଛି। ପୂର୍ବ ବର୍ଷ ଏହା ୩.୮ ପ୍ରତିଶତ ଥିଲା। ଚଳିତ ବର୍ଷ କୃଷି କ୍ଷେତ୍ର ପାଇଁ ୧.୨୫ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଗତ ବର୍ଷ ସଂଶୋଧିତ ବଜେଟରେ ଏହାର ପରିମାଣ ୧.୫୧ ଲକ୍ଷ କୋଟି ଟଙ୍କା ଥିଲା। ୨ ବର୍ଷ ତଳେ ୨୦୨୧ ବଜେଟରେ କୃଷିକ୍ଷେତ୍ର ପାଇଁ ବ୍ୟୟ ବରାଦର ପରିମାଣ ଥିଲା ୧.୪୮ ଲକ୍ଷ କୋଟି ଟଙ୍କା। ପରିସଂଖ୍ୟାନରୁ ଜଣାପଡୁଛି, କୃଷିକ୍ଷେତ୍ରର ବଜେଟକୁ ସ୍ଥିର ରଖାଯାଉଛି ନ ହେଲେ କମ୍ କରାଯାଉଛି। ବର୍ଷକୁ ବର୍ଷ ହେଉଥିବା ମୁଦ୍ରାସ୍ଫୀତିକୁ ଦେଖିଲେ ନିୟମ ଦୃଷ୍ଟିରୁ ପରବର୍ତ୍ତୀ ବର୍ଷର ବଜେଟର ପରିମାଣ ପୂର୍ବବର୍ତ୍ତୀ ବର୍ଷଠାରୁ ଅଧିକ ହେବା କଥା। କିନ୍ତୁ କୃଷି କ୍ଷେତ୍ରରେ ଏହାର ଓଲଟା ଦେଖାଯାଉଛି। ଧୀରେ ଧୀରେ ବଜେଟକୁ କମେଇ ଦିଆଯାଉଛି। ତା'ହେଲେ ଚାଷୀମାନେ କ'ଣ ସରକାରଙ୍କ ବିକାଶ ଯୋଜନାର ହିତାଧିକାରୀ ନୁହନ୍ତି? ଏଥିସହ ଚଳିତ ବର୍ଷ ବଜେଟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପରିମାଣକୁ ୧୨% କମେଇ ଦିଆଯାଇଛି। ପ୍ରତି ବର୍ଷ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ବଢୁଛି ଓ ସେହି ହିସାବରେ ଫସଲ ହାନିର ପରିମାଣ ବି ବଢୁଛି। କିନ୍ତୁ ସରକାର ଫସଲ ବୀମା ଯୋଜନାରେ ବଜେଟ କମ୍ କରିଛନ୍ତି। ସେହିପରି ପିଏମ୍ କିଷାନ ଯୋଜନାର ପରିମାଣକୁ ମଧ୍ୟ ୧୩% କମେଇ ଦିଆଯାଇଛି। ଚାଷୀମାନଙ୍କୁ ଫସଲର ମୂଲ୍ୟ ଯୋଗାଇବାକୁ ନିଶ୍ଚିତ କରୁଥିବା ପିଏମ୍ ଆଶା ଯୋଜନା ଯାହା ଚାଷୀମାନଙ୍କୁ ତୈଳବୀଜ ଓ ଡାଲିଜାତୀୟ ଫସଲର ଉଚିତ ମୂଲ୍ୟ ମିଳିବାକୁ ନିଶ୍ଚିତ କରୁଥିଲା ଏବଂ ପିଏସ୍‌ଏସ୍-ଏମ୍‌ଆଇଏସ୍ ଯୋଜନା, ଯାହା ଚାଷୀମାନଙ୍କୁ ବଜାର ସହାୟତା ପ୍ରଦାନ କରୁଥିଲା, ସେଥିରେ ବ୍ୟୟ ବରାଦ ବହୁତ କମ୍ ରଖାଯାଇଛି। ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ବଜେଟ ନୀରବତା ଅବଲମ୍ବନ କରୁଛି। ଦିଲ୍ଲୀର ଚାଷୀ ଆନ୍ଦୋଳନ ଯୋଗୁ ତିନୋଟି କଳା ଆଇନକୁ ହଟେଇ ଦିଆଯିବା ପରେ ଚାଷୀମାନେ ସମସ୍ତ ପ୍ରକାର ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ଭାବେ ନିଶ୍ଚିତ କରିବା ପାଇଁ ଦାବିକରି ଆସୁଛନ୍ତି। ଯଦିଓ ସରକାର ପ୍ରତି ବର୍ଷ ୨୩ଟି ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରୁଛନ୍ତି, କିନ୍ତୁ ତାହା କାଗଜରେ ସୀମିତ ରହିଯାଉଛି। ବଜେଟରେ ଏହାର କିଛି ଝଲକ୍ ନାହିଁ। କୃଷକ ପରିବାରର ପରିସ୍ଥିତି ଆକଳନ ସର୍ଭେ-୨୦୧୯ ଅନୁସାରେ ଉଭୟ କୃଷି ଓ ଅଣକୃଷି କାର୍ଯ୍ୟକୁ ମିଶାଇ ଗୋଟିଏ ଚାଷୀ ପରିବାରର ହାରାହାରି ବାର୍ଷିକ ଆୟ ମାତ୍ର ୧୦,୨୧୮ ଟଙ୍କା। ବର୍ତ୍ତମାନର ଦରଦାମ ବୃଦ୍ଧି ସମୟରେ ଗୋଟିଏ ଚାଷୀ ପରିବାର ପାଇଁ ଏହି ପରିମାଣ କିଛି ବି ନୁହେଁ। ଏପରି ପରିସ୍ଥିତିରେ ଯଦି ଚାଷୀମାନଙ୍କ ଫସଲର ଉଚିତ ମୂଲ୍ୟ ମିଳିବା ଉପରେ ଗୁରୁତ୍ୱ ଦିଆ ନ ଯାଏ, ତେବେ ଏହା ସେମାନଙ୍କର ଅବସ୍ଥାକୁ ଆହୁରି ବିପନ୍ନ କରିଦେବ।

ଏଥର ବଜେଟରେ ୧୦ ହଜାରଟି ଜୈବିକ ସମ୍ବଳ କେନ୍ଦ୍ର ପାଇଁ ବ୍ୟବସ୍ଥା ହୋଇଛି ଏବଂ ଆସନ୍ତା ୩ବର୍ଷରେ ୧ କୋଟି ଚାଷୀ ପରିବାରଙ୍କୁ ରାସାୟନିକ ଚାଷରୁ ଜୈବିକ ଚାଷକୁ ଫେରେଇ ଆଣିବାର ପ୍ରତିଶ୍ରୁତି ଦିଆଯାଇଛି। ଚଳିତ ବର୍ଷ ଅନ୍ତର୍ଜାତୀୟ କ୍ଷୁଦ୍ର ଶସ୍ୟର ବର୍ଷ ହୋଇଥିବାରୁ ସରକାର ଅଧିକ ପୋଷକତତ୍ତ୍ୱଯୁକ୍ତ ଓ ପରିବେଶ ଦୃଷ୍ଟିରୁ ସୁରକ୍ଷିତ କ୍ଷୁଦ୍ରଶସ୍ୟ ଚାଷକୁ ପ୍ରାଧାନ୍ୟ ଦିଆଯିବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଏସବୁ ପାଇଁ ପ୍ରଥମେ ଚାଷୀର ଉତ୍ପାଦନକୁ ଉଚିତ ମୂଲ୍ୟ ପ୍ରଦାନ କରିବାକୁ ହେବ। ଯେପର୍ଯ୍ୟନ୍ତ ସରକାର ଭିନ୍ନ ଭିନ୍ନ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ଭାବେ କଡ଼ାକଡ଼ି ପାଳନ କରିନାହାନ୍ତି, ସେପର୍ଯ୍ୟନ୍ତ ଯାହା ଯୋଜନା କଲେ ବି ତାହା କାର୍ଯ୍ୟରେ ରୂପାନ୍ତରିତ ହେବା କଷ୍ଟକର। ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଓ ପରିବେଶ ଦୃଷ୍ଟିରୁ ଉପଯୋଗୀ କରିବା ହିଁ ଏକ ଭବିଷ୍ୟତମୁଖୀ ଚାଷ ବ୍ୟବସ୍ଥାର ପ୍ରଥମ ପାହାଚ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଏ ଉଭୟ ଏହି ବଜେଟରେ ନାହିଁ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ-୯୪୩୮୪୬୮୪୭୪**



# ଭଲମଣିଷଙ୍କ ନିୟତି

ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଏବେ ଏକ ବିଚିତ୍ର ପରିବେଶ ଆଉ ପରିସ୍ଥିତି ମଧ୍ୟରେ ଆଗେଇ ଚାଲିଛି ଏଇ ଦୁନିଆ। ଏଇଠି ଭଲ ମଣିଷଟିଏ ବାରମ୍ବାର ଅବହେଳିତ ତଥା ଅପମାନିତ ହୋଇ ଚାଲିଥିବା ବେଳେ, 'ବିଷକୁମ୍ଭଂ ପୟୋମୁଖମ୍' ପ୍ରକୃତିର କୁଟିଳ ମଣିଷମାନେ ପାଇ ଚାଲିଛନ୍ତି ସାମାଜିକ ପ୍ରତିଷ୍ଠା ଆଉ ସମ୍ମାନ। ଆଜିକାର ସମୟ ହେଉଛି ସ୍ୱାର୍ଥସର୍ବସ୍ୱ ମଣିଷମାନଙ୍କର, ପରଛିଦ୍ରାନ୍ୱେଷଣକାରୀ ମାମଲତକାରମାନଙ୍କର। 'ଅନାହୁତଃ ପ୍ରବିଶତି, ଅପୃଷ୍ଟୋ ବହୁ ଭାଷତେ' ହେଉଛି ସେମାନଙ୍କର ମାନସିକତା। କମ୍ ଶୁଣିବେ, ବେଶି କଥା ହାଙ୍କିବେ। ଅଯଥାରେ ମୁଣ୍ଡ ପୂରେଇବେ ପରକଥାରେ। ସଜ ମାଉଁସରେ ଅଂଶେଇ ପକେଇ ପାରୁଥିବା ଏଇ ଅମଣିଷମାନେ ପ୍ରତିଟି ଘଟଣାକୁ ଏପରି ମାଲ୍‌ମସଲା ଦେଇ ବର୍ଣ୍ଣନା କରିବେ, ଯେପରିକି ସେମାନେ ହିଁ ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ। ତା' ଉପରେ ପୁଣି ଅବିଚାରିତ ଭାବେ ଦେଇଚାଲିଥିବେ ଏଣ୍ଡୁତେଣ୍ଡୁ ବାଜେ ମତ ଓ ମନ୍ତବ୍ୟ, ଯାହାର କିଛି ଆଦର୍ଶଗତ କି ସାମାଜିକ ଭିତ୍ତିଭୂମି ହିଁ ନଥିବ। ସେଥିରେ କାହାର ମାନସିକ ଏବଂ/ଅଥବା ପାରିବାରିକ କି ସାମାଜିକ ଜୀବନ ଉପରେ କି ପ୍ରକାର ପ୍ରଭାବ ପଡୁଛି, ସେସବୁ ବିଚାର କରିବାକୁ ସେମାନଙ୍କ ପାଖରେ କୋଉଠି ସମୟ ଅଛି ଯେ ସେମାନେ ଦେଖିବେ କି ଜାଣିବେ? ଏଇ ଟାଉଟରମାନେ ଆଜିକାଲି ଗାଆଁଠୁ ସହର ସବୁଠି ମିଳିଯାଉଛନ୍ତି ବହୁ ପରିମାଣରେ, ଯେଉଁମାନଙ୍କ ଜୀବନାଦର୍ଶ ହିଁ ହେଉଛି ନେଗେଟିଭିଟି। ଏମିତି ଲୋକମାନଙ୍କ ଆଖିକୁ କେବେହେଲେ ଦେଖାଯାଏନାହିଁ ଭଲକଥା କି ଭଲକାମ କିଛି ହେଲେ। ଏମାନେ ସବୁ ହେଉଛନ୍ତି ଜଣେ ଜଣେ ବର୍ଣ୍ଣାନ୍ଧ, ଯାହାଙ୍କ ଆଖିକୁ ଦେଖାଯାଏ ନାହିଁ ସୁନ୍ଦର ପୃଥିବୀ। ଅନ୍ୟର ଜୀବନରେ ବିଷ ଗୋଳିଦେବା ଏମାନଙ୍କ ପାଇଁ ଏକ ସାଧାରଣ କଥା। ତାଙ୍କ କୁମନ୍ତ୍ରଣାର ଫଳଶ୍ରୁତି ହେଉଛି ଯାବତୀୟ ସାମାଜିକ ବିଭ୍ରାଟ। ଏମିତି ହୀନକର୍ମା ମଣିଷଠାରୁ ସମ୍ବେଦନା କି ସହାନୁଭୂତି ଆଶା କରିବା ବୃଥା। ଠିକେ ଠିକେ କହିବାକୁ ଗଲେ ମାନବିକତା ଏବଂ ମାନବ ଜାତି ପାଇଁ ଏମାନେ ସମସ୍ତେ ହେଉଛନ୍ତି ଶତ୍ରୁ। ଏମାନଙ୍କୁ ଭସ୍ମାସୁର କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆହୁରି ମଧ୍ୟ ଦ୍ୱେଷଦର୍ଶୀ ହୋଇ ଗଲେଣି ଆଜିକାର ଲୋକଙ୍କ ମଧ୍ୟରୁ ଅନେକେ। ସର୍ବାଧିକ କହିଲେ ବି ଅତ୍ୟୁକ୍ତି ହେବନାହିଁ। ସ୍ଥାନ-କାଳ-ପାତ୍ର କିଛି ହିଁ ଭେଦାଭେଦ ନରଖି ସଦାବେଳେ ସେମାନେ ଏମିତି ହେଉଥା'ନ୍ତି, ଯେମିତି ହୁଏ ମାଛି। ସେଇଠି ଅମୃତତୁଲ୍ୟ ଖାଦ୍ୟ ଦରବରେ ବସି ରସ ଆସ୍ୱାଦନ କରୁଥିବ ମାଛି, ହେଲେ ସୁଯୋଗ ପାଇଲେ ଚଟାପଟ୍ ଉଡ଼ିଯାଇ ବସି ପଡ଼ିବ ଘାଆରେ। ଏଥିରୁ କି ସ୍ୱର୍ଗୀୟ ସୁଖ ପାଏ ମାଛି? ତାହା କେବଳ ମାଛିକୁ ହିଁ ଜଣା। କିନ୍ତୁ ଆଜିକାଲି ଆମ ସମାଜରେ ଏମିତି ମାଛି ପ୍ରକୃତିର ମଣିଷମାନଙ୍କର ପ୍ରାବଲ୍ୟ ବେଶି। ନିଜର କୁଟିଳ ମାମଲତକାରୀ ବୁଦ୍ଧିବିଦ୍ୟାରେ ପରଘର ଭାଙ୍ଗିବାରେ ଖୁବ୍ ଓସ୍ତାଦ୍ ଏଇ ନରାଧମମାନେ। କୌରବର ଖାଇ ପାଣ୍ଡବର ମଙ୍ଗଳ ଚିନ୍ତା କରୁଥିବା ଜଣେ ଜଣେ ଘରଭଙ୍ଗା ଶକୁନି ଏମାନେ ସମସ୍ତେ। ଆପଣାର ନିହିତ ସ୍ୱାର୍ଥ ସାଧନ ପାଇଁ ଏମାନେ ଅଚିରେ ଧ୍ୱସ୍ତବିଧ୍ୱସ୍ତ କରିଦେଇପାରନ୍ତି ଗୋଟିଏ ସୁଖଶାନ୍ତି, ଧନବୈଭବ ପରିପୂର୍ଣ୍ଣ ସମୃଦ୍ଧ ସାମ୍ରାଜ୍ୟକୁ, ସମୁନ୍ନତ ସଭ୍ୟତାକୁ, ମହାନ୍ ସଂସ୍କୃତିକୁ। ଏଇମାନେ ଦେଶ ଦୁନିଆରୁ ନିରନ୍ତର ନଷ୍ଟଭ୍ରଷ୍ଟ କରି ଚାଲିଥା'ନ୍ତି ଶାନ୍ତିମୈତ୍ରୀ, ସାମାଜିକ ସଂହତି ଓ ସୌହାର୍ଦ୍ଦ୍ୟ। ଲଜ୍ଜାର ବିଷୟ ହେଲା, ସଦାବେଳେ ମାନବ ସମାଜର ଆଗଧାଡ଼ିରେ ରହି ଆସୁଛନ୍ତି ଏଇ ଘରଭାଙ୍ଗୁ, ଦ୍ୱେଷଦର୍ଶୀ, ପରଶ୍ରୀକାତର ମଣିଷମାନେ, ଯେଉଁମାନଙ୍କ ଜୀବନର ଆଦର୍ଶ ହେଉଛି କେବଳ ଅନ୍ୟର ଅମଙ୍ଗଳ ତଥା ଅନିଷ୍ଟ ଚିନ୍ତା। ଧାନରୁ ଚାଉଳ ବାହାର କରିବା କି ଚାଉଳରୁ ଗୋଡ଼ି ବାଛି ବାହାର କରିବାଟା ଗୋଟେ ସାଧାରଣ କଥା। କିନ୍ତୁ ସମାଜରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଚାଉଳରୁ ମଧ୍ୟ ଧଡ଼ାଧଡ଼ ବାହାର କରିପକେଇବେ ମଞ୍ଜି। ଧିକ୍ ସେମାନଙ୍କ ପାରିବାପଣକୁ। ହଇହୋ ବାବୁ, ଚାଉଳରେ କ'ଣ ମଞ୍ଜି ଥାଏ? ସତ୍ୟାସତ୍ୟ, ଭଲମନ୍ଦ କିଛି ନ ଦେଖି କି ନପରଖି ଯେଉଁମାନେ ନିରନ୍ତର ଦେଇ ଚାଲିଥା'ନ୍ତି ପ୍ରତି ଘଟଣା/ଦୁର୍ଘଟଣା ଉପରେ କିଛିନା କିଛି ପ୍ରତିକୂଳ ମତ ଓ ମନ୍ତବ୍ୟ, ସେମାନେ ସବୁ ଗୋଟେ ଗୋଟେ ନାରକୀୟ କୀଟ। ଅନେକ ସମୟରେ ଏପରି ଦୁଃସ୍ଥ ମାନସିକତା ଅତିଶୟ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ସୁସ୍ଥ ସମାଜ ପାଇଁ। ହେଲେ ଏହା ଦେଖୁଛି କିଏ? ଏଇ ଶ୍ରେଣୀର ଅସାମାଜିକ ମଣିଷମାନଙ୍କ ଦୃଷ୍ଟିରେ ତ ସ୍ୱୟଂ ସେଇମାନେ ହିଁ ଖାଣ୍ଟି ସୁନା, ପୂରାପୂରି ଚବିଶ କ୍ୟାରେଟ୍। ଆଉ ବାକି ସମସ୍ତେ ଚୋର ଖଣ୍ଟ ମିଛୁଆ ରାଧୁଆ। ଅନ୍ୟକୁ ଗାଳିମନ୍ଦ କରିବାଟା ସେମାନଙ୍କ ମୌଳିକ ଅଧିକାର ଯେମିତି। ଜଣେ ଭଲ ମଣିଷର ହୃଦୟକୁ ଖୁବ୍‌କଷ୍ଟ ଦେଇଥାଏ ନିନ୍ଦା, ଅପମାନ ତଥା ବଦନାମ ସୂଚକ ଅପଶବ୍ଦ ସବୁ। ଏପରିକି ତା'ର ମନୋବଳ ଭାଙ୍ଗି ଦେଇଥାଏ ଅତ୍ୟନ୍ତ ନିର୍ଦ୍ଦୟ ଭାବେ। ବେଳେବେଳେ ଗୋଟେ ଦୋଦୁଲ୍ୟମାନ ସ୍ଥିତିରେ ରହିବାକୁ ବାଧ୍ୟ ହୋଇଥାଏ ସତ୍‌ପଥର ପଥିକଟିଏ। କ'ଣ କରିବ/ନ କରିବ ସ୍ଥିର କରି ପାରେନାହିଁ ସେ। ଜଣେ ଭଲମଣିଷ ପାଇଁ ଏଇ ସ୍ଥିତି ସବୁଠୁ ଯନ୍ତ୍ରଣାଦାୟକ।



ଏହା ଅବଶ୍ୟ ସତ ଯେ ଆପଣା ଆପଣାର ନିଜସ୍ୱ ଦୃଷ୍ଟିଭଙ୍ଗୀକୁ ନେଇ ଦୁନିଆକୁ ଦେଖିବାକୁ ଭଲ ପାଇଥାଆନ୍ତି ମଣିଷମାନେ, ଯାହା ହୋଇଥାଏ ମୁଖ୍ୟତଃ ସ୍ୱାର୍ଥସର୍ବସ୍ୱ ତଥା ଆତ୍ମକୈନ୍ଦ୍ରିକ। ଆପଣାର ଲକ୍ଷ୍ୟ ହାସଲରେ ସାମାନ୍ୟ କିଛି ଅସୁବିଧା ଦେଖାଦେଲେ କି ସ୍ୱାର୍ଥରେ ଆଘାତ ଲାଗିଲେ, ସଙ୍ଗେସଙ୍ଗେ ଆରମ୍ଭ ହୋଇଯାଏ ତୁମ୍ବିତୋଫାନ, ନିନ୍ଦା ବଦନାମ। ଏହା ହିଁ ବଡ଼ ଲଜ୍ଜାର ବିଷୟ। ହେଲେ ଏହା କାହାକୁ କହିବା? ନିନ୍ଦା ଅପମାନ ହେଉଛି ଭଲ ମଣିଷଙ୍କ ନିୟତି। ଅନେକ ମହାମନୀଷୀଙ୍କ ଜୀବନରେ ଏହା ହିଁ ନିଷ୍ଠୁର ଉପଲବ୍ଧି। କିନ୍ତୁ ଏହା ମଧ୍ୟ ସତ ଯେ ନିତିଦିନ ଭଲମନ୍ଦ, ନିନ୍ଦାସ୍ତୁତି, ଯଶ ଅପଯଶ ପ୍ରତିଟି ଆଚାର ବ୍ୟବହାରର ଠିକ୍ ହିସାବ ରଖୁଥାଏ କାଳ। ଧର୍ମନିକିତିରେ ତଉଲି ଦେଖୁଥାଏ ମଧ୍ୟ। ଉପଯୁକ୍ତ ସମୟରେ ଉପଯୁକ୍ତ ବିଚାର କରିବା ହେଉଛି ତାର ପରମଧର୍ମ। ତେଣୁ ନିନ୍ଦା କି ସ୍ତୁତି ପ୍ରତି ଦୃଷ୍ଟି ନ ଦେଇ, ଆପଣାର କର୍ମପଥରେ ଅବିଚଳିତ ଭାବେ ଆଗେଇଯିବା ହେଉଛି ବୁଦ୍ଧିମାନର କାର୍ଯ୍ୟ। ବାକି କଥା ସମୟ ହିଁ କହିବ।

**ଭାରତୀ କୁଟୀର, ଢୁଙ୍ଗୁରିପାଲି, ସୁବର୍ଣ୍ଣପୁର**
**ମୋ: ୮୨୪୯୮୦୭୨୬୭**

## ଏଇ ଭାରତରେ

ବିବିଧତାର ଦେଶ ଭାରତ। ଏଠାରେ ବିଭିନ୍ନ ଜାତି କିମ୍ବା ବର୍ଗର ଲୋକଙ୍କ ସଂସ୍କୃତି ଓ ପରମ୍ପରାରେ ଭିନ୍ନତା ଦେଖିବାକୁ ମିଳେ। ଏଥିମଧ୍ୟରେ ବସନ୍ତ ଋତୁର ଆଗମନ ପୂର୍ବରୁ କଶ୍ମୀରରେ ପାଳିତ ବାସ୍କେଟ ଫିଶିଂ ଫେଷ୍ଟିଭାଲ ଅନ୍ୟତମ। ଏହା ଏକ ନିଆରା ମାଛଧରା ପର୍ବ। ଲୋକମାନେ ସ୍ଥାନୀୟ ଝରଣା କିମ୍ବା ନଦୀକୂଳରେ ଏକାଠି ହୁଅନ୍ତି। ପୁରୁଷ, ମହିଳା ଏପରି କି ପିଲାମାନେ ଏହି ମାଛଧରା ପର୍ବରେ ସାମିଲ ହୋଇଥା'ନ୍ତି। ସେମାନେ ଟୋକେଇ ଧରି ମାଛ ଧରିବାକୁ ପ୍ରସ୍ତୁତ ହୋଇ ରହିଥାଆନ୍ତି। 'ଯାଅ' କହିବା କ୍ଷଣି ସେମାନେ ପାଣିରେ ପଶି ଟୋକେଇରେ ମାଛ ଧରିବା ଆରମ୍ଭ କରିଦିଅନ୍ତି। ଟୋକେଇକୁ ପାଣିରେ ବୁଡ଼ାଇ ଉଠାଇବା ପରେ ସେଥିରେ ଦଳ, ଶିଉଳି ଓ ଘାସ ସହ ମାଛ ବି ଥାଏ। ଏଭଳି ମାଛ ଧରିବା ସେମାନଙ୍କ ଭାଗ୍ୟକୁ ଦର୍ଶାଇଥାଏ। ଅର୍ଥାତ୍ ଯେଉଁମାନଙ୍କ ଟୋକେଇରେ ଦଳ ମଧ୍ୟରେ ଅଧିକ ମାଛ ରହେ, ସେମାନେ ଭାଗ୍ୟଶାଳୀ ବୋଲି ବିବେଚିତ ହୁଅନ୍ତି। ଲୋକମାନେ ଧରୁଥିବା ମାଛକୁ ସେମାନଙ୍କ ମୁଣ୍ଡରେ ବନ୍ଧା ହୋଇଥିବା ବ୍ୟାଗରେ ରଖନ୍ତି। ଉକ୍ତ ପର୍ବ ପାଳନ କରିବା ପଛରେ ଥିବା ଆଉ କାହାଣୀ କହେ ଯେ, ଏଭଳି ମାଛଧରା ଯୋଗୁ ଝରଣା ଓ ନଦୀରୁ ଘାସ ଓ ଶିଉଳି ସଫା ହୋଇଯାଏ; ଯାହା ବ୍ୟବହାର ଉପଯୋଗୀ ହୋଇଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଫେବୃୟାରୀ ୧୯୯୮

- ପ୍ରତିଦିନ ୭୦୦ରୁ ଊର୍ଦ୍ଧ୍ୱ ବାଂଲାଦେଶୀ ବ୍ୟାପକ ପୁଷ୍ଟିହୀନତାର ଶିକାର ହୋଇ ମୃତ୍ୟୁବରଣ କରୁଥିବା ନେଇ ଢାକାର ଜାୟାରିଆଲ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏକ ରିପୋର୍ଟ ପ୍ରକାଶ।
- ଆସାମର ସିଲଚର ଲୋକସଭା ନିର୍ବାଚନମଣ୍ଡଳୀରେ ବିଜେପିର ମଣ୍ଡଳ ଉପସଭାପତି ନରେଶ ଗୋଆଲାଙ୍କୁ ଅଜ୍ଞାତ ଦୁର୍ବୃତ୍ତମାନେ ଅପହରଣ କରିନେଇ ହତ୍ୟା କରିଛନ୍ତି।

## ଚିରନ୍ତନୀ

ଚାଲିଛି ଏକା ବିପଥେ ପଥେ
ନାହିଁରେ ସାହା ସାଥୀ,
ଚାଲିଛି ଏକା ନ ମାନି ଖରା
ବରଷା ଦିନ ରାତି।

-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | 5 | | | |
| | | 3 | | | 6 | | | |
| 9 | | | | | 4 | 6 | | |
| | | | | | | | | |
| | 5 | | | 2 | | 3 | 7 | 4 |
| 8 | | 9 | | | 1 | | 6 | |
| 7 | | | | | | | | 5 |
| | 3 | | | 4 | | | | 8 |
| 2 | 8 | | 5 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 3 | 8 | 2 | 1 | 5 | 4 | 6 |
| 1 | 2 | 6 | 4 | 5 | 9 | 8 | 7 | 3 |
| 8 | 4 | 5 | 6 | 3 | 7 | 1 | 2 | 9 |
| 3 | 1 | 7 | 9 | 4 | 5 | 2 | 6 | 8 |
| 4 | 8 | 9 | 7 | 6 | 2 | 3 | 5 | 1 |
| 5 | 6 | 2 | 3 | 1 | 8 | 7 | 9 | 4 |
| 9 | 5 | 4 | 2 | 8 | 3 | 6 | 1 | 7 |
| 6 | 3 | 1 | 5 | 7 | 4 | 9 | 8 | 2 |
| 2 | 7 | 8 | 1 | 9 | 6 | 4 | 3 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବସରକାଳୀନ ପ୍ରାପ୍ୟ ଦିଆଯାଉ

ମହାଶୟ,

ମୁଁ ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ। ୨୦୧୮ ନଭେମ୍ବରରେ ମୁଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଧର୍ମଦାସପୁର ଖୋର୍ଦ୍ଧାରୁ ଅବସର ନେଇଛି। ଅବସର ନେବାର ୨୦ଦିନ ଭିତରେ ସମସ୍ତ କାଗଜପତ୍ର ଠିକ୍ କରି ୩ଟି ପେନ୍‌ସନ ପେପର ଦାଖଲ କରିଥିଲି। ଜିଲା ଶିକ୍ଷାଧିକାରୀଙ୍କ ଅଫିସକୁ ବାରମ୍ବାର ଯାଉଥିଲେ ବି ମୋ କଥା କୌଣସି କିରାଣି କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ ଶିକ୍ଷା ଅଧିକାରୀଙ୍କ ପାଖରେ ଗୁହାରି କରିବାରୁ ସେ କିରାଣିମାନଙ୍କୁ ପଚାରି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଲେ। ମୁଁ ଜିଲାପାଳଙ୍କୁ ଜଣାଇଲି। ସେ କହିଲେ, ଜିଲା ଶିକ୍ଷା ଅଧିକାରୀଙ୍କ ପାଖକୁ ଯାଇ ମୁଁ ଏକଥା କହିଛି ବୋଲି କହିବାକୁ। ପୁଣି ଜିଲା ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ୍ କଲି। ସେ ପୁନର୍ବାର କିରାଣିମାନଙ୍କୁ ଡକାଇ ସମସ୍ୟା ସମାଧାନ କରିବାକୁ କହିଲେ। ସବୁ କାଗଜପତ୍ର ଠିକ୍ ଥାଇ ମୁଁ ଅବସରକାଳୀନ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଆସୁଛି। ମୁଁ ଏବେ କର୍କଟ ରୋଗରେ ପୀଡ଼ିତ। ଡାକ୍ତରଙ୍କ କଥାନୁସାରେ ଚିକିତ୍ସା ହୋଇପାରୁନି। ୨ୟରେ ଅବସରକାଳୀନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛି। ଏଣୁ ଉଚ୍ଚ କର୍ତ୍ତୃପକ୍ଷ ମୋ କଥା ବିଚାରକୁ ନେଲେ ମୁଁ ହୁଏତ କର୍କଟ ରୋଗ ଚିକିତ୍ସା କରିପାରନ୍ତି।

**-ମାଧବ ଚନ୍ଦ୍ର ରାଉତ, ଧର୍ମଦାସପୁର, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ ହେବ ପଞ୍ଚାୟତ ବୈଠକ ବିବରଣୀ

**ଇ-ପଞ୍ଚାୟତ ସଭା ପ୍ରଶିକ୍ଷଣ ଶିବିର**

- ପଞ୍ଚାୟତ ସମସ୍ୟା ସହ ସରକାରଙ୍କୁ ଯୋଡ଼ିବା ପ୍ରୟାସ
- ତୃଣମୂଳସ୍ତରର ସମସ୍ୟା ସମାଧାନ ସହଜ ହେବ



ଇ- ପଞ୍ଚାୟତ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଜନପ୍ରତିନିଧି ।

ରସୁଲପୁର,୧୩।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ଣରେ ଇ-ପଞ୍ଚାୟତ ସଭା ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତର ମାସିକିଆ ବୈଠକର ବିବରଣୀକୁ ଅନ୍‌ଲାଇନରେ ଅପ୍‌ଲୋଡ କରାଯିବ । ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ଆଲୋଚନା ଜରିଆରେ ମିନିଟ ବୁକ୍‌ରେ ଉଲ୍ଲେଖ କରାଯିବ । ଉକ୍ତ ସମସ୍ୟାଗୁଡିକୁ ସନ୍ଦେସ ଆପ୍‌ରେ ଅପ୍‌ଲୋଡ ବି କରାଯିବ । ଏ ସମ୍ପର୍କରେ ସରକାର ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀମାନେ ଅବଗତ ହେବା ସହ ତାର ଆଶୁ ସମାଧାନ କରିବାର ଉପାୟ ବାହାରିବ । ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ପ୍ରାଥମିକତା ଦିଆଯାଇ କାର୍ଯ୍ୟ କରାଯିବ । ଏହି ଭଳି ଉପାୟରେ ଇ-ପଞ୍ଚାୟତ ସଭା ସଫଳ କରାଇବା ପାଇଁ ପ୍ରଶିକ୍ଷଣ ଶିବିରରେ ଗୁରୁତ୍ୱ ଦିଆଯାଇଛି ।

ରସୁଲପୁର ବିଡିଓ ଅବନୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ୍ୟ ରୋଜଗାର ସେବକମାନେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ । ସନ୍ଦେସ ଆପ୍‌କୁ ବ୍ୟବହାରକରି ପଞ୍ଚାୟତ ନିର୍ବାହୀ ଅଧିକାରୀ ଇ-ପଞ୍ଚାୟତ ସଭା ଗ୍ରୁପର ଆଡମିନ ରହିବେ । ସରପଞ୍ଚ ଓ ଗ୍ରାମ ରୋଜଗାର ସେବକମାନେ ମିଳିତ ଭାବେ ଗ୍ରୁପକୁ ପରିଚାଳନା କରିବେ । ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟାସଭ୍ୟ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ସଦସ୍ୟ ଭାବେ ସେମାନଙ୍କ ନାମକୁ ଆପ୍‌ରେ ପଞ୍ଜୀକରଣ କରାଯିବ । ମିଟିଂ ପାଇଁ ନୋଟିସ ସେମାନଙ୍କୁ ଅନ୍‌ଲାଇନ ମାଧ୍ୟରେ ସୂଚନା ପ୍ରଦାନ କରାଯିବ । ସରପଞ୍ଚଙ୍କ ଅନୁମୋଦନକ୍ରମେ ବୈଠକ ଡକାଯିବ । ନିର୍ବାହୀ ଅଧିକାରୀ ବୈଠକର ଖସଡା ପ୍ରସ୍ତୁତ କରିବେ । ଉକ୍ତ ବୈଠକର ବିବରଣୀକୁ ଜିଆରଏସ୍/ଡିଇଓ ଲିପିବଦ୍ଧ କରିବା ସହ ତାକୁ ଅନ୍‌ଲାଇନରେ ଅପ୍‌ଲୋଡ କରିବେ । ପ୍ରତ୍ୟେକ ମାସରେ ପଞ୍ଚାୟତ ସଭା କରାଯାଇ ବିବରଣୀ ପ୍ରଦାନ କରାଯିବ । ଆସନ୍ତା ମାସର ବୈଠକ ପାଇଁ ଚଳିତ ମାସରୁ ବୈଠକର ତାରିଖ ଓ ଖସଡା ପ୍ରସ୍ତୁତ କରାଯିବ । ପ୍ରତ୍ୟେକ ବୈଠକକୁ ମାସର ୨୮ତାରିଖ ମଧ୍ୟରେ ଶେଷ କରିବାକୁ ବିଧି ରହିଛି । ଜାତୀୟ ପଞ୍ଚାୟତ ପୁରସ୍କାର ସର୍ଭେ ପାଇଁ ଇ-ପଞ୍ଚାୟତ ସଭାକୁ ଏକ ମାପକାଠି ଭାବେ ଗ୍ରହଣ କରାଯାଉଛି । ଏହି ଆଧାରରେ ପଞ୍ଚାୟତ ସଭାକୁ ପରିଚାଳନା କରିବା ପାଇଁ ପଞ୍ଚାୟତସ୍ତରୀୟ ଅଧିକାରୀମାନେ ନିଜକୁ ପ୍ରସ୍ତୁତ କରାଇ ଆଗକୁ ପଞ୍ଚାୟତ ବୈଠକର ଡାଟାକୁ ଅନଲାଇନରେ ପ୍ରଦାନ କରିବାକୁ କୁହାଯାଇଛି । ଧର୍ମଶାଳା ବ୍ଲକ କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରମୋଦ କୁମାର ସାହୁ ସମ୍ବଳ ଅଧିକାରୀ ଭାବେ ଯୋଗଦେଇ ପଞ୍ଚାୟତର ଜନପ୍ରତିନିଧି, ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ରସୁଲପୁର ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟକାନ୍ତି ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟ ଡିଇଓ ସରୋଜ କୁମାର ନାୟକ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ଜେଲରେ ମୃତ୍ୟୁ ହେଲେ ସମ୍ପର୍କୀୟଙ୍କୁ ମିଳିବ କ୍ଷତିପୂରଣ

**କ୍ୟାବିନେଟ ନିଷ୍ପତ୍ତି**

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ଜେଲ ଅନ୍ତେବାସୀଙ୍କ କୌଣସି କାରଣରୁ ମୃତ୍ୟୁ ହେଲେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ରାଜ୍ୟ ସରକାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବେ । ହାଇକୋର୍ଟ ଏବଂ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଜେଲ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ କ୍ଷତିପୂରଣ ପ୍ରଦାନ ରୁଲ୍ସ-୨୦୨୩ ପ୍ରଣୟନ କରିଛନ୍ତି । ଗୃହ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି । ଏଭଳି କ୍ଷତିପୂରଣ ଦେବା ପାଇଁ ପୂର୍ବରୁ କୌଣସି ବ୍ୟବସ୍ଥା ନ ଥିଲା । ଜାତୀୟ ମାନବାଧିକାର କମିଶନ କିମ୍ବା ଓଡ଼ିଶା ମାନବାଧିକାର କମିଶନଙ୍କ ସୁପାରିସ ଆଧାରରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଏ । ଏକ ରିଟ୍ ପିଟିସନ ଉପରେ ହାଇକୋର୍ଟ ୨୦୨୧ ଡିସେମ୍ବର ୨୩ରେ କାରାଗାରରେ ବନ୍ଦୀମାନଙ୍କ ମୃତ୍ୟୁ ପାଇଁ କ୍ଷତିପୂରଣ ଦେବା ସକାଶେ ସ୍କିମ୍ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜାତୀୟ ମାନବାଧିକାର କମିଶନ ମଧ୍ୟ କ୍ଷତିପୂରଣ ପାଇଁ ଏକ ସ୍ୱତନ୍ତ୍ର ପଲିସି ଆଣିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ ।

# ୧୮ ଛାତ୍ରୀଛାତ୍ରଙ୍କୁ ଟାଟା ଷ୍ଟିଲ୍ ପରିବାର ଶିକ୍ଷାବୃତ୍ତି


ଟାଟା ଷ୍ଟିଲ୍ ପରିବାର ଶିକ୍ଷାବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କ ସହ ବରିଷ୍ଠ ଅଧିକାରୀ ।

କଳିଙ୍ଗନଗର,୧୩।୨(ଡି.ଏନ୍.ଏ.)

ଟାଟା ଷ୍ଟିଲ କଳିଙ୍ଗନଗରର (ଟିଏସ୍କେ) ବିସ୍ଥାପିତ ପରିବାରର ୧୮ ଛାତ୍ରୀଛାତ୍ରଙ୍କୁ ଯାଜପୁର ଜିଲ୍ଲା ଡୁବୁରୀ ନିକଟସ୍ଥ ଟାଟା ଷ୍ଟିଲ କଳିଙ୍ଗନଗର କର୍ପୋରେଟ୍ ସର୍ଭିସେସ୍ ହଲ୍‌ରେ ସୋମବାର ଟାଟା ଷ୍ଟିଲ ପରିବାର ଶିକ୍ଷାବୃତ୍ତି ୨୦୨୨-୨୩ ପ୍ରଦାନ କରାଯାଇଛି । ଏହି ଅବସରରେ ଟିଏସ୍କେର ମେକାନିକାଲ୍ ମେଣ୍ଟେନାନ୍ସ ବିଭାଗର ଚିଫ୍ ଶଙ୍କର ବିଶ୍ୱାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଟିଏସ୍କେର ସିକ୍ୟୁରିଟି ବିଭାଗର ଚିଫ୍ ପ୍ରକାଶ ସଞ୍ଜୟ, ଟିଏସ୍କେର ପୁନର୍ବାସ ଓ ଥଇଥାନ ବିଭାଗର ମୁଖ୍ୟ ସୁବ୍ରତ ମହାପାତ୍ର ଏବଂ ଟିଏସ୍କେ ଓ ଟିଏସଏମ୍ କର୍ପୋରେଟ୍ ଯୋଗାଯୋଗ ମୁଖ୍ୟ ଶୁଭ୍ରାଂଶୁ ଶେଖର ଉପସ୍ଥିତ ଥିଲେ । ମୋଟ ୧୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ ଜଣ ନୂତନ ଭାବେ ଛାତ୍ରବୃତ୍ତି ପାଇଛନ୍ତି । ସେମାନେ ଡିପ୍ଲୋମା ପାଠ ପଢ଼ିବାକୁ ଚୟନ ହୋଇଛନ୍ତି । ୬ ଜଣ ଛାତ୍ରୀଛାତ୍ର ଇଞ୍ଜିନିୟରିଂ ପାଠ ପଢୁଛନ୍ତି । ୧୧ ଛାତ୍ରୀଛାତ୍ର ଡିପ୍ଲୋମା ଇଞ୍ଜିନିୟରିଂ ପଢୁଥିବା ବେଳେ ଜଣେ ଏମ୍‌ବିଏ ପାଠ ପଢୁଛନ୍ତି । ଏହି ଶିକ୍ଷାବୃତ୍ତିରେ ପାଠର ସମ୍ପୂର୍ଣ୍ଣ ଅବଧି ପାଇଁ ଛାତ୍ରୀଛାତ୍ରଙ୍କ ନିମନ୍ତେ ଟ୍ୟୁଶନ ଫି, ନାମଲେଖା ଫି ଏବଂ ହଷ୍ଟେଲ୍ ଦେୟ ସାମିଲ ରହିଛି । ଉଲ୍ଲେଖଯୋଗ୍ୟ, ୨୦୦୭ ପରଠାରୁ ଟାଟା ଷ୍ଟିଲ୍ ପକ୍ଷରୁ ବିସ୍ଥାପିତ ପରିବାରର ୨୧୦ ଛାତ୍ରୀଛାତ୍ରଙ୍କୁ ଶିକ୍ଷାବୃତ୍ତି ଦିଆଯାଇଛି । ଏହି କାର୍ଯ୍ୟକ୍ରମର ଲାଭ ହାସଲ କରିବା ଏବଂ ଏକ ଉତ୍ତମ ଭବିଷ୍ୟତ ପାଇଁ ଦକ୍ଷତା ବିକାଶ କରିବା ନିମନ୍ତେ ବିସ୍ଥାପିତ ପରିବାରର ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଟାଟା ଷ୍ଟିଲ୍ ପକ୍ଷରୁ ଉତ୍ସାହିତ କରାଯାଉଛି ।

# ଭୟାବହ ଅଗ୍ନିକାଣ୍ଡ, ବିପନ୍ନ ପରିବାରକୁ ଭେଟିଲେ ବିଧାୟକ

ରସୁଲପୁର,୧୩।୨(ଡି.ଏନ.ଏ.)


ଅଗ୍ନିବିପନ୍ନ ପରିବାର ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି କୋରେଇ ବିଧାୟକ ।

ରସୁଲପୁର ତହସିଲ ଓ ପହଁଗା ରାଜସ୍ୱ ସର୍କଲ ଅଧୀନସ୍ଥ ଲକ୍ଷ୍ମୀନଗର ପଞ୍ଚାୟତ ରାଧାନଗର ଗ୍ରାମରେ ରବିବାର ମଧ୍ୟାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡରେ ୩ ପରିବାରର ୫ବଖରା ବାସଗୃହ ଜଳି ଯାଇଥିଲା । ସୋମବାର ମଧ୍ୟାହ୍ନରେ କୋରେଇ ବିଧାୟକ ଅଶୋକ କୁମାର ବଳ, ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, ବିଡିଓ ଅବନୀକାନ୍ତ ସାହୁ, ସ୍ଥାନୀୟ ସରପଞ୍ଚ ସର୍ବେଶ୍ୱର ସାହୁ ପ୍ରମୁଖ ଅଗ୍ନିବିପନ୍ନ ୩ ପରିବାର ଲୋକଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଛନ୍ତି । ସେମାନଙ୍କ ଦୁଃଖ ଓ କୋହଭରା କାହାଣୀ ସମସ୍ତଙ୍କୁ ପ୍ରଭାବିତ କରିଥିଲେ । ବିପନ୍ନ ପରିବାରକୁ ସବୁ ପ୍ରକାର ସାହାର୍ଯ୍ୟ ସହଯୋଗ କରାଯିବ ବୋଲି ବିଧାୟକ ବଳ ପ୍ରକାଶ କରିଥିଲେ । ବାସଶୂନ୍ୟ ହୋଇପଡିଥିବା ବିପନ୍ନ ପରିବାରକୁ ଗାଁ ମୁଣ୍ଡ ବିଦ୍ୟାଳୟ କୋଠାର ଛାତ ତଳେ ଥଇଥାନ କରାଯାଇଛି । ସେମାନଙ୍କୁ ପଞ୍ଚାୟତ ପକ୍ଷରୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି । ତେଣେ ଅଧିକାରୀମାନଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ ବେଳେ ୩ ପରିବାର ସର୍ବସ୍ୱାନ୍ତ ହୋଇଯାଇ ଥିବା ସମ୍ପର୍କରେ ଜଣାପଡିଥିଲା । ସେମାନଙ୍କୁ ରିଲିଫ କୋଡ ଆଧାରରେ ପରିବାର ପିଛା ୧.୦୩ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ । ଏହାଛଡା ସେମାନଙ୍କୁ ବାସକୁସନ, ଲୁଗାପଟା ପାଇଁ ଅଲଗା ଆର୍ଥିକ ସହାୟତା ପ୍ରଦାନ କରାଯିବ । ୩ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରାଯିବା ନେଇ ପଦକ୍ଷେପ ନିଆଯିବ । ବିପନ୍ନ ପରିବାର ମଧ୍ୟରୁ ୨ ପରିବାରର ନାମ ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ରହିଛି । ଆଉ ଜଣେ ବିପନ୍ନଙ୍କ ନାମକୁ ନେଇ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ । ଜିଲାପାଳଙ୍କ ଅନୁମତି ଓ ଅନୁମୋଦନ କ୍ରମେ ଉକ୍ତ ପରିବାରକୁ ସରକାରୀ ଆବାସ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ ବୋଲି ରସୁଲପୁର ବିଡିଓ ସାହୁ ପ୍ରକାଶ କରିଛନ୍ତି । ଏହାଛଡା ପଞ୍ଚାୟତ ପକ୍ଷରୁ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି ।

# ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ ଉତ୍ସବ

କଳିଙ୍ଗନଗର ୧୩।୨(ଡି.ଏନ୍.ଏ.)

କୋରେଇ ବ୍ଲକ ପଛିକୋଟ ପଞ୍ଚାୟତ ପରମାନନ୍ଦପୁର ଶିଶୁମନ୍ଦିରରେ ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ପରିଚାଳକ ତଥା ବିଦ୍ୟାଳୟ କମିଟିର ସମ୍ପାଦକ ନାରାୟଣ ଚନ୍ଦ୍ର ମଞ୍ଚ ପରିଚାଳନା କରିଥିବାବେଳେ ରଗଡି ବ୍ୟାଙ୍କ ଅଫ୍ ଇଣ୍ଡିଆର ସେଲସ ମ୍ୟାନେଜର ନଗେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ପରମାନନ୍ଦପୁର ବ୍ଲକ୍ ସିଆରସିସି ହରେକୃଷ୍ଣ ସ୍ୱାଇଁ ଜଗନ୍ନାଥ ରାଉତ, ସନାତନ ସେଠୀ, ପୂର୍ଣ୍ଣଚନ୍ଦ୍ର ସାହୁ ଦୁର୍ଯ୍ୟୋଧନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଶିଶୁମନ୍ଦିରର ଗୁରୁଜୀ ପ୍ରମୋଦ କୁମାର ଦାଶ, ରାଧେଶ୍ୟାମ ପତି, ରସାନନ୍ଦ ଦାସ, ଦୁର୍ଯ୍ୟୋଧନ ସିଆଲ, ନୀଳମଣି ଜେନା, ଗୁରୁମା ଆରତୀ ସେଠୀ, ଦୀପିକା ସେଠୀ, ଗାୟତ୍ରୀ ଜେନା, ଦୀପ୍ତିରେଖା ଷଡ଼ଙ୍ଗୀ, ବୈଜୟନ୍ତୀମାଳା ବେହେରା, ମାମିନା ଦାସ, ସୁପ୍ରିୟା ସୁବୁଦ୍ଧି, ମମତା ମୁଣ୍ଡା, କୁନୁମୁନି ସାମଲ ଓ ଗୁରୁଜୀ ବିନୋଦ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଉକ୍ତ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ଗୀତ ଓ ଡ୍ରାମା ପରିବେଷଣ କରାଯାଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

# ବ୍ରହ୍ମବରଦାରେ ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ

ବ୍ରହ୍ମବରଦା,୧୩।୨(ଡି.ଏନ.ଏ.)

ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ୍ ଅର୍ନ୍ତଗତ ୩୬ନଂ. ଜୋନର ପ୍ରମୁଖ କର୍ମକର୍ତ୍ତାଙ୍କୁ ନେଇ ଚାନ୍ଦପୁରସ୍ଥିତ ରୟାଲ ପ୍ୟାଲେସଠାରେ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ ପ୍ରଭାରୀ ସ୍ମୃତିରେଖା ପହି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବରୀ ଭାଜପା ଯୁବନେତା ଉମେଶ ଚନ୍ଦ୍ର ଜେନା ଏବଂ ଅନ୍ୟଅତିଥି ଭାବେ ଯାଜପୁର ଜିଲା ସଭାପତି ଆଶୁତୋଷ ପରିଡ଼ା, ଜିଲା ସଂଯୋଜକ ରାଧାମୋହନ , ଜିଲା ସ୍ୱଚ୍ଛଭାରତର ସଂଯୋଜକ ପ୍ରଫୁଲ୍ଲ ଗିରି, ବରୀ ନିର୍ବାଚନ ମଣ୍ଡଳୀ ସଂଯୋଜକ ରବିନ୍ଦ୍ର ଜେନା, ମଣ୍ଡଳ ସଭାପତି ପ୍ରାଶାନ୍ତ କୁମାର ମହାରଣା, ନାରୀ ନେତ୍ରୀ ଗୀତାଞ୍ଜଳୀ ରାୟ, ଏବଂ ଯୁବନେତା କବିର ଦାସ ଯୋଗ ଦେଇ ଆଗାମୀ ୨୦୨୪ ନିର୍ବାଚନ ପାଇଁ କିପରି ଦଳକୁ ବୁଥସ୍ତରରୁ ମଜଭୁତ କରାଯିବ ସେଥିପାଇଁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । କର୍ମକର୍ତ୍ତାମାନେ ବୁଥସ୍ତରରେ ଲୋକମାନଙ୍କୁ ଦଳସହ ଯୋଡ଼ିବେ ସେଥିନେଇ ଏହି ସଭାରେ ଆଲୋଚନା କରାଯାଇଥିଲା । ଜିଲାରେ ଚାଲିଥିବା ଦୁର୍ନିତିର ସମାଧାନ ନ ହେଲେ ଆଗାମୀ ଦିନରେ ଦଳ ରାଜରାସ୍ତା ଅବରୋଧ କରିବ ବୋଲି ପ୍ରସ୍ତାବ ଗୃହିତ ହୋଇଥିଲା । ଆଗାମୀ ଦିନରେ ଦଳ କିପରି ବରୀ ନିର୍ବାଚନ ମଣ୍ଡଳୀରେ ବହୁମାତ୍ରାରେ ଭୋଟ ପାଇ ବିଜୟ ଲାଭ କରିବ ସେ ନେଇ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ ସୁମିତ୍ର ବେହେରା, ଅମିତ ନାୟକ, ମମତା ସାହୁ, ଶ୍ୟାମସୁନ୍ଦର ପଣ୍ଡା, ଉତ୍କଳ ସାହୁ, ଅଚ୍ଛୁତ ମହାଳିକ, ଦେବାଶିଷ ସିଅ, ପ୍ରଶାନ୍ତ ମୁଦୁଲି ସହିତ ବହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ସୌଭାଗ୍ୟ ନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ବଭାରତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ, ହରିୟାଣା ଚାମ୍ପିୟନ

ବ୍ରହ୍ମବରଦା,୧୩।୨(ଡି.ଏନ.ଏ.)



ଅତିଥି ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି ।

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ରୁହାନୀ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ୮ମ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାର ପ୍ରଥମେ ଜବଲପୁର ରେଲଓ୍ୱ-ମଧ୍ୟପ୍ରଦେଶ ଓ ୟୁପି ଚାଲେଞ୍ଜର୍ସ - ଉତ୍ତର ପ୍ରଦେଶ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପର୍ଯ୍ୟାୟ ଖେଳ ପ୍ରଦର୍ଶନ କରି ଫାଇନାଲରେ ଜବଲପୁର ରେଲଓ୍ୱ-ମଧ୍ୟପ୍ରଦେଶ ଓ ହରିୟାନା କିଙ୍ଗ୍ସ-ହରିୟାନା ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲ । ଶେଷରେ ହରିୟାଣା କିଙ୍ଗ୍ସ ଚଳିତବର୍ଷର ରୁହାନୀ ସ୍ପୋଟସ୍ ଚମ୍ପିୟାନ ଟ୍ରଫି ହାସଲ କରିଥିଲା । ଅପରପକ୍ଷେ ଜବଲପୁର ରେଲଓ୍ୱ-ମଧ୍ୟପ୍ରଦେଶ ଫାଇନାଲରେ ପରାଜିତ ହୋଇଥିଲେ ଚମତ୍କାର ଖେଳ ପ୍ରଦର୍ଶନ ଦର୍ଶକଙ୍କ ମନମୁଗ୍ଧ କରିପାରିଥିଲେ ।

ଉଦଘାଟନ ଉତ୍ସବରେ ଉଦ୍‌ଘାଟକ ଭାବେ ସେକ ଇମତିୟାଜ ମହମ୍ମଦ ଯୋଗଦେଇ ଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ସଦସ୍ୟ ଅବଦୁଲ ରସିଦ ଖାନ ସଭାପତିତ୍ୱ କରିଥିଲେ । ବରୀ ବିଧାୟକା ସୁନନ୍ଦା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଟିମକୁ ଟ୍ରଫି ଓ ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ । ଆଜିର ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମବରଦା ପଞ୍ଚାୟତର ସରପଞ୍ଚ ମମତାଶୁଭ ଦର୍ଶନୀ ଦେଓ, ସମିତିସଭ୍ୟା ରୁକସାନା ପରଭିନ, ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ଅନୁଷ୍ଠାନର ସଭାପତି ସେକ୍ କମରୁଲ, ଯୁବନେତା ରାକେଶ ଦେଓ, ଧର୍ମଶାଳା ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ, ବ୍ରହ୍ମବରଦା ଥାନାଧିକାରୀ ଏସ.ଦାଶରଥି ପାତ୍ର,ବରିଷ୍ଠ ସଦସ୍ୟ ଫିରଦୋଷ ଆଲାମ ଖାନ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ରନର୍ସ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିବା ସହ ସ୍ଥାନୀୟ ଅଞ୍ଚଳ ୭ଜଣ ଖବରଦାତାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନୀତ କରିଥିଲେ । ଆଜିର ଖେଳରେ ଭାଷ୍ୟକାର ଭାବରେ ଅମୀୟକାନ୍ତ ପରିଡା, ରବିନାରାୟଣ ଜେନା ଓ ମଣ୍ଟୁଦାସ ସହଯୋଗ କରିଥିବା ବେଳେ କ୍ଲବର ସମ୍ପାଦକ ଜୁଲଫୁକାର ଅଲ୍ଲୀ ଖାନ, ସହସମ୍ପାଦକ ସଫିଆଲାମ ଖାନ, ଉପସଭାପତି ଅନୱାର ଖାନ୍, ଆବୁ ସାଏମା ସମେତ ରୁହାନୀ ସ୍ପୋର୍ଟସ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଖେଳ ପରିଚାଳନରେ ସହଯୋଗ କରିଥିଲେ ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ମାନବ ସଂସାଧନ ପ୍ରବନ୍ଧ ବିଭାଗ**
**ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001, ଓଡ଼ିଶା**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଏହାର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଗ୍/କଫି ଭେଣ୍ଡିଂ ମେସିନଗୁଡ଼ିକର ସ୍ଥାପନ ଏବଂ ସେଗୁଡ଼ିକର ରକ୍ଷଣାବେକ୍ଷଣ ହେତୁ ମାନବ ସମ୍ବଳ ଯୋଗାଣ ନିମନ୍ତେ ପ୍ରତିଷ୍ଠିତ ତଥା ଅଭିଜ୍ଞ ଏଜେନ୍ସିରୁ ଦୁଇ ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।
ପ୍ରତିଷ୍ଠିତ ଏବଂ ପ୍ରାସଙ୍ଗିକ ଅଭିଜ୍ଞତା ଥିବା ଆଗ୍ରହୀ କମ୍ପାନୀ/ସଂସ୍ଥାଗୁଡ଼ିକ ଅଧିକ ବିବରଣୀ ପାଇଁ ଆର୍‌ବିଆଇର ୱେବସାଇଟ୍ (www.rbi.org.in) ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରିପାରିବେ କିମ୍ବା ମାନବ ସଂସାଧନ ପ୍ରବନ୍ଧ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ୍ (https://www.mstcecommerce.com/eprochome/rbi)ରେ ଇ-ଟେଣ୍ଡରର ଆବେଦନର ଶେଷ ତାରିଖ ମାର୍ଚ୍ଚ ୨୧, ୨୦୨୩ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ।
 କ୍ଷେତ୍ରୀୟ ନିର୍ଦ୍ଦେଶକ

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-CASHLIFTING-2023
କାର୍ଯ୍ୟର ନାମ : 03(ତିନି) ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର 115 ଷ୍ଟେସନ (ଏକ ଶହ ଏବଂ ପନ୍ଦର) ଗୋଟି ଷ୍ଟେସନ / ସ୍ଥାନଗୁଡ଼ିକରୁ ଷ୍ଟେସନ ନଗଦ ଟଙ୍କା ଏବଂ ଉପକରଣଗୁଡ଼ିକର ଉଠାଣ ତଥା ତାହାକୁ ପୂର୍ବ ତଟ ରେଳପଥର PFA ଆକାଉଣ୍ଟରେ ଜମା କରିବା ନିମନ୍ତେ ବ୍ୟାଙ୍କରେ ପ୍ରସ୍ତୁତିକରଣ (Lodgement) ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 2,04,71,947.20, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 36 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.02.2023ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.03.2023ରିଖ 1100 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1001/N/22-23

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-70-22
କାର୍ଯ୍ୟର ବିବରଣୀ : ତିନି ବର୍ଷର ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ଖୋର୍ଦ୍ଧା ରୋଡ୍ ଅଧିନସ୍ଥ ଖୋର୍ଦ୍ଧା ରୋଡ୍ - ଗଙ୍ଗାଧରପୁର - ମୋଟାରୀ - ନୂଆଗାଁ ରୋଡ୍ ସେକ୍ସନ, ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ଭୁବନେଶ୍ୱର ଅଧିନସ୍ଥ ଭୁବନେଶ୍ୱର - ରାଧାକିଶୋରପୁର - ରେତଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ପୁରୀ ଅଧିନସ୍ଥ ପୁରୀ - କଣାସ ରୋଡ୍ ସେକ୍ସନ ରେ ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ପାଇଁ ବିବିଧ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 16,83,46,964.46, EMD (ଟଙ୍କାରେ) : ₹9,91,700/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.03.2023 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ୍
PR-1000/N/22-23

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**
**Corrigendum-I to Notice Inviting Tender (NIT)**
**Tender Notice No. TPWODL/SD/O/SER/ 140/ Corrigendum/ 001**
**Rate Contract for Civil work**
**at District Medical Sonepur at TPWODL**
The time period is hereby extended for Submission of Tender Participation Fee and Authorization Letter through e-mail till 15th February 2023, 15:00Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

**GOVT. OF ODISHA** No.A-1148:
**OFFICE OF THE SUPERINTENDING ENGINEER**
**BALASORE IRRIGATION DIVISION, BALASORE**
Phone No. 06782-296500, e-Mail id: eebid1234@gmail.com
**'e'-Procurement Notice No. SEBID 03 of 2022-23**

| | | | |
|---|---|---|---|
| 1. | Procurement Officer | : | Superintending Engineer, Balasore Irrigation Division, Balasore |
| 2. | Total No. of Works | : | 11 (Eleven) Nos. of Works |
| 3. | Estimated Cost | : | Varies from Rs.52.93 lakhs to Rs.96.81 lakhs approximately (details can be seen in the DTCN of bid documents of the respective works) |
| 4. | Class of Contractor | : | (Details can be seen in the DTCN of bid documents of the respective works) |
| 5. | Bid Security | : | Details can be seen in the DTCN of bid documents of the respective works. |
| 6. | Period of Completion | : | 03 (Three) Calendar Months. Details can be seen in the DTCN of bid documents respective works. |
| 7. | Date & time of availability of Bid Documents in the portal for Online bidding | : | From Dt.14.02.2023, 10.00 hours to 28.02.2023, upto 17.00 hours. |
| 8. | Last date/time for receipt of Bid only in online | : | 28.02.2023 upto 17.00 hours |
| 9. | Date/time of Opening Technical Bid (Cover-I) | : | 01.03.2023 at 11.00 hours onwards at Office of the Superintending Engineer, Balasore Irrigation Division, Balasore. |
| 10. | e-mail Id | : | eebid 1234@gmail.com |

Further details can be seen from the "e" Procurement Portal http://tendersodisha.gov.in.
Sd./- Superintending Engineer
Balasore Irrigation Division, Balasore
OIPR-32110/11/0013/2223

**ତହସିଲଦାରଙ୍କ କାର୍ଯ୍ୟାଳୟ, ଟିଟିଲାଗଡ଼**
**ଲଘୁ ଖଣିଜ ଲିଜ୍ ନିମନ୍ତେ**
ସଂଖ୍ୟା: ୪୦୪ ତା୧୩।୦୨।୨୦୨୩ରିଖ
**ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ ତହସିଲ ଅଧୀନରେ ଥିବା ବିଭିନ୍ନ ସୈରାତ ଉତ୍ସ (ବାଲିଘାଟ)ଗୁଡ଼ିକ ଆଗାମୀ ୫ ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି ।
ସୈରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବସାଇଟ୍ "http://balangir.nic.in" ସୈରାତ ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ସାହାଯ୍ୟ ପାଇଁ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।
ସ୍ୱା./- ତହସିଲଦାର, ଟିଟିଲାଗଡ଼

**OFFICE OF THE DIRECTOR OF PHYSICAL PLANTS**
**OUAT, BHUBANESWAR**
**"e" Procurement Notice No.07/2022-23**
No.KK-332: No.382, Date:10.2.23

| | | |
|---|---|---|
| 1. | Name of the Work | 03 number works of OUAT at Bhubaneswar |
| 2. | Estimated Cost | Rs.7.17 lakh to Rs. 71.32 lakh approximate |
| 3. | Period of Completion | 30 days to 180 days |
| 4. | Date and Time of availability of Bid documents in the portal | From Dt.16.02.2023 to 17.00 hrs of dt.02.03.2023 |
| 5. | Last date/time for receipt of bids in the portal | Dt.02.03.2023 upto 17.00 hrs. |
| 6. | Submission of Original documents (TP cost, EMD, Affidavit (Schedule-F) & joint venture agreement etc. as per DTCN | During office hours from dt.03.03.2023 to dt.04.03.2023 upto 17.00 hrs in the office of the undersigned. |
| 7. | Date of Opening of Bid through online | (a) Single Cover System- 1 No. (b) Double Cover syetem (Cover-I) 2 Nos. will be opened on Dt.06.03.2023 at 11.00 hrs in the Office of the undersigned. |

Further details can be seen from the e-Procurement portal https://tendersodisha.gov.in. N.B.:Subsequent corrigendum/addendum if required shall be available in the website as indicated above.
Sd./- Director of Physical Plants
OUAT, Bhubaneswar
OIPR-01036/11/0048/2223

## ସଂକ୍ଷେପରେ

### ବନ୍ଦ ଘରୁ ଯୁବକଙ୍କ ମୃତଦେହ ଜବତ

**ପାରାଦୀପ ୧୩।୨(ସ୍ୱ.ପ୍ର.):** ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ବାଲିଝରା ବସ୍ତିରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ବନ୍ଦ ଘରୁ ପୋଲିସ ଜବତ କରି ଅଠରବାଙ୍କୀସ୍ଥିତ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତକ ହେଲେ କାଶୀନାଥ ଜେନା (୨୭)। ସେ ଭଉଣୀ ଭିଣୋଇଙ୍କ ପାଖରେ ରହୁଥିଲେ। ଭଉଣୀ ଭିଣୋଇ ଏକ ଶୁଦ୍ଧି କାମରେ ଗାଁକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବାବେଳକୁ ଘର ବନ୍ଦ ଥିଲା। ପଡୋଶୀ ଲୋକଙ୍କ ସହାୟତାରେ କବାଟ ଭାଙ୍ଗି ଘରେ ପଶିଲା ବେଳକୁ କାଶୀନାଥ ପଙ୍ଖାରେ ରଶୀ ଲଗାଇ ଝୁଲୁଥିବା ଦେଖିବାକୁ ମିଳିଥିଲା। ପ୍ରେମ ଓ ସୋସିଆଲ ମିଡିଆରେ କିଛି ଫଟୋ ଭିଡିଓ ଭାଇରାଲ ଘଟଣାକୁ ନେଇ ଏପରି ହୋଇଛି ବୋଲି ବାଲିଝରା ବସ୍ତିରେ ଚର୍ଚ୍ଚା ହେଉଛି।

### ଧାର ଟଙ୍କା ମାଗିବାରୁ ହତ୍ୟା ଧମକ

**ବାଲିକୁଦା,୧୩।୨(ସ୍ୱ.ପ୍ର.):** ବାଲିକୁଦା ଥାନା ମୂଳଗାଁ ପଞ୍ଚାୟତ ସିଙ୍ଗିରି ଗ୍ରାମର ସନାତନ ସେଠୀ ଧାର ଟଙ୍କା ଫେରସ୍ତ କରିବାକୁ କହିବାରୁ ତାଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ବାଲିକୁଦା ଥାନାରେ ଅଭିଯୋଗ ହେବା ପରେ ସେହି ଗ୍ରାମର ଅର୍ଜୁନ ଦାସଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସନାତନଙ୍କ ଅଭିଯୋଗ ଅନୁଯାୟୀ, ଅର୍ଜୁନଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିଲା। ସେଥିପାଇଁ ଅର୍ଜୁନଙ୍କ ଅଭାବ ସମୟରେ ସେ ତାଙ୍କୁ ୨ ବର୍ଷ ଭିତରେ ୬୦ ହଜାର ଟଙ୍କା ଧାର ଦେଇଥିଲେ। ଗତ ନଭେମ୍ବର ୧୯ରେ ସନାତନଙ୍କ ଟଙ୍କା ଆବଶ୍ୟକ ପଡିବାରୁ ଅର୍ଜୁନଙ୍କୁ ଧାର ଟଙ୍କା ଫେରାଇବାକୁ କହିଥିଲେ। କିନ୍ତୁ ଅର୍ଜୁନ ଆଜି କାଲି କହି ଦିନ ଗଡେଇ ଚାଲିଥିଲେ। କିନ୍ତୁ ଅତି ଆବଶ୍ୟକ ପଡିବାରୁ ସନାତନ ଟଙ୍କା ଫେରସ୍ତ କରିବା ପାଇଁ ଜିଦ୍ କରିବାରୁ ଅର୍ଜୁନ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ତାଙ୍କ ସହ କିଛି ସହଯୋଗୀ ମଧ ସନାତନଙ୍କୁ ବିଭିନ୍ନ ମାରଣାସ୍ତ୍ର ଧରି ମାରି ଗୋଡାଇବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଛନ୍ତି। ଏନେଇ ସନାତନ ଗାଁ ଛାଡି ଲୁଚି ବୁଲୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

### ଷ୍ଟାଣ୍ଡ ପୋଷ୍ଟରୁ ପାଣି ନେବାରୁ ମହିଳାଙ୍କୁ ଆକ୍ରମଣ

**ବାଲିକୁଦା,୧୩।୨(ସ୍ୱ.ପ୍ର.):** ବାଲିକୁଦା ଥାନା ନାଗପୁର ଗାଁର ଜଣେ ମହିଳା ଦାଣ୍ଡରେ ଥିବା ଷ୍ଟାଣ୍ଡପୋଷ୍ଟରୁ ପାଣି ନେବାରୁ ପଡ଼ୋଶୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଏନେଇ ବାଲିକୁଦା ଥାନାରେ ରବିବାର ଅଭିଯୋଗ ହେଲା ପରେ ମାମଲା (ନଂ.୬୯/୨୩) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଗାଁର ପୁଷ୍ପଲତା ଖୁଣ୍ଟିଆ ଦାଣ୍ଡ ଆଗରେ ଥିବା ଷ୍ଟାଣ୍ଡପୋଷ୍ଟରୁ ପାଇପ୍ ପକାଇ ନିଜ ଘରକୁ ପାଣି ଆଣୁଥିଲେ। ଏହାକୁ ପଡ଼ୋଶୀ ଶିବ ପ୍ରସାଦ ଖୁଣ୍ଟିଆ ବିରୋଧ କରିଥିଲେ। ଏନେଇ ବଚସା ହେବାରୁ ଶିବ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପୁଷ୍ପଲତାଙ୍କୁ ମାଡ଼ ମାରିଥିଲେ। ଫଳରେ ପୁଷ୍ପଲତା ଆହତ ହୋଇଛନ୍ତି। ପାଟି ଶୁଣି ପୁଷ୍ପଲତାଙ୍କ ସ୍ୱାମୀ ଘରୁ ଆସି ବିରୋଧ କରିବାରୁ ଶିବ ଓ ତାଙ୍କ ବଡ଼ ଭାଇ ମିଶି ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ପୁଣି ଷ୍ଟାଣ୍ଡପୋଷ୍ଟରୁ ପାଣି ନେଲେ ହତ୍ୟା କରିବାକୁ ଧମକ ଦେଇଥିବା ନେଇ ପୁଷ୍ପଲତା ଅଭିଯୋଗରେ ଦର୍ଶାଇନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ବିଦ୍ୟାଳୟ ଫାଟକରେ ତାଲାପକାଇ ଧାରଣା

- ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମୁଖ୍ୟ କାର୍ଯ୍ୟକୁ ବିରୋଧ
- ବିଇଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ବାଲିଆ,୧୩।୨ (ସ୍ୱ.ପ୍ର.)**

ବିରିଡି ବ୍ଲକ ଅନ୍ତର୍ଗତ ତେନ୍ତୁଳିଆ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମନମୁଖୀଭାବେ କାର୍ଯ୍ୟ କରୁଥିବା ଅଭିଯୋଗ କରି ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ସୋମବାର ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ବିଦ୍ୟାଳୟକୁ ଆସୁଥିବା ସରକାରୀ ଅର୍ଥ ଖର୍ଚ୍ଚରେ ଅନିୟମିତତା ହେଉଛି, ନିମ୍ନମାନର ଖାଦ୍ୟ ଓ ପୋଷାକ ବଣ୍ଟନ କରାଯାଉଛି, କରୋନା ମହାମାରୀ ସମୟରେ ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା ଚାଉଳ ଓ ଅର୍ଥ ରାଶି ଏପର୍ଯ୍ୟନ୍ତଦିଆଯାଇନାହିଁ। ଏହାଛଡା ଅଧିକାଂଶ ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଏନେଇ ଉପରସ୍ଥ ଅଧିକାରୀ ଅବଗତ


ଧାରଣାରେ ବସିଥିବା ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ ଏବଂ ଅଭିଭାବକମାନେ।

କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତେଣୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ତାଙ୍କୁ ବଦଳି କରିବାକୁ ସେମାନେ ଦାବି କରିଥିଲେ। ଧାରଣା ଯୋଗୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଭିତରକୁ ଯାଇପାରି ନ ଥିଲେ। ଖବରପାଇ ବ୍ଲକ ଶିକ୍ଷାଧିକାରୀ ସର୍ବେଶ୍ୱର ବିଶ୍ୱାଳ, ଆଇଆଇସି ନିରଞ୍ଜନ ମଲିକ, ସରପଞ୍ଚଙ୍କ ପ୍ରତିନିଧି ବଳରାମ ମଲିକ, ସିଆରସିସି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ସରପଞ୍ଚଙ୍କ ପ୍ରତିନିଧି ବଳରାମ ମଲିକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଧାରଣାକାରୀମାନେ ବିଭିନ୍ନ ଅଭିଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଏସବୁ ଅଭିଯୋଗର ଏକ ମାସ ମଧ୍ୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଇନୁମତି ପ୍ରଧାନଙ୍କ ନେତୃତ୍ୱରେ ଉପସଭାପତି ଲିଙ୍ଗରାଜ ସ୍ୱାଇଁ, ସୁବର୍ଣ୍ଣ ଜେନା, ପ୍ରମୋଦିନୀ ମହାରଣା, ବିପିନ ସ୍ୱାଇଁ, ଅନିରୁଦ୍ଧ ସ୍ୱାଇଁ, ହେମନ୍ତ ଖଟେଇ, ନନ୍ଦିନୀ ସାହୁ, ନୀହାରିକା ସାହୁ, ଗାୟତ୍ରୀ ସ୍ୱାଇଁ, ଆରତୀ ପ୍ରଧାନ, ସବିତା ପ୍ରଧାନ, ରାଜଲକ୍ଷ୍ମୀ ପ୍ରଧାନ, ଅମିତା ସ୍ୱାଇଁ, ଅନିତା ମଲିକ, ମଞ୍ଜୁଲତା ସ୍ୱାଇଁ, ସୁଦର୍ଶନ ସ୍ୱାଇଁ ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିଲେ।

# ରାତ୍ରିକାଳୀନ କ୍ରିକେଟ୍: ଅଳାଭର ଚାମ୍ପିୟନ


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

**ବାଲିକୁଦା,୧୩।୨(ସ୍ୱ.ପ୍ର.)**

ବାଲିକୁଦା ସ୍ଥିତ ଗାଦିବ୍ରହ୍ମ କ୍ରିକେଟ କ୍ଲବ ଅପଣ୍ଡରା ଆନୁକୂଲ୍ୟରେ ଆୟୋଜିତ ତୃତୀୟ ବାର୍ଷିକ ରାତ୍ରିକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଅଳାଭର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଅଳାଭର ଓ ମହାବୀର କ୍ରିକେଟ୍ କ୍ଲବ ଖାଲଗାଁ ମଧ୍ୟରେ ଖେଳାଯାଇଥିଲା। ଅଳାଭର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୭୧ ରନ କରିଥିଲା। ଜବାବ୍‌ରେ ଖାଲଗାଁ ନିର୍ଦ୍ଧାରିତ ୧୦ ଓଭରରେ ୬୨ ରନ କରି ପରାସ୍ତ ହୋଇଥିଲା। ଅଳାଭର ଟିମ୍‌ର ରାଜା ଶ୍ରେଷ୍ଠ ପ୍ରଦର୍ଶନ କରି ମ୍ୟାନ ଅଫ୍ ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ। ଶ୍ରେଷ୍ଠ ଉଇକେଟକିପର ଭାବେ ବନ୍ଧନଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଭାବେ ଅଭିଷେକ ମହାନ୍ତି ଓ ବିନେଶ ସାହୁ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରିଂରେ ସିପୁନ ପରିଡା ଓ ସ୍ମୃତି ମହାନ୍ତି ସହଯୋଗ କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ମୁଖ୍ୟ ବକ୍ତାଭାବେ ଜିଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁ, ଯୁବ ସଙ୍ଗଠକ ମାନସ ଜେନା ଓ ଅପଣ୍ଡରା ସମବାୟ ସମିତି ସଭାପତି ଜୟ ପ୍ରକାଶ ମହାନ୍ତି ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

# ତଦନ୍ତ କରା ନ ଗଲେ ରାସ୍ତାକୁ ଓହ୍ଲାଇବେ ହିତାଧିକାରୀ

### ଆବାସ ତାଲିକାରୁ ନାମ ବାଦ୍ ପଡିଥିବାରୁ ବଢ଼ିଲା ଅସନ୍ତୋଷ


ବିଡିଓଙ୍କ ନିକଟରେ ହିତାଧିକାରୀମାନେ ଅଭିଯୋଗ କରୁଛନ୍ତି।

**ରଘୁନାଥପୁର,୧୩।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତଦନ୍ତକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତଦନ୍ତ ସମୟରେ ପକ୍କାଗୃହ ପାଇବାକୁ ଥିବା ହିତାଧିକାରୀଙ୍କ ତାଲିକାରୁ କେତେଜଣ ପରିବାରଙ୍କ ନାମ ବାଦ୍ ଦିଆଯାଇଥିବାରୁ ଲୋକେ କ୍ଷୁବ୍ଧ ହୋଇଛନ୍ତି। ଏନେଇ ଏକ ଗ୍ରାମସଭା ଆୟୋଜନ କରାଯାଇ ତାଲିକାରେ ପ୍ରକାଶ ପାଇଥିବା ସମସ୍ତ ୭୨ ହିତାଧିକାରୀଙ୍କୁ ଘର ଯୋଗାଇ ଦେବା ପାଇଁ ରିଜୋଲୁଶନ ମାଧ୍ୟମରେ ସରକାରଙ୍କୁ ଅବଗତ କରାଯାଇଛି। ଏହାଛଡା ସୋମବାର ଉକ୍ତ ପଞ୍ଚାୟତର ୨୯ ଜଣ ହିତାଧିକାରୀ ବିଡିଓ ଲମ୍ବୋଦର ଖୁଣ୍ଟିଆଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ପୁନଃ ତଦନ୍ତ କରା ନ ଗଲେ ଲୋକେ ବାଧହୋଇ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ପଞ୍ଚାୟତରେ ୫୦ ପ୍ରତିଶତ ଦଳିତ ଓ ଆଦିବାସୀ ସମ୍ପ୍ରଦାୟର। ୨୦୧୧ ଆର୍ଥିକ ଜନଗଣନା ସର୍ଭେ ରିପୋର୍ଟ ଆଧାରକୁ ନେଇ ବିଭିନ୍ନ ସମୟରେ ତଦନ୍ତ କରାଯାଇ ଉକ୍ତ ପଞ୍ଚାୟତରେ ଚାଳଛପର ଥିବା ୭୨ ପରିବାର ପକ୍କାଗୃହ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରତି ୧୦ ବର୍ଷରେ ସରକାରଙ୍କ ପକ୍ଷରୁ ଆର୍ଥିକ ଜନଗଣନା କରାଯାଇଥାଏ। ଅଦ୍ୟାବଧି ଏହା କରାଯାଇ ନ ଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତକାରୀ ଅଧିକାରୀମାନେ ଯେଉଁ ଆଧାରରେ ତଦନ୍ତ କରିଛନ୍ତି, ତାହା ଗ୍ରହଣୀୟ ନୁହେଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ତାଲିକାରୁ ଯୋଗ୍ୟ ହିତାଧିକାରୀଙ୍କ ନାମ ବାଦ ଦିଆଯାଇଛି ବୋଲି ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲ ପ୍ରକାଶ କରିଛନ୍ତି। ବିଡିଓ ଖୁଣ୍ଟିଆ ଅଭିଯୋଗକାରୀଙ୍କଠାରୁ ଅଭିଯୋଗ ରଖିବା ସହ ଏ ସମ୍ପର୍କରେ ବୁଝିବା ପାଇଁ ପ୍ରତିଶ୍ରୁତି ଦେବାପରେ ଲୋକେ ଉକ୍ତ ସ୍ଥାନ ଛାଡିଥିଲେ। ଏ ସମ୍ପର୍କରେ ଲୋକଲୋଚନ ନାୟକ, ରଞ୍ଜନ ସେଠୀ, ମହେନ୍ଦ୍ର ସ୍ୱାଇଁ, ସୁରେଶ ନାୟକ, ଦୀପକ ଭୋଇ, ରାଜନ ସାମଲ ପ୍ରମୁଖ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଜିଲାସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ: ବାଲେଶ୍ୱର ବିଜୟୀ

**ପାରାଦୀପ,୧୩।୨(ସ୍ୱ.ପ୍ର.)**

ପାରାଦୀପ ମଧୁବନସ୍ଥିତ ଏନ୍‌ଏସି ଗ୍ରାଉଣ୍ଡରେ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ମ୍ୟାଚରେ ଆଦର୍ଶ କ୍ରିକେଟ କ୍ଲବ ବାଲେଶ୍ୱର ବିଜୟୀ ହୋଇଛି। ୟୁନିୟନ ସ୍ପୋର୍ଟିଂ କଟକ ଓ ବାଲେଶ୍ୱର ମଧ୍ୟରେ ଏହି ମ୍ୟାଚ ହୋଇଥିଲା। ଟସ୍ ଜିତି ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୭ ଉଇକେଟ୍ ହରାଇ ୨୬୬ ରନ କରିଥିଲା। ଜବାବରେ କଟକ ଟିମ୍ ୨୫ ଓଭରରେ ସମାନ ୭ ଉଇକେଟ୍ ହରାଇ ୨୪୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବାଲେଶ୍ୱର ଟିମ୍‌ର ଅନୁରାଗ ପ୍ରତୀକ ସର୍ବାଧିକ ୧୦୫ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ବିଜୁ ମେମୋରିଆଲ ହସ୍ପିଟାଲ ଡାକ୍ତର ପ୍ରସନ୍ନ କୁମାର ସାମଲ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ସ୍ଥିତି ଅନୁଧ୍ୟାନ କଲେ ବ୍ଲକ ଅଧକ୍ଷ

### ୪ ପଞ୍ଚାୟତରେ ହେବ ଅମୃତ ସରୋବର ଯୋଜନା

**ତିର୍ତ୍ତୋଲ, ୧୩।୨ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକର ୪ ପଞ୍ଚାୟତରେ କାର୍ଯ୍ୟକାରୀ ହେବାକୁ ଥିବା ଅମୃତ ସରୋବର ଯୋଜନା କାର୍ଯ୍ୟକୁ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା ସୋମବାର ଅନୁଧ୍ୟାନ କରିଛନ୍ତି। ସେ ଏହି ବ୍ଲକ ଅଧୀନ ବୋଧେଇ ପଞ୍ଚାୟତର କଣ୍ଡରାବତୀ ପୋଖରୀ, ଡୁଲଙ୍ଗ ପଞ୍ଚାୟତର ତାଳ ପୋଖରୀ, ସାମନ୍ତରାପୁର ପଞ୍ଚାୟତର ନୂଆ ପୋଖରୀ ଓ କନକପୁର ପଞ୍ଚାୟତର ଦଳିଆପୋଖରୀ ପ୍ରକଳ୍ପସ୍ଥଳ ପରିଦର୍ଶନ କରି ସ୍ଥାନ ନିରୂପଣ କରିବା ସହ ବିଭିନ୍ନ ମାନଦଣ୍ଡ ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ, ସେ ସମ୍ପର୍କରେ ସେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଅଟଳ ବିହାରୀ ସ୍ୱାଇଁ, ବୋଧେଇ ସରପଞ୍ଚଙ୍କ ପ୍ରତିନିଧି ଅଭିରାମ ଆଚାର୍ଯ୍ୟ କନକପୁରର ସରପଞ୍ଚଙ୍କ ପ୍ରତିନିଧି ଅଶୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୫୯୪ ଅଭିଯୋଗରୁ ୬୭ ଫଇସଲା



**କୁଜଙ୍ଗ,୧୩।୨ (ଡି.ଏନ୍.ଏ.)**

### ଜିଲାସ୍ତରୀୟ ଜନଶୁଣାଣି ଶିବିର

କୁଜଙ୍ଗ କୁଜଙ୍ଗ ସୂଚନା କେନ୍ଦ୍ରରେ ଜିଲାପାଳଙ୍କ ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲାପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୫୯୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୫୮୫ ଅଭିଯୋଗ, ଗୋଷ୍ଠୀଗତ ସମସ୍ୟାକୁ ନେଇ ୯ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ନିମନ୍ତେ ୪୫୪, ଜମିଜମା ସମ୍ପର୍କିତ ୨୦, ରାଶନ କାର୍ଡ ସମସ୍ୟା ୧୪, ଭତ୍ତା ସମ୍ପର୍କିତ ୧୩, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨, ପୋଲିସ ସମସ୍ୟା ୧ ଏବଂ ଅନ୍ୟାନ୍ୟ ୪ ଅଭିଯୋଗର ଶୁଣାଣି ହୋଇଥିଲା। ୬୭ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ଏସ୍‌ପି ରାହୁଲ ପିଆର, ଜିଲା ପରିଷଦର ମୁଖ୍ୟ ତଥା ନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ଦାଶ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ତିର୍ତ୍ତୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣର ୧ ମାସ ପରେ ଉଠିଯାଉଛି ପିଚୁ

### ମରିଚପୁର-ବନ୍ଦର ରାସ୍ତା

- ନିମ୍ନମାନର କାମ ଅଭିଯୋଗ କଲେ ଗ୍ରାମବାସୀ
- ୨ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ହୋଇଛି

**ବାଲିକୁଦା,୧୩।୨(ସ୍ୱ.ପ୍ର.)**


ଗ୍ରାମବାସୀ ରାସ୍ତାରୁ ଉଠି ଯାଇଥିବା ପିଚୁ ଦେଖାଉଛନ୍ତି।

ଜଗତ୍‌ସିଂହପୁର ଗ୍ରାମ ଉନ୍ନୟନ ବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାସେ ପୂର୍ବେ ମରିଚପୁର-ବନ୍ଦର ରାସ୍ତା ନିର୍ମାଣ ହୋଇଥିଲା। ମାତ୍ର ଏଠାରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶଯେ ଜଗତ୍‌ସିଂହପୁର ଜିଲାର ବଙ୍ଗୋପସାଗର ଓ ଦେବୀନଦୀର ସଙ୍ଗମସ୍ଥଳ ହେଉଛି ବନ୍ଦର । ଏଠାରେ ମା' ବନ୍ଦରେଇଙ୍କ ପୀଠ ରହିଛି । ଏଠାକାର ନଦୀ ଓ ଜଙ୍ଗଲରେ ଭରା ଏହି ଅଞ୍ଚଳକୁ ବିଭିନ୍ନ ସ୍ଥାନରୁ ଲୋକେ ବଣଭୋଜି କରିବା ପାଇଁ ଆସିଥାନ୍ତି। ଏଠାରେ ଗମନାଗମନର ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ତିହୁଡିଠାରୁ ବନ୍ଦର ଭାୟା ନହରଣା ମରିଚପୁର ପର୍ଯ୍ୟନ୍ତ ୫ କି.ମି ରାସ୍ତା ସମ୍ପ୍ରସାରଣ ପାଇଁ ୨କୋଟି ୬୨ଲକ୍ଷ ୭୫ ହଜାର ୯୦୬ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ନିମ୍ନମାନର କାମ କରିଥିବାରୁ ନିର୍ମାଣ ସରିବା ପରେ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତାରେ ଥିବା ପୁରୁଣା ପିଚୁ ଓ ମେଟାଲକୁ ତାଡି ବାହାର କଲା ପରେ ନୂତନ ଭାବେ ମେଟାଲିଂ କରି ପିଚୁ ପକାଇବା ବଦଳରେ ଠିକାଦାର କେତେକାଂଶରେ ପୁରୁଣା ମେଟାଲକୁ ବ୍ୟବହାର କରି ଭଲ ଭାବରେ ଡଷ୍ଟ ସଫା ନକରି ପିଚୁ ପକାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ ସେ ଘଟଣାସ୍ଥଳକୁ ଆସି ତଦନ୍ତ କରି ନ ଥିବାରୁ ଠିକାଦାର ମନମୁଖି ଭାବେ କାମ କରିଥିବା ନେଇ ଗ୍ରାମର ପ୍ରବିର ସ୍ୱାଇଁ, ଦୀଲିପ ବେହେରା, ପ୍ରକାଶ ବିଶ୍ୱାଳ, ସନ୍ତୋଷ ନାୟକ, ପ୍ରଭାସ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଗ୍ରାମ ନିର୍ମାଣ ବିଭାଜନ ନିର୍ବାହୀଯନ୍ତ୍ରୀ ଅନନ୍ତ ଗୋପାଳ ଶତପଥୀ କହିଛନ୍ତି, ମୁଁ ପୂର୍ବରୁ କେବେ ଅଭିଯୋଗ ପାଇନି । ଯଦି ନିମ୍ନମାନର କାର୍ଯ୍ୟ ହୋଇଥାଏ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-70-22

**କାର୍ଯ୍ୟର ବିବରଣୀ :** ତିନି ବର୍ଷର ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ଖୋର୍ଦ୍ଧା ରୋଡ଼ ଅଧିନସ୍ଥ ଖୋର୍ଦ୍ଧା ରୋଡ଼ - ଗଙ୍ଗାଧରପୁର - ମୋଟାରୀ - ନୂଆଗାଁ ରୋଡ଼ ସେକ୍ସନ, ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ଭୁବନେଶ୍ୱର ଅଧିନସ୍ଥ ଭୁବନେଶ୍ୱର - ରାଧାକିଶୋରପୁର - ରେତଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ପୁରୀ ଅଧିନସ୍ଥ ପୁରୀ - କଣାସ ରୋଡ଼ ସେକ୍ସନ ରେ ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ପାଇଁ ବିବିଧ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 16,83,46,964.46, EMD (ଟଙ୍କାରେ) : ₹ 9,91,700/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.03.2023 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ଼
PR-1000/N/22-23

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001, ଓଡ଼ିଶା

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଏହାର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଚା/କଫି ଭେଣ୍ଡିଂ ମେସିନଗୁଡ଼ିକର ସ୍ଥାପନ ଏବଂ ସେଗୁଡ଼ିକର ରକ୍ଷଣାବେକ୍ଷଣ ହେତୁ ମାନବ ସମ୍ବଳ ଯୋଗାଣ ନିମନ୍ତେ ପ୍ରତିଷ୍ଠିତ ତଥା ଅଭିଜ୍ଞ ଏଜେନ୍ସିରୁ ଦୁଇ ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ପ୍ରତିଷ୍ଠିତ ଏବଂ ପ୍ରାସଙ୍ଗିକ ଅଭିଜ୍ଞତା ଥିବା ଆଗ୍ରହୀ କମ୍ପାନୀ/ସଂସ୍ଥାଗୁଡ଼ିକ ଅଧିକ ବିବରଣୀ ପାଇଁ ଆର୍‌ବିଆଇର ୱେବ୍‌ସାଇଟ୍ (www.rbi.org.in) ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରିପାରିବେ କିମ୍ବା ମାନବ ସଂସାଧନ ପ୍ରବନ୍ଧ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ୍ (https://www.mstcecommerce.com/eprochome/rbi)ରେ ଇ-ଟେଣ୍ଡରର ଆବେଦନର ଶେଷ ତାରିଖ ମାର୍ଚ୍ଚ ୨୧, ୨୦୨୩ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ।
କ୍ଷେତ୍ରୀୟ ନିର୍ଦ୍ଦେଶକ

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-CASHLIFTING-2023

**କାର୍ଯ୍ୟର ନାମ :** 03(ତିନି) ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର 115 ଷ୍ଟେସନ (ଏକ ଶହ ଏବଂ ପନ୍ଦର) ଗୋଟି ଷ୍ଟେସନ / ସ୍ଥାନଗୁଡ଼ିକରୁ ଷ୍ଟେସନ ନଗଦ ଟଙ୍କା ଏବଂ ଉପକରଣଗୁଡ଼ିକର ଉଠାଣ ତଥା ତାହାକୁ ପୂର୍ବ ତଟ ରେଳପଥର PFA ଆକାଉଣ୍ଟ୍‌ରେ ଜମା କରିବା ନିମନ୍ତେ ବ୍ୟାଙ୍କରେ ପ୍ରସ୍ତୁତିକରଣ (Lodgement)।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 2,04,71,947.20, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.02.2023ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.03.2023ରିଖ 1100 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-1001/N/22-23

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**Corrigendum-I to Notice Inviting Tender (NIT)**
Tender Notice No. TPWODL/SD/O/SER/ 140/ Corrigendum/ 001
Rate Contract for Civil work
at District Medical Sonepur at TPWODL

The time period is hereby extended for Submission of Tender Participation Fee and Authorization Letter through e-mail till 15th February 2023, 15:00Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.

Sd /- Chief-Contracts and Stores

**ତହସିଲଦାରଙ୍କ କାର୍ଯ୍ୟାଳୟ, ଟିଟିଲାଗଡ଼**
**ଲଘୁ ଖଣିଜ ଲିଜ୍ ନିମନ୍ତେ**

ସଂଖ୍ୟା: ୪୦୪ ତା୧୩।୦୨।୨୦୨୩ରିଖ

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ ତହସିଲ ଅଧୀନରେ ଥିବା ବିଭିନ୍ନ ସୈରାତ ଉତ୍ସ (ବାଲିଘାଟ)ଗୁଡ଼ିକ ଆଗାମୀ ୫ ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୈରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବସାଇଟ୍ "http://balangir.nic.in" ସୈରାତ ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ସାହାଯ୍ୟ ପାଇଁ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

ସ୍ୱା./– ତହସିଲଦାର, ଟିଟିଲାଗଡ଼

**GOVT. OF ODISHA** No.A-1148:
**OFFICE OF THE SUPERINTENDING ENGINEER BALASORE IRRIGATION DIVISION, BALASORE**
Phone No. 06782-296500, e-Mail id: eebid1234@gmail.com
**'e'-Procurement Notice No. SEBID 03 of 2022-23**

| | | | |
|---|---|---|---|
| 1. | Procurement Officer | : | Superintending Engineer, Balasore Irrigation Division, Balasore |
| 2. | Total No. of Works | : | 11 (Eleven) Nos. of Works |
| 3. | Estimated Cost | : | Varies from Rs.52.93 lakhs to Rs.96.81 lakhs approximately (details can be seen in the DTCN of bid documents of the respective works) |
| 4. | Class of Contractor | : | (Details can be seen in the DTCN of bid documents of the respective works) |
| 5. | Bid Security | : | Details can be seen in the DTCN of bid documents of the respective works. |
| 6. | Period of Completion | : | 03 (Three) Calendar Months. Details can be seen in the DTCN of bid documents respective works. |
| 7. | Date & time of availability of Bid Documents in the portal for Online bidding | : | From Dt.14.02.2023, 10.00 hours to 28.02.2023, upto 17.00 hours. |
| 8. | Last date/time for receipt of Bid only in online | : | 28.02.2023 upto 17.00 hours |
| 9. | Date/time of Opening Technical Bid (Cover-I) | : | 01.03.2023 at 11.00 hours onwards at Office of the Superintending Engineer, Balasore Irrigation Division, Balasore. |
| 10. | e-mail Id | : | eebid 1234@gmail.com |

Further details can be seen from the "e" Procurement Portal http://tendersodisha.gov.in.

Sd./- Superintending Engineer
Balasore Irrigation Division, Balasore
OIPR-32110/11/0013/2223

**OFFICE OF THE DIRECTOR OF PHYSICAL PLANTS OUAT, BHUBANESWAR**
**"e" Procurement Notice No.07/2022-23**
No.KK-332: No.382, Date:10.2.23

| | | |
|---|---|---|
| 1. | Name of the Work | 03 number works of OUAT at Bhubaneswar |
| 2. | Estimated Cost | Rs.7.17 lakh to Rs. 71.32 lakh approximate |
| 3. | Period of Completion | 30 days to 180 days |
| 4. | Date and Time of availability of Bid documents in the portal | From Dt.16.02.2023 to 17.00 hrs of dt.02.03.2023 |
| 5. | Last date/time for receipt of bids in the portal | Dt.02.03.2023 upto 17.00 hrs. |
| 6. | Submission of Original documents (TP cost, EMD, Affidavit (Schedule-F) & joint venture agreement etc. as per DTCN | During office hours from dt.03.03.2023 to dt.04.03.2023 upto 17.00 hrs in the office of the undersigned. |
| 7. | Date of Opening of Bid through online | (a) Single Cover System- 1 No. (b) Double Cover syetem (Cover-I) 2 Nos. will be opened on Dt.06.03.2023 at 11.00 hrs in the Office of the undersigned. |

Further details can be seen from the e-Procurement portal https://tendersodisha.gov.in. N.B.:Subsequent corrigendum/addendum if required shall be available in the website as indicated above.

Sd./- Director of Physical Plants
OUAT, Bhubaneswar
OIPR-01036/11/0048/2223

## ସଂକ୍ଷେପରେ

### ଅଗ୍ନି ବିପନ୍ନଙ୍କୁ ସହାୟତା

ଚଣ୍ଡିଖୋଲ,୧୩।୨(ଡି.ଏନ.ଏ.):ବଡ଼ଚଣା ଗ୍ରାମର ସଚ୍ଚିଦାନନ୍ଦ ସାମଲଙ୍କ ୨ବଖରା ରବିବାର ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଚୁଲିରୁ ନିଆଁ ଲାଗି ଘର ୨ବଖରା ଜଳିଯିବା ପରେ ସେ ସମ୍ପୂର୍ଣ୍ଣ ବାସହରା ହୋଇ ପଡ଼ିଛନ୍ତି। ସୋମବାର ଚଣ୍ଡିଖୋଲର ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ସଚ୍ଚିଦାନନ୍ଦଙ୍କ ଘରେ ପହଞ୍ଚି ପରିବାରକୁ ଶୁଖିଲା ଖାଦ୍ୟ,ଲୁଗାପଟା,ରାଶନ ସାମଗ୍ରୀ ସହିତ ଅର୍ଥ ରାଶି ପ୍ରଦାନ କରିଛନ୍ତି। ଏଥିରେ ଅନୁଷ୍ଠାନର ସଭାପତି ଅବିନାଶ ଜେନା, ଅମ୍ବିକା ପ୍ରସାଦ ମିଶ୍ର, ଦିଗମ୍ବର ମହାପାତ୍ର, ସୁଜିତ୍ କୁମାର ସିଂହ, ମଦନ ମୋହନ ପରମାଣିକ, ଶେଷ ଦେବ ପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ।

### ଇଲେଭେନ ଷ୍ଟାର ଚାମ୍ପିୟନ

#### ପପୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଧର୍ମଶାଳା,୧୩।୨(ଡି.ଏନ୍.ଏ.):ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ଠାରେ ଚାଲିଥିବା ପପୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସାଲନ୍ଦୀ ଭଦ୍ରକକୁ ୬ରନରେ ହରାଇ ଇଲେଭେନ ଷ୍ଟାର ଯାଜପୁର ବିଜୟୀ ହୋଇଛି। ଯାଜପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦିବାକର ସାହୁ ୨୮ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ବୋଲର ରଣଜିତ ବାରିକ ୪ ଉଇକେଟ ନେଇଥିଲେ। ଜବାବରେ ଭଦ୍ରକ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଅଜିତ ସାହା ୨୯ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ନାଜିର ଅଲ୍ଲି ୪ ଉଇକେଟ ନେଇ ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ। ଖେଳକୁ ଶିବବ୍ରତ ଶତପଥୀ ଓ ନିକୁଞ୍ଜ ବେହେରା ପରିଚାଳନା କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଶୁଧାଂଶୁ ଶେଖର ସାହୁ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଗୌତମ ସାହୁ, ସମ୍ମାନିତ ଅତିଥି ଭାବରେ ମନୋରଞ୍ଜନ ସାହୁ, ସତ୍ୟବ୍ରତ ସାହୁ, ଲୋକନାଥ ରାଉତ, ଅକ୍ଷୟ ମିଶ୍ର ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ କ୍ରୀଡାବିତ୍ ସୁକାନ୍ତ ବେହେରା, ଅଜିତ କୁମାର ସ୍ୱାଇଁ ଓ ଲକ୍ଷ୍ମଣ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ।

### ବରିଷ୍ଠ ଶିକ୍ଷାବିତ୍‌ଙ୍କ ପରଲୋକ

ବରୀ, ୧୩। ୨ (ଡି.ଏନ.ଏ) : ବରୀ ବ୍ଲକ୍ ଅଙ୍ଗାଲୋ ପଞ୍ଚାୟତ ଅଧୀନ ଅରିଲୋ ଗ୍ରାମର ଶିକ୍ଷାବିତ୍ ଅଚ୍ୟୁତାନନ୍ଦ ସାମଲଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। କେବଳ ଶିକ୍ଷାବିତ୍ ହିସାବରେ ନୁହେଁ ବିଭିନ୍ନ ପ୍ରବନ୍ଧ ଲେଖିବା ଓ ସଂସ୍କାରମୂଳକ କାର୍ଯ୍ୟ କରି ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏହି ଖବର ଜଣାପଡିବା ପରେ ବରୀ ବିଧାୟିକା ସୁନନ୍ଦା ଦାସ,ପ୍ରାକ୍ତନ ଅଧକ୍ଷ ନୀଳମଣି ସାମଲ, ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ପ୍ରାକ୍ତନ ସରପଞ୍ଚ ପ୍ରମୋଦ ସାମଲ, ଶିକ୍ଷାବିତ ସନାତନ ସୁବୁଦ୍ଧି ରାୟ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାମଲ,



ଗୋପବନ୍ଧୁ ଦାସ, କର୍ଣ୍ଣ ଚନ୍ଦ୍ର ଘଡାଇ, ବୃନ୍ଦାବନ ସାମଲ, କକଓଷ୍ଟା ସମ୍ପାଦକ ନିର୍ମଳ କୁମାର ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଗରିବଙ୍କ ପାଇଁ ଆବାସ ଯୋଜନା ସ୍ୱପ୍ନ

- କିଆପଦା,ଚଢ଼େଇପାଟିଆ ଗ୍ରାମର ଦୁଃଖୀ ପରିବାର ହତାଶ
- ୯ ପରିବାର ସଦସ୍ୟଙ୍କ ପାଇଁ ଗୋଟିଏ ଛପର ଘର



ଭିନ୍ନକ୍ଷମ ପୁଅ ମୁନିଙ୍କ ସହିତ ମଦନ ଜେନା।

କୋରେଇ,୧୩।୨(ଡି.ଏନ.ଏ.)

ଯାଜପୁର ଜିଲା କୋରେଇ ବ୍ଲକ୍ ଅନ୍ତର୍ଗତ ୨୮ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସକୁ ନେଇ ଦିନକୁ ଦିନ ଅସନ୍ତୋଷ ଘନୀଭୂତ ହେବାରେ ଲାଗିଛି। ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ପାଇବାକୁ ଗରୀବ ହିତାଧିକାରୀମାନେ ପଞ୍ଚାୟତଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ନୟାନ୍ତ ହେଉଛନ୍ତି । ଅଭିଯୋଗ ପତ୍ର ବଢ଼ିବା ସହିତ ଆବାସ ପାଇବାକୁ ଆବେଦନ ପତ୍ର ମଧ୍ୟ ବଢ଼ିବାରେ ଲାଗିଛି । ଯାହା ଏବେ ବ୍ଲକ୍ ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ସ୍ଥାନୀୟ ରାଜନେତାଙ୍କ ପ୍ରରୋଚନାରେ କାହାକୁ କାଟି କାହାକୁ ରଖିବେ ଏହି ଗୋଲକ ଧନ୍ଦାରେ ବ୍ଲକ୍ ପ୍ରଶାସନ ଛନ୍ଦି ହେଉଥିବା ବେଳେ ପାଲ ତଳେ ଜୀବନ କାଟୁଥିବା ଗରିବ ଲୋକଟି ପାଇଁ ଆବାସ ଯୋଜନା ସାତସପନ ହୋଇଛି।

ଏହି ପରିପ୍ରେକ୍ଷୀରେ ବ୍ଲକ୍ ପ୍ରଶାସନରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୮ଟି ପଞ୍ଚାୟତରୁ ୨୭୩ଟି ଅଭିଯୋଗ ହୋଇଥିଲା । ସେଥିମଧ୍ୟରୁ ତଦନ୍ତ କରାଯାଇ ଗୋଲେଇପୁର ପଞ୍ଚାୟତରେ ୩୫, ଅନ୍ଧାରୀରୁ ୧୮, ସାଦକପୁର ୧୩, ମକୁନ୍ଦପୁର, ଗୌରୁପୁର ହଳଦୀଗଡ଼ିଆ ୭ ଜଣ ଲେଖାଏଁ ତଲଗଡ଼ ଓ ପାଟରଙ୍ଗାରୁ ୪ , ବରୁଣ୍ଡେଇରୁ ୫, ତାରାକୋଟ ଓ ମୂଳାପାଳ ୩, ତାହାରପୁର ୨, ଦୁଲତି ଓ ତଣ୍ଡରା ପଞ୍ଚାୟତରୁ ଜଣେ ଲେଖାଏଁ ମିଶି ସର୍ବମୋଟ ୧୧୦ ଜଣ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ପ୍ରକାଶିତ ତାଲିକାରୁ ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ଦିଆଯାଉଛି । ସେହି ସ୍ଥାନରେ ଯୋଗ୍ୟ ହିତାଧିକାରୀଙ୍କ ନାମ କେବେ ଯୋଡାଯିବ ବୋଲି ବ୍ଲକ୍ ଅଧିକାରୀଙ୍କୁ ପ୍ରଶ୍ନ କରିବାରୁ କୌଣସି ଉତ୍ତର ମିଳୁନାହିଁ । ଫଳରେ ଆବାସ ପାଇବାକୁ ଆଶା ରଖିଥିବା ସାଧାରଣ ଗରିବ ଲୋକଙ୍କ ଆଶା ମଉଳି ଯାଉଛି।

ଏହି ବ୍ଲକ୍ ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତ କିଆପଦା ( ଚଢ଼େଇପାଟିଆ ) ଗ୍ରାମକୁ ଏକ ଉଦାହରଣ ଭାବେ ନିଆଯାଇଛି । ଗ୍ରାମରେ ପ୍ରାୟ ୬୫ରୁ ଊର୍ଦ୍ଧ୍ୱ ଦଳିତ ପରିବାର ବାସ କରନ୍ତି । ପ୍ରାୟ ୪୦ ପରିବାରକୁ ଛାଡିଦେଲେ ଅନ୍ୟ ୨୫ ପରିବାର ପାଇଁ ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡିଏ ପକ୍କାଘର ନାହିଁ । ସେମାନଙ୍କ ମଧ୍ୟରୁ ଗ୍ରାମର ମଦନ ଜେନା (୬୮)ଙ୍କ ପରିବାରକୁ ଦୃଷ୍ଟାନ୍ତ ସ୍ୱରୂପ ନିଆଯାଇପାରେ । ୩ ପୁଅ, ୩ ବୋହୂ, ସ୍ତ୍ରୀ ଓ ଗୋଟିଏ ଝିଅକୁ ନେଇ ମଦନଙ୍କ ପରିବାର । ପ୍ରତିଦିନ ମଜୁରି ଲାଗି ମଦନ ପରିବାର ପ୍ରତିପୋଷଣ କରୁଥିବା ବେଳେ ସାନ ପୁଅ ମୁନି ଜେନା (୨୯) ଶାରୀରିକ ଅକ୍ଷମ । ଏହି ୯ ପ୍ରାଣୀର କୁଟୁମ୍ବକୁ ନେଇ ଦୁଃଖ କଷ୍ଟରେ ପରିବାର ଚଳାଉଥିବା ମଦନ ଝାଟିମାଟି ସାଙ୍ଗକୁ ନୁଆଁଣିଆ ଚାଳଛପର ଘରେ ଅତି ଦୟନୀୟ ଅବସ୍ଥାରେ କାଳତିପାତ କରୁଛନ୍ତି। ପ୍ରତିବର୍ଷ ଅର୍ଥ ଅଭାବରୁ ଚାଳ ଘରଟିକୁ ଛପର କରିପାରନ୍ତି ନାହିଁ। ବର୍ଷା ଦିନ ଆସିଲେ ମଦନଙ୍କ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଇଥାନ୍ତି । ବର୍ଷ ପରେ ବର୍ଷ ବିତିଲେ ମଧ୍ୟ ସରକାରୀ ଆବାସ ଖଣ୍ଡିଏ ନ ମିଳିବାରୁ ସେହି ପରିବାର ପାଲ ଟାଙ୍ଗି ଜୀବନ କାଟୁଛନ୍ତି । ଝଡ଼ବର୍ଷା ହେଲେ ଗାଁ ସ୍କୁଲ ବାରଣ୍ଡାରେ ସପରିବାର ଆଶ୍ରୟ ନେଇଥାନ୍ତି । ମଦନ କେତେ ଆଶା କରିଥିଲେ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବେ । ହେଲେ ବିଡମ୍ବନାର ବିଷୟ ପ୍ରକାଶିତ ତାଲିକାରେ ତାଙ୍କର ନାମ ସ୍ଥାନ ପାଇନାହିଁ । ଦାୟିତ୍ୱରେ ଥିବା ଅଧିକାରୀ କେଉଁ ଆଧାରରେ ତଦନ୍ତ କଲେ ଯେ ତାଙ୍କ ନାମ ତାଲିକାରୁ ବାଦ୍ ପଡ଼ିଛି ବୋଲି ସେ କ୍ଷୋଭର ସହିତ ପ୍ରକାଶ କରିଛି। ଏନେଇ ତାଙ୍କର ଭିନ୍ନକ୍ଷମ ସାନ ପୁଅ ମୁନି ଜେନା ଦରଖାସ୍ତ ମାଧ୍ୟମରେ କୋରେଇ ବିଡ଼ିଓ ଏବଂ ଯାଜପୁର ଜିଲାପାଳଙ୍କ ନିକଟରେ ଗୁହାରୀ କରିଛନ୍ତି । ମଦନ ଭଳି ଅନେକ ଗରିବ ପରିବାର ଆବାସ ଯୋଜନାରୁ ବଞ୍ଚିତ ହେଇଥିବାରୁ ବୁଦ୍ଧିଜୀବୀ ମହଲରେ ଚୟନ ଓ ତଦନ୍ତ ପ୍ରକ୍ରିୟାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ବ୍ଲକ୍ କର୍ତ୍ତୃପକ୍ଷ ଓ ସ୍ଥାନୀୟ ରାଜନେତାଙ୍କ ମଧୁଚନ୍ଦ୍ରିକାରେ ଅନେକ ଯୋଗ୍ୟ ହିତାଧିକାରୀ ବଳି ପଡୁଛନ୍ତି ବୋଲି ଚର୍ଚ୍ଚା ହେଉଛି । ଏନେଇ ଅନ୍ଧାରୀ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ ବିଡ଼ିଓଙ୍କ ସହିତ ଯୋଗାଯୋଗ କରିବାକୁ କହିଥିଲେ । ଅନ୍ୟପକ୍ଷେ ପ୍ରୋସିଡିଂ ଚାଲିଛି। ଏବେ କିଛି କରିହେବ ନାହିଁ ବୋଲି ପ୍ରକାଶ କରିଛନ୍ତି ।

# ଆବାସ ଯୋଜନାରେ ସ୍ୱଚ୍ଛତାକୁ ନେଇ କଂଗ୍ରେସର ଦାବିପତ୍ର

ବରୀ,୧୩।୨ (ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ବହୁ ଯୋଗ୍ୟ ହିତାଧିକାରୀଙ୍କ ନାମ ନ ଥିବା ଘଟଣାକୁ ନେଇ ବରୀ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ଯୁବ ସମ୍ପାଦକ ଅମରେଶ ପରିଡ଼ାଙ୍କ ନେତୃତ୍ୱରେ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ ବହୁ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସ୍ଥାନୀୟ ରାମେଶ୍ୱର ମନ୍ଦିର ନିକଟରୁ ଶତାଧିକ ଦଳୀୟ କର୍ମୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ବରୀ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଦାବିପତ୍ରକୁ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ ଗ୍ରହଣ କରିଥିଲେ। ସରକାରୀ ନିୟମ ମୁତାବକ ତାଲିକାରୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାଭୁକ୍ତ କରାଯାଇ ସେମାନଙ୍କୁ ଏହି ଯୋଜନାରେ ବାସଗୃହ ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ବରୀ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ବକ୍ତାମାନେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାନସ ରଞ୍ଜନ ସାହୁ, ରାଜେଶ କୁମାର ଜେନା, ରତିକାନ୍ତ ବେହେରା, ଜଗବନ୍ଧୁ ସାମଲ, ସାରଦା ପ୍ରସନ୍ନ ରାୟ, ସରୋଜ ଜେନା, ଜ୍ୟୋତି ପ୍ରସନ୍ନ ରାୟ, ରଞ୍ଜନ ସାମଲ, ରବିନ୍ଦ୍ର କୁମାର ପଡିହାରୀ ପ୍ରମୁଖ ଯୋଗଦେଇଥିଲେ। ଅପରପକ୍ଷେ ବରୀ ବ୍ଲକ୍ କଂଗ୍ରେସ ସଭାପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ । ଏ ସଂକ୍ରାନ୍ତରେ ତାଙ୍କୁ ପଚାରିବାରେ ସେ କୁହନ୍ତି ଏଭଳି କାର୍ଯ୍ୟକ୍ରମ ପାଇଁ ଦଳ ପକ୍ଷରୁ କୌଣସି ନିର୍ଦ୍ଦେଶ ନାହିଁ। ଏତଦ୍‌ବ୍ୟତୀତ ଏହି କାର୍ଯ୍ୟକ୍ରମର ଅୟୋଜନ ବିଷୟରେ ମୋର ପରାମର୍ଶ ନିଆଯାଇନାହିଁ।



କଂଗ୍ରେସ କର୍ମୀମାନେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଜଙ୍ଗଲ କଟାକୁ ବନ ସୁରକ୍ଷା ସମିତିର ବିରୋଧ



ଫରେଷ୍ଟ ଗାର୍ଡ଼ଙ୍କ ସହିତ ସମିତି ସଦସ୍ୟାମାନେ ଆଲୋଚନା କରୁଛନ୍ତି ।

କାଳିଆପାଣି,୧୩।୨(ଡି.ଏନ୍.ଏ.)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ପଞ୍ଚାୟତ ରାଁସୋଳ ଗ୍ରାମରେ ରହିଥିବା ଜଙ୍ଗଲକୁ ଜେସିପି ମେଶିନ ଲଗାଇ କଟାଯାଉଥିବାରୁ ବନ ସୁରକ୍ଷା ସମିତି ଏହାର ବିରୋଧ କରିଛି।

ସୁଚନା ଅନୁଯାୟୀ, ସୁକିନ୍ଦା ବନଖଣ୍ଡ ରାଁସୋଳ ଫରେଷ୍ଟ ସେକ୍ସନ ଅଧୀନ ରାଁସୋଳ ଗ୍ରାମ ଉପର ମୁଣ୍ଡରେ ଥିବା ଜଙ୍ଗଲକୁ ୧୯୯୦ରୁ ଜଙ୍ଗଲ ସୁରକ୍ଷା ସମିତି ଜଗାରଖା କରି ଆସୁଛି । ଏଥିପାଇଁ ସେହି ଜଙ୍ଗଲ ସବୁଜିମାରେ ଭରିଛି। ଏଥିପାଇଁ ବନ ବିଭାଗ ପକ୍ଷରୁ ସମିତିକୁ ପୁରସ୍କୃତ କରାଯାଇଛି। ତେବେ ଗତ ଶୁକ୍ରବାର ଅଚାନକ କେହି ଜେସିପି ମେଶିନ ଲଗାଇ ଜଙ୍ଗଲର ସମସ୍ତ ବଡ଼ ଛୋଟ ଗଛ କାଟି ଦେଇଥିଲେ । ଖବର ପାଇ ରାସୋଳ ବନ ସୁରକ୍ଷା ସମିତି ସେଠାକୁ ଯାଇ ଫରେଷ୍ଟର ନରେଶ କୁମାର ଟୁଡୁଙ୍କୁ ଫୋନରେ ଯୋଗଯୋଗ କରିଥିଲେ । ଫରେଷ୍ଟର ନ ଥିବାରୁ ଜଣେ ଗାର୍ଡ ଯାଇ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ । ଫରେଷ୍ଟର ନରେଶ କୁମାର ଟୁଡୁ ସୋମବାର ଆସି ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କୁ ଯୋଗାଯୋଗ କରିଥିଲେ । ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଫରେଷ୍ଟର ନରେଶ କୁମାର ଟୁଡୁ ପ୍ରତିଶ୍ରୁତି ଦେଇଛନ୍ତି । ସୁକିନ୍ଦା ବନଖଣ୍ଡ ରେଞ୍ଜର ବିପିନ ବିହାରୀ ରାଉତରାୟଙ୍କୁ ଯୋଗ ଯୋଗ କରିବାରୁ ଗଛ ଯିଏବି ନଷ୍ଟ କରିଛି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ବ୍ଲକକୁ ଆସିନାହିଁ ବିହନ, ଚିନ୍ତାରେ ଚାଷୀ

ଧର୍ମଶାଳା,୧୩।୨(ଡି.ଏନ୍.ଏ.)

ସରକାର ଚାଷର ଉନ୍ନତି ପାଇଁ କେତେକ ବିହନ କମ ଦାମରେ ଓ ମାଗଣାରେ ଯୋଗାଇଦେଉଛନ୍ତି । କୃଷିଯନ୍ତ୍ରପାତି, ସାର,କୀଟନାଶକ ମଧ୍ୟ ସବସିଡ୍ ମୂଲ୍ୟରେ ଯୋଗାଇ ଦେଉଛନ୍ତି । ଜିଲା କୃଷି ବିଭାଗ ପକ୍ଷରୁ ଚିନାବାଦମ, ଶୋରିଷ ଓ ନଳିତା ବିହନ ମାଗଣାରେ ଚାଷୀମାନଙ୍କୁ ବ୍ଲକ କୃଷି ଅଧିକାରୀଙ୍କ ମାଧ୍ୟମରେ ଯୋଗାଇ ଦିଆଯାଇଥିବା ଦର୍ଶାଯାଇଛି । ହେଲେ ବ୍ଲକରେ ବିହନ ପହଞ୍ଚି ନ ଥିବା କୃଷି ଅଧିକାରୀ ସୂଚନା ଦେଇଛନ୍ତି । ଧର୍ମଶାଳା ବ୍ଲକକୁ ୫୫ କୁଇଣ୍ଟାଲ ଚିନାବାଦାମ, ୨ କୁଇଣ୍ଟାଲ ୫୦ କେଜି ଶୋରିଷ, ୧ କୁଇଣ୍ଟାଲ ୫୯ କେଜି ନଳିତା ବିହନ ମାଗଣାରେ ଯୋଗାଇ ଦିଆଯାଇଥିବା ଜିଲା କୃଷି ଅଧିକାରୀ କହିଛନ୍ତି । ଧର୍ମଶାଳା ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି, ଚଳିତ ବର୍ଷ ୬୫ କୁଇଣ୍ଟାଲ ମୁଗ ବିହନ ମାଗଣାରେ ଚାଷୀଙ୍କୁ ବଣ୍ଟନ ପାଇଁ ଆସିଥିଲା । ଏହି ବିହନ ବୃନ୍ଦାଦେଇପରୁ, କୁସୁନପୁର, ରମ୍ଭେଇ, ଅଚ୍ୟୁତପୁର ମୌଜାର ୩ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମୁଗ ବିହନ ଯୋଗାଇ ଦିଆଯାଇଛି। ଚାଷୀମାନେ ୨୩୦ ହେକ୍ଟର ଜମିରେ ମୁଗ ଚାଷ କରିଥିବା ପ୍ରାଥମିକସ୍ତରରେ ଆକଳନ କରାଯାଇଛି।

## ଚାରିନଙ୍ଗଳ ହାଇସ୍କୁଲ ୧୯୮୩ ବ୍ୟାଚ୍ ବନ୍ଧୁମିଳନ

ବାଲିଚନ୍ଦ୍ରପୁର,୧୩।୨(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଚାରିନଙ୍ଗଳ ହାଇସ୍କୁଲର ୧୯୮୩ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ଓଳାଶୁଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପାହାଡ଼ର ଶୀର୍ଷ ଦେଶରେ ମହାନ ସନ୍ଥ ସାଧକ ମହାପୁରୁଷ ଅରକ୍ଷିତ ଦାସଙ୍କ ସମାଧି ସ୍ଥଳରେ ପୂଜାର୍ଚ୍ଚନା ପୂର୍ବକ ଗୁରୁପୂଜା ଅନୁଷ୍ଠିତ ହୋଇଥିଲା। ତତ୍କାଳୀନ ପ୍ରଧାନ ଶିକ୍ଷକ ଉପେନ୍ଦ୍ର କୁମାର ସାମଲ, ପଞ୍ଚାନନ ବଳ, ଦିନବନ୍ଧୁ ବେହେରାଙ୍କୁ ଛାତ୍ରୀଛାତ୍ରମାନେ ପୂଜାର୍ଚ୍ଚନା କରି ଉତ୍ତରୀୟ, ପୁଷ୍ପମାଲ୍ୟ ପ୍ରଦାନ କରି ଆର୍ଶିବାଦ କାମନା କରିଥିଲେ। ଦୀର୍ଘ ୪୦ ବର୍ଷ ପରେ ସହପାଠୀମାନେ ଏକତ୍ରିତ ହୋଇଥିବାରୁ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ପୁରାତନ ଛାତ୍ରୀଛାତ୍ରମାନେ ପରସ୍ପରଙ୍କ ମଧ୍ୟରେ ପୁରୁଣା ଦିନର ସ୍ମୃତିକୁ ଆଦାନ ପ୍ରଦାନ କରିଥିଲେ। ସରୋଜ କୁମାର ପରିଡ଼ା, ସେକ୍ ରିଆସତ ଅଲ୍ଲି, କୁଞ୍ଜ ବିହାରୀ ସାମଲ, ଅରୁଣ କୁମାର ବଳ, ପ୍ରମୋଦ କୁମାର ସେନାପତି, ସେକ୍ ଅଜିମ୍ ଖାଁ, ସକିଲ ଅହେମଦ୍, ସେକ୍ ଅବଦୁଲ ଗନି, ଅଭୟ କୁମାର ସାମଲ, ବିପିନ କୁମାର ସାମଲ, ମିରା ରାଣୀ ସାମଲ, ଅଞ୍ଜୁଶ୍ରୀ ସାମଲ, ରତିକାଞ୍ଚନ ସାମଲ, ନମୀତା ସାମଲ, କସ୍ତୁରୀ ମହାନ୍ତି, ସୁଲୋଚନା ବଳ, କନକଲତା ରାଉତ, ସୁରେନ୍ଦ୍ର ପୃଷ୍ଟି, ସେକ୍ ଅବଦୁଲ ବକାଉଲ୍ଲାଙ୍କ ସମେତ ଉକ୍ତ ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ରଉପସ୍ଥିତ ଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୁରାତନ ଛାତ୍ରୀଛାତ୍ର।

# ବୃଦ୍ଧ ବାପାଙ୍କ କାନ୍ଧରେ ଯୁବା ପୁଅର ବୋଝ

ଚଣ୍ଡିଖୋଲ,୧୩।୨(ଡି.ଏନ.ଏ.)

ଯେଉଁ ବୟସରେ ପୁଅ ଖଟି ରୋଜଗାର କରି ନିଜ ପିତାମାତାଙ୍କୁ ପ୍ରତିପୋଷଣ କରିବାର କଥା ସେତେବେଳେ ବୃଦ୍ଧ ବାପାଙ୍କ ଉପରେ ବୋଝ ପାଲଟିଛନ୍ତି ୩୦ବର୍ଷର ପୁଅ । ଭାଗ୍ୟର ବିଡ଼ମ୍ବନା, ଯେଉଁ ଯନ୍ତ୍ରଣା କି କହିହୁଏ ନାହିଁ କି ସହି ହୁଏ ନାହିଁ। ସେହିଭଳି ଦୁଃଖ ମଧ୍ୟରେ ଗତି କରୁଛନ୍ତି ନକୁଳ ।

ଯାଜପୁର ଜିଲା ବଡ଼ଚଣା ବ୍ଲକ ପାରିଆ ପଞ୍ଚାୟତ ଅନ୍ତର୍ଗତ ବରୁଣିଆ ଗ୍ରାମର ୮୦ ବର୍ଷ ବୟସ୍କ ନକୁଳ ମଳିକଙ୍କ ଏକମାତ୍ର ପୁଅ ଭବାନୀ ଶଙ୍କର ଦିବ୍ୟାଙ୍ଗ ହୋଇଯିବା ପରେ ଏବେ ସେ ତାଙ୍କ ପାଇଁ ବୋଝ ପାଲଟିଛନ୍ତି। ଏବେ ଭବାନୀଙ୍କ ବୟସ ୩୦ବର୍ଷ । ହେଲେ ସେ ସମ୍ପୂର୍ଣ୍ଣ ଭିନ୍ନକ୍ଷମ । ଗତ ୧୦ ବର୍ଷ ହେବ ତାଙ୍କ ଗୋଡ଼ ହାତ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ସେ କଥା ବି କହି ପାରୁ ନାହାନ୍ତି । ୮୦ବର୍ଷ ବୟସରେ କାନ୍ଧରେ ପୁଅକୁ ପକାଇ ବାପା ତାଙ୍କ ସେବା କରୁଛନ୍ତି। ସରକାରଙ୍କ ମାଳମାଳ



ନକୁଳଙ୍କ କାନ୍ଧରେ ପୁଅ ଭବାନୀ ।

ଯୋଜନା ଲୋକଙ୍କୁ ଉପଲବ୍ଧ ହେଉଥିଲା ବେଳେ ଏ ଦୁର୍ବିସହ, ଧରାଶାୟୀ ଦିବ୍ୟାଙ୍ଗ ଭବାନୀଶଙ୍କରଙ୍କୁ କେବଳ କିଛି ଭତ୍ତାଟଙ୍କା ମିଳୁଥିବା ବେଳେ ଅନ୍ୟ ସମସ୍ତ ସରକାରୀ ସୁବିଧାରୁ ସେ ବଞ୍ଚିତ ହୋଇଛନ୍ତି। ପୁଅର ଚିକିତ୍ସା ପାଇଁ ପାଖରେ ପଇସାଟିଏ ନାହିଁ, ଓଳିଏ ଖାଇଲେ, ଆର ଓଳି ଉପାସ। ଅଧିକାଂଶ ଲୋକଙ୍କ ପାଖରେ ଗୁହାରି କରିଛି, ପ୍ରଶାସନ ନିକଟରେ ନିବେଦନ କରିଛି, ହେଲେ କେହି ଶୁଣି ନାହାଁନ୍ତି ବୋଲି କହିଛନ୍ତି ନକୁଳ। ଭଗବାନଙ୍କ ଉପରେ ଆଶା ଭରସା ରଖି ପୁଅକୁ କାନ୍ଧରେ ଧରି ବୋହି ଚାଲିଛନ୍ତି ସେ। ପୁଅର କେଉଁ ରୋଗ ହୋଇଥିଲା ? କାହିଁକି ଏପରି ଅବସ୍ଥା ହେଲା ସେ ସମ୍ପର୍କରେ ନକୁଳ ଠିକ୍ ଭାବେ କହି ପାରୁନାହାଁନ୍ତି। ତାଙ୍କର କହିବା କଥା ସବୁ ଠିକ୍ ଥିଲା । ଯେତେବେଳେ ପୁଅକୁ ୨୦ବର୍ଷ ସେ ଅସୁସ୍ଥ ଅନୁଭବ କରିଥିଲେ । ଆସ୍ତେ ଆସ୍ତେ ସେ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଲେ। ତାକୁ ଚିକିତ୍ସା ପାଇଁ ମୁଁ ବଡ଼ଚଣା ଓ କଟକ ମେଡ଼ିକାଲ ନେଇଥିଲି। ହେଲେ ପାଖରେ ପଇସା ନ ଥିବାରୁ ବଡ଼ ମେଡ଼ିକାଲରେ ଚିକିତ୍ସା କରିବା ମୋ ପକ୍ଷେ ସମ୍ଭବପର ହୋଇପାରିଲା ନାହିଁ। ସେଥିପାଇଁ ଘରେ ମୁଁ ତାର ବୋଝ ନିଜ କାନ୍ଧରେ ବୋହି ଚାଲୁଛି। ତୁରନ୍ତ ପୁଅର ଚିକିତ୍ସା ବ୍ୟବସ୍ଥା କରିବା ସହ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଯାଜପୁର ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

# ଧିମେଇ ଚାଲିଛି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କୋଠା ନିର୍ମାଣ

ଚଣ୍ଡିଖୋଲ,୧୩।୨(ଡି.ଏନ.ଏ.)

- ୨୦୨୩ ଏପ୍ରିଲରେ କାମ ସରିବାର ଥିଲା
- ଗୋଟିଏ ମହଲା ବି ନିର୍ମାଣ ହୋଇନାହିଁ

ଚଣ୍ଡିଖୋଲସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଏହାର ପରିବର୍ଦ୍ଧିତ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ଦୀର୍ଘ ୩ ବର୍ଷ ହେଲା ଚାଲିଥିଲେ ମଧ ଶେଷ ହେବାର ନାଁ ଧରୁନି। ଚାରବାଟିଆ ପୂର୍ତ୍ତବିଭାଗ ଅଧୀନରେ ବଡ଼ଚଣା ଉପଖଣ୍ଡ କାର୍ଯ୍ୟାଳୟ ଦ୍ୱାରା କରାଯାଉଥିବା ଏହି ନିର୍ମାଣର ମନ୍ଥର ଗତିକୁ ନେଇ ପ୍ରଶ୍ନ ଉଠିଛି। ଉକ୍ତ କାର୍ଯ୍ୟାଳୟ ସମ୍ପ୍ରସାରଣ ପାଇଁ ୨୦୨୦ ଜୁନ୍‌ରେ ୫୦ଲକ୍ଷ ୨୯ ହଜାର ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯିବା ପାଇଁ ସ୍ଥିର ହୋଇଥିଲା। ଏହାର ଟେଣ୍ଡର ପ୍ରକ୍ରିୟା ମଧ୍ୟ ଚାଲିଥିଲା ବେଳେ ପୂର୍ତ୍ତବିଭାଗ ତରଫରୁ ଏହାକୁ ପୁନର୍ବାର ବଦଳାଇ ଦିଆଗଲା। ସେଥିପାଇଁ ୨୦୨୧ ଏପ୍ରିଲ ୧୫ରେ ଏହି କାର୍ଯ୍ୟାଳୟକୁ ୩ ମହଲା ବିଶିଷ୍ଟ କରାଯିବା ପାଇଁ ସ୍ଥିର କରାଗଲା। ସେଥିପାଇଁ ୪ କୋଟି ୬୨ଲକ୍ଷ ୫୦ହଜାର୧୬୭ଟଙ୍କା ବ୍ୟୟବରାଦ କରାଯାଇ ଚିଠା ପ୍ରସ୍ତୁତ କରାଗଲା। ଆଧୁନିକ ଶୈଳୀରେ



ନିର୍ମାଣ କାମ ଚାଲିଛି ।

ବିଲ୍ଡ଼ିଂର ନିର୍ମାଣ କରାଯିବ ବୋଲି ବିଭାଗ ତରଫରୁ କୁହାଯାଇ ଟେଣ୍ଡର କରାଯାଇଥିଲା । ୨ବର୍ଷ ଅବଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । କାର୍ଯ୍ୟକୁ ନେଇଥିବା ଠିକାସଂସ୍ଥା ଅଦ୍ୟାବଧି ଏକ ମହଲା କାର୍ଯ୍ୟ ବି ଶେଷ କରିପାରି ନାହିଁ। ବିଭାଗ ତରଫରୁ ସମ୍ପୃକ୍ତ ସଂସ୍ଥାକୁ କୌଣସି କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ନାହିଁ। ୨୦୨୩ ଏପ୍ରିଲରେ କାମ ଶେଷ ହେବାର ନିୟମ ରହିଥିବା ବେଳେ ଅଦ୍ୟାବଧି ପ୍ରାରମ୍ଭିକ କାର୍ଯ୍ୟ ମଧ୍ୟ ସରି ନାହିଁ। ୩ ମହଲା ବିଶିଷ୍ଟ ଏହି କାର୍ଯ୍ୟାଳୟକୁ ଆଧୁନିକିକରଣ କରିବା ସହ ଲିଫ୍ଟ ବ୍ୟବସ୍ଥା ମଧ୍ୟ କରାଯିବାର ନିୟମ ରହିଛି। କୋଠାକୁ ସମ୍ପୂର୍ଣ୍ଣ ବିପଦମୁକ୍ତ କରିବା ପାଇଁ ଅଗ୍ନୀନିର୍ବାପକ ବ୍ୟବସ୍ଥା କରାଯିବ। ଏଥି ସହିତ ଅନ୍ତରୀଣ ବିଦ୍ୟୁତ୍ ସଂଯୋଗ ଓ ବାହାର ଆଲୋକୀକରଣ କରାଯିବ। କୋଠାର ଚତୁଃପାର୍ଶ୍ୱ ଆପ୍ରୋଚ ରୋଡ଼ ତିଆରିହେବା ସହିତ ଫୁଲ ବଗିଚା ରହିବ । ହେଲେ ଇତିମଧ୍ୟରେ ଅବଧି ଶେଷ ହେବାକୁ ଆଉ ମାତ୍ର ୧ମାସ ବାକି ଥିବାବେଳେ ଅଦ୍ୟାବଧି ଏହାର ପ୍ରଥମ ମହଲାର ଛାତ ମଧ ପଡ଼ି ନାହିଁ। ତେଣୁ ୩ ତାଲା ବିଶିଷ୍ଟ ହେବାକୁ ଥିବା ଏହି କାର୍ଯ୍ୟାଳୟର ଶେଷ କେବେ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଏକ ସପ୍ତାହ ତଳେ ବିଭାଗୀୟ ଅଧୀଗ୍ରହଣ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଙ୍କ ସମେତ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଫେରି ଯାଇଛନ୍ତି। ତେବେ କେବଳ ଠିକା ସଂସ୍ଥାକୁ ତାଗିଦା କରି ଫେରିଯିବା ବିଭାଗୀୟ ଅଧିକାରୀଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏସମ୍ପର୍କରେ ପୂର୍ତ୍ତବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ନିଗ୍ଧା ଦାସଙ୍କୁ ପଚାରିବାରେ ସେ କୁହନ୍ତି ମୁଁ ନୂଆ ଆସିଛି ତେଣୁ ସମ୍ପୂର୍ଣ୍ଣ ଭାବେ କାମ ବିଷୟରେ ଜାଣି ନାହିଁ ଖୁବ୍ ଶୀଘ୍ର ଠିକା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ। ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ଓଏସ୍‌ସିବି ନିର୍ବାଚନରେ ଅମ୍ବିକା ପ୍ରସାଦଙ୍କ ବିଜୟ



କେନ୍ଦ୍ରାପଡ଼ା ଅଫିସ, ୧୩।୨: ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ (ଓଏସ୍‌ସିବି) ନିର୍ବାଚନରେ କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ ସମବାୟବିତ୍ ଅମ୍ବିକା ପ୍ରସାଦ ଦାସ ବିଜୟୀ ହୋଇଛନ୍ତି। ଏହି ପରିଷଦକୁ ପୂର୍ବରୁ ସେ ୨୦୦୮ ଓ ୨୦୧୫ ନିର୍ବାଚନରେ ବିଜୟୀ ହୋଇଥିଲେ। ରାଜ୍ୟ ପରିଷଦରେ ତାଙ୍କର ବିଜୟ ସମ୍ପର୍କରେ ନିର୍ବାଚନ ଅଧିକାରୀ ବିଧିବଦ୍ଧ ଭାବେ ଶନିବାର ଘୋଷଣା କରିଛନ୍ତି। ସୂଚନା ଅନୁଯାୟୀ ଦାସ ଏକମାତ୍ର ସଦସ୍ୟ ପ୍ରାର୍ଥୀ ଥିବାରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଛନ୍ତି। ସମବାୟବିତ୍ ଦାସ କୁହନ୍ତି, ସମବାୟ କ୍ଷେତ୍ରକୁ ସୁସଙ୍ଗଠିତ କରିବା ତାଙ୍କର ସର୍ବପ୍ରଥମ କାର୍ଯ୍ୟ ହେବ। ସର୍ବଦା ସାଧୁତା ଓ ସ୍ୱଚ୍ଛତା ଉପରେ ସେ ଗୁରୁତ୍ୱ ଦେଇଥାନ୍ତି।

### ବୋଲେରୋ ଅଟକାଇ ଚୋରି ଘଟଣାରେ ୩ ଗିରଫ

ଆଳି,୧୩।୨(ଡି.ଏନ୍.ଏ.): କଟକ-ଚାନ୍ଦବାଲି ରାସ୍ତାରେ ଏକ ବୋଲେରୋ ଡ୍ରାଇଭରଙ୍କୁ ଦୁର୍ବୃତ୍ତମାନେ ଅଟକ ରଖି ମାଡ଼ ମାରିଥିଲେ। ତାଙ୍କ ନିକଟରୁ ଟଙ୍କା, ମୋବାଇଲ ଲୁଟ୍ କରିଥିବା ନେଇ ଆଳି ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। କଟକ-ଚାନ୍ଦବାଲି ରାସ୍ତାରେ ଏକ ବୋଲେରୋ ଗାଡ଼ିକୁ ମୁସ୍ତହିଦ୍ ଖାନ, ପରମେଶ୍ୱର ପରିଡ଼ା ଓ ଅବିନାଶ ମଥାନ ଅଟକାଇ ଡ୍ରାଇଭରଙ୍କ ନିକଟରୁ ଚାବି ନେଇ ଗାଡ଼ି ଛଡାଇ ନେବା ସହ ମୋବାଇଲ ଓ ୨୫ଶହ ଟଙ୍କା ଲୁଟି ନେଇଥିଲେ। ପୋଲିସ ୩ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଗାଡ଼ି, ଟଙ୍କା ଓ ମୋବାଇଲ ଉଦ୍ଧାର କରିବା ସହ ନଂ. ୧୬୧/୨୩ରେ ମାମଲା ରୁଜୁ କରିଛି ଆଇଆଇସି ଦିଲୀପ ସାହୁ କହିଛନ୍ତି।

### ବାଇକ୍ ଡିକି ଭାଙ୍ଗି ୮୦ ହଜାର ଲୁଟ୍

ମାର୍ଶାଘାଇ,୧୩।୨(ଡି.ଏନ୍.ଏ.): ମାର୍ଶାଘାଇ ଥାନା କେନାଲ ବ୍ରିଜ୍ ନିକଟସ୍ଥ ମିଳନ ଢାବା ସମ୍ମୁଖରୁ ସୋମବାର ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକି ଭାଙ୍ଗି ୮୦ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଥାନା ଅନ୍ତର୍ଗତ ଆଦମପୁର ଗାଁର ପ୍ରମୋଦ ସାହୁ ମାର୍ଶାଘାଇସ୍ଥିତ ଷ୍ଟେଟ ବ୍ୟାଙ୍କରୁ ୮୦ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ଗାଁକୁ ଫେରୁଥିଲେ। ଶିଳିପୁର-କେନାଲ ବ୍ରିଜ୍ ମଝିରେ ଥିବା ମିଳନ ଢାବା ନିକଟରେ ବାଇକ୍ ରଖି ଖାଇବାକୁ ଯାଇଥିଲେ। ସେ ଢାବା ଭିତରେ ହାତ ଧୋଉଥିବା ବେଳେ ଦେଖିଲେ ଯେ ତାଙ୍କ ବାଇକ୍ ଡିକିକୁ କେହି ଜଣେ ତାଡୁଛନ୍ତି। ସେ ସଙ୍ଗେସଙ୍ଗେ ବାଇକ୍ ନିକଟକୁ ଦୌଡ଼ିଗଲା ବେଳକୁ ଦୁର୍ବୃତ୍ତ ଜଣକ ଟଙ୍କା ବ୍ୟାଗ୍ ଓ ପାସ୍‌ବୁକ୍ ଧରି ପୂର୍ବରୁ ଏକ ପଲ୍‌ସର ବାଇକ୍ ଷ୍ଟାର୍ଟ କରି ରଖିଥିବା ଅନ୍ୟ ଜଣେ ଦୁର୍ବୃତ୍ତଙ୍କ ସାଙ୍ଗରେ ଦ୍ରୁତଗତିରେ କେନ୍ଦ୍ରାପଡ଼ା ଆଡ଼କୁ ପଳାଇଥିଲେ। ଏ ସମସ୍ତ ଘଟଣା ଢାବାରେ ଲାଗିଥିବା ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି।

# ବ୍ରାହ୍ମଣୀ ନଦୀ ବାମପାର୍ଶ୍ୱ ବନ୍ଧରୁ ଅତଡ଼ା ଖସୁଛି

ପଟ୍ଟାମୁଣ୍ଡାଇ,୧୩।୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଳପୁଆ ପଞ୍ଚାୟତ ଦାମୋଦରପାଟଣା, ସୁବଳପୁର, ମଣିରାମପୁର ପ୍ରଭୃତି ଗ୍ରାମ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ। ବ୍ରାହ୍ମଣୀ ନଦୀ ବନ୍ଧର ବାମପାର୍ଶ୍ୱର କେତେକ ସ୍ଥାନରୁ କ୍ରମାଗତ ଭାବେ ଅତଡ଼ା ଧସିବାରେ ଲାଗିଛି। ଫଳରେ ପାଖରେ ଥିବା ଚାଷଜମିଗୁଡିକ ନଦୀ ଗର୍ଭରେ ଲୀନହେବାରେ ଲାଗିଛି। ଏଥିଯୋଗୁ ସ୍ଥାନୀୟ ଅଧିବାସୀ ଆତଙ୍କିତ ଅବସ୍ଥାରେ କାଳାତିପାତ କରୁଛନ୍ତି। ନଦୀବନ୍ଧରୁ ଅତଡ଼ା ଧସୁଥିବାରୁ ସେଠାରେ ପଥର ପ୍ୟାକିଂ ଓ ବୁରୁଜ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବିକରି ଆସୁଛନ୍ତି। ଆଳି ତଟବନ୍ଧ ବାଡ଼ ଡିଭିଜନ କାମ କରିବାକୁ ପ୍ରତିଶ୍ରୁତି ଦେଉଥିବା ବେଳେ କୌଣସି ପଦକ୍ଷେପ ନେଉନାହିଁ ବୋଲି ଅଭିଯୋଗ ହେଉଛି। ଏଥିଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଗ୍ରାମବାସୀ ରଶ୍ମିରଞ୍ଜନ ବେହେରା କହିଛନ୍ତି, ବ୍ରାହ୍ମଣୀ ନଦୀ କୂଳରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଅଳପୁଆ ପଞ୍ଚାୟତର ୩ଟି ଗାଁ ରହିଛି। ପ୍ରତିବର୍ଷ ନଦୀ କୂଳ ଖାଇବା ଯୋଗୁ ଏହି ୩ ଗାଁକୁ ବିପଦ ଘନାଉଛି। ବନ୍ୟା ସମୟରେ ଉକ୍ତ ୩ ଗାଁର ପାଖାପାଖି ୫ ଶହ ଲୋକଙ୍କ ଆଖିରୁ ନିଦ ହଜିଯାଇଥାଏ। ବିଶେଷକରି ସୁବଳପୁରଠାରୁ ବିଦ୍ରୁପା ପର୍ଯ୍ୟନ୍ତ ପ୍ରାୟ ଦେଢ଼ କି.ମି. ବ୍ୟାପୀ ମନେଇଘାଇ ୫ ଥର ଭାଙ୍ଗିଲାଣି। ଏଥିଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆଳି ତଟବନ୍ଧ ବାଡ଼ ଡିଭିଜନ ଅଧୀନରେ ଥିବା ବ୍ରାହ୍ମଣୀ ଘେରିବନ୍ଧ ସୁଦୃଢ଼ କାମ ବର୍ଷାଋତୁ ପୂର୍ବରୁ ଏକାନ୍ତ ଜରୁରୀ ହୋଇପଡିଛି। ନଦୀ କୂଳ ଅତଡ଼ା ଖାଇବା ଅଧିକ ବିପଦ ସୃଷ୍ଟି କରୁଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ନାରଦ ବିଶ୍ୱାଳ କହିଛନ୍ତି, ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧକୁ ପଥର ପ୍ୟାକିଂ କରାଯାଇ ସୁଦୃଢ଼ କରାଯାଉଛି। କିନ୍ତୁ ବାମପାର୍ଶ୍ୱ ନଦୀବନ୍ଧ ଦେଇ ଖାଦାନରୁ ବାଲି ଉଠାଣ ହେଉଛି। ବେଆଇନ ବାଲି ଉଠାଣ ଯୋଗୁ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ଏ ସମ୍ପର୍କରେ ବାରମ୍ବାର ତହସିଲଦାରଙ୍କୁ ଅଭିଯୋଗ କରିବା ସହ ଗଣଧାରଣା ମଧ୍ୟ ଦିଆଯାଇଥିଲା। ହେଲେ କେବଳ ପ୍ରତିଶ୍ରୁତି ମିଳିଛି, କିନ୍ତୁ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ବନ୍ଧ ନଷ୍ଟହେବା ସହ ବନ୍ୟା ସମୟରେ ନଦୀବନ୍ଧ ଭାଙ୍ଗି ଲୋକଙ୍କ ଜୀବନ ଓ ଜୀବିକା ନଷ୍ଟ ହେଉଛି। ତେଣୁ ଏଥିପାଇଁ ଆନ୍ଦୋଳନ କରାଯିବ। ସାମାଜିକ କର୍ମୀ ନରେନ୍ଦ୍ର ଧଳ କହିଛନ୍ତି, ଲଗାଣ ବର୍ଷା ହେଲେ ବ୍ରାହ୍ମଣୀ ନଦୀ ଫୁଲୁଥିବା ବେଳେ କୂଳ ଖାଇ ମାଟି ଅତଡ଼ା ଖସୁଛି। ନଦୀ ଗତିପଥ ପରିବର୍ତ୍ତନ କରି ଗାଁ ଆଡ଼କୁ ମାଡି ମାଡ଼ି ଆସୁଛି। ଫଳରେ ଲୋକଙ୍କ ଘରଦ୍ୱାର, ଚାଷଜମି ଲୀନହେବାକୁ ବସିଲାଣି। ସୁବଳପୁର ଗାଁର ୩୦ ପରିବାରଙ୍କ ଡିଅ ପାଖକୁ କୂଳ ଖାଇ ମାଡି ଆସିଛି। ଅଧିକାଂଶ ଲୋକଙ୍କ ଜୀବିକା ଚାଷ ହୋଇଥିଲେ ବି ନଦୀ କୂଳ ଖାଉଥିବାରୁ ଜମିକୁ ପଡ଼ିଆ ପକାଇଛନ୍ତି। କିଛି ବର୍ଷ ତଳେ ଗାଁଠାରୁ ନଦୀ ୩ ଶହ ମିଟର ଦୂରରେ ଥିବାବେଳେ ୨ ବର୍ଷ ହେଲା ମାଟି ଧସି ୫୦ ମିଟରରେ ପହଞ୍ଚିଛି।



ବ୍ରାହ୍ମଣୀ ନଦୀ ବାମ ପାର୍ଶ୍ୱ ବନ୍ଧ ଅତଡା ଖାଉଥିବାରୁ ଘରକୁ ବାଲିବସ୍ତା ପକାଇ ରଖାଯାଇଛି।

### ଲୋକେ ଆତଙ୍କିତ, ପ୍ରତିଶ୍ରୁତି ସତ୍ତ୍ୱେ କାମ ହେଉନାହିଁ

ସ୍ଥାନୀୟ ଗ୍ରାମବାସୀ ଗଗନ ମହାଲିକ, ସରୋଜ ଦାସ, ଚନ୍ଦନ ସାହୁ, ରଞ୍ଜିତ ନାୟକ, ରବୀନ୍ଦ୍ର ଯେନା, ଅଭୟ ଦାସ, ବଂଶୀଧର ଦାସ, ପ୍ରଶାନ୍ତ ପଣ୍ଡା, ଶରତ ଦାସ ପ୍ରମୁଖ କହିଛନ୍ତି, ବ୍ରାହ୍ମଣୀ ନଦୀରେ ବନ୍ୟା ଆସିଲେ ବନ୍ୟା ନିରୋଧକ ବନ୍ଧ ଭିତରେ ବସବାସ କରୁଥିବା ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ମନେଇଘାଇ ଭାଙ୍ଗିବା ଘଟଣା ଲୋକଙ୍କ ମନରୁ ଲିଭିନାହିଁ। ମନେଇଘାଇ ବନ୍ଧ ଭାଙ୍ଗି ଏଠାରେ ବ୍ୟାପକ କ୍ଷତି ଘଟାଇଥିଲା। କେନ୍ଦ୍ରୀୟ ଟିମ୍ ପରିଦର୍ଶନରେ ଆସି ତୁରନ୍ତ ଏହାର ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାର ମରାମତି ଏଯାବତ ଆରମ୍ଭ ହେଲା ନାହିଁ। ଆଳି ତଟବନ୍ଧ ବାଡ଼ ଡିଭିଜନ ଅଧୀନରେ ଥିବା ବ୍ରାହ୍ମଣୀ ଘେରିବନ୍ଧ ଅବସ୍ଥା ବର୍ଷାଋତୁ ପୂର୍ବରୁ ମରାମତି ଏକାନ୍ତ ଜରୁରୀ ହୋଇପଡିଛି। ନଦୀ କୂଳରୁ ଅତଡ଼ା ଖାଇବା ଘଟଣା ଅଧିକ ବିପଦ ସୃଷ୍ଟି କରୁଛି। ଏ ସମ୍ପର୍କରେ ଆଳି ତଟବନ୍ଧ ବାଡ଼ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ ଦାଶଙ୍କୁ ପଚାରିବାରେ ଏଭଳି ଘଟଣା ସଂକ୍ରାନ୍ତରେ ଅବଗତ ନାହିଁ। ଏହି କାର୍ଯ୍ୟ ପାଇଁ ଏସ୍‌ଡିଓଙ୍କୁ କହିବି, ବ୍ୟୟ ବରାଦ କରାଯାଇ କାର୍ଯ୍ୟ ହାତକୁ ନିଆଯିବ ବୋଲି ସେ କହିଛନ୍ତି।

# ଚୋରି ଘଟଣାରେ ୩ ଗିରଫ, କୋର୍ଟ ଚାଲାଣ

ରାଜନଗର, ୧୩।୨(ଡି.ଏନ୍.ଏ.)

ରାଜନଗର ଥାନା କୋଇଲିପୁର ପଞ୍ଚାୟତ ବଡ଼କୋଟ ଗାଁରେ ଜଣେ ବ୍ୟକ୍ତିଙ୍କ ଇନ୍‌ଭର୍ଟର ଓ ବ୍ୟାଟେରି ଚୋରିକରି ୩ ଦୁର୍ବୃତ୍ତ ଧରାପଡ଼ିଛନ୍ତି। ପୋଲିସ ୩ ଜଣଙ୍କୁ ଗିରଫ କରିବା ପରେ ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୋଗ ମୁତାବକ, ବଡକୋଟ ଗାଁର ଦେବରାଜ ରାଉତଙ୍କ ଘରୁ ରବିବାର ବିଳମ୍ବିତ ରାତ୍ରିରେ ବଡକୋଟ ଗାଁର ସନ୍ତୋଷ ରାଉତ, ପଟ୍ଟାମୁଣ୍ଡାଇ ଆଞ୍ଚଳିକ ଥାନା ଅନ୍ତର୍ଗତ ଖଣତା ଗାଁର ପ୍ରଦୀପ ବିଶ୍ୱାଳ ମିଳିମିଶି ବ୍ୟାଟେରି ଓ ଇନ୍‌ଭର୍ଟର ଚୋରି କରିଥିଲେ। ପରେ ଏହି ଚୋରି ଜିନିଷକୁ ରାଜନଗର ଥାନା କାଙ୍କଦିଆ ଗାଁର ହିମାଂଶୁ ରାଉତଙ୍କୁ ବିକ୍ରି କରିଥିଲେ। ଏ ସମ୍ପର୍କରେ ଦେବରାଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ଓ ସବ୍‌ଇନ୍ସପେକ୍ଟର ଅଜୟ କୁମାର ସାହୁ ବିଭିନ୍ନ ସ୍ଥାନରେ ଚଢ଼ାଉକରି ଅଭିଯୁକ୍ତଙ୍କୁ ଧରିଥିଲେ। ସେମାନଙ୍କଠାରୁ ଚୋରି ହୋଇଥିବା ଇନ୍‌ଭର୍ଟର ଓ ବ୍ୟାଟେରିକୁ କିଣିଥିବା ହିମାଂଶୁଙ୍କଠାରୁ ଜବତ କରିଥିଲେ। ଏ ନେଇ ଥାନାରେ ନଂ. ୧୬୦/୨୩ ମାମଲା ରୁଜୁ ହୋଇଛି।

# ନୀଳାଦ୍ରିପୁରରେ ଆଖଣ୍ଡଳମଣିଙ୍କ ପ୍ରତିଷ୍ଠା ଉତ୍ସବ

କେନ୍ଦ୍ରାପଡ଼ା ଅଫିସ, ୧୩।୨



କେନ୍ଦ୍ରାପଡ଼ା ବ୍ଲକ ନୀଳାଦ୍ରିପୁର ଗାଁର ଶ୍ରୀଆଖଣ୍ଡଳମଣିଙ୍କ ପ୍ରତିଷ୍ଠା ଉତ୍ସବ ରବିବାର ଶେଷ ହୋଇଛି। ଭଦ୍ରକ ଜିଲା ଆରଡ଼ି ଧାମରୁ ଆଜ୍ଞାମାଳ ଅଣାଯାଇ ଗତ ୧୧ ତାରିଖରେ ଯଜ୍ଞର ଅଙ୍କୁରାପୋଣ କରାଯାଇଥିଲା। ରବିବାର ପ୍ରତ୍ୟୁଷରୁ କଳସଯାତ୍ରା, ଗୁରୁପୂଜା, ସିଂହାସନ ପ୍ରତିଷ୍ଠା ଆଦି ସହ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ତୁଳସୀ କ୍ଷେତ୍ର ପଣ୍ଡିତ ସଭାର ସଭାପତି ପଣ୍ଡିତ ଧ୍ରୁବଚରଣ ପଣ୍ଡାଙ୍କ ସହ ବସନ୍ତ ତ୍ରିପାଠୀ, ଦାମୋଦର ପାଣି, ନରହରି ପତି ପ୍ରମୁଖ ଏହି ଯଜ୍ଞକାର୍ଯ୍ୟ ସମାପନ କରିଥିଲେ। ଏହାକୁ ବଳଭଦ୍ର ପଣ୍ଡାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

# ଜିଲାପାଳଙ୍କ ମିଳିତ ଜନଶୁଣାଣି: ୧୩୮ ଅଭିଯୋଗ



ମିଳିତ ଜନଶୁଣାଣିରେ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଆଳି,୧୩।୨(ଡି.ଏନ୍.ଏ.)

ଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୩୮ଟି ଅଭିଯୋଗ ହୋଇଥିବା ସୂଚନା ମିଳିଛି। ଏହି ଅଭିଯୋଗ ମଧ୍ୟରେ ୧୨୬ ବ୍ୟକ୍ତିଗତ ଥିବା ବେଳେ ୧୨ଟି ସାମୂହିକ। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଗୃହ ନିମନ୍ତେ ଅଧିକ ଥିବା ବେଳେ ସାମୂହିକ ଅଭିଯୋଗ ମଧ୍ୟରେ ବଡ଼ାମ୍ବିଳାରେ ଏକ ନୂତନ ରାଜସ୍ୱ ଗ୍ରାମ ଗଠନ, ସାହୁପଡ଼ାରେ ରାସ୍ତା ଜବରଦଖଲ ଉଚ୍ଛେଦ, ସାହୁପଡ଼ାରେ ବିଦ୍ୟାଳୟ ଗୃହ ନିର୍ମାଣ କରିବା, ବଡ଼ାମ୍ବିଳା ପଞ୍ଚାୟତର ଚାଷଜମିକୁ ଜଳସେଚନର ବ୍ୟବସ୍ଥା, ବାଳକାଟୀ ପଞ୍ଚାୟତର ବିଦ୍ୟୁତ୍ ସମସ୍ୟା ଦୂର କରିବା, ନରେନ୍ଦ୍ରପୁର ପଞ୍ଚାୟତରେ ଆବାସ ଯୋଜନାରେ ଯୋଗ୍ୟଙ୍କ ବଦଳରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇଥିବା ଅଭିଯୋଗ ହୋଇଥିଲା। ଏଥିସହ ପଞ୍ଚାୟତରେ ବେଆଇନ ନାଳି ଇଟା ନିର୍ମାଣ ସହିତ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ଧସା ମାଟି ଉଠାଇବା ଉପରେ ରୋକ୍ ଲଗାଇବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଅଭିଯୋଗ ହୋଇଥିଲା। ସେହିପରି ଧନେଶ୍ୱରପୁର ଗାଁରେ ଗୋଚର ଜମିରୁ ମାଟି ଲୁଟ୍ ନେଇ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଓ ବ୍ଲକ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ପାଇବାକୁ ଥିବା ଯୋଗ୍ୟ ଓ ଅଯୋଗ୍ୟ ତାଲିକା ସାର୍ବଜନୀନ କରିବା ନିମନ୍ତେ ଦାବି ହୋଇଛି। ଏଥିରେ ଉପ ଜିଲାପାଳ ନିରଞ୍ଜନ ବେହେରା, ପିଡି ରାଜେନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରିଶ୍ଚନ୍ଦ୍ର ପାଣ୍ଡେ, ଆଳି ବିଡିଓ ଦ୍ୱିବେନ୍ଦୁ ଦାସ, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରା ଓ ଆଇଆଇସି ଦିଲୀପ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଜେଲରେ ମୃତ୍ୟୁ ହେଲେ ସମ୍ପର୍କୀୟଙ୍କୁ ମିଳିବ କ୍ଷତିପୂରଣ

### କ୍ୟାବିନେଟ ନିଷ୍ପତ୍ତି

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ଜେଲ ଅନ୍ତେବାସୀଙ୍କ କୌଣସି କାରଣରୁ ମୃତ୍ୟୁ ହେଲେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ରାଜ୍ୟ ସରକାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବେ। ହାଇକୋର୍ଟ ଏବଂ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଜେଲ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ କ୍ଷତିପୂରଣ ପ୍ରଦାନ ରୁଲ୍ସ-୨୦୨୩ ପ୍ରଣୟନ କରିଛନ୍ତି। ଗୃହ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ଏଭଳି କ୍ଷତିପୂରଣ ଦେବା ପାଇଁ ପୂର୍ବରୁ କୌଣସି ବ୍ୟବସ୍ଥା ନ ଥିଲା। ଜାତୀୟ ମାନବାଧିକାର କମିଶନ କିମ୍ବା ଓଡ଼ିଶା ମାନବାଧିକାର କମିଶନଙ୍କ ସୁପାରିସ ଆଧାରରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଏ। ଏକ ରିଟ୍ ପିଟିସନ ଉପରେ ହାଇକୋର୍ଟ ୨୦୨୧ ଡିସେମ୍ବର ୨୩ରେ କାରାଗାରରେ ବନ୍ଦୀମାନଙ୍କ ମୃତ୍ୟୁ ପାଇଁ କ୍ଷତିପୂରଣ ଦେବା ସକାଶେ ସ୍କିମ୍ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାତୀୟ ମାନବାଧିକାର କମିଶନ ମଧ୍ୟ କ୍ଷତିପୂରଣ ପାଇଁ ଏକ ସ୍ୱତନ୍ତ୍ର ପଲିସି ଆଣିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।

# ପଳେଇରେ ପଲ୍ଲୀରେ ପ୍ରଶାସନ, ୧୩୦ ଅଭିଯୋଗ



ଜଣେ ବୃଦ୍ଧ ପ୍ରଶାସନିକ ଅଧିକାରୀ ଅଭିଯୋଗ କରୁଛନ୍ତି।

ଡେରାବିଶ, ୧୩।୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ପଳେଇ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତି ମଲିକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ସରପଞ୍ଚ ଅକ୍ଷୟ କୁମାର ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନା ଉପସ୍ଥିତ ରହିଥିଲେ। ବିଡିଓ ଦାଶରଥି ଜେନା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କଠାରୁ ୧୩୦ଟି ଅଭିଯୋଗ ଗ୍ରହଣ କରିଥିଲେ। ଏଥିମଧ୍ୟରୁ କେତେଗୋଟି ଅଭିଯୋଗକୁ ତ୍ୱରିତ ସମାଧାନ କରିବା ସହ ଅନ୍ୟଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇ ଦେଇଥିଲେ। ଏଥିରେ ବ୍ଲକ ପ୍ରଶାସନ ପକ୍ଷରୁ ୨୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲି ବିଭିନ୍ନ ବିଭାଗର ସମ୍ପ୍ରସାରଣ ଅଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗର ଅଭିଯୋଗ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡିଓ ଭଞ୍ଜ କିଶୋର ନାୟକ, ସିଡିପିଓ ସ୍ନେହଲତା ସାହୁ, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ବିଭୁଦତ୍ତ ଦାସ, ଉଦ୍ୟାନ କୃଷି ବିଭାଗର ସହକାରୀ ଉଦ୍ୟାନ ଅଧିକାରୀ କେଦାରନାଥ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଡେରାବିଶ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲା ଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକମାନେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ରାଉତ, ଅନୀଲ ସେଠୀ, ଦିଲୀପ କୁମାର ନାଥ ପ୍ରମୁଖ ପରିଚାଳନା କରିଥିଲେ।

# କୃଷ୍ଣନଗର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ରାଜନଗର,୧୩।୨(ଡି.ଏନ୍.ଏ.)

ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର କୃଷ୍ଣନଗର ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନନ୍ଦ ଦୁଲାଲ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତର ୧୩୬ଜଣ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆବେଦନ କରିଥିବା ବେଳେ ରାଶନ କାର୍ଡ ପାଇଁ ୬ଜଣ, ଭୂମିହୀନ ପଟ୍ଟା ପାଇବା ପାଇଁ ୨୦ଜଣ, ଶୌଚାଳୟ ପାଇଁ ଜଣେ ଏବଂ ଭତ୍ତା ପାଇଁ ୬୨ଜଣ ଅଭିଯୋଗ କରିଥିଲେ। ତହସିଲଦାର ଭୂୟାଁ ୭ଟି ବିଦ୍ୟାଳୟ, ଗୋଟିଏ ଅଙ୍ଗନୱାଡି କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ସମେତ ୨୮ଟି ପଟ୍ଟା ବଣ୍ଟନ କରିଥିଲେ। ଏଥିରେ ବିଡିଓ ସମୀର କୁମାର ବେହେରା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ଡା. ଆଦିତ୍ୟ ନାରାୟଣ ପ୍ରଧାନ, ସମିତିସଭ୍ୟ ବିଶ୍ୱନାଥ ମାଇତି, ଏବିଇଓ କଳ୍ପନା ଦେଇ ପ୍ରମୁଖ ଯୋଗଦେଇ ଲୋକମାନଙ୍କ ୨୨୫ଟି ଅଭିଯୋଗ ଶୁଣିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାସ ମୁର୍ମୁ ଓ ଜିଆର୍‌ଏସ୍ ରତ୍ନାକର ଜେନା ପରିଚାଳନା କରିଥିଲେ।




ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ମିଳୁନି



ଅତିରିକ୍ତ ତହସିଲଦାରଙ୍କୁ କଂଗ୍ରେସ ନେତାମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦେଉଛନ୍ତି।

ରାଜକନିକା, ୧୩।୨ (ଡି.ଏନ.ଏ.)

### କଂଗ୍ରେସର ତହସିଲ ଘେରାଉ

୨୦୨୧ ଡିସେମ୍ବରରେ ହୋଇଥିବା ଜୱାଦ ବାତ୍ୟାରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଧିକ କ୍ଷୟକ୍ଷତି ହୋଇଥିଲା। ତେବେ ସେ ସମୟରେ ରାଜ୍ୟ ସରକାର ଏସ୍‌ଆରସିଙ୍କ ମାଧ୍ୟମରେ ପ୍ରତ୍ୟେକ ଜିଲାର ଜିଲାପାଳ ଓ ତହସିଲଦାରମାନଙ୍କୁ କ୍ଷୟକ୍ଷତିର ଆକଳନ କରି କ୍ଷତି ପୂରଣ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହା ମଧ୍ୟରେ ୨ ବର୍ଷ ବିତି ଯାଇଥିଲେ ମଧ୍ୟ କ୍ଷୟକ୍ଷତିର ଠିକ୍ ଆକଳନ ହୋଇ ପାରିଲାନି କି କ୍ଷତିଗ୍ରସ୍ତମାନଙ୍କୁ ସରକାରୀ ସହାୟତା ମିଳିଲା ନାହିଁ। ଯାହାକୁ ନେଇ ସୋମବାର ରାଜକନିକା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ତହସିଲ ଘେରାଉ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଦଶରଥ ସେନାପତି, ଶରତ ରାଉତ, ସତ୍ୟ ପରିଡା, ବିପିନ ନାୟକ, ଅଞ୍ଜନା ସାହୁ, କୃତ୍ତିବାସ ଦାସ, ଶରଣ ନାୟକ, ନିରୋଦ ଜେନା, ମୀନକେତନ ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ୨ ଏକର ଲେଖାଏ ଚାଷଜମି, ଘରଡିହ ଦିଅ

### ଜିଲାପାଳଙ୍କୁ ଓକିଲପାଳ ଗ୍ରାମବାସୀଙ୍କ ଦାବିପତ୍ର

ରାଜନଗର, ୧୩।୨(ଡି.ଏନ୍.ଏ.)

୧୯୭୧ ବାତ୍ୟାରେ ଆମର ଘରଦ୍ୱାର ଓ ସ୍ଥାବର ଅସ୍ଥାବର ସମ୍ପତ୍ତିସବୁ ସମୁଦ୍ର ଗର୍ଭରେ ଲୀନ ହୋଇଗଲା। ଆମର ମୂଳ ଗ୍ରାମ ସାତଭାୟା ପଞ୍ଚାୟତର ଗୋବିନ୍ଦପୁର ଗାଁ ସମୁଦ୍ର ଗର୍ଭରେ ସମ୍ପୂର୍ଣ୍ଣ ଲୀନ ହୋଇଯାଇଛି। ଗାଁର ୩୨ ପରିବାରର ସମସ୍ତ ସଦସ୍ୟଙ୍କ ସହ ୭୫୨ ଜଣ ଗୋଟିଏ ଦିନରେ ପ୍ରାଣ ହରାଇଲେ। ଯେଉଁମାନେ ବି ବଞ୍ଚିଗଲୁ, ସମୁଦ୍ର ପାଣିରେ ଭାସିଭାସି ଆସି ବିଭିନ୍ନ ଗଛ ଓ ଉଚ୍ଚସ୍ଥାନରେ ଲାଗି ଜୀବନ ବଞ୍ଚାଇଥିଲୁ। ସେତେବେଳେ ସାମାଜିକ କର୍ମୀ ରମାଦେବୀ ଓ ବିରଜା ଶଙ୍କର ରାୟ ପ୍ରମୁଖ ପହଞ୍ଚି ଆମ୍ଭମାନଙ୍କୁ ଦେବେନ୍ଦ୍ରନାରାୟଣପୁର ମୌଜା ନିକଟସ୍ଥ ଓକିଲପାଳଠାରେ ୪ ଡିସିମିଲ, ୫ ଡିସିମିଲ ଓ ୭ ଡିସିମିଲ କରି ଘରବାରି ଜାଗା ଭୂଦାନ ସଂସ୍ଥା ପକ୍ଷରୁ ଦିଆଯାଇଥିଲା। ୧୯୭୧ ପରଠାରୁ ଆମ୍ଭେମାନେ ଏହି ଜାଗାକୁ ଘରବାରି ରୂପେ ବ୍ୟବହାର କରି ଆସୁଛୁ। ଗାଁର ୨୭୦ ପରିବାର ମଧ୍ୟରୁ ଏକାଧିକ ପରିବାର ଆଜିଯାଏ ଘରବାରି ପଟ୍ଟା ପାଇନାହାନ୍ତି। ଯେତେବେଳେ ସାତଭାୟା ପଞ୍ଚାୟତର ଅଧିବାସୀ ଥିଲୁ, ସେତେବେଳେ ମଗରକନ୍ଦା ଓ ଦାନ୍ତିଆପଦାରେ ଥିବା ଜମିକୁ ଚାଷଜମି ଭାବେ ବ୍ୟବହାର କରି ପରିବାର ଭରଣପୋଷଣ କରୁଥିଲୁ। ଦାନ୍ତିଆପଦାରେ କିଛି ଚାଷଜମିର ପଟ୍ଟା ମିଳିଥିଲା। ପରବର୍ତ୍ତୀ ଅବସ୍ଥାରେ ତାକୁ ଖାରଜ କରିଦିଆଯାଇଛି। ୧୯୭୦ଠାରୁ ଏପର୍ଯ୍ୟନ୍ତ ଆମ୍ଭେ ଆମର ପରିବାର ଭରଣପୋଷଣ ନିମନ୍ତେ ଉକ୍ତ ଜମିକୁ ଚାଷ ଜମି ରୂପେ ଚାଷକରି ଚଳିଆସୁଛୁ। ଦୀର୍ଘ ୪୬ ବର୍ଷ ଧରି ଆମ୍ଭେ ୨୭୦ ପରିବାର ସରକାରଙ୍କୁ ଅସ୍ଥାୟୀ ଭାବେ ଖଜଣା ଦେଉଛୁ। ୧୯୮୩-୮୪ରେ ସେଟେଲମେଣ୍ଟ କ୍ୟାମ୍ପରେ କିସ୍ତିୱାରି କରି ଆମ୍ଭମାନଙ୍କ ନାଁରେ ଅସ୍ଥାୟୀ ରେକର୍ଡ କରାଯାଇଛି। ଉକ୍ତ ମୌଜା ବ୍ୟତୀତ ଆମମାନଙ୍କର ଅନ୍ୟ କୌଣସି ସ୍ଥାନରେ ଚାଷଜମି ନାହିଁ। ଆମେ ବାସ କରୁଥିବା ଓକିଲପାଳ ଗାଁକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଉ। ଏହି ଗାଁରେ ୨୭୦ ପରିବାର ଓ ୧୩୪୫ ଲୋକ ବସବାସ କରୁଛୁ। ଗାଁରେ ବାସ କରୁଥିବା ୨୭୦ ପରିବାରକୁ ୨ ଏକର ଲେଖାଏ ଚାଷଜମିର ପଟ୍ଟା ପ୍ରଦାନ କରାଯାଉ। ଯେଉଁମାନେ ଘରବାରି ପଟ୍ଟା ପାଇନାହାନ୍ତି, ସେମାନଙ୍କୁ ଯୋଗାଇଦେବାକୁ ସୋମବାର ଓକିଲପାଳ ଗ୍ରାମବାସୀଙ୍କ ପକ୍ଷରୁ ରମେଶ ଚନ୍ଦ୍ର ଦାସ, ପାରେଶ୍ୱର ଲେଙ୍କା, ରାଜକିଶୋର ରାଉତ, ବିଚିତ୍ର କୁମାର ଦାସ, ଜଗବନ୍ଧୁ ଲେଙ୍କା, ଅଲେଖ ନାୟକ, ଅର୍ଜୁନ ଚରଣ ପାତ୍ର ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

## ସଂକ୍ଷେପରେ

### ରାତିରେ ଶୀତ, ଦିନରେ ପ୍ରବଳ ଖରା
### କ୍ୟାମ୍ପରେ ମଜା ନେଉଛନ୍ତି ପର୍ଯ୍ୟଟକ

ଦାରିଙ୍ଗବାଡି,୧୩।୨(ଡି.ଏନ.ଏ)- ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଦାରିଙ୍ଗବାଡ଼ି ଆସି ରାତ୍ରୀ ଯାପନ କରିବା ସହିତ ବୁଲିବୁଲି ଶୀତର ମଜା ନେଉଛନ୍ତି। ରାତିରେ କ୍ୟାମ୍ପସରେ ନିଆଁ ଜାଳି ମନକୁ ଆନନ୍ଦ ଦେଉଛନ୍ତି। ଏବେ ଶୀତର ପ୍ରକୋପ ଦିନରେ ନଥିବା ବେଳେ ଭୋର ସମୟରେ ଘନ କୁହୁଡି ସହ ସନ୍ଧ୍ୟା ନଇଁ ଆସିଲେ ଧୀରେ ଧୀରେ ଶୀତ ବୃଦ୍ଧି ପାଉଛି। ଶନିବାର ଠାରୁ ଦିନରେ ପ୍ରଚଣ୍ଡ ଖରାର ପ୍ରକୋପ ରହୁଥିବା ବେଳେ ରାତିରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ପର୍ଯ୍ୟଟକମାନେ ଶୀତରୁ ରକ୍ଷା ପାଇଁ ନିଆଁ ଜାଳିବା ସହିତ ଅଞ୍ଚଳର ପାରମ୍ପରିକ ନାଚଗୀତରେ ମଜା ଉଠାଉଛନ୍ତି। ବିଭିନ୍ନ ରାତ୍ରିଯାପନ ସ୍ଥଳରେ ସ୍ଥାନୀୟ କଳାକାରମାନେ ଆଦିବାସୀ ନୃତ୍ୟ, ବାଦ୍ୟ, ସଂଗୀତରେ ପର୍ଯ୍ୟଟକଙ୍କ ମନମୋହୁଛନ୍ତି। ରାଜ୍ୟ ସରକାରଙ୍କ ଇକୋ ରିଟ୍ରିଟଠାରେ ମଧ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜନଜାତି ସମ୍ପ୍ରଦାୟର ପାରମ୍ପରିକ ନାଚ ଗୀତରେ ପର୍ଯ୍ୟଟକ ମଜା ଉଠାଉଛନ୍ତି। ଏହି ପାରମ୍ପରିକ ନାଚ ଗୀତ କରି ଅଞ୍ଚଳର କଳାକାରମାନେ ବେଶ ଦୁଇ ପଇସା ରୋଜଗାର କରିବା ସହ ଲୁଚିଯାଉଥିବା କଳାର ପ୍ରଚାର ପ୍ରସାର କରୁଛନ୍ତି। ସେହିପରି ପର୍ଯ୍ୟଟକ ଦାରିଙ୍ଗବାଡ଼ିର କଫି ବଗିଚା ସମେତ ଡୁଲୁରୀ ପାଇନ ବଣ, ପାଟାବାନ୍ଧା ଜଳପ୍ରପାତ, ହିଲଭିୟୁ ପାର୍କ, ନେଚର ପାର୍କ, ସାଇଲେଣ୍ଟ ଭ୍ୟାଲି, ଲଭର୍ସ ପଏଣ୍ଟ ଆଦି ବୁଲି ମଜା ନେଉଛନ୍ତି ।

### ଜେଲରେ ମୃତ୍ୟୁ ହେଲେ ସମ୍ପର୍କୀୟଙ୍କୁ ମିଳିବ କ୍ଷତିପୂରଣ
### କ୍ୟାବିନେଟ ନିଷ୍ପତ୍ତି

ଭୁବନେଶ୍ୱର,୧୩।୨(ବ୍ୟୁରୋ) ଜେଲ ଅନ୍ତେବାସୀଙ୍କ କୌଣସି କାରଣରୁ ମୃତ୍ୟୁ ହେଲେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ରାଜ୍ୟ ସରକାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବେ। ହାଇକୋର୍ଟ ଏବଂ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଜେଲ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ କ୍ଷତିପୂରଣ ପ୍ରଦାନ ରୁଲ୍ସ-୨୦୨୩ ପ୍ରଣୟନ କରିଛନ୍ତି। ଗୃହ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ଏଭଳି କ୍ଷତିପୂରଣ ଦେବା ପାଇଁ ପୂର୍ବରୁ କୌଣସି ବ୍ୟବସ୍ଥା ନ ଥିଲା। ଜାତୀୟ ମାନବାଧିକାର କମିଶନ କିମ୍ବା ଓଡ଼ିଶା ମାନବାଧିକାର କମିଶନଙ୍କ ସୁପାରିସ ଆଧାରରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଏ। ଏକ ରିଟ୍ ପିଟିସନ ଉପରେ ହାଇକୋର୍ଟ ୨୦୨୧ ଡିସେମ୍ବର ୨୩ରେ କାରାଗାରରେ ବନ୍ଦୀମାନଙ୍କ ମୃତ୍ୟୁ ପାଇଁ କ୍ଷତିପୂରଣ ଦେବା ସକାଶେ ସ୍କିମ୍ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାତୀୟ ମାନବାଧିକାର କମିଶନ ମଧ କ୍ଷତିପୂରଣ ପାଇଁ ଏକ ସ୍ୱତନ୍ତ୍ର ପଲିସି ଆଣିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୧୩।୨ (ନି.ପ୍ର.) ଜୟପୁର ବ୍ଲକ ଅଧୀନ ଫାମ୍ପୁଣିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣିରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସରପଞ୍ଚ, ସମିତି ସଭ୍ୟ, କନିଷ୍ଠ ଯନ୍ତ୍ରୀ , ପିଇଓ, ଜିଆରଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ହର୍ଟିକଲଚର, କୃଷି ବିଭାଗ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା।

# କଲେଜରେ ରହିବ ଏନ୍‌ସିସି ଜିଇ ପାଠ୍ୟକ୍ରମ

ଭଞ୍ଜନଗର,୧୩।୨(ଡି.ଏନ.ଏ)

ଏନ୍‌ସିସି ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟ ନେଇ ସରକାର ଆସନ୍ତା ୨୦୨୩-୨୪ ଶିକ୍ଷାବର୍ଷଠାରୁ ସ୍ନାତକରେ ଏନ୍‌ସିସି ଜେନେରାଲ ଇଲେକ୍ଟିଭ୍ (ଜିଇ) ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିଲାଗି ଆଗାମୀ ପଦକ୍ଷେପ ନେବାପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏନ୍‌ସିସି ଥିବା ମହାବିଦ୍ୟାଳୟଗୁଡ଼ିକୁ ଚିଠି ମାଧମରେ ନିର୍ଦ୍ଦେଶ ଦିଆଯାଇଛି । ଯୁକ୍ତ ୩ କଳା, ବାଣିଜ୍ୟ ଏବଂ ବିଜ୍ଞାନ ଛାତ୍ରୀଛାତ୍ର ଏହି ସୁବିଧା ପାଇପାରିବେ । ପ୍ରତ୍ୟେକ ପେପରରେ ମିଡ୍ ସେମିଷ୍ଟାର ୧୫ ମାର୍କ, ପ୍ରାକ୍ଟିକାଲ ୨୫ ମାର୍କ ଏବଂ ଏଣ୍ଡ ସେମିଷ୍ଟାର ୬୦ ମାର୍କ ରହିବ।

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏବଂ ବିଡ଼ିପୁରସ୍ଥିତ ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟରେ ଏନ୍‌ସିସି ଜିଇ ପାଠ୍ୟକ୍ରମ ଖୋଲିବା ସମ୍ଭାବନା ରହିଛି। ଏହି ଦୁଇ କଲେଜରେ ଅନେକ ଛାତ୍ରୀଛାତ୍ର ଏନ୍‌ସିସି ନେବାକୁ ଆଗ୍ରହ ରଖୁଥିଲେ ମଧ ସିଟ୍ କମ୍ ଯୋଗୁ ବଞ୍ଚିତ ହେଉଥିଲେ। ଜିଇ ପାଠ୍ୟକ୍ରମ ଖୋଲିଲେ କିଛିମାତ୍ରାରେ ଆଶା ପୂରଣ ହେବ। ତେବେ ଏନସିସି କ୍ୟାଡ଼େଟ୍‌ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଯେଉଁଭଳି ସଂରକ୍ଷଣ ବ୍ୟବସ୍ଥା ଅଛି, ଜିଇ ଛାତ୍ରୀଛାତ୍ରଙ୍କୁ ତାହାର ସୁବିଧା ମିଳିବ କି ନାହିଁ ସେ ନେଇ ଚିଠିରେ କିଛି ଉଲ୍ଲେଖ କରାଯାଇନାହିଁ । ସୋମବାର ଜିଇ ପାଠ୍ୟକ୍ରମ ସମ୍ପର୍କିତ ନିର୍ଦ୍ଦେଶନାମା ଭଞ୍ଜନଗର କଲେଜରେ ପହଞ୍ଚିବା ପରେ ଅଧକ୍ଷ ରାଜେନ୍ଦ୍ର ଦାସ ଏନସିସି ଆର୍ମି ଅଫିସର ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ ଏବଂ ଏନସିସି ନାଭାଲ ଅଫିସର ଡ଼.ରବୀନ୍ଦ୍ର କୁମାର ମିଶ୍ରଙ୍କ ସହ ପରବର୍ତ୍ତି ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି। ଅପରପକ୍ଷେ ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ପ୍ରତିଷ୍ଠା ହେଉଥିବା ସରକାରୀ ଆଇଟିଆଇ କୋଠା କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବାଚସ୍ପତି ବିକ୍ରମ କେଶରୀ ଆରୁଖ କୋଠା କାର୍ଯ୍ୟ କିଭଳି ତୁରନ୍ତ ସରିବ ସେନେଇ ବିଭାଗୀୟ ଅଧିକାରୀଙ୍କ ସହ ବାରମ୍ବାର ସମୀକ୍ଷା କରୁଛନ୍ତି । ୨୦୨୩-୨୪ ଶିକ୍ଷା ବର୍ଷରୁ ଭଞ୍ଜନଗର ସରକାରୀ ଆଇଟିଆଇ ଖୋଲିବା ପାଇଁ ଯୋଜନା ଚାଲିଛି । ଏଥିପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି ।

**ଆସନ୍ତା ଶିକ୍ଷା ବର୍ଷରୁ ଭଞ୍ଜନଗର ଆଇଟିଆଇ ଖୋଲିବା ଯୋଜନା**


ଭଞ୍ଜନଗର ଆଇଟିଆଇ କୋଠା ।

## ଓଡ଼ିଶା ଡ୍ରାଇଭର ମହାସଂଘର ଜରୁରୀ ବୈଠକ

ଶେରଗଡ଼, ୧୩।୨(ଡି.ଏନ.ଏ): ଶେରଗଡ଼ ନିକଟସ୍ଥ ହରିକୃଷ୍ଣପୁର ଗ୍ରାମରେ ଥିବା ଜୟଚଣ୍ଡୀ ପୀଠରେ ସୋମବାର ଓଡ଼ିଶା ଡ୍ରାଇଭର ମହାସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ପ୍ରଫୁଲ ଗୌଡ଼ ଅଧକ୍ଷତା କରିଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସଂଯୋଜନା କରିଥିଲେ। ଆସନ୍ତା ମାର୍ଚ୍ଚ ୧୫ରୁ ବିଭିନ୍ନ ଦାବି ନେଇ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଗାଡି ଚାଳକଙ୍କ ସୁରକ୍ଷା, ପ୍ରତି ୧୦୦ ମିଟର ବ୍ୟବଧାନରେ ହମ୍ପସ୍, ୬୦ବର୍ଷ ପରେ ଭତ୍ତା, ପିଲାମାନଙ୍କୁ ପାଠ ପଢିବା ସୁବିଧା ଆଦି ଉପସ୍ଥାପନ କରାଯାଇଥିଲା। ଯଦି ସରକାର ଏସବୁ ଦାବି ପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ୧୫ରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ଶେରଗଡ଼ର ବହୁ ଡ୍ରାଇଭର ଯୋଗ ଦେଇଥିଲେ।

# ଶିଳ୍ପ ତାଲିମ ଅନୁଷ୍ଠାନ ବୁଲିଲେ ଛାତ୍ରୀ


ଶିଳ୍ପ ତାଲିମ ଅନୁଷ୍ଠାନ ବୁଲିବାକୁ ଆସିଥିବା ଛାତ୍ରୀମାନେ।

ଦାରିଙ୍ଗବାଡି,୧୩।୨(ଡି.ଏନ.ଏ)-

କନ୍ଧମାଳ ଜିଲାରେ ଚଳିତ ବର୍ଷ ଦୁଇଟି ଶିଳ୍ପ ତାଲିମ ଅନୁଷ୍ଠାନ ନୂତନ ଭାବେ ଖୋଲିଛି। ଦାରିଙ୍ଗବାଡି ଏବଂ କୋଟଗଡ ବ୍ଲକରେ ଏହି ଅନୁଷ୍ଠାନ ପ୍ରଥମଥର ପାଇଁ ଖୋଲିଥିବା ବେଳେ ପୂର୍ବରୁ ଫୁଲବାଣୀଠାରେ ଏହି ଅନୁଷ୍ଠାନ ରହିଛି। ଯେପରି ଛାତ୍ରୀଛାତ୍ରମାନେ କୁଶଳୀ ହେବେ, ଏହି ଶିଳ୍ପ ଅନୁଷ୍ଠାନ ଗୁଡିକରେ ଛାତ୍ରୀଛାତ୍ର କିଭଳି ନାମ ଲେଖାଇବେ ଏବଂ ସେମାନଙ୍କୁ ବୈଷୟକ ଶିକ୍ଷା ପ୍ରଦାନ କରାଯାଇପାରିବ ସେଥିପାଇଁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ବ୍ଲକରେ ଥିବା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପ ତାଲିମ ଅନୁଷ୍ଠାନକୁ ପରିଦର୍ଶନରେ ଅଣାଯାଉଛି। ବିଶେଷ କରି ରାଜ୍ୟ ସରକାର ଏହି କୁଶଳୀ ଶିକ୍ଷା ପାଇଁ ୩୦ ପ୍ରତିଶତ ଛାତ୍ରୀଙ୍କୁ ବିଭିନ୍ନ ଶିଳ୍ପ ତାଲିମ ଅନୁଷ୍ଠାନଗୁଡିକରେ ନାମ ଲେଖାଇବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଜିଲାର ବିଭିନ୍ନ ବିଦ୍ୟାଳୟର ୪ ଶହରୁ ଉର୍ଦ୍ଧ ଛାତ୍ରୀଛାତ୍ର ଶିଳ୍ପ ତାଲିମ ଅନୁଷ୍ଠାନ ବୁଲି ଦେଖିବା ସହ ଏହି ସଂଖ୍ୟା ହଜାରରେ ପହଞ୍ଚିବ ବୋଲି ତାଲିମ ଅନୁଷ୍ଠାନର ଅଧକ୍ଷ ପ୍ରଦୀପ କୁମାର ସାହୁ କହିଛନ୍ତି। ସୋମବାର କ. ନୂଆଗାଁ ବ୍ଲକ କୁଡୁତୁଲି ସେବାଶ୍ରମରୁ ଶତାଧିକ ଛାତ୍ରୀ ଦାରିଙ୍ଗବାଡି ତାଲିମ ଅନୁଷ୍ଠାନ ବୁଲି ଦେଖିଛନ୍ତି। ସେମାନଙ୍କୁ ଏଠାକୁ ଯିବାକୁ ସରକାରଙ୍କ ପକ୍ଷରୁ ବସ୍ ବ୍ୟବସ୍ଥା ମଧ କରାଯାଇଛି। ଏହି ଶିକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ୟୁନିଫର୍ମ, ଜୋତା, ଅନୁସୂଚିତ ଜାତି, ଜନଜାତି, ଉପଜାତି, ରାଜମିସ୍ତ୍ରୀ, ନିର୍ମାଣ ଶ୍ରମିକମାନଙ୍କ ପାଇଁ ଷ୍ଟାଇପେଣ୍ଡର ବ୍ୟବସ୍ଥା ଶହ ସୁଦକ୍ଷା ଯୋଜନା ମାଧମରେ ସମସ୍ତ ଛାତ୍ରୀଛାତ୍ରମାନଙ୍କ ଷ୍ଟାଇପେଣ୍ଡ, ଲାଇବ୍ରେରୀ ୱାଇଫାଇ ସହ ନିଯୁକ୍ତି ପାଇଁ ଚୟନ ପ୍ରକ୍ରିୟାର ସୁବନ୍ଦୋବସ୍ତ, ମେଧାବୃତ୍ତି ଆଦି ବିଭିନ୍ନ ସୁବିଧା କରାଯାଇଥିବା ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ ପ୍ରଦୀପ ସାହୁ କହିଛନ୍ତି ।

## ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

କ.ନୂଆଗାଁ,୧୩।୨

କ.ନୂଆଗାଁ ପଞ୍ଚାୟତ ସମିତି ସଭା ଗୃହରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଯୋଗଦେଇ ୧୪୯ଟି ବ୍ୟକ୍ତିଗତ ଓ ୬ଟି ସାମୁହିକ ଅଭିଯୋଗ ଶୁଣିଥିଲେ। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା ଓ ଜମି ପ୍ରଦାନ ଆଦି ଥିଲା। ସେହିପରି ରାସ୍ତାଘାଟ ଓ ପାନୀୟ ଜଳ ଉପରେ ସାମୁହିକ ଅଭିଯୋଗ ଆସିଥିଲା। ଅଭିଯୋଗ ଶୁଣାଣିରେ ବାଲିଗୁଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ରୋହିତ ବର୍ମା, ବିଡ଼ିଓ ଶରତ କୁମାର ପାତ୍ର, ଅତିରିକ୍ତ ତହସିଲଦାର ନରେନ୍ଦ୍ର ମଲିକ,ଏବିଡିଓ ପ୍ରଦିପ କୁମାର ମହାନ୍ତି, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶୋଭମ ମହାପାତ୍ର, ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ପାଣିଗ୍ରାହୀ ଓ କମ୍ପ୍ୟୁଟର ପ୍ରୋଗ୍ରାମର ରାକେଶ କୁମାର ସାହୁଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଯୋଗ୍ୟତା ଅନୁସାରେ ଦରମା ମିଳୁ ନ ଥିବାରୁ ଉଦ୍‌ବେଗ

ନୟାଗଡ଼ ଅଫିସ,୧୩।୨

**ଜିଲା ଅମଲା ସଂଘର ବୈଠକ**

ରାଜ୍ୟ ଅମଲା ସଂଘର ଆହ୍ୱାନକ୍ରମେ ଜିଲା ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା କୃଷି ଭବନ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅମଲା ସଂଘ ସଭାପତି ବାଳକୃଷ୍ଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅମଲାମାନଙ୍କ ବିଭିନ୍ନ ଦାବି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ରାଜ୍ୟ ସରକାର ଅମଲାମାନଙ୍କର ସର୍ବନିମ୍ନ ଯୋଗ୍ୟତା ସ୍ନାତକ ଏବଂ କମ୍ପ୍ୟୁଟର ଡିପ୍ଲୋମା ଧାର୍ଯ୍ୟ କରିଛନ୍ତି। ତେବେ ଯୋଗ୍ୟତା ଅନୁଯାୟୀ ୪୨୦୦ ଗ୍ରେଡ ପେ'ରେ ଦରମା ଦେଉନାହାନ୍ତି। ଏଣୁ ୪୨୦୦ ଗ୍ରେଡ ପେ'ରେ ଦରମା ଦେବାକୁ ସଂଘ ଦୀର୍ଘଦିନ ଧରି ଦାବି କରି ଆସୁଛି। ମାତ୍ର ସରକାର ରାଜ୍ୟ ଅମଲା ସଂଘ ସହ ଆଲୋଚନା କରି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ହେଁ ସମୟ ଗଡ଼ାଇ ଚାଲିଛନ୍ତି। ପ୍ରତିବାଦ ସ୍ୱରୂପ ଆଗାମୀଦିନରେ ଏକ ଜୋରଦାର ଆନ୍ଦୋଳନ ପାଇଁ ରାଜ୍ୟ ସଂଘ ପ୍ରସ୍ତୁତ ହେଉଛି। ନୟାଗଡ଼ ଜିଲା ସଂଘ ପକ୍ଷରୁ ଆନ୍ଦୋଳନକୁ ସମର୍ଥନ କରାଯାଇଛି। ବୈଠକରେ ଜିଲାର ୮ଟି ବ୍ଲକର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଅମଲାମାନେ ଯୋଗଦାନ କରିଥିଲେ।

# କାଳାଞ୍ଜି ସମାଜ ବୈଠକ

ଭଞ୍ଜନଗର,୧୩।୨(ଡି.ଏନ୍.ଏ.)

ଭଞ୍ଜନଗର ବନବିହାର ଠାରେ ଓଡ୍ର ଖଣ୍ଡାୟତ କାଳାଞ୍ଜି ସମାଜ କଇଣ୍ଡି ଓ ବନ୍ଧପଲ୍ଲୀ ଆଞ୍ଚଳିକ ପରିଷଦ ତରଫରୁ ଏକ ବୈଠକ ସନ୍ତୋଷ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଆସିକା ଏନଏସି ଅଧକ୍ଷା ବିନେତା ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ପରିଷଦର ସମ୍ପାଦକ ନୀଳାଞ୍ଚଳ ପୋଲେଇ, ଉପସଭାପତି ବୃନ୍ଦାବନ ଖଟେଇ, ମୁଖ୍ୟ ସଂଗଠକ ସତ୍ୟ ନାରାୟଣ ସ୍ୱାଇଁ, କୋଷାଧକ୍ଷ ବିଭୂତି ଭୂଷଣ ଜେନା, ଉପଦେଷ୍ଟା କାଳିଚରଣ ନାୟକ ଯୋଗଦେଇ ସମ୍ବିଧାନ ସଂଶୋଧନ, ମହାସଭାର ସମୀକ୍ଷା, ବିଭିନ୍ନ ରସିଦ ଉପରେ ଆଲୋଚନା କରିଥିଲେ। ଏଥିସହ ସାଙ୍ଗଠନିକ ଆଲୋଚନା ମଧ ହୋଇଥିଲା। ପ୍ରାରମ୍ଭରେ ପୂର୍ବତନ କେନ୍ଦ୍ର ପରିଷଦ ସମ୍ପାଦକ ସ୍ୱର୍ଗତ ହରିବନ୍ଧୁ ବିଷୋୟୀଙ୍କ ସ୍ମୃତିଚାରଣ କରାଯାଇଥିଲା। ବୈଠକରେ ଗଞ୍ଜାମ ଜିଲାର ୧୦ଟି ଅଞ୍ଚଳର କର୍ମକର୍ତା ସମେତ ରାଉରକେଲା ଅଞ୍ଚଳ କର୍ମକର୍ତ୍ତା ଯୋଗଦେଇଥିଲେ। ଅଞ୍ଚଳ ସଭାପତି ଜଗବନ୍ଧୁ ଜେନା, ସୀତାରାମ ଜେନା, ରାଜ କୁମାର ବିଷୋୟୀ, ସୁବାସ ଚନ୍ଦ୍ର ତାରିଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ହାଇମାଷ୍ଟ ଉଦ୍‌ଘାଟନ କଲେ ଏମ୍‌ପି

ପାରଳାଖେମୁଣ୍ଡି,,୧୩।୨(ଡି.ଏନ୍.ଏ.)- ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ପାରଳାଖେମୁଣ୍ଡି ସହରରେ ହାଇମାଷ୍ଟ ଉଦ୍‌ଘାଟନ କରିଛନ୍ତି। ରେଲୱେ ଷ୍ଟେଶନ ପରିସର ଏବଂ ପୁରୁଣାକୋର୍ଟ ଛକଠାରେ ୨ଟି ହାଇମାଷ୍ଟ ଲୋକାର୍ପଣ ହୋଇଛି । କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଉପାଧକ୍ଷ ଲେଙ୍କା ମଧୁ ପ୍ରମୁଖଙ୍କ ସହ ପୌରପରିଷଦର କାଉନସିଲମାନେ, ବିଜେଡିର ବରିଷ୍ଠ ନେତା, କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ଏମ୍‌ପି କହିଛନ୍ତି, ରେଲୱେ ଷ୍ଟେଶନ ପରିସର ଅନ୍ଧାର ରହୁଥିବାରୁ ଯାତ୍ରୀମାନେ ରାତିରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଲକ୍ଷ୍ୟ କରି ସାଂସଦ ପାଣ୍ଠିରୁ ୫ଲକ୍ଷ ଟଙ୍କା ବ୍ୟୟରେ ଏହି ହାଇମାଷ୍ଟ ଲାଗିଛି। ସେହିପରି ପୁରୁଣା କୋର୍ଟ ଛକ ସହରର ଏକ ପ୍ରମୁଖ ଛକ ହୋଇଥିଲେ ହେଁ ଏହି ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା ନ ଥିଲା । ଏଠାରେ ମଧ ସାଂସଦ ପାଣ୍ଠିରୁ ୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସହରର ଦୁଇ ପ୍ରମୁଖ ସ୍ଥାନ ଆଲୋକୀକରଣ ହୋଇଥିବାରୁ ସହରବାସୀଙ୍କ ପକ୍ଷରୁ ଏମ୍‌ପିଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ମିଶନ ଶକ୍ତି ଗୃହ ଉଦ୍‌ଘାଟିତ


ଅତିଥିମାନେ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରୁଛନ୍ତି।

ଶରଣକୁଳ,୧୩।୨(ଡି.ଏନ୍.ଏ.)

ଓଡ଼ଗାଁ ବ୍ଲକ ଅଧୀନ ମଗରବନ୍ଧ ପଞ୍ଚାୟତ ପରିସର ମଧ୍ୟରେ ୭ ଲକ୍ଷ ଟଙ୍କା ବ୍ୟୟରେ ମିଶନ ଶକ୍ତି ଗୃହ, ମଗରବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ୭ ଲକ୍ଷ ଟଙ୍କା ଏବଂ ଏକ ସଭାଗୃହ ୧୦ ଲକ୍ଷ ଟଙ୍କା ବ୍ୟୟରେ ଉଦ୍‌ଘାଟିତ ହୋଇଯାଇଛି। ରଣପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ସତ୍ୟନାରାୟଣ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଶରଣକୁଳ ଜୋନ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ବିଡିଓ ସନ୍ତୋଷ କୁମାର ଜେନା, ମଗରବନ୍ଧ ସରପଞ୍ଚ ସୁକାନ୍ତି ପ୍ରଧାନ, ସମିତିସଭ୍ୟ ଭଗବାନ ପ୍ରଧାନ, ନାଏବ ସରପଞ୍ଚ ପ୍ରଭାତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ମିଶନ ଶକ୍ତି ଗୃହଟି ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀ ସଭାଗୃହ ଭାବେ ବ୍ୟବହାର କରାଯିବ। ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅରୁନ୍ଧତୀ ପଣ୍ଡା, ଇଂ. ସନାତନ ଭୋଳ, କନିଷ୍ଠ ଯନ୍ତ୍ରୀ ଇଂ. ସୁଦୀପ କୁମାର ଲେଙ୍କା, ପିଇଓ ଦାଶରଥି କାଠୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ସରପଞ୍ଚ ସଂଘ ପକ୍ଷରୁ ଆଲୋଚନା, ସମ୍ବର୍ଦ୍ଧନା

ଗୋପାଳପୁର,୧୩।୨(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକରେ ନବ ଗଠିତ ସରପଞ୍ଚ ସଂଘ ପକ୍ଷରୁ ବିଡ଼ିଓ, ବ୍ଲକ ଅଧକ୍ଷ, ଜିଲାପରିଷଦ ଓ ଅନ୍ୟମାନଙ୍କୁ ସାକ୍ଷାତ କରାଯାଇଥିଲା। ଏହି ସାକ୍ଷାତ ସମୟରେ ବ୍ଲକ ଅଧକ୍ଷ ଓ ଅନ୍ୟମାନଙ୍କ ସହ ନିଜ ନିଜ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସରପଞ୍ଚମାନେ ବିସ୍ତୃତ ଆଲୋଚନା କରିବା ସହ ଶୁଭେଚ୍ଛା ଜଣାଇଥିଲେ। ସୋମବାର ଅପରାହ୍ନରେ ନବ ଗଠିତ ସରପଞ୍ଚ ସଂଘ କର୍ମକର୍ତ୍ତା ବ୍ଲକ ବିଡ଼ିଓ ବିଶ୍ୱଜିତ ରାୟଙ୍କୁ ସାକ୍ଷାତ କରି ପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବା ସହ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟକରିବା ନିମନ୍ତେ ସହଯୋଗ କାମନା କରିଥିଲେ। ପରେ ବ୍ଲକ ଅଧକ୍ଷ ସିଏଚ ଉଷାରାଣୀ, ଜିଲାପରିଷଦ ଉପସଭାନେତ୍ରୀ ଏସ.ରାଜେଶ୍ୱରୀ ଦୋରା, ଜିଲା ପରିଷଦ ସଦସ୍ୟ ଦୀପକ କୁମାର ସାମନ୍ତ, ତଅପୋଇ ଦାସ ଓ ଏମପିଙ୍କ ପ୍ରତିନିଧି ଅଜିତ କୁମାର ଦାସଙ୍କୁ ଅଧକ୍ଷଙ୍କ ପ୍ରକୋଷ୍ଠରେ କର୍ମକର୍ତ୍ତାମାନେ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ପଞ୍ଚାୟତର ଛୋଟ ଛୋଟ ସମସ୍ୟା ନେଇ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବାରୁ ପ୍ରତି ପଞ୍ଚାୟତରେ ଅଭିଯୋଗ ପ୍ରକୋଷ୍ଠ ଖୋଲି ସେମାନଙ୍କ ସମସ୍ୟା ସମାଧାନ କରାଗଲେ ଲୋକେ ଉପକୃତ ହେବେ ବୋଲି ଏମପି ପ୍ରତିନିଧି ଅଜିତ ଦାସ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀଡ଼ି ସରପଞ୍ଚ ପ୍ରଶାନ୍ତ କୁମାର ଦାସ, କରାପଲ୍ଲୀ ସରପଞ୍ଚ ମେନକା ରେଡ୍ଡୀ, ପଦ୍ମପୁର ସରପଞ୍ଚ ସସ୍ମିତା ବେହେରା, ଉପଦେଷ୍ଟା ସିଏଚ ବାଇରୀ ପାତ୍ର, ରଞ୍ଜିତ ସାହୁ, ନିରଞ୍ଜନ ବେହେରା, ଦଣ୍ଡପାଣି ବେହେରା, ଅସନ୍ତୁଲୁ ରେଡ୍ଡୀ, ସୁଧୀର କୁମାର ନାୟକ, ସନ୍ତୋଷ ବେହେରା, ପ୍ରକାଶ ଚନ୍ଦ୍ର ସେଠୀ, ରାଜୀବ ଦାସ, ରଶ୍ମିତା ପାତ୍ର, ବିଜୟ ସାହୁ, ସିଏଚ ନରେଶ, ପ୍ରେମରଞ୍ଜନ ପଟ୍ଟନାୟକ, ସିଏଚ୍ ରଶ୍ମିତା, ବିଷ୍ଣୁପ୍ରିୟା ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ସରପଞ୍ଚ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ

# କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ପାରଳାଖେମୁଣ୍ଡି,୧୩।୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡିସ୍ଥିତ ଷ୍ଟାଡିୟମଠାରେ ୩ ଦିନ ଧରି ଚାଲିଥିବା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଳାର ଆବଶ୍ୟକତା ଓ କୃଷକଙ୍କୁ ରିହାତି ଦରରେ ମିଳୁଥିବା ବିଭନ୍ନ କୃଷି ଯନ୍ତ୍ରପାତି ସମ୍ପର୍କରେ ଚାଷୀଙ୍କୁ ସଚେତନ କରିଥିଲେ। ମେଳାରେ ୫୦ଟି ଷ୍ଟଲ ଖୋଲାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ବିଭନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା । ମେଳାରେ ୩ ଦିନରେ ପ୍ରାୟ ୮୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଜିଲା କୃଷି ଅଧିକାରୀ କୈଳାସ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ଏଭଳି କାର୍ଯ୍ୟକ୍ରମ ବ୍ଲକ, ପଞ୍ଚାୟତ ଓ ଗ୍ରାମାଞ୍ଚଳରେ ହେବା ଆବଶ୍ୟକ ବୋଲି ଏମ୍‌ପି ସାହୁ କହିଥିଲେ। ଏହାଦ୍ୱାରା ଚାଷ ପ୍ରତି ଯେଉଁମାନେ ବିମୁଖ ହେଉଛନ୍ତି ସେମାନେ ପୁଣି କୃଷି ପ୍ରତି ଆଗ୍ରହ ରଖିବେ ଓ ନୂତନ ଯନ୍ତ୍ରପାତି ସାହାଯ୍ୟରେ ସୁବିଧାରେ ଅଧିକ ଉତ୍ପାଦନ କରିପାରିବେ ବୋଲି ମତ ରଖିଥିଲେ।



ଏମ୍‌ପି କୃଷି ଯନ୍ତ୍ରପାତି ଷ୍ଟଲ ବୁଲୁଛନ୍ତି ।

# ସମସ୍ୟା ତୁଟିଲେ ୫ ହଜାର ହେକ୍ଟରରେ ଫସଲ ହେବ

**ବ୍ରାହ୍ମଣୀ ସହ ଗୋବରୀ ନଦୀର ମିଶ୍ରଣ ମାମଲା**

- ଚାଷୀଙ୍କର ୨ ବର୍ଷ ଅପେକ୍ଷାରେ ବିତିଗଲାଣି
- ଜଳ ସମ୍ପଦ ବିଭାଗକୁ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା

କେନ୍ଦ୍ରାପଡ଼ା ଅଫିସ, ୧୩।୨

ଶିଳ୍ପବିହୀନ କେନ୍ଦ୍ରାପଡ଼ାର ଅର୍ଥନୀତି କୃଷିଭିତ୍ତିକ। ଏହାସତ୍ତ୍ୱେ ରାଜ୍ୟ ସରକାର ଜଳସେଚନ ପରି ମୁଖ୍ୟ ସମସ୍ୟାକୁ ଦୂରକରୁନାହାନ୍ତି। ପୂର୍ବରୁ ବ୍ରାହ୍ମଣୀ ଓ ଗୋବରୀ ମଧ୍ୟରେ ଥିବା ସଂଯୋଗ ଜଳପଥ ଏବେ ବନ୍ଦ ହୋଇପଡ଼ିଛି। ଫଳରେ ଜଳସେଚନ ଅବ୍ୟବସ୍ଥାରୁ ୫ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିରେ ୩ ଫସଲ ଉତ୍ପାଦନ ହୋଇପାରୁନାହିଁ। ଏ ନେଇ ସ୍ଥାନୀୟ ଲୋକ ୨ ବର୍ଷ ହେବ ଉଦ୍‌ବେଗ ପ୍ରକାଶ କରି ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଉପରେ ମାମଲା କରିଛନ୍ତି। ମାମଲା ଶୁଣାଣି ହୋଇ ବିଭାଗକୁ ଅନୁଧ୍ୟାନ ସହ ସମସ୍ୟାର ନିରାକରଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ଜଳ ସମ୍ପଦ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ମାମଲାର ଅଭିଯୋଗକାରୀ ପଚ୍ଚାମୁଣ୍ଡାଇ ତାଲୁକ୍ ଆଇନ ସେବା ସମିତି ପିଏଲ୍‌ଭି ପ୍ରଫୁଲ୍ଲ କୁମାର ଦାସ, କ୍ଷୀରୋଦ ମଲ୍ଲିକ, ଅଶୋକ ବଳ, ଦେବାଶିଷ ପଣ୍ଡା ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ବ୍ରାହ୍ମଣୀ ସହ ଗୋବରୀ ନଦୀର ସଂଯୋଗୀକରଣ ଥିଲା। ଏଥିରେ ନୌବାଣିଜ୍ୟ ସହିତ ଚାଷ ପାଇଁ ପାଣି ମିଳୁଥିଲା। ତେବେ ୬୦ ବର୍ଷ ପୂର୍ବରୁ କଟକ-ଚାନ୍ଦବାଲି ରାସ୍ତା ନିର୍ମାଣ ସମୟରେ ପଚ୍ଚାମୁଣ୍ଡାଇଠାରେ ଏହାର ସଂଯୋଗୀକରଣ ପଥକୁ ବନ୍ଦ କରିଦିଆଗଲା। ଫଳରେ ପଚ୍ଚାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ୨୦ କି.ମି. ଗୋବରୀ ନଦୀପଥ ଶୁଖିଲା ପଡିଛି। ଏହି ନଦୀ ଶଯ୍ୟା ପୋତିହେବା ଫଳରେ ନିକଟବର୍ତ୍ତୀ ଗ୍ରାମବାସୀ ନିତ୍ୟକର୍ମଠାରୁ ଜଳସେଚନରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ଅର୍ଥକରୀ ଫସଲ ଉତ୍ପନ୍ନ ହେଉଥିବା ବେଳେ ଏଠାରେ ଏବେ ମରୁଡ଼ି ସମସ୍ୟା ଦେଖାଦେଇଛି। ଏ ନେଇ ସ୍ଥାନୀୟ ଅଧିବାସୀ ବ୍ଲକ ଓ ଜିଲାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଏଥିରୁ ସୁଫଳ ନ ମିଳିବାରୁ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ବ୍ରାହ୍ମଣୀ ସହିତ ଗୋବରୀ ନଦୀର ସଂଯୋଗୀକରଣ ପାଇଁ ନାଲସା (ଜାତୀୟ ଆଇନ ସେବା ପ୍ରାଧିକରଣ)ରେ ୨୦୨୧ ଫେବୃୟାରୀ ୧୪ରେ ଏକ ମାମଲା ହୋଇଥିଲା। ଏହି ମାମଲାକୁ କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଶୁଣାଣି କରାଯାଇ ଭିତ୍ତିଭୂମିର ତଦନ୍ତ କରିବାକୁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ହୋଇଛି। ତେବେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅଦ୍ୟାବଧି କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ନଦୀ ସଂଯୋଗୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେଲେ ନଦୀପଥ ନିକଟ କ୍ଷେତରେ ୩ ପ୍ରକାର ଅର୍ଥକରୀ ଫସଲ ଉତ୍ପାଦନ ହୋଇପାରିବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଏନେଇ ପ୍ରାରମ୍ଭିକ ତଦନ୍ତ ହୋଇଛି। ନଦୀ ସଂଯୋଗୀକରଣ ହେଲେ ସ୍ଥାନୀୟ ଅଞ୍ଚଳର କୃଷି ଅର୍ଥନୀତିରେ ବିରାଟ ପରିବର୍ତ୍ତନ ଆସିବ। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।



ଗଣ୍ଡାକିଆଠାରୁ ପଚ୍ଚାମୁଣ୍ଡାଇ ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ନଦୀ ପଥ।

# ସାରିକା ସିଂଙ୍କ ଗୀତରେ ଦର୍ଶକ ମସ୍‌ଗୁଲ



ଯାଜପୁର ଜିଲା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ହର୍ଷଦୀପ ଓ ସାରିକା ସିଂ ସଙ୍ଗୀତ ପରିବେଷଣ କରୁଛନ୍ତି।

**ଯାଜପୁର ଜିଲା ମହୋତ୍ସବ ଉଦ୍‌ଯାପିତ**

ଯାଜପୁର ଟାଉନ, ୧୩।୨ (ଡି.ଏନ.ଏ.)

ଯାଜପୁର ବାଳାଶ୍ରମ ପଡ଼ିଆରେ ଚାଲିଥିବା ଚଳିତ ବର୍ଷର ଜିଲା ମହୋତ୍ସବର ସୋମବାର ଉଦ୍‌ଯାପିତ ହୋଇଛି। ହେଲେ ଶେଷ ସନ୍ଧ୍ୟାରେ ବଲିଓଡ୍ ଗାୟିକା ସାରିକା ସିଂ ପୁରୁଣା ହିନ୍ଦୀ ଗୀତ ଗାଇ ଦର୍ଶକମାନଙ୍କୁ ମସ୍‌ଗୁଲ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ୬ଷ୍ଠ ଦିନ ତଥା ଶେଷ ଦିବସରେ ଯାଜପୁର ଜ୍ୟାକ୍‌ସନ୍ ନୃତ୍ୟ ଦଳ ଏବଂ ଡିଏଭି ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ସେମାନଙ୍କ ନୃତ୍ୟ ପରିବେଷଣ କରିଥିଲେ। ଓଲିଉଡ୍‌ର ସୁଲଗ୍ନା ଓ ଶୁଭମ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବଲିଉଡ୍ ଗାୟିକା ସାରିକା ସିଂ ଓଡ଼ିଆ ଗୀତ 'ଅଭିମାନିନୀ ଏ ଅମାନିଆ ଢ଼େଉ ...' ଗୀତ ଗାଇ ଦର୍ଶକଙ୍କ ମନ ଛୁଇଁଥିଲେ। ପରେ ପୁରୁଣା ହିନ୍ଦୀ ଗୀତ 'ରୋମ୍ ରୋମ୍ ତେରେ ନାମ ପୁକାରେ', 'ଲମ୍ବି ଯୁଦାଇ ଚାର୍ ଦିନକା... 'ତୁମ୍ ସେ ମିଲନା, ବାତେଁ କରନା ବଡ଼ା ଅଚ୍ଛା ଲଗ୍‌ତା ହେ ...' ସହ ସୁପର ହିଟ୍ ହିନ୍ଦି ସିନେମା ନସିବ୍ ଫିଲମ୍ ର 'ମେରେ ନସିବ୍ ମେ ତୁ ହେ କେ ନହିଁ, ତେରେ ନସିବ୍ ମେ ମେହୁଁ କେ ନହିଁ...' ଗୀତ ଗାଇ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଗାୟିକା ସାରିକା ସିଂଙ୍କୁ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ବିନିତ୍ ଅଗ୍ରୱାଲ ସମ୍ବର୍ଦ୍ଧିତ କରିଥିଲେ। ଶେଷ ପର୍ଯ୍ୟାୟରେ ହର୍ଷଦୀପ୍ କୌର ବହୁ ଗୀତ ଗାଇ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। ହର୍ଷଦୀପ କୌର 'ଜାଲିମା ... ଓ ଜାଲିମା ...' 'ଝକ୍ ମାର୍ କେ...' 'ଜଲ୍‌ତେ ଦିଏ ...' 'ଗୁଡ୍ ନାଲ୍ ଇସ୍କ ମିଠା...' 'ପୀର ଭି ତୁ ...' 'ନଚ୍‌ଦେ ନେ ସାରେ...' 'ଦମା ଦମ୍ ମସ୍ତ କଲନ୍ଦର ଅଲି ଦା ପେହଲା ନମ୍ବର' ଆଦି ବହୁ ହିନ୍ଦି ଗୀତ ଗାଇ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଜିଲା ମହୋତ୍ସବକୁ ଯାଜପୁରବାସୀ ଅତ୍ୟନ୍ତ ଶାନ୍ତିଶୃଙ୍ଖଳା ସହ ଉପଭୋଗ କରିଥିଲେ। ଆଜିର ମହୋତ୍ସବରେ ଜିଲାର କୋଣ ଅନୁକୋଣରୁ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଭିଡ଼ ଜମି ଥିଲା।

# ୨ ଗାଈ, ୭ ଛେଳି ଜୀବନ୍ତ ଦଗ୍ଧ

- ଜରିରେ ଭୟାବହ ଅଗ୍ନିକାଣ୍ଡ
- ୬ ବଖରା ଭସ୍ମୀଭୂତ

ସିଂହପୁର/ବିଞ୍ଝାରପୁର, ୧୩।୨ (ଡି.ଏନ୍.ଏ.)

ଯାଜପୁର ଜିଲା ବିଞ୍ଝାରପୁର ତହସିଲ ଅଧୀନ ଜରି ଗ୍ରାମରେ ରବିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୬ ପରିବାରର ୬ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ପରିବାର ଲୋକେ ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ୨ ଗାଈ ଓ ୭ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି।

ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ଗ୍ରାମରେ ନିଆଁ ଲାଗି ଯାଇଥିଲା। କେଉଁ କାରଣରୁ ନିଆଁ ଲାଗିଥିବା ଜଣାପଡି ନ ଥିଲେ ମଧ୍ୟ ରାଜେନ୍ଦ୍ର ମଲିକ, ଯୁଧିଷ୍ଠିର ମଲିକ, ଉମାକାନ୍ତ ମଲିକ, ରମାକାନ୍ତ ମଲିକ, ଅମର ମଲିକ, ଭ୍ରମର ବର ମଲିକଙ୍କ ୬ ବଖରା ସମେତ ଘରେ ଥିବା ଧାନ, ସୁନା ରୁପା ଅଳଙ୍କାର, ନଗଦ ଟଙ୍କା ଓ ସମସ୍ତ ଆସବାବ ପତ୍ର ପୋଡ଼ି ଯାଇଛି। ଏହି ଅଗ୍ନିକାଣ୍ଡରେ ୨ ଗାଈ ଓ ୭ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଖବର ପାଇଁ ଦମକଳ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଘରଗୁଡ଼ିକ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଜରି ରାଜସ୍ୱ ନୀରିକ୍ଷକ ଫୁଲବତୀ ମୁର୍ମୁ କ୍ଷୟକ୍ଷତି ଆକଳନ କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ଅଗ୍ନିକାଣ୍ଡ ଖବର ପାଇ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି କୈଳାସ ସେଠୀ, ସରପଞ୍ଚ ନନ୍ଦକିଶୋର ମଲିକ, ପ୍ରଦ୍ୟୁମ୍ନ ପାତ୍ର, ମନୋଜ ସାମଲ, ଉମେଶ ଚନ୍ଦ୍ର ଦାସ, ସୁବ୍ରତ ସାମଲ, ବ୍ରହ୍ମାନନ୍ଦ ମଲିକ, ଅମର ମଲିକ, ସନ୍ଧ୍ୟାରାଣୀ ପାତ୍ର, ରବିନ୍ଦ୍ର ଧଳ ପ୍ରମୁଖ ପହଞ୍ଚି ବିପନ୍ନଙ୍କୁ ଆଶ୍ୱାସନା ଦେବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଏଥି ସହ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଭ୍ୟ ନନ୍ଦ କିଶୋର ସାମଲ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଞ୍ଝାରପୁର ନାଗରିକ ମଞ୍ଚର ସଭାପତି ରବିନ୍ଦ୍ର କୁମାର ଧଳ ବସ୍ତ୍ର ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି କୈଳାସ ସେଠୀ, ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାର ଆର୍ଥୀକ ସହାୟତା ପ୍ରଦାନ କରିଛନ୍ତି।



ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଘର।

# ଯୁବତୀଙ୍କ ବେକରୁ ଚେନ ଝିଙ୍କିଲେ ଦୁର୍ବୃତ୍ତ, ସ୍କୁଟିରୁ ପଡ଼ି ଗୁରୁତର

ଆଳି, ୧୩।୨ (ଡି.ଏନ.ଏ.):

ଆଳି ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗାଁର ପୂଜାରାଣୀ ସେଠୀ ଆଳିରୁ ଭୂଇଁପୁର ରାସ୍ତାରେ ନିଜ ଗାଁକୁ ସୋମବାର ଯାଉଥିଲେ। ଏହି ସମୟରେ ତାରିଣୀ ମନ୍ଦିର ନିକଟରେ ବାଇକ୍‌ରେ ପଛପଟରୁ ଜଣେ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ଚେନ ଛିଡାଇବାକୁ ଉଦ୍ୟମ କରିଥିଲେ। ଫଳରେ ସେ ସ୍କୁଟି ସହ ରାସ୍ତାରେ ପଡିଯିବାରୁ ଦୁର୍ବୃତ୍ତ ଜଣକ ସେଠାରୁ ପଳାଇ ଯାଇଥିଲା। ସଂସିଧା ପଞ୍ଚାୟତର ସିଆରପି ଭାବେ କାର୍ଯ୍ୟ କରୁଥିବା ପୂଜାରାଣୀ ଆଳି ବ୍ଲକରୁ ନିଜ ଘର ମଙ୍ଗରାଜପୁରକୁ ସ୍କୁଟି ଯୋଗେ ଫେରୁଥିଲେ। ହେଲମେଟ ପିନ୍ଧିଥିବା ଜଣେ ବାଇକ୍ ଆରୋହୀ ପୂଜାରାଣୀ ବେକରୁ ସୁନା ଚେନ ଛିଡାଇ ନେବାକୁ ଝିଙ୍କି ଥିଲେ। ଫଳରେ ସେ ରାସ୍ତାରେ ପଡି ଯାଇଥିଲେ। ଫଳରେ ଦୁର୍ବୃତ୍ତ ଜଣକ ଚେନ ଲୁଟି ନ ପାରି ସେଠାରୁ ପଳାଇଥିଲେ। ରାସ୍ତାରେ ଯାଉଥିବା ଲୋକ ପୂଜାରାଣୀଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ମୁହଁ, ବାମ ଗୋଡ଼ ଓ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ଭୂଇଁପୁର ପଞ୍ଚାୟତର ଆଶା ସାଥୀ ପହଞ୍ଚି ଯୁବତୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ପରିବାର ଲୋକଙ୍କୁ କିଛି ଆର୍ଥିକ ରାଶି ପ୍ରଦାନ କରିଥିଲେ। ଏ ନେଇ ପୂଜାରାଣୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ରୁନୁ



@ ମନୋଜ



@ ଦେବେନ୍ଦ୍ର



@ ପ୍ରଜ୍ଞା



@ ମନୋଜ ପରିଡ଼ା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଡ଼କ ସୁରକ୍ଷା ପାଇଁ ମାମୁ ଘରକୁ ଚିଠି ଲେଖିଲେ ଛାତ୍ରୀଛାତ୍ର

ଜେନାପୁର, ୧୩।୨ (ଡି.ଏନ୍.ଏ.)

ସଡ଼କ ସୁରକ୍ଷା କିପରି କରାଯାଇ ପାରିବ ସେଥିପାଇଁ ଯାଜପୁର ସଚେତନ ନାଗରିକ ମଞ୍ଚ ନିଆରା ପଦକ୍ଷେପ ନେଇଛି। ମଞ୍ଚର ଆବାହକ ସରୋଜ କୁମାର ବେହେରାଙ୍କ ନେତୃତ୍ୱରେ ସୋମବାର ମଞ୍ଚର ସଦସ୍ୟ ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ନାରାୟଣ ଶୋଭନୀୟ ଶିକ୍ଷାଶ୍ରମରେ ପହଞ୍ଚି ଶିକ୍ଷାଶ୍ରମର ଛାତ୍ରୀଛାତ୍ର ଓ ଗୁରୁଜୀଗୁରୁମା ପିଲାମାନଙ୍କୁ ନେଇ ଆସୁଥିବା ଗାଡ଼ିର ଚାଳକମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଇଥିଲେ। ଶିକ୍ଷାଶ୍ରମରେ ପଢୁଥିବା ଛାତ୍ରୀଛାତ୍ରମାନେ ପୋଷ୍ଟକାର୍ଡରେ ନିଜନିଜର ମାମୁ ଘରକୁ ସଡ଼କ ସୁରକ୍ଷାର ବିଭିନ୍ନ ସଙ୍କେତ ବିଷୟରେ ଲେଖି ଚିଠି ପଠାଇଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କୁ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ମଞ୍ଚ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି ସୂଚନା ମିଳିଛି।



ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର।

# ଆବାସ ଯୋଜନା ଅନିୟମିତତା ବିରୋଧରେ କଂଗ୍ରେସର ପ୍ରତିବାଦ

ପାଟକୁରା, ୧୩।୨ (ଡି.ଏନ୍.ଏ.)

ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ପ୍ରଦାନରେ ଅନିୟମିତତା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ବିରୋଧରେ ପାଟକୁରା ନିର୍ବାଚନମଣ୍ଡଳୀର ଗରଦପୁର ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ପ୍ରତିବାଦ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱ ଓ ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତିରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଯୋଗଦେଇଥିଲେ। ବେହେରା କହିଥିଲେ, ପ୍ରଶାସନ ଯେଉଁଭଳି ଭାବେ ପକ୍ଷପାତିତା କରି ବିଜେଡି ଓ ଭାଜପା କର୍ମୀଙ୍କୁ ଭାଗ ବାଣ୍ଟି ପ୍ରଧାନମନ୍ତ୍ରୀ ଆବାସ ଗୃହ ପ୍ରଦାନରେ ଚଞ୍ଚକତା କରି ଯୋଗ୍ୟ ହିତାଧିକାରୀ ଓ କଂଗ୍ରେସ କର୍ମୀଙ୍କୁ ବାଛବିଚାର କରୁଛନ୍ତି ଦଳ ପ୍ରଶାସନକୁ ଶୋଇବାକୁ ଦେବନି ବୋଲି କହିଥିଲେ।



ପ୍ରତିବାଦ ସଭାରେ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଉଦ୍‌ବୋଧ ଦେଉଛନ୍ତି। ପାଖରେ ଅନ୍ୟ ନେତାମାନେ ମଞ୍ଚାସୀନ ଅଛନ୍ତି।

ଏହାଛଡ଼ା କେନ୍ଦ୍ର ସରକାରରେ ଥିବା ୨ ଗୁଜରାଟୀ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ମିଳିମିଶି ଦେଶରେ ଅରାଜକତା ସୃଷ୍ଟି କରିବା ସହ ଶିଳ୍ପପତି ଆଦାନୀଙ୍କୁ ଅନୁକମ୍ପା ଦେଖାଇ ୮୦ ହଜାର କୋଟି ଟଙ୍କା ଠକି ନେଇଛନ୍ତି। ବିଭିନ୍ନ ଜାଲ୍ କମ୍ପାନୀ ମାଧ୍ୟମରେ ଏଲ୍‌ଆଇସି ଓ ବିଭିନ୍ନ ବ୍ୟାଙ୍କରେ ଅଂଶଧନ ଖଟାଇ ହଜାର ହଜାର କୋଟି ଟଙ୍କା ଲୁଟିନେଇ ଦେଶକୁ ଦେବାଳିଆ କରିସାରିଲାଣି। ଏହାଛଡ଼ା ନିଯୁକ୍ତି, ଶିକ୍ଷା, କୃଷି, ଦରଦାମ୍ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାର ଦାୟୀ ବୋଲି କଂଗ୍ରେସ ନେତା କାନୁନ୍‌ଗୋ ନିଜ ବକ୍ତବ୍ୟରେ କହିଥିଲେ। ସଭାରେ ବରିଷ୍ଠ କଂଗ୍ରେସ କର୍ମୀ ସୁବାସ ସାମଲଙ୍କ ପରିଚାଳନାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ରଘୁନାଥ ଶତପଥୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମିତା ବେହେରା, ଡେରାବିଶ ବ୍ଲକ କଂଗ୍ରେସ କମିଟି ସଦସ୍ୟ ଉମେଶ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ସମିତିସଭ୍ୟ ଗୋଲକ ବିହାରୀ ସ୍ୱାଇଁ, ଜ୍ୟୋତିରଞ୍ଜନ ନାୟକ, ଜିଲା କଂଗ୍ରେସ ସମ୍ପାଦକ ନିରଞ୍ଜନ ରାଉତ, ଜିଲା କଂଗ୍ରେସ ଉପସଭାପତି ଦୟାନିଧି ଜେନା, ଜିଲା ସେବାଦଳ ପୂର୍ବତନ ଅଧ୍ୟକ୍ଷ ଜୟଦେବ ପରିଡ଼ା, ପଞ୍ଚାୟତ ସଭାପତି ସୁଦାମ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ସରକାରୀ ଯୋଜନାରେ ଅନିୟମିତତା ଓ ଦୁର୍ନୀତି ହେବା ସହ ଟଙ୍କିକିଆ ଚାଉଳ, ରାଶନ କାର୍ଡ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ଲକ ପ୍ରଶାସନ ବୁଡ଼ିରହିଛି। ଏହାବ୍ୟତୀତ ତହସିଲ ଓ ଥାନା ମଧ୍ୟ ଦୁର୍ନୀତିର ଗନ୍ତାଘର ପାଲଟିଛି ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ନେତା ଏବଂ କର୍ମୀମାନେ ନାରାବାଜି କରିଥିଲେ। ଦଳ ପକ୍ଷରୁ ଗରଦପୁର ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ଗୋ ଚାଲାଣରେ ରୋକ ଲାଗୁନି : ସଂଖ୍ୟା ହ୍ରାସ ପାଉଛି

ନୟାଗଡ଼ ଅଫିସ,୧୩।୨

■ ଫାଇଲରେ ଆବଦ୍ଧ ଆଇନ
■ ମାସରେ ୧୦ରୁ ୧୫ଦିନ ଚାଲାଣ ହେଉଛି

ନୟାଗଡ଼ ଜିଲାରେ ଆନ୍ତଃରାଜ୍ୟ ଗୋଚାଲାଣ ର୍ୟାକେଟ ସକ୍ରିୟ ରହିଛି। ଜିଲାରୁ ମାସକରେ ୧୦ରୁ ୧୫ ଦିନ ବେଆଇନ ଭାବେ କଂସେଇଖାନାକୁ ଗୋଚାଲାଣ ହେଉଛି। ବେଆଇନ ଗୋଚାଲାଣ ରୋକିବା ନେଇ ପ୍ରିଭେନ୍ସନ ଅଫ କ୍ରୁଏଲିଟି ଟୁ ଆନିମଲ ଆଇନ ରହିଥିଲେ ମଧ୍ୟ ନୟାଗଡ଼ ଜିଲାରେ ତାହା ଶୀତଳଭଣ୍ଡାରରେ ପଡ଼ିରହିଛି। କେତେଜଣ ବ୍ୟବସାୟୀ ଖୋର୍ଦ୍ଧା ଜିଲାର ବେଗୁନିଆ ଓ ବୋଲଗଡ଼ ବ୍ଲକ ଅଞ୍ଚଳକୁ ଗୋରୁଙ୍କୁ ନେଇ ବଡ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଆଉ କେତେଜଣ ସିଧା ସଳଖ କୋଲକାତାକୁ ଚାଲାଣ କରୁଛନ୍ତି। ଜିଲାର ବିଭିନ୍ନ ରାସ୍ତାରେ ଗୋଚାଲାଣ ହେଉଛି। ତେବେ ଅଧିକାଂଶ ଗୋରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଚାଲାଣ ହେଉଛନ୍ତି। ଆଉ ଜାତୀୟ ରାଜପଥ ଗୋଚାଲାଣ ପାଇଁ ନିରାପଦ ପାଲଟିଛି। ଗୋଚାଲାଣ ରୋକିବା ପାଇଁ ପ୍ରଶାସନିକ ସ୍ତରରେ ପଦକ୍ଷେପ ନ ଥିବାରୁ ଜିଲାରେ ଗୋରୁଗାଈଙ୍କ ସଂଖ୍ୟା ହ୍ରାସ ପାଇ ଚାଲିଛି।

### ଆଗରେ ପଛରେ ଏସ୍କର୍ଟ

ଗୋଚାଲାଣ ଟ୍ରକ୍ ଆଗରେ ପଛରେ ଏସ୍କର୍ଟ ଦିଆଯାଉଛି। ରାସ୍ତା କ୍ଲିୟର କରୁଛନ୍ତି କେତେଜଣ ଗୁଣ୍ଡା ଶ୍ରେଣୀର ଯୁବକ, ଯେଉଁମାନେ ବାଇକ୍ ଯୋଗେ ଟ୍ରକ୍ର ଆଗରେ ଯାଉଛନ୍ତି। ପୁଣି ଟ୍ରକ୍ ପଛ ପାଖରେ ୪ ଚକିଆ ଗାଡି ବି ନିୟୋଜିତ ରହୁଛି। ସେଥିରେ କେତେଜଣ ଯୁବକ ଯାଉଛନ୍ତି। ଏହି ଯୁବକମାନେ ବେକାର ଥିବାରୁ ସ୍ୱଳ୍ପ ସମୟର କାମ ପାଇଁ ସେମାନଙ୍କୁ ଅଧିକ ପାରିଶ୍ରମିକ ଦିଆଯାଉଛି। ଭଲ ଗୋଚାଲାଣ ହେଲେ ପୁରସ୍କାର ବି ମିଳିଥାଏ। ସେମାନେ ପାଖରେ ବୋମା, ମାରଣାସ୍ତ୍ର, ବନ୍ଧୁକ ରଖି ପରିସ୍ଥିତିକୁ ନିୟନ୍ତ୍ରଣ କରିନିଅନ୍ତି। ଠିକଣା ସମୟରେ ପଦକ୍ଷେପ ନେବାକୁ ସେମାନଙ୍କୁ ନିର୍ଦ୍ଦେଶ ରହିଛି। ଦରକାର ପଡିଲେ ଗୁଳି କରି ମାରିଦେବାକୁ ବି କୁହାଯାଇଛି। ଏସ୍କର୍ଟ ଦଳର ସିଗ୍ନାଲ ମିଳିବା ପରେ ଗୋରୁ ଟ୍ରକ୍ ଆଗକୁ ବଢ଼େ। ପ୍ରକୃତ ଗୋଚାଲାଣକାରୀ ଟ୍ରକ୍ରେ ଯାଉନାହାନ୍ତି।

### ବାବୁ ଜାଣିକି ବ୍ୟବସାୟ

ବେଆଇନ ଗୋଚାଲାଣ ନେଇ ପୋଲିସ ପାଖରେ ଖବର ଥିଲେ ହେଁ ନୀରବଦ୍ରଷ୍ଟା ସାଜିଥାଏ। ଆଉ ଏହା ପଛର କାରଣ ହାତଗୁଞ୍ଜା ବୋଲି ଅଭିଯୋଗ ରହିଛି। ଜଣେ ଗୋଚାଲାଣକାରୀଙ୍କ ସୂଚନା ଅନୁସାରେ, ପୋଲିସକୁ ଆଗୁଆ ଚାନ୍ଦା ଦିଆଯାଏ। ଏହି ଚାନ୍ଦାରେ ରାଜନେତା, ପ୍ରଶାସନିକ ଅଧିକାରୀ ଓ ପୋଲିସର ଭାଗ ଥାଏ। ଭଲ ବ୍ୟବସାୟ ହେଲେ ମାସ ଶେଷରେ ମଧ୍ୟ ଉପହାର ପୋଲିସଙ୍କୁ ଦିଆଯାଇଥାଏ। ତେବେ ଥାନା ଓ ଫାଣ୍ଡିରେ ନୂଆ ଅଫିସର କାର୍ଯ୍ୟରେ ଯୋଗ ଦେଲେ ବ୍ୟବସାୟରେ ମାନ୍ଦା ଆସେ। ଚାନ୍ଦା ଫିକ୍ସ କରିବା ପାଇଁ ଧରପଗଡ଼ ଚାଲେ। କେତେଗୋଟି ଗୋରୁ ଗାଡ଼ି ଧରାପଡ଼େ। ତେବେ ଚାନ୍ଦା ଲାଗୁ ହେବା ପରେ ସବୁ କିଛି ଠିକ୍ଠାକ୍ ହୋଇଯାଏ।


ରାସ୍ତାରେ ଗୋରୁ ଯାଉଛନ୍ତି।

### ଗୋ ସମ୍ପଦ ହ୍ରାସ ପାଉଛି

କୃଷିପ୍ରଧାନ ଜିଲା ନୟାଗଡ଼ରେ ଘରେ ଘରେ ଗୋରୁ ପାଳନ ହେଉଥିଲା। ଗୋ ପାଳନ ଯୋଗୁ ଜମି ଚାଷ କରିବାକୁ ଗୋବର ମିଳିବା ସହ କ୍ଷୀର ବିକ୍ରି କରି ଗୁଜରାଣ ମେଣ୍ଟିଥାଏ। ହେଲେ ଧୀରେ ଧୀରେ ଗାଁର ପରିବେଶ ବଦଳି ଯାଇଛି। ଗାଁରେ ଆଉ ଗାଈ ଚରାଇବାକୁ ଚରାଳି ମିଳୁନାହାନ୍ତି। ଜବରଦଖଲ ଯୋଗୁ ଗୋଚର ଜମି ମଧ୍ୟ କମି ଗଲାଣି। ଏଣୁ ଗାଈ ବିକ୍ରି ଆରମ୍ଭ ହେଲା। ଦଲାଲମାନେ ଏହାର ଫାଇଦା ନେଲେ। ଗୋପାଳନ ପାଇଁ ସରକାର ପ୍ରୋତ୍ସାହନ ଯୋଗାଉଛନ୍ତି। ହେଲେ ପ୍ରୋତ୍ସାହନ ରାଶି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁ ନ ଥିବା ଅଭିଯୋଗ ରହିଛି। ଏଣୁ ଗାଁ ଗଣ୍ଡାରେ ଆଉ ଆଗଭଳି ଗାଈ ଗୋଠ ଦେଖିବାକୁ ମିଳୁନାହିଁ। ଗୋ ସମ୍ପଦ ହ୍ରାସ ପାଇ ଚାଲିଛି। ଏବେ ଘରେ ଘରେ ଗାଈ ବଦଳରେ କୁକୁର ରଖୁଛନ୍ତି।

### କାଓ ହଗ୍ ଡେ

ଫେବୃୟାରୀ ୧୪ରେ ଭାଇଲେଣ୍ଟାଇନ୍ସ ଡେ ପାଳନ କରାଯାଉଥିବାବେଳେ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ଏହି ଦିବସକୁ ଗାଈ ଆଲିଙ୍ଗନ ଦିବସ (କାଓ ହଗ୍ ଡେ) ପାଳନ ହେବ। ଏହାକୁ ନେଇ ସାଧାରଣରେ ଖୁସିବ୍ୟକ୍ତ କରାଯାଇଛି। ୩୩ କୋଟି ଦେବତା ଗାଈଙ୍କ ଦେହରେ ଅବସ୍ଥାନ କରୁଥିବାରୁ ଗାଈଙ୍କୁ ପୂଜା କରାଯାଏ ବୋଲି ବିଶ୍ୱାସ ରହିଛି। ଏଣୁ ଏହି ଦିବସରେ ଗାଈକୁ ଆଲିଙ୍ଗନ କରିବାକୁ କୁହାଯାଇଛି। ଗାଈକୁ ଆଲିଙ୍ଗନ କଲେ ଏକ ଭାଗବତ ସମ୍ପର୍କ ରହିବ ବୋଲି କୁହାଯାଇଛି। ଏ ନେଇ ଏସ୍ପି ଅଲେଖ ଚନ୍ଦ୍ର ପହିଙ୍କୁ ପଚାରିବାରେ ଗୋଚାଲାଣ ନେଇ ସୁରାକ ମିଳିଲେ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।

## ଫଳ ଚାରା ବିହନ କିଟ୍ ବଣ୍ଟନ

**ଖଣ୍ଡପଡା,୧୩।୨(ସ୍ୱ.ପ୍ର.):** ରାଜ୍ୟ ସରକାର ଗର୍ଭବତୀ ମହିଳା ଓ ଅପପୃଷ୍ଟିର ଶୀକାର ହୋଇଥିବା ଶିଶୁମାନଙ୍କ ପରିବାରବର୍ଗଙ୍କୁ ଫଳ ଚାରା ଓ ମିନି ବିହନ କିଟ୍ ବଣ୍ଟନ କରୁଛନ୍ତି। ରାଜ୍ୟ ସରକାର ପୋଷଣ କାର୍ଯ୍ୟକ୍ରମ ଜରିଆରେ ସଜନା, ଲେମ୍ବୁ, କଦଳୀ, ଅମୃତ ଭଣ୍ଡା ଆଦି ୬ଟି ଚାରା ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯୋଜନାରେ ସମଗ୍ର ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ୧୬୩୬ଟି ପରିବାର ଉପକୃତ ହେବେ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏହି ଅବସରରେ ଖଣ୍ଡପଡ଼ା କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ସୋମବାର ଖଣ୍ଡପଡ଼ା ସହରରେ ୧, ୨, ୩ ଓ ୪ ନଂ. ୱାର୍ଡରେ ଅବସ୍ଥିତ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ଚାରା ଓ ବିହନ କିଟ୍ ବଣ୍ଟନ କରାଯାଇଥିଲା। ବିଭାଗୀୟ ଅଧିକାରୀ କାଳନ୍ଦି ଚରଣ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା।

# ସଫେଇ ପାଇଁ ଟେଣ୍ଡର ଦାବି

ଦଶପଲ୍ଲା,୧୩।୨( ଡି.ଏନ.ଏ.)

ଦଶପଲ୍ଲା ଏନ୍ଏସିର ସମୀକ୍ଷା ବୈଠକ

ଦଶପଲ୍ଲା ଏନ୍ଏସିର ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ଅଧକ୍ଷା ଇ. ପୁନମ୍ ପ୍ରିୟଦର୍ଶିନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ରମେଶ ଚନ୍ଦ୍ର ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ଶ୍ରୀକୁମାର ରଥ, ଉପାଧ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ସମସ୍ତ କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ।

ମୁଖ୍ୟତଃ ଦିନକୁ ଦିନ ଦଶପଲ୍ଲା ଏନ୍ଏସିର ସଫେଇ ବ୍ୟବସ୍ଥା କୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସଫେଇ ପାଇଁ ୩ ବର୍ଷ ଧରି ଦଶପଲ୍ଲା ଏନ୍ଏସିରେ ଟେଣ୍ଡର ହୋଇନାହିଁ। ପୂର୍ବରୁ ଟେଣ୍ଡର ପ୍ରାଇଭେଟ ଲିମିଟେଡର କାର୍ଯ୍ୟକାଳ ୨୦୨୦ ମାର୍ଚ୍ଚରେ ଶେଷ ହୋଇଯାଇଛି। ସେବେଠାରୁ ସଫେଇ କାର୍ଯ୍ୟ ଏନ୍ଏସି ପକ୍ଷରୁ କରାଯାଉଛି। ଏହା ପରେ ଟେଣ୍ଡର ହୋଇଥିଲେ ମଧ୍ୟ ଏହାକୁ ବାତିଲ କରାଯାଇଥିଲ। ଏଣୁ ୧୫ ଦିନ ମଧ୍ୟରେ ଦଶପଲ୍ଲା ଏନ୍ଏସିର ସଫେଇ କାର୍ଯ୍ୟ ପାଇଁ ଟେଣ୍ଡର କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଏହି ସଫେଇ କାର୍ଯ୍ୟ ପାଇଁ ଏକ ଟ୍ରାକ୍ଟର କିଣାଯିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ସେହିପରି ଦଶପଲ୍ଲା ଏନ୍ଏସି ପକ୍ଷରୁ ତ୍ରିନାଥ ବଜାର ମାର୍କେଟ କମ୍ପ୍ଲେକ୍ସ, ନାରାୟଣ ଗଞ୍ଜ ହାଟ ମଧ୍ୟରେ ଥିବା ଦୋକାନ ଗୃହ, ଗାନ୍ଧୀ ମଇଦାନ ପୂର୍ବ ପାର୍ଶ୍ୱରେ ଥିବା ଦୋକାନ ଗୃହ କାର୍ଯ୍ୟ ଶେଷ ହୋଇଛି। ଏହି ଗୃହ ନିର୍ମାଣ ପାଇଁ ଠିକା ନେଇଥିବା ଠିକାଦାରମାନେ ହସ୍ତାନ୍ତର କରି ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଦୋକାନ ଗୃହଗୁଡ଼ିକୁ ଠିକାଦାରଙ୍କଠାରୁ ଆଣି ଟେଣ୍ଡର ମାଧ୍ୟମରେ ଆବଣ୍ଟନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏପରିକି ଗାନ୍ଧୀ ମଇଦାନର ପୂର୍ବ ପାର୍ଶ୍ୱରେ ନିର୍ମାଣଧୀନ ଥିବା ଷ୍ଟେଜ ବା ପେଣ୍ଡାଲ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବିଶେଷ ଭାବେ ୨୦୨୨-୨୩ ଆର୍ଥିକ ବର୍ଷ ଶେଷ ହେଉଥିବାବେଳେ ଦଶପଲ୍ଲା ଏନ୍ଏସିର ବିକାଶ ପାଇଁ ଆସିଥିବା ଅର୍ଥ ରାଶିକୁ ବିକାଶ ମୂଳକ କାର୍ଯ୍ୟରେ ଶେଷ କରିବାକୁ ଶୀଘ୍ର ଟେଣ୍ଡର କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।

## କମ୍ପ୍ୟୁଟର ମାଧ୍ୟମରେ ପ୍ରଶିକ୍ଷଣ ଶିବିର

ନୟାଗଡ଼ ଅଫିସ,୧୩।୨

କମ୍ପ୍ୟୁଟର ମାଧ୍ୟମରେ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ରାଜସୁନାଖଳାରେ ସୋମବାର ଆରମ୍ଭ ହୋଇଛି। ଏଥିରେ ଜିଲାର ପ୍ରତ୍ୟେକ ବ୍ଲକରୁ ୩ ଜଣ ଲେଖାଏ ମୋଟ ୨୪ଜଣ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ଶିବିର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ୪ ଦିନ ଧରି ଅନୁଷ୍ଠିତ ଶିବିରକୁ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ସୁବାସ ଚନ୍ଦ୍ର ଦାସ ଉଦ୍ଘାଟନ କରିଥିଲେ। ପ୍ରଶିକ୍ଷକ ଡ.ସନ୍ତୋଷ କୁମାର ମିଶ୍ର, ଅନିନ୍ଦିତା ପ୍ରିୟଦର୍ଶିନୀ ଏବଂ ବିଶାଳ ସୂର୍ଯ୍ୟବଂଶୀ ପ୍ରଶିକ୍ଷଣର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ପ୍ରଶିକ୍ଷକ ବିପିନ ବିହାରୀ ସାହୁ ଏବଂ ପଦ୍ମଚରଣ ସାମନ୍ତରାୟ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କମ୍ପ୍ୟୁଟର ମାଧ୍ୟମରେ ପ୍ରାଥମିକ ଶିକ୍ଷା ଦ୍ୱାରା ପିଲାମାନଙ୍କ ପାଠପଢ଼ା ପ୍ରତି ଆଗ୍ରହ ବଢ଼ିଥିବା ବେଳେ ଆଗାମୀଦିନରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ତେଣୁ ପ୍ରାଥମିକ ଶିକ୍ଷକମାନଙ୍କୁ କମ୍ପ୍ୟୁଟର ସମ୍ପର୍କିତ ଜ୍ଞାନ ତଥା ଏହାର ବ୍ୟବହାର ଏବଂ ପରିଚାଳନା କ୍ଷେତ୍ରରେ ଦକ୍ଷତା ହାସଲ ପାଇଁ ଏହାର ତାଲିମ ବ୍ୟବସ୍ଥା କରାଯାଇଛି।

## ବ୍ୟକ୍ତିଗତ ଜମିରେ ସରକାରୀ ନଳକୂପ



**ନୟାଗଡ଼ ଅଫିସ,୧୩।୨:** ନୟାଗଡ଼ ବ୍ଲକ ଜେମାଦେଇପୁରପାଟଣା ଗାଁରେ ଜଣେ ବ୍ୟକ୍ତିଗତ ଜମିରେ ଆରଡବ୍ଲ୍ୟୁଏସ୍ଏସ୍ ସରକାରୀ ନଳକୂପ ଖୋଳିଛି। ସ୍ଥାନୀୟ ଲୋକ ଏ ନେଇ ପ୍ରତିବାଦ କରିବା ପରେ ସୁଫଳ ମିଳିନି। ସରକାର ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ସରକାରୀ ଜମିରେ ନଳକୂପ ଖୋଳୁଛନ୍ତି। ତେବେ କାହା ଚାପରେ ବ୍ୟକ୍ତିଗତ ଜମିରେ ସରକାରୀ ନଳକୂପ ଖୋଳା ଗଲା ତା'ର ତଦନ୍ତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ନ ହେଲେ ଗାଁର କେତେଜଣ ଲୋକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି।

# ସଂକଳ୍ପ ଅନୁଷ୍ଠାନ ପକ୍ଷରୁ କବିତା ଆସର

ଦଶପଲ୍ଲା,୧୩।୨ (ଡି.ଏନ.ଏ.)

ସଂକଳ୍ପ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଦଶପଲ୍ଲାର ରାଧାମୋହନ ଜୀଉ ହାଇସ୍କୁଲ ପରିସରରେ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି, ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ଜେଲ ଡିଆଇଜି ଗୋଲକ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା, ଅବସର ପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ଶତପଥୀ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ଉପରେ ମତବ୍ୟକ୍ତ କରିଥିଲେ। ସଭାପତି ମହାନ୍ତି ଧର୍ମ ଶାସ୍ତ୍ର ଉପରେ ସାରଗର୍ଭକ ଭାଷଣ ଦେଇଥିଲେ ,

ଏହାପରେ କିତା ପାଠ କାର୍ଯ୍ୟ କ୍ରମରେ କି ଅଜୟ ପୃଷ୍ଟି, ସୁରେନ୍ଦ୍ର ମିଶ୍ର କିଶୋର ଚନ୍ଦ୍ର ଦଳବେହେରା, ମନୁ ବରାଡ


ମଞ୍ଚାସୀନ କର୍ମକର୍ତ୍ତା ବୃନ୍ଦ।

,ପ୍ରକାଶ କୁମାର ସାହୁ , ଚୈତନ୍ୟ ରାଉତ, ରବୀନ୍ଦ୍ରନାଥ ମିଶ୍ର, ଡା ଅନ୍ତର୍ଯ୍ୟାମୀ ଭୂୟାଁଙ୍କ ସମେତ ହୁ କି କବିତା ପାଠ କରିଥିଲେ। ନିଶା ନିବାରଣ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ଏଂ ଶିକ୍ଷାନୁଷ୍ଠାନଗୁଡିକରେ ସଚେତନତା କାର୍ଯ୍ୟକ୍ରମ ସହ ଜଙ୍ଗଲରେ ନିଆଁ ଲାଗି ହୁ ଗଛ ନଷ୍ଟ ହେଉଥିବାରୁ ଜଙ୍ଗଲରେ ନିଆଁ ରୋକିବା ନିମନ୍ତେ ବିଭିନ୍ନ ଅଂଚଳରେ ଉକ୍ତ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ପ୍ରକାଶ କୁମାର ପାଣି ଧନ୍ୟବାଦ ଦେଇଥିଲେ।

## ଅଟୋ-ବାଇକ୍ ଧକ୍କା, ୫ ଆହତ

ଶେରଗଡ଼, ୧୩।୨ (ଡି.ଏନ.ଏ.)

ଶେରଗଡ଼ସ୍ଥିତ ଆମ୍ବେଦକର ପ୍ରାଥମିକ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାରେ ସୋମବାର ସକାଳେ ଏକ ଅଟୋ ଓ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ବାରସିଙ୍ଗି ଗ୍ରାମର କିଛି ମହିଳାଙ୍କୁ ନେଇ ଏକ ଅଟୋ ଫେରୁଥିଲା। ଆମ୍ବେଦକର ବିଦ୍ୟାଳୟପଟୁ ଏକ ବାଇକ ଆସିଯିବାରୁ ମୁହାଁମୁହିଁ ଧକ୍କା ହୋଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ରୁନୁ


@ ମନୋଜ


@ ଦେବେନ୍ଦ୍ର


@ ପ୍ରଜ୍ଞାପାରମିତା


@ ମନୋଜ ପରିଡ଼ା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଦ୍ୟୁତ୍ ସଂଯୋଗ ପାଇଁ ବନ ବିଭାଗ ଆବେଦନ କଲା

ନୂଆଗାଁ, ୧୩।୨ (ଡି.ଏନ.ଏ.)

ଚାରା ଉତ୍ପାଦନ ପାଇଁ ବିଦ୍ୟୁତ୍ ଚୋରି ଘଟଣା

ବନ ବିଭାଗ ଚାରା ଉତ୍ପାଦନ କରିବାକୁ ବିଦ୍ୟୁତ୍ ଚୋରି କରୁଥିବା ନେଇ ଅଭିଯୋଗ ହେବା ସହ ଖବର ପ୍ରକାଶିତ ହୋଇଥିଲା। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ ବିଚ୍ଛିନ୍ନ କରିବା ସହ ତାର ଖୋଲି ନେଇଥିଲେ। ଏହା ପରେ ବନ ବିଭାଗର ନିଦ ହଜି ଯାଇଥିଲା। ତେଣୁ ବିଦ୍ୟୁତ ସଂଯୋଗ ପାଇଁ ଶୁକ୍ରବାର ବନ କର୍ମଚାରୀ ନୂଆଗାଁ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚି ଆବେଦନ କରିଥିବା ବିଭାଗ ଯନ୍ତ୍ରୀ ଶ୍ରୀନିବାସ ରାଓ କହିଛନ୍ତି।

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ମହିପୁର ସେକ୍ସନ କାଣିଗିରି ଫରେଷ୍ଟ ବିଟ୍ ଅଧୀନରେ ଟଭାପଲିଠାରେ କାମ୍ପା ଯୋଜନାରେ ୧,୧୦,୦୦୦ ନୂତନ ଚାରା ସୃଷ୍ଟି କରିବାକୁ ନର୍ସରୀ କରାଯାଇଛି। ଚାରାରେ ପାଣି ଦେବା ପାଇଁ ସେଠାରେ ଏକ ବୋର ଓ୍ୱେଲ ଖୋଳାଯାଇ ମୋଟର ମଧ୍ୟ ଲଗା ଯାଇଛି। କିନ୍ତୁ ବନ ବିଭାଗ ବିଦ୍ୟୁତ୍ ବିଭାଗର ଅନୁମତି ନ ନେଇ ନିକଟରେ ଥିବା ଖୁଣ୍ଟରେ ହୁକ୍ ପକାଇ ମୋଟର ଯୋଗେ ପାଣି ବ୍ୟବହାର କରୁଥିଲେ। ଏହି ଅଭିଯୋଗ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ନିକଟରେ ପହଞ୍ଚିବା ପରେ ବିଭାଗୀୟ ଯନ୍ତ୍ରୀ ସୁଜିତ କୁମାର ସାହୁ ଓ ଲାଇନ ମ୍ୟାନ ସୋମନାଥ ପାଣି ଘଟଣାସ୍ଥଳରେ ପହଞ୍ଚି ତାର କାଟି ଦେଇଥିଲେ। ବିଦ୍ୟୁତ୍ ଚୋରି କରିବା ଏକ ଦଣ୍ଡନୀୟ ଅପରାଧ ହୋଇଥିବା ବେଳେ ବନ ବିଭାଗ କାହିଁକି ହୁକ୍ ପକାଇ ବ୍ୟବହାର କରୁଛି ବୋଲି ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁଙ୍କୁ ପଚାରିବାରେ ବିଦ୍ୟୁତ ଦେବା ପାଇଁ ବିଭାଗକୁ କହିଥିଲୁ ବୋଲି ସେ କହିଥିଲେ। ଯାହାକି ସମ୍ପୂର୍ଣ୍ଣ ମିଥ୍ୟା ବୋଲି ବିଦ୍ୟୁତ ବିଭାଗ କର୍ମଚାରୀ କହିଥିଲେ। ବିଦ୍ୟୁତ ସଂଯୋଗ ନ ହେଲେ ପାଣି ଅଭାବରେ ଚାରା ବଞ୍ଚିବା ଅସମ୍ଭବ ଜାଣି ବନ କର୍ମଚାରୀ ବାଧ ହୋଇ ଆବେଦନ କରିଛନ୍ତି।


ହୁକ୍ ପକାଇ ବିଦ୍ୟୁତ ଖୁଣ୍ଟ ଷ୍ଟେରେ ତାର ଗୁଡାଇ ସଂଯୋଗ ନିଆଯାଇଥିଲା।

# ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଭିନ୍ନ ମତ

ନୂଆଗାଁ, ୧୩।୨ (ଡି.ଏନ.ଏ.)

ନିର୍ମାଣର ୩ ମାସ ପୂରିନି, ରାସ୍ତା ଫାଟି ଆଁ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ଡିପିସାହିଠାରୁ ବେଗୁନିଆସାହି କଂକ୍ରିଟ ରାସ୍ତା ନିର୍ମାଣର ୩ ମାସ ନ ପୂରୁଣୁ ରାସ୍ତା ଫାଟି ଆଁ କରିଛି। ରାସ୍ତାର ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀ ବିରୋଧ କରିଥିଲେ, ଯାହାକୁ କି ଠିକାଦାର ଖାତିର ନ କରି ତରବରିଆ ଭାବେ ରାସ୍ତା ନିର୍ମାଣ କାର୍ଯ୍ୟ ସାରିଥିଲେ। ଶୀଘ୍ର ବିଲ୍ କରିବାକୁ ପ୍ରୟାସ ଜାରି ରଖିବା ସହ ସେଠାରେ ସୂଚନା ଫଳକ ନିର୍ମାଣ କରିବାକୁ ଯାଇଥିଲେ। କିନ୍ତୁ ଗ୍ରାମବାସୀ ଫଳକ ନିର୍ମାଣକୁ ବିରୋଧ କରି ଅର୍ଦ୍ଧ ନିର୍ମିତ ଫଳକକୁ ଭାଙ୍ଗି ଦେଇଥିଲେ। ଏତେ ସବୁ ବିରୋଧ ସତ୍ତ୍ୱେ ମଧ୍ୟ ଠିକାଦାର ବିଲ୍ କରିବା ପାଇଁ ଚେଷ୍ଟା କରିବା ସହ ରାଜନୈତିକ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହୋଇଥିଲା। ରାସ୍ତା ଫାଟିବାର କାରଣ ବାବଦରେ ଉକ୍ତ କାର୍ଯ୍ୟକୁ ତଦାରଖ କରୁଥିବା ଯନ୍ତ୍ରୀ ଗୋଟିଏ କଥା କହୁଥିବା ବେଳେ ଠିକାଦାରଙ୍କୁ ସୁରକ୍ଷା ଦେବାକୁ ଯାଇ ସହକାରୀ ନିର୍ବାହୀ ଯନ୍ତ୍ରୀ ମାଟିକୁ ଦୋଷ ଦେଉଛନ୍ତି।

ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଡିପିସାହି, ଡିପାମାଳ, ଚକାପଥର, ଗୋଛାବାରୀ, ନୂଆସାହି ଆଦି ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି ହେଉଥିଲା। ତେଣୁ ଡିପିସାହିଠାରୁ ବେଗୁନିଆସାହି ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୩ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ମିଳିଥିଲା। ଉକ୍ତ ରାସ୍ତା ନିର୍ମାଣର କାର୍ଯ୍ୟାଦେଶ ଯନ୍ତ୍ରୀଙ୍କ ନାମରେ ରହିଥିବା ବେଳେ ଠିକାଦାରଙ୍କୁ କାମ କରିବାର ଦାୟିତ୍ୱ ଦିଆଯାଇଥିଲା। ସୂଚନା ଫଳକ ନ ଲଗାଇ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିଲେ, ଯାହାକୁ କି ଡିପିସାହିବାସୀ ବିରୋଧ କରୁଥିଲେ ମଧ୍ୟ ତାହାକୁ ନ ମାନି ଠିକାଦାର କାର୍ଯ୍ୟ ଚାଲୁ ରଖିଥିଲେ। ଫଳରେ ରାସ୍ତାରେ ଫାଟ ସୃଷ୍ଟି ହୋଇଛି। ଏହାର କାରଣ ବାବଦରେ ରାସ୍ତା ନିର୍ମାଣ କାର୍ଯ୍ୟକୁ ତଦାରଖ କରୁଥିବା ଯନ୍ତ୍ରୀ ଉମେଶ ଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରେ ରାସ୍ତା ନିର୍ମାଣ ୩ ଦିନରେ ଶେଷ ହୋଇଥିବା ବେଳେ ୨ ଦିନ କାମ ଉପରେ ଉପସ୍ଥିତ ରହି ଦେଖିଥିଲି। ୩ୟ ଦିନ ଅନ୍ୟ କାମରେ ବ୍ୟସ୍ତ ଯୋଗୁ ଯାଇ ପାରି ନ ଥିଲି। କାମ ସରିବା ପରେ ରାସ୍ତାରେ ଠିକ୍ ଭାବେ ଆବଶ୍ୟକ ପାଣି ଦିଆ ନ ଯିବାରୁ ତାହା ଫାଟିଲା ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ପଣ୍ଡାଙ୍କୁ ପଚାରିବାରେ ଖଳି ମାଟି ଯୋଗୁ ରାସ୍ତା ଫାଟି ଗଲା ବୋଲି ସେ କହିଛନ୍ତି। ତେଣୁ ରଡ ଦେଇ ଠିକାଦାର ପୁଣି ରାସ୍ତା ନିର୍ମାଣ କଲା ପରେ ବିଲ୍ କରାଯିବ ବୋଲି ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ପଣ୍ଡା କହିଛନ୍ତି।


ଡିପିସାହିଠାରୁ ବେଗୁନିଆସାହି କଂକ୍ରିଟ୍ ରାସ୍ତା ଫାଟି ଆଁ କରିଛି।

**'ଜିଓ'ର ସ୍ୱତନ୍ତ୍ର ଭାଲେଣ୍ଟାଇନ୍ସ ଡେ ଅଫର**

ନୂଆଦିଲ୍ଲୀ: ରିଲାଏନ୍ସ ଜିଓ ପକ୍ଷରୁ ସ୍ୱତନ୍ତ୍ର ଭାଲେଣ୍ଟାଇନ୍ସ ଡେ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏହି ଅଫର ଜରିଆରେ ଜିଓ ୨୪୯, ୮୯୯ ଓ ୨,୯୯୯ ପ୍ଲାନ ସହ ଅତିରିକ୍ତ ଡାଟା ଓ ଅନେକ କିଛି ସୁବିଧା ଜିଓ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ସେହିଭଳି ଜିଓର ୩୪୯ ଟଙ୍କା ଏବଂ ୮୯୯ଟଙ୍କାର ପ୍ଲାନ ସହ 'ଭାଲେଣ୍ଟାଇନ୍ସ ଡେ' ଅଫର ଜାରି କରାଯାଇଛି। ଏହି ଅଫର ଜରିଆରେ ଗ୍ରାହକମାନେ ବିନା କୌଣସି ଅତିରିକ୍ତ ଚାର୍ଜରେ ୧୨ଜିବି ମାଗଣା ଡାଟା ପାଇପାରିବେ। ସେହିପରି ଜିଓର ୮୯୯ ଟଙ୍କା ପ୍ଲାନରେ ଦୈନିକ ୨.୫ଜିବି ଡାଟା, ଅସୀମିତ ଭଏସ୍ କଲିଂ ଏବଂ ଦୈନିକ ୧୦୦ଟି ମାଗଣା ଏମ୍ଏମ୍ଏସ୍ ପାଇପାରିବେ।

# ଜାନୁୟାରୀରେ ୨,୯୮,୦୯୩ ୟୁନିଟ୍ ଘରୋଇ ପିଭି ବିକ୍ରି

ନୂଆଦିଲ୍ଲୀ, ୧୩।୨



ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସ ପରେ ଦେଶରେ ଘରୋଇ ଯାତ୍ରୀବାହୀ ଗାଡ଼ି (ପିଭି) ବିକ୍ରିରେ ବୃଦ୍ଧି ଘଟିଛି। ଏପରିକି ଯାତ୍ରୀବାହୀ ଗାଡ଼ି ପ୍ରତି ଲୋକଙ୍କ ଆକର୍ଷଣ ବଢ଼ିବାରେ ଲାଗିଛି। ବିଶେଷକରି ୨୦୨୩ ଜାନୁୟାରୀରେ ୨,୯୮,୦୯୩ ୟୁନିଟ୍ ପିଭି ଗାଡି ବିକ୍ରି ହୋଇଥିବା ଜଣାପଡିଛି। ଏ ନେଇ ସୋମବାର ସୋସାଇଟି ଅଫ୍ ଇଣ୍ଡିଆନ୍ ମାନୁଫାକଚର୍ସ (ଏସଆଇଏଏମ୍) ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ସେହିଭଳି ଏସଆଇଏଏମର ସୂଚନା ଅନୁଯାୟୀ ୨୦୨୩ ଜାନୁୟାରୀରେ ଘରୋଇ ଯାତ୍ରୀବାହୀ ଯାନ ବିକ୍ରି ୧୭.୨୩% ବୃଦ୍ଧି ଘଟି ୨,୯୮,୦୯୩ ୟୁନିଟ୍‌ରେ ପହଞ୍ଚିଛି। ଏପରିକି ୨୦୨୨ ଜାନୁୟାରୀରେ ଘରୋଇ ଯାତ୍ରୀବାହୀ ଗାଡ଼ିର ୟୁଟିଲିଟି ଯାନ(ୟୁଭି) ସେଗମେଣ୍ଟରେ ୧,୧୬,୯୬୨ ୟୁନିଟ୍ ବିକ୍ରି ହୋଇଥିଲା। ହେଲେ ଗତ ବର୍ଷ ଜାନୁୟାରୀ ମାସ ତୁଳନାରେ ଚଳିତ ବର୍ଷ ଜାନୁୟାରୀରେ ୟୁଭି ବିକ୍ରିରେ ବୃଦ୍ଧି ଦେଖିବାକୁ ମିଳିଛି। ସେହିପରି ୨୦୨୩ ଜାନୁୟାରୀରେ ୟୁଭି ୧,୪୯,୩୨୮ ୟୁନିଟ୍ ବିକ୍ରି ହୋଇଛି, ଯାହା ଗତବର୍ଷ ତୁଳନାରେ ପ୍ରାୟ ୨୮% ଅଧିକ ବୋଲି ଏସଆଇଏଏମ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୨ଚକିଆ ଯାନ ବିକ୍ରି ୩.୮୧% ବୃଦ୍ଧି ପାଇ ୧,୧୮୪ ମିଲିୟନ ୟୁନିଟ୍‌ରେ ରହିଛି। ଏ ସମ୍ପର୍କରେ ଏସଆଇଏଏମର ମହାନିର୍ଦ୍ଦେଶକ ରାଜେଶ ମେନନ କହିଛନ୍ତି, ପ୍ରଥମ ଥର ପାଇଁ ଜାନୁୟାରୀରେ ଯାତ୍ରୀବାହୀ ଗାଡ଼ି ବିକ୍ରି ସବୁଠୁ ଉଚ୍ଚସ୍ତରରେ ପହଞ୍ଚିଛି। ଏପରିକି ୨୦୨୨ ଏପ୍ରିଲରୁ ୨୦୨୩ ଜାନୁଆରୀ ଶେଷ ସୁଦ୍ଧା ଦେଶର ଯାତ୍ରୀବାହୀ ଗାଡ଼ିର ବିକ୍ରିର ସଂଖ୍ୟା ୩ ମିଲିୟନ ୟୁନିଟ୍ ପାର୍ କରିଛି। ବିଶେଷ କରି ୨୦୨୨ ଜାନୁୟାରୀ ତୁଳନାରେ ୨୦୨୩ ଜାନୁୟାରୀରେ ଏଲ୍୫ କାଟାଗୋରିର ୩ ଚକିଆ ଯାନର ବିକ୍ରି ମଧ ଦୁଇଗୁଣ ବଢିଛି, ଠିକ୍ ସେହିପରି ୨ ଚକିଆ ଯାନ ମାତ୍ର ୪% ବୃଦ୍ଧି ଘଟିଥିବା ଜଣାପଡିଛି ବୋଲି ସେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଏସଆଇଏଏମର ସୂଚନା ଅନୁଯାୟୀ ୨୦୨୩ ଜାନୁୟାରୀରେ କାର୍ ନିର୍ମାଣକାରୀ କମ୍ପାନୀ ୫୫,୫୫୧ ପିଭି ୟୁନିଟ୍ କାର ରପ୍ତାନି କରିଛନ୍ତି। ହେଲେ ୨୦୨୨ର ସମାନ ଅବଧି ମଧ୍ୟରେ ଉକ୍ତ କାରର ରପ୍ତାନି ସଂଖ୍ୟା ୪୦,୭୮୧ ୟୁନିଟ୍ ଥିଲା। ଅପରପକ୍ଷରେ ୩ଚକିଆ ଯାନର ରପ୍ତାନି ହ୍ରାସ ପାଇଛି। ଏପରିକି ୨୦୨୨ ଜାନୁୟାରୀରେ ୩୯,୧୫୧ ୟୁନିଟ୍ ତିନି ଚକିଆ ଯାନ ରପ୍ତାନି ହୋଇଥିବାବେଳେ ୨୦୨୩ ଜାନୁୟାରୀରେ ତାର ପରିମାଣ ୨୩,୦୮୦ ୟୁନିଟକୁ ଖସି ଆସିଛି। ସେହିପରି ୨ଚକିଆ ଯାନର ରପ୍ତାନି ୪୦.୭୬ % ହ୍ରାସ ଘଟି ୨,୨୦,୧୦୩ ୟୁନିଟ୍‌ରେ ରହିଛି।

# ବିଓବି ପକ୍ଷରୁ 'ଡିଜିଟାଲ ଋଣ' କର୍ମଶାଳା




ନୂଆଦିଲ୍ଲୀ, ୧୩।୨

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ନିକଟରେ ଏକ ଜାତୀୟ ସ୍ତରର କର୍ମଶାଳା 'ଅଖିଳ ଭାରତୀୟ ହିନ୍ଦୀ ସମ୍ମିଳନୀ' ପଞ୍ଜାବର ଅମୃତସରଠାରେ ଆୟୋଜିତ ହୋଇଯାଇଛି। ବିଶେଷକରି ବ୍ୟାଙ୍କ, ବୀମା କମ୍ପାନୀ ଏବଂ ଅନ୍ୟାନ୍ୟ ବିତ୍ତୀୟ ସଂସ୍ଥାଗୁଡିକ ନିମନ୍ତେ 'ଡିଜିଟାଲ ଋଣ' ଶୀର୍ଷକ ବିଷୟବସ୍ତୁ ଉପରେ ଉକ୍ତ ହିନ୍ଦୀ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦେଶର ପ୍ରମୁଖ ବ୍ୟାଙ୍କ, ବୀମା କମ୍ପାନୀ ଏବଂ ଅନ୍ୟାନ୍ୟ ବିତ୍ତୀୟ ସଂସ୍ଥାଗୁଡିକର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଉକ୍ତ ସମ୍ମିଳନୀର ପୃଷ୍ଠଭୂମି ଉପରେ ବିଓବିର ରାଜଭାଷା ଏବଂ ସଂସଦୀୟ ସମିତିର ମୁଖ୍ୟ ସଞ୍ଜୟ ସିଂହ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ବର୍ତ୍ତମାନ ସମୟରେ ଡିଜିଟାଲୀକରଣ ପ୍ରକ୍ରିୟା ଉପରେ ସଚେତନତା ଆଣିବା ନିମନ୍ତେ 'ଡିଜିଟାଲ ଋଣ' ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଉଛି ବୋଲି ସେ ମତପ୍ରକାଶ କରିଛନ୍ତି। ଏପରିକି ବିଓବି ଦ୍ୱାରା ଦୀର୍ଘ ୯ବର୍ଷ ଧରି ଏହି ପ୍ରକାରର ହିନ୍ଦୀ ସମ୍ମିଳନୀର ଆୟୋଜନ କରାଯାଉଛି। ଯେଉଁଥିରେ ବ୍ୟାଙ୍କ, ବୀମା କମ୍ପାନୀ ଏବଂ ଅନ୍ୟାନ୍ୟ ବିତ୍ତୀୟ ସଂସ୍ଥାଗୁଡିକର କର୍ମଚାରୀମାନେ ଯୋଗ ଦେଉଛନ୍ତି। ଏହି ଅବସରରେ ବିଓବି ଅମୃତସର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସତ୍‌ପାଲ ମେହେର ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଆଶୋକ କୁମାର ବିଶେଷ ଭାବେ ଉପସ୍ଥିତ ଥିଲେ। ଉକ୍ତ ସମ୍ମିଳନୀରେ ବ୍ୟାଙ୍କ ଏବଂ ଅନ୍ୟ ବିତ୍ତୀୟ ସଂସ୍ଥାଗୁଡିକର ଉଚ୍ଚାଧିକାରୀଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବିଶେଷକରି ବିଓବିର ସହାୟକ ମହାପ୍ରବନ୍ଧକ (ରାଜଭାଷା ଏବଂ ସଂସଦୀୟ ସମିତି) ପୁନୀତ କୁମାର ମିଶ୍ର ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆର୍‌ବିଆଇ ପକ୍ଷରୁ ଆର୍ଥିକ ସାକ୍ଷରତା ସପ୍ତାହ

ଭୁବନେଶ୍ୱର, ୧୩।୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ସୋମବାର ଆର୍ଥିକ ସାକ୍ଷରତା ସପ୍ତାହ-୨୦୨୩ର ଆୟୋଜନ କରାଯାଇଥିଲା। ଏପରିକି ଚଳିତ ବର୍ଷର ଆର୍ଥିକ ସାକ୍ଷରତା ସପ୍ତାହର ଉଦ୍‌ଘାଟନ ଉତ୍ସବ ଆରବିଆଇର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆରବିଆଇ, ରାଜ୍ୟ ସରକାର, ନାବାର୍ଡ, ଏସ୍‌ବିଆଇ ସମେତ ଅନ୍ୟାନ୍ୟ ବ୍ୟାଙ୍କଗୁଡିକର ବରିଷ୍ଠ ଅଧିକାରୀମାନେ ମଧ ଯୋଗ ଦେଇଥିଲେ। ବିଶେଷ କରି ଉକ୍ତ ଉତ୍ସବ ଜରିଆରେ ବରିଷ୍ଠ ଅଧିକାରୀମାନେ ଜନସାଧାରଣଙ୍କ ମଧ୍ୟରେ ଆର୍ଥିକ ସଚେତନତା ବିସ୍ତାର କରିବାର ଉପାୟଗୁଡିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଆର୍‌ବିଆଇର ଆର୍‌ଓ ଭୁବନେଶ୍ୱର ପକ୍ଷରୁ ସାରା ରାଜ୍ୟରେ ବିଭିନ୍ନ ଆର୍ଥିକ ସଚେତନତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ କରିବ।

ସୂଚନାଯୋଗ୍ୟ ୨୦୧୬ରୁ ଆରବିଆଇ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ବାର୍ତ୍ତାଗୁଡିକର ପ୍ରସାର ପାଇଁ ପ୍ରତି ବର୍ଷ ଆର୍ଥିକ ସାକ୍ଷରତା ସପ୍ତାହ ଆୟୋଜନ କରିଆସୁଛି। ଚଳିତ ବର୍ଷର ଆର୍ଥିକ ସାକ୍ଷରତା ସପ୍ତାହ ପାଇଁ 'ସଠିକ୍ ଆର୍ଥିକ ଆଚରଣ,ରଖେ ଆପଣଙ୍କ ସୁରକ୍ଷାର ଧ୍ୟାନ' ଶୀର୍ଷକ ବିଷୟବସ୍ତୁର ଆୟୋଜନ କରାଯାଇଥିଲା। ଯେଉଁଥିରେ ସଞ୍ଚୟ, ଯୋଜନା, ବଜେଟ ଏବଂ ଡିଜିଟାଲ୍ ଆର୍ଥିକ ସେବାଗୁଡିକର ବୁଦ୍ଧିବିଚାରି ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି, ଯାହାକି ଆର୍ଥିକ ଶିକ୍ଷା ଜାତୀୟ ରଣନୀତି ୨୦୨୦-୨୫ର ମୁଖ୍ୟ ଉଦ୍ଦେଶ୍ୟ ସହ ମେଳ ଖାଉଛି। ଉକ୍ତ ବିଷୟବସ୍ତୁ ଉପରେ ଅତ୍ୟାବଶ୍ୟକ ଆର୍ଥିକ ସଚେତନତା ବାର୍ତ୍ତା ପ୍ରସାରଣ କରିବା ପାଇଁ ଆରବିଆଇ ଚଳିତ ବର୍ଷ ଫେବୃୟାରୀ ଶେଷ ସୁଦ୍ଧା ଏକ କେନ୍ଦ୍ରୀୟ ଗଣମାଧ୍ୟମ ଅଭିଯାନ କରିବ। ଏପରିକି ଆରବିଆଇର ଆଞ୍ଚଳିକ କାର୍ଯ୍ୟାଳୟଗୁଡିକ ମଧ ବିଭିନ୍ନ ଆର୍ଥିକ ସାକ୍ଷରତା ଶିବିରର ଆୟୋଜନ କରିବ ବୋଲି ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ଉଦ୍ଦେଶ୍ୟରେ ବିଷୟବସ୍ତୁ ଏବଂ ବାର୍ତ୍ତା ପ୍ରଚାରକୁ ଉତ୍ସାହିତ କରିବାରେ ବିଭିନ୍ନ ହିତାଧିକାରୀଙ୍କ ଉଦ୍ୟମ ପାଇଁ ଅନୁରୋଧ କରାଯାଉଛି।

# ଜୟପୁରରେ ସ୍ମାର୍ଟ ବଜାରର ଏକ୍ସକ୍ଲୁସିଭ ଆଉଟ୍‌ଲେଟ

ଭୁବନେଶ୍ୱର, ୧୩।୨




ରିଲାଏନ୍ସ ରିଟେଲରର ପ୍ରମୁଖ ସଂସ୍ଥା 'ସ୍ମାର୍ଟ ବଜାର'ର ଆଉ ଏକ ଏକ୍ସକ୍ଲୁସିଭ ଆଉଟଲେଟ ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କୋରାପୁଟ ଜିଲା ଜୟପୁରର ରାଜାନଗର ଚୌକ ମେନରୋଡଠାରେ ଅବସ୍ଥିତ ଏସ୍‌ଆର୍ ସେଣ୍ଟ୍ରାଲ ମଲ୍ ପରିସରରେ ସ୍ମାର୍ଟ ବଜାରର ନୂତନ ତଥା ପ୍ରଥମ ଆଉଟଲେଟର ଶୁଭାରମ୍ଭ କରାଯାଇଛି। ବିଶେଷକରି ୧୫,୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ନିର୍ମିତ ଏହି ବୃହତ୍ ଆଉଟଲେଟକୁ ଆକର୍ଷଣୀୟ ଭାବେ ଡିଜାଇନ କରାଯାଇଛି। ବିଶେଷକରି ଗ୍ରାହକମାନଙ୍କୁ ବୃହତ୍ତର ସଞ୍ଚୟ ଏବଂ ଉନ୍ନତର କିଣାକିଣି ଅନୁଭୂତି ପ୍ରଦାନ ନିମନ୍ତେ ଏହା ଆରମ୍ଭ କରାଯାଇଛି। ସେହିଭଳି ଏଠାରେ ତେଜରାତିଠାରୁ ଆରମ୍ଭକରି ଫଳ, ପନିପରିବା, ଦୁଗ୍ଧଜାତ ସାମଗ୍ରୀ, କିଚେନ ୱେର, ହୋମୱେର, ପୋଷାକ, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଭଳି ବହୁବିଧ ବର୍ଗର ଉତ୍ପାଦ ଉପଲବ୍ଧ। ଏହା ମଧ ଗ୍ରାହକଙ୍କୁ ସର୍ବାଧିକ ଖୁଚୁରା ମୂଲ୍ୟ ଉପରେ ୫% ରିହାତି ଏବଂ ସ୍ୱତନ୍ତ୍ର ଋତୁକାଳୀନ ଅଫର ସହ ବିଶେଷ ସମୟରେ ମହାସଞ୍ଚୟର ସୁଯୋଗ ପ୍ରଦାନ କରୁଛି। ସେହିପରି ଉକ୍ତ ଆଉଟଲେଟରେ ପ୍ରକ୍ରିୟାକୃତ ଖାଦ୍ୟ ଓ ପାନୀୟ, ପର୍ସନାଲ କେୟାର, ହେଲ୍‌ଥ କେୟାର, ସ୍ୱାସ୍ଥ୍ୟରକ୍ଷା, ଫାବ୍ରିକ, ହୋମକେୟାର ଏବଂ ହୋମଡେକୋର ଭଳି ସାମଗ୍ରୀ ଉପଲବ୍ଧ ହେବ। ଏପରିକି ବିଭିନ୍ନ ବ୍ରାଣ୍ଡର ବିପୁଳ ସମ୍ଭାର ଆକର୍ଷଣୀୟ ଅଫର ଜରିଆରେ ଯୋଗାଇ ଦେବ। ଅପରପକ୍ଷରେ ସ୍ମାର୍ଟ ବଜାରରେ କିଣାକିଣିର ସ୍ୱତନ୍ତ୍ର ଫାଇଦା ହେଉଛି, ଯେତେ ଅଧିକ ମୂଲ୍ୟର କିଣାକିଣି କରିବେ,ସେତେ ଅଧିକ ସଞ୍ଚୟ କରିବେ। ଉଦାହରଣ ସ୍ୱରୂପ, ଜଣେ ଗ୍ରାହକ ସର୍ବନିମ୍ନ ୧୪୯୯ଟଙ୍କା ମୂଲ୍ୟର କିଣାକିଣି କଲେ ଏକ କିଲୋ ଚିନି ମାତ୍ର ୯ଟଙ୍କାରେ ପାଇବେ। ଏହାର ସଚେତନ ଗ୍ରାହକ ସହଯୋଗୀ ଓ କାର୍ଯ୍ୟକାରିତାଗତ ଡିଜାଇନ ଏବଂ ଲେଆଉଟ ସହିତ ଆକର୍ଷଣୀୟ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦଗୁଡିକୁ ନେଇ ସ୍ମାର୍ଟ ବଜାର ଗ୍ରାହକଙ୍କର ହୃଦୟ ଜିଣିବାରେ ଲାଗିଛି ଏବଂ ସେମାନଙ୍କ ଦୈନନ୍ଦିନ ଜୀବନର ଅଂଶ ବିଶେଷ ହୋଇଛି।

# ବିଓଏମ୍‌ର ୩ୟ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ, ୧୩।୨

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ୩ୟ ତ୍ରୈମାସ ଶେଷ ସୁଦ୍ଧା ବିଓଏମର ଅଭିବୃଦ୍ଧି ୧୩୯ % ହାରରେ ୭୭୫ କୋଟି ଟଙ୍କା ଲାଭ ହୋଇଥିବା ଜଣାପଡିଛି। ଅପରପକ୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ କ୍ଷେତ୍ରରେ ୬୫% ଅଭିବୃଦ୍ଧି ଘଟି ୨୯,୧୭୫ କୋଟି ଟଙ୍କା ଲାଭ ହୋଇପାରିଛି। ଲାଭର ପ୍ରତିଶତ ଅନୁଯାୟୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ରୂପେ ପରିଗଣିତ ହୋଇଛି। ବିଓଏମ୍‌ର ପୁଣେ ମୁଖ୍ୟ କାର୍ଯ୍ୟାଳୟର ସୂଚନା ଅନୁସାରେ ଏହି ଫଳାଫଳ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସ ଶେଷ ସୁଦ୍ଧା ସମସ୍ତ ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏକତ୍ରିତ ଭାବେ ୬୫% ଅଭିବୃଦ୍ଧି ହାରରେ ୨୯,୧୭୫କୋଟି ଟଙ୍କା ଲାଭ କରିଛନ୍ତି। ଯାହା ପୂର୍ବବର୍ଷ ଏହି ସମୟରେ ୧୭,୭୨୯କୋଟି ଟଙ୍କା ଥିଲା। ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ପୁଞ୍ଜି ସ୍ୱଚ୍ଛଳତା ହାର ୧୭.୫୩ % ରହିଥିବା ସହ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ଏହା ସର୍ବାଧିକ ଅଟେ। ୨୦୨୨ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୨.୯୪% କୁ ହ୍ରାସ ପାଇଥିଲା ବେଳେ ନେଟ୍ ଏନ୍‌ପିଏ ହ୍ରାସ ପାଇ ୦.୪୭% ରେ ପହଞ୍ଚିଛି।

## ଫୁରସତ୍

# ଜଳବାୟୁ ପରିବର୍ତ୍ତନରୁ ରକ୍ଷା କରିବ ଚନ୍ଦ୍ର ଧୂଳି

ୱାଶିଂଟନ୍



ଚନ୍ଦ୍ରରେ ଉଡୁଥିବା ଧୂଳି ପୃଥିବୀକୁ ଜଳବାୟୁ ପରିବର୍ତ୍ତନରୁ ରକ୍ଷା କରିବାରେ ସହାୟକ ହୋଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ସେମାନଙ୍କ ମତରେ ଚନ୍ଦ୍ର ପୃଷ୍ଠର ଧୂଳି ମହାକାଶକୁ ବିସ୍ତାର କରି ଏହା ପୃଥିବୀକୁ ଆସୁଥିବା ସୌର ବିକିରଣ ପାଇଁ ଢାଲ ଭାବରେ କାର୍ଯ୍ୟ କରିପାରିବ। ପୃଥିବୀରେ ଉତ୍ତାପ ଏବଂ ତାପମାତ୍ରାର ସବୁଠାରୁ ବଡ କାରଣ ହେଉଛି ସୂର୍ଯ୍ୟଙ୍କଠାରୁ ଆସୁଥିବା ଆଲୋକ ବା ଶକ୍ତି ଏବଂ ପୃଥିବୀର ପରିଚାଳନା। ଉତ୍ତାପ ଆକାରରେ ଏହି ଶକ୍ତିର ବୃଦ୍ଧି ଜଳବାୟୁ ପରିବର୍ତ୍ତନକୁପ୍ରେଭାବିତ କରେ। ଶକ୍ତି ଅନେକ ରୂପରେ ସଂରକ୍ଷିତ, ଯାହାକୁ ସିଙ୍କ କୁହାଯାଏ। ଏଥି ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି କାର୍ବନ ସିଙ୍କ, କାରଣ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି କେବଳ ଏହି ସିଙ୍କରୁ ଆସୁଥିବା ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡର ପରିମାଣ ବୃଦ୍ଧି । ନୂତନ ଅଧ୍ୟୟନରେ ଅନ୍ୟ ଏକ ଦିଗକୁ ଦୃଷ୍ଟି ଦିଆଯାଇଛି। ଚନ୍ଦ୍ର ଧୂଳି ବାୟୁମଣ୍ଡଳରେ ଏକ ପରଦା ଭାବରେ କାର୍ଯ୍ୟ କରିପାରେ। ଯାହାଦ୍ୱାରା ସୂର୍ଯ୍ୟଙ୍କଠାରୁ ଆସୁଥିବା ବିକିରଣକୁ ହ୍ରାସ କରାଯାଇପାରିବ। ଅନୁସନ୍ଧାନକାରୀମାନେ ପ୍ରସ୍ତାବ ଦେଇଛନ୍ତି ଯେ ସୂର୍ଯ୍ୟ ଏବଂ ପୃଥିବୀ ମଧ୍ୟରେ ଥିବା ଏକ ସ୍ପେସ ଷ୍ଟେଶନ ଦ୍ୱାରା ବାୟୁମଣ୍ଡଳର ଏହି ଧୂଳି ବିସ୍ତାର ହୋଇପାରିବ। ଯେଉଁଥିପାଇଁ ଏହି ଧୂଳି ଏକ ପରଦା ଭାବରେ କାମ କରିବ। କୁହାଯାଉଛି ଯେ ଏହି ପଦ୍ଧତି ଗ୍ଲୋବାଲ ୱାର୍ମିଂର ପ୍ରଭାବରୁ ସୁରକ୍ଷା ଦେବାକୁ ସକ୍ଷମ ହୋଇ ପାରିବ।

# ଗ୍ରାଣ୍ଡ ରିସେପ୍ସନ ପାର୍ଟି ଦେଲେ ସିଦ୍ଧାର୍ଥ

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଓ କିଆରା ଆଡଭାନୀ ରବିବାର ଦିଲ୍ଲୀରେ ଏକ ଗ୍ରାଣ୍ଡ୍ ରିସେପ୍ସନ୍ ପାର୍ଟିର ଆୟୋଜନ କରିଥିଲେ। ଏଥିରେ ବଲିଉଡ୍‌ର ବହୁ ନାମୀଦାମୀ କଳାକାର ସାମିଲ ହୋଇଥିଲେ। ଅଜୟ ଦେବଗନ, କାଜଲ, ଆଲିଆ ଭଟ୍ଟ, ପ୍ରମୁଖ କଳାକାର ଏହି ପାର୍ଟିରେ ଯୋଗ ଦେଇଥିଲେ। ଆର୍ମି ଅଫିସର ବିକ୍ରମ ବାତ୍ରାଙ୍କ ପରିବାର ମଧ ଏହି ପ୍ରୋଗ୍ରାମକୁ ଆସିଥିଲେ। ବିକ୍ରମଙ୍କ ବାୟୋପିକ୍‌ରେ ସିଦ୍ଧାର୍ଥ ଓ କିଆରା କାମ କରିଥିବାବେଳେ ସେହିଠାରୁ ଦୁହିଁଙ୍କ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା ଅନେକଙ୍କ ବିଶ୍ୱାସ ରହିଛି। ତେବେ ନୂଆ କରି ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିବା ସିଦ୍ଧାର୍ଥ ଓ କିଆରା କଳାରଙ୍ଗର ଡ୍ରେସ୍ ପିନ୍ଧି ଉଭୟଙ୍କ ହାତ ଧରି ଏଣ୍ଟ୍ରି କରିଥିଲେ। ସେମାନେ ସେଲିବ୍ରିଟିଙ୍କ ସହ ପାର୍ଟିକୁ ମନଭରି ଉପଭୋଗ କରୁଥିବାର ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ବହୁଳ ଭାବେ ପ୍ରସାର ହେବାରେ ଲାଗିଛି। ଗତ ୭ ତାରିଖରେ ସିଦ୍ଧାର୍ଥ ଓ କିଆରା ରାଜସ୍ଥାନରେ ବିବାହ କରିଥିଲେ। ଏଥିରେ ଉଭୟଙ୍କ ପରିବାର ସଦସ୍ୟଙ୍କ ସହ ବଲିଉଡ୍ ଇଣ୍ଡଷ୍ଟ୍ରିର କେତେଜଣ ବିବାହ ସମାରୋହରେ ଉପସ୍ଥିତ ଥିଲେ।



# ଚାଷୀ ବିକଶିତ କଲେ ବାଜରା କପ୍

ପ୍ରୟାଗରାଜ



ଆଇସକ୍ରିମ ଖାଇବା ପରେ ଲୋକେ କୋନ୍‌କୁ ଚୋବାଇ ଖାଇଥାନ୍ତି। ସେହିଭଳି ଉତ୍ତରପ୍ରଦେଶର ଦେଓରିଆର ଚାଷୀମାନେ ବାଜରାରେ ତିଆରି କପ୍ ବିକଶିତ କରିଛନ୍ତି। ଏହାକୁ ଚା' ପିଇବାରେ ବ୍ୟବହାର କରାଯାଇପାରିବ ଏବଂ ସ୍ନାକ୍ସ ଭାବରେ ମଧ ଚୋବାଇ ଖାଇହେବ। କୌତୂହଳର ବିଷୟ, ଏହି କପ୍ ଗୁଡିକ ଏପରି ଏକ ସମୟରେ ଆସିଛି ଯେତେବେଳେ ୨୦୧୯ ରେ ଭାରତର ପ୍ରସ୍ତାବ ପରେ ୨୦୨୩କୁ ମିଳିତ ଜାତିସଂଘ ଦ୍ୱାରା ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବରେ ଘୋଷଣା କରାଯାଇଛି। ପ୍ରୟାଗରାଜରେ ଚାଲିଥିବା ମାଘ ମେଳାରେ ରାଗି ଏବଂ ମକା ଦ୍ୱାରା ଏହି ପୁଷ୍ଟିକର କପ୍‌ଗୁଡିକର ନାମ ଚା ପିଓ ଏବଂ କୁଲହଡ ଖାଓ ରଖାଯାଇଛି। ଏହି ଚାଷୀ ଦଳର ସଦସ୍ୟ ଅଙ୍କିତ ରାୟ କହିଛନ୍ତି ଯେ, ପୂର୍ବ ଉତ୍ତରପ୍ରଦେଶର ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଏଭଳି କପଗୁଡ଼ିକର ଚାହିଦା ବହୁଗୁଣିତ ହେବାରେ ଲାଗିଛି। ସେ କହିଛନ୍ତି, ବାଜରାକୁ ଲୋକପ୍ରିୟ କରାଇବା ପାଇଁ ଆମେ ପ୍ରାୟ ଦୁଇ ବର୍ଷ ପୂର୍ବେ ଏଭଳି ଚା'କପ୍ ବିକଶିତ କରିଥିଲୁ। ଆମର ଏକ ସ୍ୱତନ୍ତ୍ର ମେଶିନ ଅଛି। ଏଥିରେ ଆମେ ଏକ ସମୟରେ ୨୪ କପ୍ ତିଆରି କରିପାରୁଛୁ। ପ୍ରାରମ୍ଭରେ, ଆମେ ଦେଓରିଆ, ଗୋରଖପୁର, ସିଦ୍ଧାର୍ଥ ନଗର ଏବଂ କୁସିନଗର ସମେତ ପୂର୍ବ ଉତ୍ତରପ୍ରଦେଶର ଛୋଟ ଗାଁରେ ଚା' ବିକ୍ରେତାମାନଙ୍କ ସହ ଯୋଗାଯୋଗ କରିଥିଲୁ। ବର୍ତ୍ତମାନ ଏଭଳି କପ୍‌ର ଚାହିଦା ପ୍ରୟାଗରାଜ, ବାରାଣସୀ, ଲକ୍ଷ୍ନୌ ଏବଂ ଅନ୍ୟାନ୍ୟ ଜିଲାରେ ବୃଦ୍ଧି ପାଇଛି। ଏହି କପ୍ ଏହିପରି କପ ତିଆରି ପାଇଁ ୫ ଟଙ୍କା ଲାଗିଥାଏ ଏବଂ ଯେତେବେଳେ ଚା ' ପିଇବାକୁ ପ୍ରଦାନ କରାଯାଇଥାଏ ଏଥିପାଇଁ ୧୦ ଟଙ୍କା ଗ୍ରାହକଙ୍କୁ ଦେବାକୁ ପଡ଼ିଥାଏ। ଏହି କପ୍‌ଗୁଡିକ ପରିବେଶ ଉପଯୋଗୀ।

# ଏଭଳି ଗାଁ, ଯେଉଁଠି ନିଜର ନିୟମ ଚାଲେ

**କୁଲୁ:** ଭାରତରେ ଏପରି ଏକ ସ୍ଥାନ ଅଛି, ଯେଉଁଠାରେ ପାର୍ଲାମେଣ୍ଟ ନିୟମ କାମ କରୁନାହିଁ। ଏହି ସ୍ଥାନ ହିମାଚଳ ପ୍ରଦେଶରେ ଅଛି। ଏହି ଗାଁର ନିଜସ୍ୱ ସମ୍ବିଧାନ ରହିଛି। ଏହାର ନିଜସ୍ୱ ପାର୍ଲାମେଣ୍ଟ ଏପରିକି 'ନ୍ୟାୟପାଳିକା' ଅଛି ଯାହା ଏହାର ରାୟ ପ୍ରଦାନ କରେ। କୁଲୁ ଜିଲାର ପ୍ରାୟ ୧୨ ହଜାର ଫୁଟ ଉଚ୍ଚରେ ଅବସ୍ଥିତ ମଲାନା ଗାଁ ସମ୍ପୂର୍ଣ୍ଣ ଅନନ୍ୟ। ସୁନ୍ଦର ଉପତ୍ୟକା ଘେରା ଏହି ଗାଁ ପୃଥିବୀର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରସ୍ଥଳ ଅଟେ। ଏଠାକାର ବାସିନ୍ଦା ନିଜକୁ ଆଲେକ୍ସଜାଣ୍ଡାରଙ୍କ ବଂଶ ବୋଲି କୁହନ୍ତି। କୁହାଯାଏ, ଆଲେକ୍ସଜାଣ୍ଡାରଙ୍କ ଯୁଗର ଖଣ୍ଡା ଗାଁ ମନ୍ଦିରରେ ରହିଛି। ପ୍ରାୟ ୧୭୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗାଁ ପର୍ଯ୍ୟଟକମାନଙ୍କ ପାଇଁ ବେଶ ପ୍ରସିଦ୍ଧ। ଏହି ଗାଁରେ ପାର୍ଲାମେଣ୍ଟ ପରି ଦୁଇଟି ଘର ଅଛି। ଉପର ଗୃହରେ ୧୧ ଜଣ ସଦସ୍ୟ ଅଛନ୍ତି ଏବଂ ଅନ୍ତିମ ନିଷ୍ପତ୍ତି ଏହି ଗୃହର ହାତରେ ଅଛି। ଏଥିରେ ଗାଁର ତିନୋଟି ଗୁରୁତ୍ୱପୂର୍ଣ୍ଣ ଚରିତ୍ର ଅଛି। ଗୁରୁ, ପୁରୋହିତ ଏବଂ ଜାମଲୁ ଦେବତାଙ୍କ ପ୍ରତିନିଧି। ଏଗୁଡ଼ିକ ସ୍ଥାୟୀ ଏବଂ ଅବଶିଷ୍ଟ ୮ ଜଣ ସଦସ୍ୟ ଗ୍ରାମବାସୀଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି। ମଲାନା ଗ୍ରାମବାସୀ ବାହାର ଲୋକଙ୍କ ସହ ଅଧିକ ସମ୍ପର୍କ ରଖିବାକୁ ଚାହାନ୍ତି ନାହିଁ। ତେଣୁ ସେମାନଙ୍କ ଭିତରେ କେହି ପଶିବା ପାଇଁ ଗ୍ରାମବାସୀ ଚାହାନ୍ତି ନାହିଁ। ଏଠାରେ ନିୟମ ବହୁତ କଠୋର ଅଟେ। ବିବାହ ମଧ ଗାଁ ଭିତରେ ହୋଇଥାଏ। ଏକ ରିପୋର୍ଟ ଅନୁଯାୟୀ, ଲୋକମାନେ ଅନ୍ୟମାନଙ୍କ ସହ ହାତ ମିଳାନ୍ତି ନାହିଁ। ଯଦି ଆପଣ ଏଠାରେ ଥିବା ଦୋକାନରୁ କିଛି କିଣନ୍ତି, ସିଧାସଳଖ ଟଙ୍କା ନେବା ପରିବର୍ତ୍ତେ, ଦୋକାନୀ ଆପଣଙ୍କୁ ଏହାକୁ ରଖିବାକୁ କୁହନ୍ତି ଏବଂ ତା'ପରେ ଉଠାଇ ନିଅନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ରାଣୀ ଓ ବାବୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ: ବିଜୟ

## ଶାସକ ଦଳରୁ ରାଜ୍ୟ ସଭା ଯିବାକୁ ଚାହୁଁଥିଲେ ବିଜୟ: ବିଜେଡି


କଂଗ୍ରେସ ଭବନରେ ଦଳୀୟ ନେତୃବୃନ୍ଦଙ୍କ ସହ ବିଜୟ ପଟ୍ଟନାୟକ।

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ୩ ଦିନ ତଳେ କଂଗ୍ରେସରେ ମିଶିଥିବା ବେଳେ ବାରମ୍ବାର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି। ଦିଲ୍ଲୀରୁ ସୋମବାର ଫେରିବା ପରେ ବିଜୟଙ୍କୁ ଭୁବନେଶ୍ୱର ବିମାନବନ୍ଦରଠାରେ କଂଗ୍ରେସ ନେତା ଓ କର୍ମୀ ସ୍ୱାଗତ କରିବା ସହ ଏକ ରାଲି କରି କଂଗ୍ରେସ ଭବନକୁ ପାଛୋଟି ନେଇଥିଲେ। ସେଠାରେ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଅନ୍ୟ ନେତାମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ପିସିସି ସଭାପତି ଏହି ଅବସରରେ କହିଥିଲେ, ବିଜୟଙ୍କ ଯୋଗଦାନ ଦଳୀୟ କର୍ମୀ ଓ ନେତାଙ୍କୁ ଉତ୍ସାହିତ କରିବ। ଅନ୍ୟପଟେ ଏକ ଖବରଦାତା ସମ୍ମିଳନୀ ଜରିଆରେ ସରକାରଙ୍କୁ ଟାର୍ଗେଟ କରିବାକୁ ଯାଇ ବିଜୟ କହିଛନ୍ତି, ୫-ଟି ଏକ ସ୍ଲୋଗାନ। ସବୁ ବିଭାଗର ସଚିବ ଅଛନ୍ତି, ତାହାହେଲେ ପୁଣି ୫-ଟି କାହିଁକି ଆବଶ୍ୟକ ପଡ଼ିଲା। ଯଦି ସବୁ ବିଭାଗ ଠିକ୍ କାମ କରୁଛନ୍ତି, ତାହାହେଲେ ଏହି ୫-ଟି କ'ଣ କରିବ। ୫-ଟିରେ ସ୍ୱଚ୍ଛତା କଥା କୁହାଯାଉଛି, ହେଲେ ତାହା ବାସ୍ତବରେ ଅଛି ତ ବୋଲି ସେ ପ୍ରଶ୍ନ କରିଛନ୍ତି। ଯେମିତି ଶାସନ ଚାଲିଛି ସବୁ ଅମଲାଙ୍କ ଭିତରେ କ୍ଷୋଭ ରହିଛି। ପୁଣି ସାଧାରଣ ଲୋକଟିଏର କିଛି ଅସୁବିଧା ହେଲେ ସେ କାହାକୁ କହିବ। ବିଧାୟକଙ୍କ ପାଖକୁ ଗଲେ, ସେ କହିବେ ଅଫିସରଙ୍କ ପାଖକୁ ଯାଅ। ଅଫିସରଙ୍କ ପାଖକୁ ଗଲେ ସେ କହିବେ ୩ୟ ମହଲା ବୁଝୁଛି। ୩ୟ ମହଲା ଅପହଞ୍ଚ, ସେଠାକୁ ଖବରଦାତାମାନଙ୍କୁ ମଧ୍ୟ ଯିବାକୁ ମନା। ଏଭଳି ରୁଦ୍ଧଦ୍ୱାର ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ ବୋଲି ବିଜୟ କରିଛନ୍ତି।

ଅନ୍ୟପଟେ ବିଜୟଙ୍କ ମନ୍ତବ୍ୟକୁ ବିଜେଡି ପକ୍ଷରୁ ଟାର୍ଗେଟ କରାଯାଇଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, କଂଗ୍ରେସରେ ଯୋଗ ଦେଇଥିବା ଅବସରପ୍ରାପ୍ତ ପ୍ରଶାସକ ବିଜୟ ପଟ୍ଟନାୟକଙ୍କ ଆଜି ତାଙ୍କ ପ୍ରଥମ ଖବରଦାତା ସମ୍ମିଳନୀରେ ଯେଉଁ ବକ୍ତବ୍ୟ ରଖିଲେ ତାହା ଶୁଣିଲୁ। ସେଥିରୁ ଲାଗିଲା ସେ କଂଗ୍ରେସ ନୁହେଁ, ବରଂ ଭାଜପାର ଜଣେ ମୁଖପାତ୍ର ଭାବେ କଥା ହେଉଛନ୍ତି। ସମସ୍ତେ ଭଲଭାବେ ଜାଣନ୍ତି, ସରକାରୀ ଚାକିରିରୁ ଅବସର ନେବା ପରେ ବିଜୟ ରାଜନୀତିରେ ଯୋଗଦେଇ କ୍ଷମତାରେ ରହିବା ପାଇଁ କେତେ ବ୍ୟାକୁଳ ଥିଲେ। ଏଥିପାଇଁ ସେ ବିଜେଡିରେ ଯୋଗଦେଇ ରାଜ୍ୟ ସଭା ଯିବାକୁ ଚାହୁଁଥିଲେ। ମାତ୍ର ତାହା ସମ୍ଭବ ନ ହେବାରୁ ସେ ଶେଷରେ ବୁଲିବୁଲି କଂଗ୍ରେସରେ ଯୋଗଦେଲେ। ଏବେଠୁ ଜଣାପଡୁଛି, ଭବିଷ୍ୟତରେ ସେ କଂଗ୍ରେସରେ ରହି ମଧ୍ୟ ଭାଜପାର ମୁଖପାତ୍ର ଭଳି କାମ କରିବେ ବୋଲି ଲେନିନ୍ କହିଛନ୍ତି।


ସପ୍ତମ ଜନ୍ମଦିନ ଓ ପ୍ରଥମ ଜନ୍ମଦିନର ଶୁଭେଚ୍ଛା



ଲାସ୍ୟା ତାପସୀ (ରାଣୀ)
ଓ
ହନଷିତ ରାଜ (ବାବୁ)
(ନାବାର୍ଡ ଅଫିସର୍ସ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର)
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା।
ଆଶୀର୍ବାଦ ସହ: ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଈ ଏବଂ ପରିବାରବର୍ଗ
ଧ-୭୩୭୪୭


# ୩ ଦିନ ଆନ୍ଦୋଳନ କରିବ ବିଜେଡି

## ପିଏମ୍‌ଜିକେଏୱାଇ ବନ୍ଦ

**ଆଜି ରାଜଭବନ ସମ୍ମୁଖ**
**୧୫ରେ ସବୁ ପଞ୍ଚାୟତ ମୁଖ୍ୟାଳୟ**
**୧୬ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଅଫିସ୍ ସମ୍ମୁଖରେ ଆନ୍ଦୋଳନ**

ଭୁବନେଶ୍ୱର, ୧୩।୨(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ବିଜେଡି ବିଧାୟକ ଅରୁଣ ସାହୁ।

କେନ୍ଦ୍ର ସରକାର ତାଙ୍କର ସଦ୍ୟ ବଜେଟରେ କ୍ରୟ ପାଣ୍ଠିରେ ୨୦,୦୦୦ କୋଟି ଟଙ୍କା ହ୍ରାସ କରିଛନ୍ତି। ଏହାସହ ଓଡ଼ିଶାରୁ ଉଷୁନା ଚାଉଳ ଉଠାଣ ପରିମାଣ କମାଇଦେବା ଯୋଗୁ ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀ ଧାନ ବିକ୍ରି କରିବାରେ ଗୁରୁତର ଭାବେ ପ୍ରଭାବିତ ହେବେ। ପୂର୍ବରୁ ଓଡ଼ିଶାରୁ ୧୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠୁଥିବା ବେଳେ ବର୍ତ୍ତମାନ ତାହାକୁ ମାତ୍ର ୪ ଲକ୍ଷ ମେଟ୍ରିକ୍ ଟନ୍‌କୁ ହ୍ରାସ କରାଯାଇଛି। କେବଳ ବରଗଡ଼ ପରି ଗୋଟିଏ ଜିଲା ୪ ଲକ୍ଷ ଟନ୍ ଉତ୍ପାଦନ କରେ। ଓଡ଼ିଶାର ଅନ୍ୟ ୨୯ ଜିଲାର ଚାଷୀଙ୍କ ଅବସ୍ଥା କ'ଣ ହେବ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ଅରୁଣ କୁମାର ସାହୁ ପ୍ରଶ୍ନ କରିଛନ୍ତି। ଏହା ବିରୋଧରେ ବିଜେଡି ୩ ଦିନିଆ ଆନ୍ଦୋଳନ ଲାଗି ଯୋଜନା ପ୍ରସ୍ତୁତ କରିଛି।

ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅରୁଣ କହିଛନ୍ତି, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)କୁ ବନ୍ଦ କରିଦେଇଛନ୍ତି। ଏହା ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ (ଏନ୍‌ଏଫ୍‌ଏସ୍‌ଏ) ଅଧୀନରେ ୫ କିଲୋଗ୍ରାମ ମାଗଣା ଚାଉଳ ବ୍ୟତୀତ ପ୍ରତି ମାସରେ ଆଉ ୫ କିଲୋଗ୍ରାମ ମାଗଣା ଚାଉଳ ଯୋଗାଉଥିଲା। ପିଏମ୍‌ଜିକେଏୱାଇ ବନ୍ଦ ହେତୁ ଧାନ କ୍ରୟ ମଧ୍ୟ କ୍ଷତିଗ୍ରସ୍ତ ହେବ। ଚାଷୀମାନେ ଏମ୍‌ଏସ୍‌ପିରୁ ବଞ୍ଚିତ ହେବେ। କେନ୍ଦ୍ରର ଧାନ କିଣା ନୀତି ଯାହାକି ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀଙ୍କୁ ବିଶେଷକରି ପଶ୍ଚିମ ଓଡ଼ିଶାର ଚାଷୀଙ୍କୁ ପ୍ରଭାବିତ କରିବ। ସେଥିଲାଗି ମଙ୍ଗଳବାର ପୂର୍ବାହ୍ନରେ ବିଜେଡି ପକ୍ଷରୁ ରାଜଭବନ ସମ୍ମୁଖରେ ଆନ୍ଦୋଳନ କରିବା ସହିତ ଓଡ଼ିଶାର ଚାଷୀଙ୍କ ସମସ୍ତ ଖାଦ୍ୟଶସ୍ୟ ଉଠାଇବାକୁ ଦାବି କରିବ। ଯଦି ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହୁଏ ତେବେ ବିଜେଡି ଓଡ଼ିଶାର କୃଷକଙ୍କୁ ନେଇ ଅବହେଳା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବ। ଏହାସହ ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିବେ। ଲକ୍ଷ ଲକ୍ଷ ଚାଷୀଙ୍କ ସପକ୍ଷରେ ବିଜେଡି ଦାବି କେନ୍ଦ୍ର ନିକଟରେ ଉପସ୍ଥାପନ କରିବାକୁ ଉକ୍ତ ପ୍ରତିନିଧିମଣ୍ଡଳୀ ଅନୁରୋଧ କରିବେ। ପିଏମ୍‌ଜିକେଏୱାଇ କାର୍ଯ୍ୟକ୍ରମ ବନ୍ଦକୁ ବିରୋଧ କରି ଆସନ୍ତା ୧୫ରେ ରାଜ୍ୟର ସମସ୍ତ ୩୦ ଜିଲାରେ ବିଜେଡି ପ୍ରତି ପଞ୍ଚାୟତ ମୁଖ୍ୟାଳୟରେ ସାମୂହିକ ଅଂଶଗ୍ରହଣ ପାଇଁ ଆନ୍ଦୋଳନ କାର୍ଯ୍ୟକ୍ରମ ଆୟୋଜନ କରିବ। ଆସନ୍ତା ୧୬ରେ ବିଜେଡି ପ୍ରତି ଜିଲାପାଳଙ୍କ କାର୍ଯ୍ୟାଳୟ ତଥା ଓଡ଼ିଶାର ପ୍ରତ୍ୟେକ ବ୍ଲକ ସମ୍ମୁଖରେ ଆନ୍ଦୋଳନ କରିବ। ପିଏମ୍‌ଜିକେଏୱାଇ କେନ୍ଦ୍ର ଦ୍ୱାରା ପୁନଃ ଆରମ୍ଭ ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସବୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ଯଦି ତାହା ଶୀଘ୍ର ନ ହୁଏ, ତେବେ ବିଜେଡି ରାସ୍ତାକୁ ଓହ୍ଲାଇ ଗରିବ ଏବଂ ଓଡ଼ିଶାର କୃଷକଙ୍କ ଅଧିକାର ପାଇଁ ଲଢ଼ିବ ବୋଲି ଅରୁଣ ସୂଚନା ଦେଇଛନ୍ତି।

## ଭ୍ରଷ୍ଟାଚାରର ଅଠା ଅନ୍ୟ ମୁଣ୍ଡରେ ଲଦିବାରେ ବିଜେଡି ଓସ୍ତାଦ: ଭାଜପା

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ବିଜେଡିର ୩ ଦିନିଆ ବିକ୍ଷୋଭ ଓ ଆନ୍ଦୋଳନ ଡାକରାକୁ ଭାଜପା କଡ଼ା ଭାଷାରେ ସମାଲୋଚନା କରିଛି। ଭାଜପା କାର୍ଯ୍ୟାଳୟଠାରେ ସୋମବାର ଏକ ଖବରଦାତା ସମ୍ମିଳନୀ କରି ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି, ନିଜେ କରିଥିବା ଦୋଷକୁ ଅନ୍ୟ ମୁଣ୍ଡରେ ଲଦିଦେଇ ବିଜେଡି ରାଜ୍ୟବାସୀଙ୍କୁ ବାରମ୍ବାର ପ୍ରତାରିତ କରିଚାଲିଛି। ବିଜେଡି ନିଜେ କରୁଥିବା ଚଞ୍ଚକତା, ଦୁର୍ନୀତି, ଭ୍ରଷ୍ଟାଚାରର ଅଠା ଅନ୍ୟ ମୁଣ୍ଡରେ ପୋଛି ଦେବାରେ ଓସ୍ତାଦ। ଚାଉଳକୁ ଆୟୁଧ କରି ବିଜେଡି ୨-୨ ଥର ନିର୍ବାଚନ ବୈତରଣୀ ପାରହୋଇଛି। ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ରାଜ୍ୟର ସମସ୍ତ ୩.୨୫ କୋଟି ଲୋକଙ୍କୁ ୫ କେଜି ଚାଉଳ ମାତ୍ର ଟଙ୍କାକରେ ଯୋଗାଇଦେଲେ। ମହାମାରୀ କରୋନା ସଙ୍କଟ ସମୟରେ ସ୍ୱତନ୍ତ୍ର ରିଲିଫ ଭାବେ ଦେଶର ୮୦ କୋଟି ଲୋକଙ୍କୁ ମାଗଣାରେ ୫ କେଜି ଚାଉଳ ସହିତ କେଜିଏ ଡାଲି କେନ୍ଦ୍ର ଯୋଗାଇ ଦେଉଥିଲେ। କରୋନା ସଙ୍କଟ ଯିବା ପର୍ଯ୍ୟନ୍ତ ପ୍ରତ୍ୟେକ ହିତାଧିକାରୀ ସର୍ବମୋଟ ୧୦ କେଜି ଚାଉଳ ଏବଂ ୧ କେଜି ଡାଲି ପାଇଲେ। କରୋନା ଶେଷ ହେବା ପରେ ସ୍ୱତନ୍ତ୍ର ଭାବେ ମିଳୁଥିବା ମାଗଣା ରିଲିଫ୍ ଚାଉଳ ବନ୍ଦ ହେଲା ଏବଂ ଐତିହାସିକ ନିଷ୍ପତ୍ତିକ୍ରମେ ମୋଦି ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମିଳୁଥିବା ଚାଉଳକୁ ସମ୍ପୂର୍ଣ୍ଣ ମାଗଣା କରିଦେଲେ। ତେଣୁ କୋଭିଡ ସମୟରେ ଦିଆଯାଉଥିବା ରିଲିଫ୍ ଚାଉଳକୁ ନେଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ବିଜେଡି ବନ୍ଦ କରୁ ବୋଲି ଗୋଲକ କହିଛନ୍ତି।

# ଆଇନଶୃଙ୍ଖଳା ପରିସ୍ଥିତି: ଆଜିଠୁ ଭାଜପାର ବିକ୍ଷୋଭ

■ ୧୫ରେ ସବୁ ଜିଲା ସଦର ମହକୁମା ଆଗରେ ବିକ୍ଷୋଭ
■ ୧୬ରେ ରାଜଭବନ ଆଗରେ ଧାରଣା

ଭୁବନେଶ୍ୱର, ୧୩।୨(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ର ଓ ଦଳୀୟନେତୃବୃନ୍ଦ।

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଓ ରାଜ୍ୟ ସଭାପତି ସମୀର ମହାନ୍ତି ବାରମ୍ବାର ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରୁଥିଲେ 'ରାଜ୍ୟ ଶାସନ ବ୍ୟବସ୍ଥାକୁ ଚଳାଉଛି କିଏ'। ରାଜ୍ୟବାସୀଙ୍କ ମନ ଭିତରେ ଏହା ଏବେ ପ୍ରମୁଖ ପ୍ରଶ୍ନ ହୋଇ ରହିଯାଇଛି ବୋଲି ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି। ପ୍ରଥମେ ଷ୍ଟୋରି ପ୍ରସ୍ତୁତ ହୋଇ ଚଳଚ୍ଚିତ୍ର ନିର୍ମାଣ କରାଯିବା ଭଳି ରାଜ୍ୟରେ ମଧ୍ୟ ପ୍ରଥମେ ଷ୍ଟୋରି ପ୍ରସ୍ତୁତ କରାଯାଇ ପରେ କ୍ରାଇମ କରାଯାଉଛି। ଏହା ଅତ୍ୟନ୍ତ ବିପଜ୍ଜନକ। ଗତ କିଛିବର୍ଷ ହେଲା ରାଜ୍ୟରେ ସାଇବର କ୍ରାଇମ, ଶିଶୁ ଅପହରଣ, ଲୁଟ୍, ନାରୀ ନିର୍ଯ୍ୟାତନା ଓ ହତ୍ୟା ଭଳି ଅପରାଧ ସଂଖ୍ୟା ଦିନକୁଦିନ ବଢ଼ିଚାଲିଛି। ତେଣୁ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ମଙ୍ଗଳବାରଠାରୁ ଭାଜପା ୩ ଦିନିଆ ଆନ୍ଦୋଳନ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୃଗୁ କହିଛନ୍ତି ଯେ, ରାଜ୍ୟ କ୍ୟାବିନେଟର ଜଣେ ପ୍ରଭାବଶାଳୀ ମନ୍ତ୍ରୀ ନବ ଦାସଙ୍କୁ ସ୍ପଷ୍ଟ ଦିବାଲୋକରେ ଜଣେ ପୋଲିସ ଅଧିକାରୀ ଗୁଳିକରି ହତ୍ୟା କଲେ। ଏଭଳି ସମ୍ବେଦନଶୀଳ ହତ୍ୟାର ତଦନ୍ତ ମଧ୍ୟ ସେହି ଗୃହ ବିଭାଗର କ୍ରାଇମବ୍ରାଞ୍ଚ ଦ୍ୱାରା କରାଯାଉଛି। ଘଟଣାର ୧୫ ଦିନ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କୌଣସିସତ୍ୟାସତ୍ୟ ସାମ୍ନାକୁ ଆସିଲା ନାହିଁ। ଗତ ୨ରୁ ୩ ବର୍ଷ ହେବ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଯେଉଁ ନୂଆ ଘଟଣାମାନ ଘଟୁଛି, ତାହା ଅତୀତରେ କେବେହେଲେ ଓଡ଼ିଶାରେ ଦେଖାଯାଉ ନ ଥିଲା। ଓଡ଼ିଶାରେ ଯଦି ଜଣେ ମନ୍ତ୍ରୀ ସୁରକ୍ଷିତ ନୁହନ୍ତି, ତେବେ ସାଧାରଣ ଲୋକଙ୍କ ଅବସ୍ଥା ନ କହିବା ଭଲ। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମୃତ୍ୟୁର ତଦନ୍ତ ବାଟବଣା ପ୍ରତିବାଦରେ ଆସନ୍ତା ୧୪, ୧୫, ୧୬ରେ ପର୍ଯ୍ୟାୟକ୍ରମେ ରାଜ୍ୟବ୍ୟାପୀ ଭାଜପା ଆନ୍ଦୋଳନ କରିବ। ମଙ୍ଗଳବାର ରାଜଧାନୀର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ୧୫ରେ ରାଜ୍ୟର ସମସ୍ତ ଜିଲା ସଦର ମହକୁମାରେ ବିକ୍ଷୋଭ ପ୍ରଦର୍ଶନ ସହିତ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ। ୧୬ରେ ରାଜ୍ୟ ସରକାରଙ୍କୁ ବରଖାସ୍ତ ଦାବିକରି ରାଜଭବନ ସମ୍ମୁଖରେ ଦଳ ପକ୍ଷରୁ ଧାରଣା ଦିଆଯାଇ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ। ଏହି ଆନ୍ଦୋଳନକୁ ଆଗାମୀ ଦିନରେ ଗାଁ, ପଞ୍ଚାୟତ, ବ୍ଲକରେ କରାଯିବ ବୋଲି ଭୃଗୁ କହିଛନ୍ତି।

## ବାସ୍ତବ ପ୍ରସଙ୍ଗରୁ ନଜର ହଟାଇବାକୁ ପ୍ରୟାସ: ବିଜେଡି

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ଓଡ଼ିଶା ଭାଜପାର ଏହି ଆନ୍ଦୋଳନ କେବଳ ଓଡ଼ିଶାର ବାସ୍ତବ ପ୍ରସଙ୍ଗରୁ ଲୋକଙ୍କ ନଜର ହଟାଇବାକୁ ଆଉ ଏକ ଦୁର୍ବଳ ପ୍ରୟାସ ବୋଲି ବିଜେଡି ମୁଖପାତ୍ର ଗୌତମ ବୁଦ୍ଧ ଦାଶ କହିଛନ୍ତି। ଭାଜପା ଖବରଦାତା ସମ୍ମିଳନୀରେ ଜବାବ ଦେଇ ଗୌତମ କହିଛନ୍ତି, କେନ୍ଦ୍ର ଦ୍ୱାରା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ବନ୍ଦ କରିବା, ଓଡ଼ିଶାକୁ ୭ ଲକ୍ଷ ଘର ଯୋଗାଇ ନ ଦେବା, ଓଡ଼ିଶା ଚାଷୀଙ୍କ ଧାନ କ୍ରୟ ହ୍ରାସ ଏବଂ କେନ୍ଦ୍ର ଦ୍ୱାରା ବଳକା ଚାଉଳ ଉଠାଣ ନ ହେବା ବିଷୟ ଭାଜପା ନେତାମାନେ କେନ୍ଦ୍ର ନିକଟରେ ଉଠାଉ ନାହାନ୍ତି। ସେହିପରି କେନ୍ଦୁପତ୍ର ଉପରେ ୧୮% ଜିଏସ୍‌ଟି ଲଗାଇବା ଏବଂ କେନ୍ଦ୍ର ଦ୍ୱାରା ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ପାସ୍ ନ ହେବା ଭଳି ପ୍ରସଙ୍ଗକୁ ନେଇ ଓଡ଼ିଶା ଭାଜପାର ନେତାମାନେ କେନ୍ଦ୍ରରେ ସେମାନଙ୍କ ଦଳ ଦ୍ୱାରା ଚଳାଯାଉଥିବା ସରକାରଙ୍କ ନିକଟରେ ଉଠାଇବା ଆବଶ୍ୟକ। ବିଭିନ୍ନ ଅପ୍ରସଙ୍ଗ ଉଠାଇ ଓଡ଼ିଶା ଏବଂ ଏହାର ସାଢ଼େ ୪ କୋଟି ଓଡ଼ିଆଙ୍କୁ ବଦନାମ କରିବାକୁ ରାଜ୍ୟ ଭାଜପା ଚେଷ୍ଟା କରୁଥିବାର ଏହା ଆଉ ଏକ ଉଦାହରଣ। ଭାରତର ଅନେକ ଭାଜପା ଶାସିତ ରାଜ୍ୟ ଅପେକ୍ଷା ଓଡ଼ିଶାର ଆଇନଶୃଙ୍ଖଳା ସ୍ଥିତି ବହୁତ ଭଲ। ଯଦି ଆମେ ଏହିପରି ପ୍ରତ୍ୟେକ ରାଜ୍ୟର ସମ୍ପୂର୍ଣ୍ଣ ବିବରଣୀ ଦେବା ଆରମ୍ଭ କରିବୁ, ତେବେ ରାଜ୍ୟବାସୀଙ୍କ ଆଗରେ ଓଡ଼ିଶା ଭାଜପା ପାଇଁ ଲଜ୍ଜାଜନକ ହେବ। ତେଣୁ ଭାଜପାର ଜ୍ଞାନ ଉଦୟ ହେବ ଓ ସେମାନେ ଓଡ଼ିଶାର ବିକାଶ ତଥା ଅଭିବୃଦ୍ଧି ପାଇଁ କହିବେ ଏବଂ ସେମାନଙ୍କର ଚିରାଚରିତ ଅଭ୍ୟାସ ଭଳି ବଦନାମ କରିବେ ନାହିଁ ବୋଲି ଗୌତମ କହିଛନ୍ତି।


# Classified Everyday
0674-2580101, 2549949


REAL ESTATE

SALE

Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494. D-2693

Two duplex houses 1200sqft. with land 1024sqft. each at Vaishnov Enclave in Jaydev Vihar for sale. For details Contact- 9437024647, 9098913483.(No Brokers Please). D-2754

IIT ଭୁବନେଶ୍ୱର ଅରଗୁଳ ଷ୍ଟେସନ ବଜାରଠାରେ sqft.-199/- plot possession ସହିତ ବିକ୍ରିହେବ। 6370077932. D-74816

Bhubaneswar Puri Bypass Sai Mandir NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୁଳିଆ ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ବିକ୍ରିହେବ। 9438525948, 7064468390. D-74812

Commercial cum residential plot at Brahmanjharilo, Cuttack (Niali road) 6k.m. to Phulnakhara, 11k.m. to Bhubaneswar. 7809525452. D-74636

ନଖରା-ନିଆଳି ମେନ୍‌ରୋଡ୍‌କୁ ଲାଗି East Engg. କଲେଜକୁ ଲାଗି ରୋଡ୍, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେବ। 7978729819. D-74815

Immediate ଘରକରି ରହିବା ପାଇଁ ବାଲକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186. D-74638

Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667. D-2628

ଭୁବନେଶ୍ୱର-ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

ଭୁବନେଶ୍ୱର KISS School ପାଖରୁ 4.5. k.m. ଦୂରତାରେ bypass NHକୁ ଲାଗି Electric possession ହୋଇଥିବା plot ବିକ୍ରିହେବ। 6370077932. D-74817

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

New Cancer Hospital ନାଇକର, କଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73683

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

AFFIDAVIT

By virtue of an affidavit before the Executive Magistrate, Bhubaneswar, I have changed my name from Dalina Panda to Seema Tripathy. Henceforth, I shall be known Seema Tripathy, W/o- Deepak Kumar Tripathy for all future purposes. D-74642


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74186

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2583

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Newly open full body massage ladies and gents. 9861883292, 8093860513. D-74637

Relax, Refresh your Body, Mind at Saikrupa Spa with best therapies. 8984068077. D-2744

Newly open health benefits SPA special offer @999 Nayapalli. 7846814019. D-73682

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ପ୍ରଭାତୀ ପ୍ରଧାନ
ଅମଳାପଡ଼ା, ଅନୁଗୋଳ
ଆବିର୍ଭାବ- ତା୨୦।୧୧।୧୯୪୮
ତିରୋଧାନ- ତା୦୪।୦୨।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ: ରାମଚନ୍ଦ୍ର ପ୍ରଧାନ, ବଡ଼ପୁଅ: ସରୋଜ କୁମାର ପ୍ରଧାନ, ବୋହୂ: ରଶ୍ମିରେଖା ପ୍ରଧାନ, ମଝିଆ ପୁଅ: ମନୋଜ କୁମାର ପ୍ରଧାନ, ବୋହୂ: ବିନୋଦିନୀ ସାହୁ, ସାନପୁଅ: ବନୋଜ କୁମାର ପ୍ରଧାନ, ବୋହୂ: ଜୟଶ୍ରୀ ସ୍ୱାଇଁ, ନାତି: ଶୁଭ୍ରାଂଶୁ ସ୍ୱାଇଁ, ୨ ନାତୁଣୀ: (୧) ଅନୁଷ୍କା ପ୍ରଧାନ (ବଡ଼), (୨) ଦେବାଂଶୀ ପ୍ରଧାନ (ସାନ)
ଧ-୨୭୫୫

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କିଚେନ୍ କପଡ଼ା କଳା ପଡ଼ିଗଲେ



କିଚେନ୍‌କୁ ସଫା କରିବା ଲାଗି ଅଧିକାଂଶ ମହିଳା କପଡ଼ା ବ୍ୟବହାର କରିଥାନ୍ତି। ରୋଷେଇ କରିବା ସମୟରେ ହାତ ପୋଛିବା ପାଇଁ କପଡ଼ାର ସାହାଯ୍ୟ ନେଇଥାନ୍ତି। ଯାହାଦ୍ୱାରା କିଚେନ୍‌ର ଟାୱେଲ ଧୀରେ ଧୀରେ କଳା ପଡ଼ିଯାଏ। ଏମିତିରେ କିଛି ସହଜ ଉପାୟ ଆପଣାଇ ଏହାକୁ ସଫା କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ...

କିଚେନ୍ କପଡ଼ାରେ ତେଲ ମସଲା ଦାଗ ଲାଗିଯାଏ। ଏହାକୁ ଖାଲିରେ ସଫା କଲେ ଏହା ଭଲଭାବେ ସଫା ହୁଏନାହିଁ। ଏହି ଟାୱେଲରେ ଲାଗିଥିବା ଦାଗ ଅନହାଇଜେନିକ ହୋଇଥାଏ। ଏବେ ଏହି କପଡ଼ାକୁ ସଫା କରିବାକୁ ହେଲେ ପ୍ରଥମେ ଗରମପାଣିର ସହାୟତା ନେଇପାରିବେ। ପ୍ରଥମେ ଗରମ ପାଣି ନିଅନ୍ତୁ । ସେଥିରେ ଅଳ୍ପ ଡିଟରଜେଣ୍ଟ ପକାଇ ପୋଛାହୋଇଥିବା କପଡ଼ାକୁ ସେଥିରେ ପକାନ୍ତୁ। ଆଉ କିଛି ସମୟ ପରେ ଏହାକୁ ଭଲଭାବେ ରଗଡ଼ି ସଫା କରନ୍ତୁ। ପରେ ଏହାକୁ ଭଲଭାବେ ଧୋଇ ଖରାରେ ଶୁଖାଇ ଦିଅନ୍ତୁ।

# ସ୍ପେଶାଲ ହେବ ଭାଲେଣ୍ଟାଇନ୍ସ ଡେ

**ଏହିଦିନ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇଥାଏ। ପାର୍ଟନରଙ୍କ ହୃଦୟରେ କିପରି ଘର କରି ପାରିବେ ସେଥିପାଇଁ କିଛି ସ୍ପେଶାଲ ଗିଫ୍ଟ ପ୍ଲାନିଂ କରନ୍ତୁ। ଯାହାକୁ ଦେଖି ଆପଣଙ୍କ ପାର୍ଟନର ବହୁତ ଖୁସି ହୋଇଯିବେ...**




**ମୋବାଇଲ କଭର:** ସ୍ୱାମୀଙ୍କୁ ଯଦି କିଛି ଉପହାର ଦେବାକୁ ଚାହୁଁଛନ୍ତି ତେବେ ପ୍ଲେନ୍ ମୋବାଇଲ କଭର ଉପରେ ପର୍ଲ କିମ୍ବା ଷ୍ଟୋନ୍ ସାହାଯ୍ୟରେ ହାର୍ଟ ସେପ୍ କରି ସଜାଇ ଦେଇପାରିବେ। ନିଜ ପାର୍ଟନରଙ୍କୁ ଭଲ ଲାଗୁଥିବା ଫଟୋକୁ ଟ୍ରାନ୍ସପରେଣ୍ଟ କଭରରେ ଲଗାଇ ରେଜିନ୍ ସଲ୍ୟୁସନ୍ ଦ୍ୱାରା କଭର ଲଗାଇ ପାରିବେ।

**ଗ୍ରିଟିଂସ୍ କାର୍ଡ:** ଯୁଗ ଯେତେ ବଦଳିଲେ ମଧ୍ୟ ଗ୍ରିଟିଂସ୍ କାର୍ଡର ଚାହିଦା ଏବେ ବି କମିନି। ଏଥିରେ ଆପଣ ଭଲ କୋଟେଶନ ମାଧ୍ୟମରେ ନିଜ ଭାବନାକୁ ଲେଖି ଗିଫ୍ଟ କରନ୍ତୁ।

**ଫଟୋକୋଲାଜ୍:** ନିଜର କିଛି ସ୍ମରଣୀୟ ମୁହୂର୍ତ୍ତକୁ ମନେରଖିବାକୁ ହେଲେ ଆପଣ କିଛି ଫଟୋକୁ କୋଲାଜ୍ କରି ଏକ ଫଟୋଫ୍ରେମ୍‌ରେ ସଜାଇ ପାର୍ଟନରକୁ ଉପହାର ସ୍ୱରୂପ ଦେଇପାରିବେ।

**ରେଜିନ୍ ସୋ ପିସ୍:** ଏବେ ରେଜିନ୍ ସୋ ପିସ୍‌ର ବେଶି ଚାହିଦା ରହିଛି। ଆପଣ କୌଣସି ପେନ୍ ହୋଲ୍‌ଡର କିମ୍ବା ହାର୍ଟ ସେପ୍ ତିଆରି କରି ତାଙ୍କୁ ଦେଇପାରିବେ। କିଛି ଛୋଟ ଛୋଟ ଜିନିଷକୁ ଏଥିରେ ଭରି ମଧ୍ୟ ସଜାଇ ରଖିପାରିବେ।



# ବ୍ୟାଙ୍କ ଲକର ନେବା ପୂର୍ବରୁ...





ବର୍ତ୍ତମାନ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ସେମାନେ ରୋଜଗାର କରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇପାରୁଛନ୍ତି। ଏବେ ଅନେକ ମହିଳା ନିଜ ଉପାର୍ଜିତ ଟଙ୍କା ରଖିବା କିମ୍ବା ଲୋନ୍ ବିଷୟରେ ବ୍ୟାଙ୍କ ସହ ନିଜକୁ ଜଡ଼ିତ ରଖୁଛନ୍ତି। ଯଦି ସେମାନେ ସେଠାରେ ଲକର ସୁବିଧା ନେଉଛନ୍ତି ତେବେ ସେ ବିଷୟରେ ବିଶଦ ଭାବରେ ଜାଣିବା ନିହାତି ଦରକାର। ମୂଲ୍ୟବାନ୍ ଜିନିଷକୁ ସୁରକ୍ଷିତ





ରଖିବା ଲାଗି ବ୍ୟାଙ୍କ ଲକର ଏକ ଉତ୍ତମ ବିକଳ୍ପ କହିଲେ ଅତ୍ୟୁକ୍ତି ହେବନାହିଁ।

**ସୁରକ୍ଷା ଜମା ଲକର୍ସ :** ନିଜର ବହୁମୂଲ୍ୟ ବସ୍ତୁକୁ ସୁରକ୍ଷା ପାଇଁ ଲକର ସୁବିଧା ଆପଣଙ୍କୁ ସୁରକ୍ଷିତ, ବିଶ୍ୱସନୀୟ ସ୍ଥାନରେ ତାକୁ ଷ୍ଟୋର କରିବାକୁ ସୁବିଧା ପ୍ରଦାନ କରିଥାନ୍ତି। ଗ୍ରାହକଙ୍କୁ ଏହାର ବାର୍ଷିକ ଦେୟ ସ୍ୱଳ୍ପ ଆକାରରେ ପୁଣି ଅଗ୍ରିମ ଦେବାକୁ ପଡ଼ିଥାଏ। ବ୍ୟାଙ୍କ ଲକର ସୁବିଧା ଦେଉଥିବା ସମୟରେ ବ୍ୟାଙ୍କ ଏଫ୍‌ଡିଆର୍ ରୂପରେ ନ୍ୟୂନତମ ସୁରକ୍ଷା ଜମା ପ୍ରାପ୍ତ କରିଥାଏ। ଯାହା ବ୍ୟାଙ୍କ ଦ୍ୱାରା ସମୟ ସମୟରେ ନିର୍ଦ୍ଧାରଣ କରାଯାଇଥାଏ।

**କିପରି ମିଳେ ଲକର:** ଯଦି ଆପଣ ବ୍ୟାଙ୍କରୁ ଲକର ନେବାକୁ ଚାହୁଁଥାନ୍ତି ତେବେ ବ୍ୟାଙ୍କରେ ସେଭିଂ ଖାତା ଥିବା ଆବଶ୍ୟକ। ଏହା ସହିତ ଦୁଇଟି ଫଟୋ, ଗୋଟିଏ ଷ୍ଟାମ୍ପ ପେପର ସହିତ ୧୦ହଜାର ଟଙ୍କାର ଏଫ୍‌ଡି (ଫିକ୍ସଡ ଡିପୋଜିଟ୍) ନେବା ବହୁତ ଜରୁରୀ।

**କିପରି ଖୋଲେ ଲକର:** ଲକର ଖୋଲିବାର ଆଇଡି ପ୍ରୁଫ୍ ଦେଖିବା ପରେ ଲକର ନେଉଥିବା ବ୍ୟକ୍ତିଙ୍କର ହସ୍ତାକ୍ଷର ମିଳାଇଥାନ୍ତି। ଏହା ପରେ ଲକରର ଚାବି ଦିଆଯାଇଥାଏ। ଲକର ସାଧାରଣତଃ ତିନୋଟି ସାଇଜର ହୋଇଥାଏ। ସ୍ମଲ୍, ମିଡିୟମ ଓ ଲାର୍ଜ। ଏହାକୁ ଖୋଲିବା ସମୟରେ ଏକାସଙ୍ଗରେ ଦୁଇଟି ଚାବିର ଆବଶ୍ୟକତା ହୋଇଥାଏ। ଗୋଟିଏ ଚାବି ଗ୍ରାହକ ପାଖରେ ରହୁଥିବା ବେଳେ ଆଉ ଗୋଟେ ଚାବି ବ୍ୟାଙ୍କ ନିକଟରେ ରହିଥାଏ।

**ଲକରର ବ୍ୟବହାର:** ଲକରର ଚାବି ଦାୟିତ୍ୱ ସହକାରେ ରଖନ୍ତୁ। ଏହା ହଜିଗଲେ ଡୁପ୍ଲିକେଟ୍ ଚାବି ପ୍ରସ୍ତୁତ ହେବା ପାଇଁ କାଠିକର ପାଠ ହୋଇଥାଏ। ଆପଣ ଯେଉଁଠି ଚାବି ରଖୁଛନ୍ତି ଆପଣଙ୍କର ଯିଏ ବିଶ୍ୱସ୍ତ ବ୍ୟକ୍ତି ଏ ବିଷୟରେ ସୂଚନା ତାଙ୍କ ନିକଟରେ ରହିବା ଆବଶ୍ୟକ।

**କେତେ ସୁରକ୍ଷିତ:** ବ୍ୟାଙ୍କ ଲକର ଦାମୀ ଜିନିଷକୁ ସୁରକ୍ଷିତ ଓ ଗୋପନୀୟ ରଖିବାରେ ସହାୟକ ହୋଇଥାଏ। ଏହା ବ୍ୟତୀତ ବ୍ୟାଙ୍କରେ ଥିବା ଇଲେକ୍ଟ୍ରିକ୍ ସର୍ଭିଲାନ୍ସ ଏବଂ ଅନ୍ୟ ପ୍ରକାର ସୁବିଧା ରହିଥାଏ। ସେଥିପାଇଁ ଏହା ଭାଙ୍ଗିବା ଏତେଟା ସହଜ ହୋଇ ନ ଥାଏ।

**ବୀମା ବି ଜରୁରୀ:** ବଜାରରେ ଏମିତି କେତେକ ବୀମା କମ୍ପାନୀ ରହିଛି ଯେଉଁମାନେ କି ବ୍ୟାଙ୍କ ଲକର ଓ ଘରେ ରହୁଥିବା ମୂଲ୍ୟବାନ୍ ଜିନିଷକୁ କଭର କରିପାରୁଥିବେ। ଏଥିପାଇଁ ଆପଣ ଏମିତି ପଲିସି ଚୟନ କରନ୍ତୁ, ଯାହା ଘର ସହିତ ବ୍ୟାଙ୍କ ଲକରକୁ ମଧ୍ୟ ସୁରକ୍ଷା ଦେଇପାରୁଥିବ। ଏହା ଘରର ମୂଲ୍ୟବାନ୍ ଜିନିଷ ଓ ଆଭୂଷଣ ମଧ୍ୟ ସାମିଲ ହୋଇଥାଏ। ଏହା ଚୋରି ହୋଇଗଲେ କିମ୍ବା ଆପଦ୍ ପରିସ୍ଥିତିରେ ଇନ୍‌ସ୍ୟୁରାନ୍ସ ଦ୍ୱାରା କ୍ଷତି ଭରଣା କରାଯାଇଥାଏ।

**ସୁରକ୍ଷିତ ରହିବ କାଗଜପତ୍ର:** ବ୍ୟାଙ୍କ ଲକରରେ ଆପଣ କ'ଣ ରଖୁଛନ୍ତି ଓ ନେଉଛନ୍ତି ଏହାର ସୂଚନା ବ୍ୟାଙ୍କ ପାଖରେ ନ ଥାଏ। ଏପରି ସ୍ଥିତିରେ ଯଦି ବ୍ୟାଙ୍କରେ ଚୋରି ହେଉଛି, ନିଆଁ ଲାଗି ଯାଉଛି କିମ୍ବା ବନ୍ୟାରେ ଜିନିଷ ନଷ୍ଟ ହୋଇଯାଉଛି ସେ ସମୟରେ ଏହାର ମୂଲ୍ୟାୟନ କରିବା ବହୁତ କଷ୍ଟ ହୋଇଥାଏ। ଏହି ପରିସ୍ଥିତିରୁ ରକ୍ଷା ପାଇବାକୁ ହେଲେ ଲକରରେ ରଖାଯାଇଥିବା ଗହଣା କିମ୍ବା ଅନ୍ୟ କିଛି କାଗଜପତ୍ରର ରସିଦ୍ ଯତ୍ନ ସହକାରେ ରଖିବା ଆବଶ୍ୟକ। ବହୁତ ଭଲ ହେବ କୌଣସି ଏକ ବଡ଼ ଜୁଏଲେରି ଦ୍ୱାରା ମୂଲ୍ୟାଙ୍କନ କରି ଏହାର ପ୍ରମାଣପତ୍ର ନିଜ ପାଖରେ ରଖନ୍ତୁ। କ୍ଲେମ୍ କରିବା ସମୟରେ ଏହି ପ୍ରମାଣପତ୍ର ବହୁ କାମରେ ଆସିପାରିବ।

**ଲକରର ଶୁଳ୍କ:** ଆପଣଙ୍କ ଆବଶ୍ୟକତାକୁ ଲକ୍ଷ୍ୟକରି ବ୍ୟାଙ୍କ ଆପଣଙ୍କୁ ଲକର ପ୍ରଦାନ କରିଥାଏ। ଏଥିସହ ଆକାର ଏବଂ ଶାଖା ଅନୁଯାୟୀ ଶୁଳ୍କ ମଧ୍ୟ ନିର୍ଦ୍ଧାରଣ କରିଥାନ୍ତି। ବଡ଼ ସହରରେ ଲକର ସୁବିଧା ନେବା ପରେ ଅଧିକ ଶୁଳ୍କ ଦେବାକୁ ପଡୁଥିବା ବେଳେ ଛୋଟ ସହରରେ ଶୁଳ୍କ କମ୍ ଦେବାକୁ ପଡ଼ିଥାଏ। ଏହା ବ୍ୟତୀତ ଗ୍ରାହକଙ୍କ ବ୍ୟବହାର ଦେଖି ଏହାର ଶୁଳ୍କ ମଧ୍ୟ ନିର୍ଦ୍ଧାରଣ କରିଥାନ୍ତି।

**ଇ-ଲକରର ସୁବିଧା:** ପାରମ୍ପରିକ ଲକର ବ୍ୟତୀତ ଏବେ ବ୍ୟାଙ୍କ କିଛି କମ୍ପାନୀ ଲୋକଙ୍କ ଆବଶ୍ୟକତାକୁ ନଜରରେ ରଖି ଇ-ଲକର ସୁବିଧା ଦେଉଛନ୍ତି। ଏଥିସହ ଆବଶ୍ୟକ ଦସ୍ତାବିଜର ସଫ୍ଟ କପିକୁ ସୁରକ୍ଷିତ ରଖିପାରିବେ। ପ୍ରପର୍ଟିର କାଗଜପତ୍ର, ଲୋନ୍ କାଗଜପତ୍ର, ଟ୍ୟାକ୍ସ ସାର୍ଟିଫିକେଟ୍ ଲୋନ୍ ପେପର୍ସ, ବୀମା ପଲିସି, ଡ୍ରାଇଭିଂ ଲାଇସେନ୍ସ, ପାନ୍‌କାର୍ଡ, ପାସ୍‌ପୋର୍ଟ, ଭୋଟର କାର୍ଡ ଆଦି ସୁରକ୍ଷିତ ରଖିପାରିବେ।

**ଜଏଣ୍ଟ ଲକର:** ଜଏଣ୍ଟ ଆକାଉଣ୍ଟ ପରି ଜଏଣ୍ଟ ଲକରର ସୁବିଧା ମଧ୍ୟ ବ୍ୟାଙ୍କ ଦେଇଥାଏ। ଏଥିରେ ୨ଜଣ ବ୍ୟକ୍ତି ଗୋଟିଏ ସଂଜ୍ଞା ନେଇ ଲକର ଖୋଲିପାରିବେ। ଯିଏ ବି କେହି ତନ୍ମଧ୍ୟରୁ ଯାଇ ଲକର ଖୋଲିପାରିବେ। ସ୍ୱାମୀ-ସ୍ତ୍ରୀଙ୍କ ପାଇଁ ଗୋଟିଏ ଲକର ଦିଆଯାଇଥାଏ। କାରଣ ଗୋଟିଏ ଶୁଳ୍କରେ ଦୁଇଜଣଙ୍କୁ ବ୍ୟାଙ୍କ ଲକରର ସୁବିଧା ମିଳିଥାଏ।

**ଲକର ନେଇଥିଲେ ଆପଣଙ୍କୁ ଗୋଟିଏ ବର୍ଷରେ ଅତିକମ୍‌ରେ ଦୁଇଥର ଭିଜିଟ୍ କରିବାକୁ ପଡ଼ିଥାଏ। ବ୍ୟାଙ୍କରେ ଆପଣ ଲକର ସୁବିଧା ପାଉଥିଲେ ସେଥିପାଇଁ କିଛି ଦେୟ ମଧ୍ୟ ଦେବାକୁ ପଡ଼େ। ତେବେ ଏହା ପୂର୍ବରୁ କେଉଁ କଥାକୁ ଧ୍ୟାନ ରଖିବେ ଓ ନିଜର ମୂଲ୍ୟବାନ୍ ଜିନିଷକୁ ସୁରକ୍ଷିତ ରଖିପାରିବେ ଜାଣନ୍ତୁ ଏ ସମ୍ପର୍କରେ...**

## ଏମାନେ କ'ଣ କୁହନ୍ତି



**ଲକର ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ:**
*-ନୂପୁର ଚୌଧୁରୀ, ବରିଷ୍ଠ ଶାଖା ପ୍ରବନ୍ଧକ, କାନାରା ବ୍ୟାଙ୍କ, ବିଶାଖାପାଟଣା*

ଯଦି ଆପଣ ବ୍ୟାଙ୍କରେ ଲକର ସୁବିଧା ଉପଲବ୍ଧ କରିବାକୁ ଚାହୁଁଛନ୍ତି ତାହାଲେ ଆପଣ ବ୍ୟାଙ୍କରେ ଏକ୍‌ଜିଷ୍ଟିଂ କଷ୍ଟମର ହେବା ସହିତ ଆପଣଙ୍କର ଆକାଉଣ୍ଟ କେୱାଇସି କମ୍ପ୍ଲାଇନଡ୍ ହୋଇଥିବା ଦରକାର। ଲକର ସୁବିଧା ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ରଖିବାକୁ ହେଲେ ଗୋଟିଏ ମାଷ୍ଟର କି ବ୍ୟାଙ୍କ ପାଖରେ ଥିବା ବେଳେ ଆଉ ଗୋଟେ ୟୁନିକ୍ କି କଷ୍ଟମର ନିକଟରେ ରହିଥାଏ। ଯାହାର ଡୁପ୍ଲିକେଟ୍ କି ବ୍ୟାଙ୍କ ପାଖରେ ନ ଥାଏ କି କମ୍ପାନୀ ନିକଟରେ ନ ଥାଏ। ଆପଣ ଲକରରେ ଯେକୌଣସି ମୂଲ୍ୟବାନ୍ ଜିନିଷ ରଖୁଛନ୍ତି ତା ବିଷୟରେ କୌଣସି ପ୍ରକାର ତଥ୍ୟ ବ୍ୟାଙ୍କ ଆପଣଙ୍କୁ ପଚାରେନି। ଆପଣ ଲକରରେ ରଖିଥିବା ଜିନିଷ ସୁରକ୍ଷିତ। ସେଥିପାଇଁ ବ୍ୟାଙ୍କରେ ଇନ୍‌ସ୍ୟୁରାନ୍ସ ସୁବିଧା ଥାଏ। ଯଦି ଆପଣ ଲକରଟିକୁ ୬ ମାସରୁ ଅଧିକ ସମୟ ଧରି ନନ୍ ଅପରେଶନ କରୁଛନ୍ତି କିମ୍ବା ବାର୍ଷିକ ଶୁଳ୍କ ଠିକ୍ ସମୟରେ ପଇଠ ନ କରୁଛନ୍ତି ସେହି କ୍ଷେତ୍ରରେ ବ୍ୟାଙ୍କ ଆପଣଙ୍କୁ ରିପିଟେଡ୍ ନୋଟିସ୍ ଦେଲା ପରେ ଯଦି ଆପଣ ରେସ୍‌ପଣ୍ଡ କରନ୍ତି ନାହିଁ, ଏହି କ୍ଷେତ୍ରରେ ସାକ୍ଷୀଙ୍କ ଉପସ୍ଥିତିରେ ବ୍ୟାଙ୍କ ବ୍ରେକ୍ ଓପନ କରିଥାଏ। ଯଦି ବି ଆପଣ ଲକର ଚାବି ହଜାଇଥାନ୍ତି ସେ କ୍ଷେତ୍ରରେ ମଧ୍ୟ ବ୍ରେକ୍ ଓପନ୍ ବ୍ୟାଙ୍କ କରାଇଥାଏ। ବ୍ରେକ୍ ଓପନ୍‌ର ଚାର୍ଜେସ ରିକଭରୀ କରିବା ପାଇଁ ଗୋଟିଏ ଫିକ୍ସ ଡିପୋଜିଟ୍ ଲକର ଏଗେନେଷ୍ଟରେ ରଖିଥାନ୍ତି। ଫିକ୍ସ ଡିପୋଜିଟ୍ ଆକାରରେ କିଛି ନିର୍ଦ୍ଧାରିତ ଆମାଉଣ୍ଟ ବ୍ୟାଙ୍କ ରଖିଥାଏ।



**କୌଣସି ଅସୁବିଧା ହୋଇନାହିଁ:**
*-ଅଳକାନନ୍ଦା ପଟ୍ଟନାୟକ,* କନିଷ୍ଠ ସହାୟିକା, ଓଡ଼ିଶା କାଉନସିଲ୍ ଅଫ୍ ମେଡିକାଲ ରେଜିଷ୍ଟ୍ରେଶନ, ଭୁବନେଶ୍ୱର

ମୁଁ ପ୍ରାୟ ୨୦ବର୍ଷ ହେଲାଣି ଲକର ନେଲିଣି। ଯେହେତୁ ଆଜିକାଲି ଚୋରି ଡକାୟତି ବଢ଼ିଗଲାଣି ସେଥିପାଇଁ ଘରେ ସୁନାଗହଣା ରଖିବା ସୁରକ୍ଷିତ ନୁହେଁ। ଏଥିପାଇଁ ଆମେ ସବୁ ଜିନିଷ ବ୍ୟାଙ୍କ ଲକରରେ ରଖୁଛୁ। ମୁଁ କହିବି କି ଲକର ନେବା ଦ୍ୱାରା ଆପଣଙ୍କ ଜିନିଷ ସୁରକ୍ଷିତ ରହିପାରିବ। ଏହା ନେବା ଦ୍ୱାରା କିଛି ବି ଅସୁବିଧା ଏ ପର୍ଯ୍ୟନ୍ତ ହୋଇନାହିଁ।

## ସୌନ୍ଦର୍ଯ୍ୟ

# ଅଫିସ୍ ପରେ ପାର୍ଟି ଯିବାର୍ ଥିଲେ....



**କେବେ କେବେ ମହିଳାଙ୍କୁ ଅଫିସ୍ ପରେ ଘରକୁ ଯାଇ ମେକ୍‌ଅପ୍ ନେବାକୁ ସମୟ ମିଳେନାହିଁ। ସେଥିପାଇଁ ପ୍ରଫେସନାଲ ମେକ୍‌ଅପ୍ ଲୁକ୍ ସହିତ ପାର୍ଟିକୁ ଯିବାକୁ ପଡ଼ିଥାଏ। ଏଥିପାଇଁ ପୂରା ମେକ୍‌ଅପ୍ କିଟ୍ ସାଥିରେ ନେଇଯିବା ସମ୍ଭବ ହୁଏନାହିଁ। ଏଥିପାଇଁ ଆମେ ଆପଣଙ୍କୁ ଆସେସିୟଲ ମେକ୍‌ଅପ୍ ପ୍ରଡକ୍ଟ ବିଷୟରେ ସୂଚନା ଦେଉଛୁ ,ଯାହାକୁ ଆପଣ ନିଜ ହ୍ୟାଣ୍ଡ ବ୍ୟାଗ୍‌ରେ କ୍ୟାରି କରିପାରିବେ।**

**ଫାଉଣ୍ଡେଶନର ବ୍ୟବହାର:** ଫାଉଣ୍ଡେଶନର ବ୍ୟବହାର ମେକ୍‌ଅପ୍ ବେସ୍‌କୁ ପ୍ରୋଭାଇଡ୍ କରିବାରେ ସାହାଯ୍ୟ କରିଥାଏ। ଏମିତିରେ ପ୍ରଥମେ ଆପଣଙ୍କୁ ମୁହଁକୁ ଭଲଭାବେ ଫେସ୍‌ୱାଶ୍ ସାହାଯ୍ୟରେ ସଫାକରି ଟିସୁ ପେପର ସାହାଯ୍ୟରେ ଭଲଭାବେ ପୋଛନ୍ତୁ। ଏବେ ମୁହଁରେ ଫାଉଣ୍ଡେଶନ ଲଗାନ୍ତୁ। ଆପଣ ସ୍କିନ୍ ଅନୁଯାୟୀ ଫାଉଣ୍ଡେଶନ ଚୟନ କରନ୍ତୁ।

**କନସିଲରର ସାହାଯ୍ୟ ନିଅନ୍ତୁ:** କନସିଲର ମୁହଁରୁ ଦାଗକୁ ଲୁଚାଇବାରେ ସାହାଯ୍ୟ କରି ଏହା ମେକ୍‌ଅପ୍‌କୁ ଫିନିସିଂ ଲୁକ୍ ଦେବା ପାଇଁ ସାହାଯ୍ୟ କରିଥାଏ। ଏମିତିରେ କନସିଲରକୁ ଟ୍ରାଇଙ୍ଗଲ ଶେପ୍‌ରେ ହଲ୍‌କା ହଲ୍‌କା ଶେପ୍ ଦିଅନ୍ତୁ। ଏହାପରେ ମୁହଁରେ ଟ୍ରାନ୍ସଲୁସେଣ୍ଟ ପାଉଡର ଲଗାନ୍ତୁ। ଏହାଦ୍ୱାରା ଆପଣଙ୍କ ମୁହଁ ଗ୍ଲୋ ନଜର ଆସିବ।

**ଆଇଲାଇନର ଲଗାନ୍ତୁ:** ବେଷ୍ଟ ମେକ୍‌ଅପ୍ ଲୁକ୍ କ୍ୟାରି କରିବାକୁ ହେଲେ ଆଇ ମେକ୍‌ଅପ୍ ଉପରେ ଧ୍ୟାନ ଦେବା ବହୁତ ଜରୁରୀ। ଏମିତିରେ ଆଖିରେ ଆଇଲାଇନର ମେକ୍‌ଅପ୍ ଲଗାଇବାକୁ ହେଲେ ହ୍ୱାଇଟ୍ ପେନ୍‌ସିଲ୍ ବ୍ୟବହାର କରିବା ଭଲ ଅପ୍‌ସନ୍ ହୋଇପାରିବ। ଏଥିସହ ଆଖିରେ ୱାଟର ଲାଇନ୍ ଲଗାଇ ନିଜ ଲୁକ୍‌କୁ ବଦଳାଇ ପାରିବେ।

**କାଜଲ ଲଗାନ୍ତୁ:** କାଜଲକୁ ଆଇ ମେକ୍‌ଅପ୍‌କୁ ଆସେଶିୟଲ ପାର୍ଟ ଧରିନେବାକୁ ପଡ଼ିବ। କାଜଲ୍‌ର ବ୍ୟବହାର ଆଖିକୁ ହାଇଲାଇଟ୍ କରିବା ସହ ମୁହଁର ସୁନ୍ଦରତା ବଢ଼ାଇଥାଏ। ଏମିତିରେ ଆଇଲାଇନର ଲଗାଇବା ପରେ ଆଖିରେ କାଜଲ ଲଗାଇବାକୁ ଭୁଲନ୍ତୁ ନାହିଁ।

**ଫେସ୍ ପାଉଡରର ଟଚ୍‌ଅପ୍:** ଫେସ୍ ପାଉଡର ବ୍ୟବହାର କରି ଆପଣ ମେକ୍‌ଅପ୍‌କୁ ଫାଇନାଲ ଟଚ୍‌ଅପ୍ ଦେଇପାରିବେ। ଏମିତିରେ ଆଇଲାଇନର ଲଗାଇବା ପରେ କାଜଲ ଲଗାଇବାକୁ ଭୁଲନ୍ତୁ ନାହିଁ।



**ଲିପ୍‌ଷ୍ଟିକ୍ ବ୍ୟବହାର କରନ୍ତୁ:** କମ୍ପ୍ଲିଟ୍ ମେକ୍‌ଅପ୍ ଲୁକ୍‌କୁ କ୍ୟାରି କରିବାକୁ ଶେଷରେ ଲିପ୍‌ଷ୍ଟିକ୍ ଲଗାଇବାକୁ ଭୁଲନ୍ତୁ ନାହିଁ। ଏଥିପାଇଁ ଓଠରେ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏବେ ଦୁଇ ଓଠ ମଝିରେ ଟିସୁ ପେପର ରଖି ଓଠକୁ ପ୍ରେସ୍ କରନ୍ତୁ। ଏହାପରେ ଓଠରେ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏହାଦ୍ୱାରା ଆପଣଙ୍କ ଓଠ ସୁନ୍ଦର ଲାଗିଥାଏ।

## ଖାଦ୍ୟରୁଚି

# ମସଲା କର୍ନ ଚାଟ୍

**ଆବଶ୍ୟକ ସାମଗ୍ରୀ**

ଏକ ଗିନା କର୍ନ, କଟା ପିଆଜ ଗୋଟେ ଗିନା, ଟମାଟୋ ୧ ଗିନା, କଟା ହୋଇଥିବା କଞ୍ଚାଲଙ୍କା ୨ଟି, ସ୍ୱାଦ ଅନୁସାରେ ଲୁଣ, ଜିରା ପାଉଡର ଅଧା ଚାମଚ, ଚାଟ୍ ମସଲା ଅଧା ମସଲା, ଲେମ୍ବୁରସ ଏକ ଛୋଟ ଚାମଚ, ଧନିଆ ପତ୍ର ଗାର୍ନିସ୍ ପାଇଁ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ କର୍ନକୁ ପାଣିରେ ପକାଇ ସିଝାଇ ଦିଅନ୍ତୁ। ଏହାପରେ ପିଆଜ, ଟମାଟୋ, କଞ୍ଚାଲଙ୍କା ଧନିଆ ପତ୍ରକୁ ଛୋଟ ଛୋଟ ଆକାରରେ କାଟି ରଖି ଦିଅନ୍ତୁ। ଏବେ ଏକ ପାତ୍ରରେ କର୍ନ, ପିଆଜ, କଞ୍ଚାଲଙ୍କା, ଟମାଟୋ ଲୁଣକୁ ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ। ଏବେ ଏଥିରେ ଜିରା ପାଉଡର, ଚାଟ୍ ମସଲା ଓ ଲେମ୍ବୁରସ ଚିପୁଡ଼ି ପକାନ୍ତୁ। ଏହି ସବୁ ସାମଗ୍ରୀକୁ ଭଲଭାବେ ମିଶାନ୍ତୁ। ଏବେ ଏଥିରେ କଟାହୋଇଥିବା ଧନିଆପତ୍ରକୁ ପକାନ୍ତୁ। ଏବେ ଆପଣଙ୍କ ମସଲା କର୍ନ ଚାଟ୍ ପ୍ରସ୍ତୁତ ହୋଇଗଲା। ଏହାକୁ ଏବେ ଆପଣ ପରଷିପାରିବେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୪/୨୦୨୩ Bhubaneswar, Tuesday, February 14/ 2023

# ବିର୍ସା ମୁଣ୍ଡାରେ ହେବ ୪ ଜାତୀୟ ଚାମ୍ପିୟନଶିପ୍

## ପ୍ରତି ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର
## ଜାତୀୟ ଟୁର୍ନାମେଣ୍ଟରେ ଭିଡିଓ ରେଫରାଲ ବ୍ୟବସ୍ଥା



ରାଉରକେଲା ଅଫିସ/ (ସ୍ପୋର୍ଟ୍ସ ବ୍ୟୁରୋ), ୧୩।୨

ଭାରତୀୟ ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ଅଭିଜ୍ଞତା ପ୍ରଦାନ ପାଇଁ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯିବ ୪ଟି ଜାତୀୟ ଟୁର୍ନାମେଣ୍ଟ। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ସହ ମିଳିତ ଭାବେ ହକି ବିଶ୍ୱକପ୍ ଆୟୋଜନ କରିଥିଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ। ବିଭିନ୍ନ ବୟସ ବର୍ଗରେ ଏହି ୪ ଜାତୀୟ ଟୁର୍ନାମେଣ୍ଟ ଆୟୋଜିତ ହେବ। ଏପ୍ରିଲ ୧୩-୨୩ ମଧ୍ୟରେ ଜାତୀୟ ଜୁନିୟର ମହିଳା ଚାମ୍ପିୟନଶିପ୍, ଏପ୍ରିଲ ୨୮-ମେ' ୮ ମଧ୍ୟରେ ଜାତୀୟ ଜୁନିୟର ପୁରୁଷ ଚାମ୍ପିୟନଶିପ୍, ମେ' ୧୩-୨୩ ମଧ୍ୟରେ ଜାତୀୟ ସବ୍‌ଜୁନିୟର ମହିଳା ଚାମ୍ପିୟନଶିପ୍ ଓ ମେ' ୨୮- ଜୁନ୍ ୭ ମଧ୍ୟରେ ଜାତୀୟ ସବ୍‌ଜୁନିୟର ପୁରୁଷ ଚାମ୍ପିୟନଶିପ୍ ଆୟୋଜିତ ହେବ। ଏହାସହିତ ମେ' ୩-୧୪ ମଧ୍ୟରେ ତାମିଲନାଡୁର ମଦୁରାଇରେ ଜାତୀୟ ପୁରୁଷ ଚାମ୍ପିୟନଶିପ୍ ଆୟୋଜିତ ହେବ। ଏହି ସବୁ ଟୁର୍ନାମେଣ୍ଟ ପୂର୍ବରୁ ଜାତୀୟ ଟୁର୍ନାମେଣ୍ଟଗୁଡିକର ସଂଶୋଧନ ଉପରେ ମଧ୍ୟ ଆଲୋଚନା ହୋଇଛି। ଭିଡିଓ ରେଫରାଲ, ପ୍ଲେୟର ଅଫ୍ ଦ ମ୍ୟାଚ୍ ପରି ବ୍ୟବସ୍ଥାରେ ସଂଶୋଧନ କରାଯିବ। ଅନ୍‌ଲାଇନ୍ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ଫ୍ୟାନ୍‌କୋଡ୍ ସହିତ ହକି ଇଣ୍ଡିଆର ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ଯାହାଦ୍ୱାରା ବିଭିନ୍ନ ବୟସ ବର୍ଗର ଖେଳକୁ ଲାଇଭ୍ ଷ୍ଟ୍ରିମ୍ କରିହେବ ବୋଲି ସୂଚନା ଦେଇଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ। ବିଭିନ୍ନ ବୟସ ବର୍ଗର ଟୁର୍ନାମେଣ୍ଟରେ ଭିଡିଓ ରେଫରାଲ ବ୍ୟବସ୍ଥା ଲାଗୁ କରାଯିବ, ଯାହାଦ୍ୱାରା ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ଅଭିଜ୍ଞତା ମିଳିବ ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟସ୍ତରରେ ଖେଳିବା ପୂର୍ବରୁ ଖେଳାଳିମାନଙ୍କୁ ଭିଡିଓ ରେଫରାଲର ପ୍ରକ୍ରିୟା ସମ୍ପର୍କରେ ଜଣାଇବା ପାଇଁ ଏପରି କରାଯାଇଥିବା ସେ କହିଛନ୍ତି। ଫେବୃୟାରୀ ୧୫ରୁ କାକିନାଡ଼ାରେ ଖେଳାଯିବାକୁ ଥିବା ଜାତୀୟ ମହିଳା ଚାମ୍ପିୟନଶିପ୍‌ରେ ପ୍ରଥମେ ଭିଡିଓ ରେଫରାଲ ବ୍ୟବସ୍ଥା କରାଯିବ। ଏଣିକି ସମସ୍ତ ବୟସ ବର୍ଗର ଟୁର୍ନାମେଣ୍ଟରେ ପ୍ରତି ପାର୍ଶ୍ୱରେ ୩ଟି ଲେଖାଏ କ୍ୟାମେରା ଲଗାଯିବ। ଏହା ବ୍ୟତୀତ ପ୍ରତି ମ୍ୟାଚ୍ ପାଇଁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯିବ। ଜାତୀୟ ଚାମ୍ପିୟନଶିପ୍‌ର ମାନ ବୃଦ୍ଧି କରିବା ପାଇଁ ପ୍ରଥମଥର ଏଭଳି ପଦକ୍ଷେପ ନିଆଯାଇଥିବା କହିଛନ୍ତି ହକି ଇଣ୍ଡିଆ ମହାସଚିବ ଭୋଲାନାଥ ସିଂ। ଏହିସବୁ ନୂତନ ବ୍ୟବସ୍ଥା ଲାଗୁ ହେବା ପରେ ଯାହାବି ଅତିରିକ୍ତ ଖର୍ଚ୍ଚ ହେବ ଆୟୋଜକ ଫେଡେରେଶନ ଉପରେ ଏହାର କୌଣସି ଚାପ ପଡ଼ିବ ନାହିଁ। ହକି ଇଣ୍ଡିଆ ପକ୍ଷରୁ ଏହିସବୁ ଖର୍ଚ୍ଚ ବହନ କରାଯିବ ବୋଲି କହିଛନ୍ତି ମହାସଚିବ। ଏପରି କି ପ୍ଲେୟର ଅଫ୍ ଦ ମ୍ୟାଚ୍‌ର କ୍ୟାଶ୍ ପ୍ରାଇଜ୍ ମଧ୍ୟ ହକି ଇଣ୍ଡିଆ ପ୍ରଦାନ କରିବ। ଏହାଛଡ଼ା ମ୍ୟାଚ୍ ପରିଚାଳନା କରୁଥିବା ଅମ୍ପାୟରଙ୍କୁ ରେଡିଓ ପ୍ରଦାନ କରାଯିବ।

# ରେଲୱେ, ମେଘାଳୟ, ସର୍ଭିସେସ୍ ବିଜୟୀ

## ସନ୍ତୋଷ ଟ୍ରଫି ଫୁଟବଲ୍

ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରରେ ଅନୁଷ୍ଠିତ ସନ୍ତୋଷ ଟ୍ରଫିର ଅନ୍ତିମ ପର୍ଯ୍ୟାୟ ଲିଗ୍ ମ୍ୟାଚରେ ବିଜୟୀ ହୋଇଛନ୍ତି ରେଲୱେ, ମେଘାଳୟ ଓ ସର୍ଭିସେସ। କ୍ୟାପିଟାଲ ଫୁଟବଲ ଆରେନାରେ ସକାଳ ୯ଟାରେ ଅନୁଷ୍ଠିତ ମ୍ୟାଚରେ ସର୍ଭିସେସ ୨-୧ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ସର୍ଭିସେସ ପକ୍ଷରୁ ପି. କ୍ରିଷ୍ଟୋଫର କାମେଇ(୪୧) ଓ ବିକାଶ ଥାପା(୮୨) ଗୋଲ ଦେଇଥିବା ବେଳେ ପଶ୍ଚିମ ବଙ୍ଗ ପକ୍ଷରୁ ନରୋହରି ଶ୍ରେଷ୍ଠା(୧୪) ଗୋଟିଏ ଗୋଲ ଦେଇଥିଲେ। ସମାନ ଭେନ୍ୟୁରେ ମଣିପୁର ବିପକ୍ଷ ମ୍ୟାଚକୁ ୧-୦ରେ ଜିତି ନେଇଥିଲା ମେଘାଳୟ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ମ୍ୟାଚର ୬୨ ତମ ମିନିଟରେ ବୋରିଙ୍ଗଟନ୍ ୱାରଲାର୍ପଙ୍କ ଗୋଲରେ ମେଘାଳୟ ମ୍ୟାଚ ଜିତି ନେଇଥିଲା। କଳିଙ୍ଗ ଷ୍ଟାଡିୟମରେ ଅପରାହ୍ନ ୩ଟାରେ ଖେଳା ଯାଇଥିବା ମ୍ୟାଚକୁ ୧-୦ରେ ଜିତି ନେଇଥିଲା ରେଲୱେ। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟ ୪୧+୩ ମିନିଟରେ ଫରୱାର୍ଡ ଖେଳାଳି ନୁରୁଦ୍ଦିନ ଏକମାତ୍ର ଗୋଲଟି ସ୍କୋର କରିଥିଲେ।



ବେଙ୍ଗଲ ଓ ସର୍ଭିସେସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଓଡ଼ିଶାର ସହଜ ବିଜୟ

## ଦୃଷ୍ଟିବାଧିତ ନାଗେଶ ଟ୍ରଫି



ସୁଖରାମ ମାଝୀ, ଲାଲ ପ୍ରସାଦ ସୋରେନ୍।

ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସୋମବାରରୁ ଆରମ୍ଭ ହୋଇଥିବା ଦୃଷ୍ଟିବାଧିତ ନାଗେଶ ଟ୍ରଫିରେ ତେଲଙ୍ଗାନା ବିପକ୍ଷରେ ଓଡ଼ିଶାର ସହଜ ବିଜୟ। ରଜସ୍ଥାନର ଆଜମେରରେ ଲରେନ୍ସ ମେୟର ପବ୍ଲିକ୍ ସ୍କୁଲ ଗ୍ରାଉଣ୍ଡରେ ଓଡ଼ିଶା ୧୯୧ ରନରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପକ୍ଷରୁ ଅଧିନାୟକ ସୁଖରାମ ମାଝୀ ୧୬୦ ଓ ଲାଲ ପ୍ରସାଦ ସୋରେନ୍ ୧୩୫ ରନ୍ କରିଥିଲେ। ଓଡ଼ିଶା ୨୦ ଓଭରରେ ୧ ଉଇକେଟରେ ୩୩୩ ରନ୍ କରିଥିଲା। ସୁଖରାମ ୬୩ ବଲରୁ ୩୫ ଚୌକା ମାରିଥିବା ବେଳେ ଲାଲ ପ୍ରସାଦ ୬୦ ବଲରୁ ୨୫ ଚୌକା ମାରିଥିଲେ। ଜବାବରେ ତେଲଙ୍ଗାନା ୯ ଉଇକେଟ ହରାଇ ୧୪୨ ରନ୍ କରିଥିଲା। ଏମ୍‌ଡି ଜାଫର ଇକବାଲଙ୍କ ଦୁଇ ଉଇକେଟ ନେଇଥିଲେ। ସୁଖରାମଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଫେବୃୟାରୀ ୧୫ ତାରିଖରେ ଦିଲ୍ଲୀ ସହିତ ଖେଳିବ ଓଡ଼ିଶା।

# ଧର୍ମଶାଳା ଟେଷ୍ଟ ଇନ୍ଦୋରକୁ ସ୍ଥାନାନ୍ତର

**ନୂଆଦିଲ୍ଲୀ, ୧୩।୨ (ପି.ଟି.):** ମାର୍ଚ୍ଚ ୧ରୁ ୫ ଧର୍ମଶାଳାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ତୃତୀୟ ଟେଷ୍ଟ ମ୍ୟାଚ୍ ଇନ୍ଦୋର ସ୍ଥାନାନ୍ତର ହୋଇଛି। ଧର୍ମଶାଳାରେ ପୁନଃ ପ୍ରସ୍ତୁତ କରାଯାଇଥିବା ଆଉଟ ଫିଲ୍ଡ ବର୍ତ୍ତମାନ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ନିମନ୍ତେ ଅନୁପଯୁକ୍ତ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ୟୁରେଟର ତାପସ ଚାଟାର୍ଜୀ ପଡ଼ିଆ ଅନୁଧ୍ୟାନ ପରେ ତାଙ୍କ ରିପୋର୍ଟରେ ଏହା ଉଲ୍ଲେଖ କରିଥିଲେ। ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ଷ୍ଟାଡିୟମରେ ତୃତୀୟ ଟେଷ୍ଟ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ପଡ଼ିଆରେ ଠାଏ ଠାଏ ଯଥେଷ୍ଟ ଘାସ ନାହିଁ। ଏହା ସମ୍ପୂର୍ଣ୍ଣ ବିକଶିତ ଲାଗି କିଛି ସମୟ ଲାଗିବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବର୍ଷା ଯୋଗୁ ଏହି ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଗୋଟିଏ ଅନ୍ତର୍ଜାତୀୟ ଟି୨୦ ଏବଂ ଏକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ସମ୍ଭବ ହୋଇ ନ ଥିଲା। ବର୍ଷା ଯୋଗୁ ପଡ଼ିଆର ଆଉଟ୍‌ଫିଲ୍ଡ କ୍ଷତିଗ୍ରସ୍ତ ହୋଇଥିଲା। ପିଚ୍ ଆଉଟ୍‌ଫିଲ୍ଡ ପୁନର୍ବାର ବିଛାଯାଇଥିଲା। ଖେଳ ଉପଯୋଗୀ ହୋଇପାରି ନ ଥିବାରୁ ହିମାଚଳ ପ୍ରଦେଶ ଏହାର ରଣଜୀ ଟିମ୍ ହୋମ୍ ମ୍ୟାଚ୍ ନାଦାଉନ୍‌ଠାରେ ଖେଳିଥିଲା।

# ଜାତୀୟ ସିନିୟର ରୋଲ୍‌ବଲରେ ଓଡ଼ିଶାରୁ ୭



କର୍ମକର୍ତ୍ତାଙ୍କ ସହ ମନୋନୀତ ଓଡ଼ିଶାର ୭ ରୋଲ୍‌ବଲ ଖେଳାଳି।

ଭୁବନେଶ୍ୱର, ୧୩।୨ (କ୍ରୀଡ଼ା ପ୍ରତିନିଧି)

ଜମ୍ମୁର ଏମ୍‌ଏ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଥିବା ୧୯ତମ ଜାତୀୟ ସିନିୟର ରୋଲ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶାର ୭ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ ପଞ୍ଚାନନ ବେହେରା, ଅଭିଜିତ୍ ସ୍ୱାଇଁ, ମନୋରଞ୍ଜନ ରାଉତ, କୀର୍ତ୍ତିକାନ୍ତ ବିଶ୍ୱାଳ, ମୋହନ ପାତ୍ର, ପ୍ରୀତେଶ ଆର୍ଯ୍ୟନ ଜେନା (ଅଧିନାୟକ) ଓ ରୋହିତ୍ କୁମାର ଭୋଇ। ପ୍ରତିଯୋଗୀମାନେ ଓଡ଼ିଶା ଛାଡ଼ିବା ପୂର୍ବରୁ ରବିବାର ପୂର୍ବାହ୍ନରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ରୋଲ୍‌ବଲ ଆସୋସିଏଶନ ପ୍ରତିଷ୍ଠାତା ପାର୍ଥ ସାରଥି ଜେନା, ସମ୍ପାଦକ ସୌଦାମିନୀ ପାତ୍ର ଏବଂ ପରାମର୍ଶଦାତା ପ୍ରଭାସିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପାର୍ବତୀଙ୍କୁ ଦୁଇ ସ୍ୱର୍ଣ୍ଣ



ପାର୍ବତୀ ସେଠୀ

**ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ):** ବନାରସରେ ଅନୁଷ୍ଠିତ ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଗେମ୍ସରେ ରାଜ୍ୟ ପାଇଁ ଦୁଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି ପାର୍ବତୀ ସେଠୀ। ଡିସ୍କସ୍ ଥ୍ରୋ ଓ ଶଟ୍‌ପୁଟ୍‌ରେ ସେ ଦୁଇଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଦୀର୍ଘ ୩୩ ବର୍ଷ ଧରି ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିଥିବା ବେଳେ ପୁନର୍ବାର ସଫଳତା ହାସଲ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସହଯୋଗ ମିଳିଲେ ଏପ୍ରିଲ ମାସରେ ହେବାକୁ ଥିବା ଏସିଆନ ମାଷ୍ଟର୍ସ ଆଥଲେଟିକ୍ ଗେମ୍ସରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ସିନିୟର ନ୍ୟାଶନାଲ ଫେଡେରେଶନ କପ୍‌ରେ ଅଂଶଗ୍ରହଣ ପାଇଁ ସେ ପ୍ରସ୍ତୁତ ବୋଲି କହିଛନ୍ତି।

# ଶୁବମନ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍

ଦୁବାଇ, ୧୩।୨ (ପି.ଟି.)



ଶୁବମନ ଗିଲ୍

ଭାରତର ଶୁବମନ ଗିଲ୍ ସୋମବାର ଜାନୁୟାରୀ ମାସ ପାଇଁ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ୍‌ରେ ସେ ଏକାଧିକ ପ୍ରଭାବୀ ଇନିଂସ୍ ଖେଳିଛନ୍ତି। ଅନ୍ୟପକ୍ଷରେ ମହିଳା ବିଭାଗରେ ଇଂଲଣ୍ଡର ୧୯ ବର୍ଷରୁ କମ୍ ଦଳର ଅଧିନାୟିକା ଗ୍ରେସ୍ ସ୍କ୍ରିଭେନ୍ସ ସର୍ବକନିଷ୍ଠ ଖେଳାଳି ଭାବେ ଏହି ପୁରସ୍କାର ହାସଲ କରିବା ସହ ଗୌରବ ଲାଭ କରିଛନ୍ତି। ଗିଲ୍‌ଙ୍କ ପାଇଁ ହ୍ୱାଇଟ୍ ବଲ କ୍ରିକେଟ୍‌ରେ ଜାନୁୟାରୀ ରେକର୍ଡ ବ୍ରେକିଂ ମାସ ରହିଥିଲା। ବିଶେଷକରି ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ୍‌ରେ ସେ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ବଡ଼ ସ୍କୋର କରିଛନ୍ତି। ଜାନୁୟାରୀରେ ସେ ମୋଟ ୫୬୭ ରନ୍ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ତିନୋଟି ଶତକ ରହିଛି। ୨୩ ବର୍ଷୀୟ ଗିଲ୍ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଓପନରରେ ଚମକପ୍ରଦ ଦ୍ୱିଶତକ ହାସଲ କରିଥିଲେ। ସେ ମାତ୍ର ୧୪୯ ବଲ୍‌ରୁ ୨୮ ଚୌକା ସହ ୨୦୮ ରନ୍ କରି ଅପରାଜିତ ରହିଥିଲେ। ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ୍‌ରେ ସେ ସର୍ବକନିଷ୍ଠ ଖେଳାଳି ହିସାବରେ ଦ୍ୱିଶତକ ହାସଲ କରିବାରେ ଏକ କୀର୍ତ୍ତିମାନ ହାସଲ କରିଥିଲେ। ପୁନଶ୍ଚ ଏକ କଠିନ ପିଚ୍, ଯେଉଁଠାରେ କି ଅନ୍ୟ ବ୍ୟାଟରମାନେ ତିଷ୍ଠିପାରି ନ ଥିବା ବେଳେ ସେ ଏହି ପ୍ରଭାବୀ ଇନିଂସ୍ ଖେଳିଛନ୍ତି। ଶ୍ରୀଲଙ୍କା ବିପକ୍ଷ ବିଜୟୀ ମ୍ୟାଚ୍‌ରେ ସେ ୧୧୬ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆରେ ସେ ୧୧୨ ରନ୍ କରିଥିଲେ। ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ଦୌଡ଼ରେ ଗିଲ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ ନ୍ୟୁଜିଲାଣ୍ଡ ଓପନର ଡେଭନ କନ୍‌ୱେ ଏବଂ ନିଜ ଦେଶରେ ମହମ୍ମଦ ସିରାଜ। ୨୦୨୨ ଅକ୍ଟୋବରରେ ବିରାଟ କୋହଲିଙ୍କ ପରଠାରୁ ଗିଲ୍ ପ୍ରଥମ ଭାରତୀୟ ଭାବେ ଏହି ପୁରସ୍କାର ଜିତିଛନ୍ତି। ଅନ୍ୟପକ୍ଷରେ ୧୯ ବର୍ଷରୁ କମ୍ ମହିଳା ଆଇସିସି ଟି୨୦ ବିଶ୍ୱକପ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସ୍କ୍ରିଭେନ୍ସ ଏହି ପୁରସ୍କାର ଜିତିଛନ୍ତି।

# ଅଧିନାୟିକା ଦୌଡ଼ରେ ଆଗୁଆ

ମୁମ୍ବାଇ, ୧୩।୨ (ପି.ଟି.)

**ଆର୍‌ସିବି:** ଆର୍‌ସିବି ପକ୍ଷରୁ ସ୍ମୃତି ମନ୍ଧାନା, ଏଲିସ୍ ପେରୀ ଓ ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନଙ୍କୁ କିଣାଯାଇଛି। ଅଭିଜ୍ଞତା ଦୃଷ୍ଟିରୁ ମନ୍ଧାନା ଫେବରିଟ୍ ଅଛନ୍ତି।

**ମୁମ୍ବାଇ ଇଣ୍ଡିଆନ୍ସ:** ହରମନ୍‌ପ୍ରୀତ କୌରଙ୍କୁ ୧.୮ କୋଟି ଟଙ୍କାରେ କିଣିଛି ମୁମ୍ବାଇ ଫ୍ରାଞ୍ଚାଇଜ୍। ଇଂଲଣ୍ଡର ନାଟଲି ସ୍କିଭରଙ୍କୁ ଦଳ ୩.୨ କୋଟି ଟଙ୍କାରେ କିଣିଥିଲେ ହେଁ ହରମନପ୍ରୀତଙ୍କୁ ଅଧିନାୟିକା ପଦ ମିଳିବା ସମ୍ଭାବନା ଅଧିକ।

**ଗୁଜରାଟ ଜାଏଣ୍ଟ୍ସ:** ଗୁଜରାଟ ଜାଏଣ୍ଟ୍ସ ଦଳର ଅଧିନାୟିକା ଭାର ଜଣେ ବିଦେଶୀ ଖେଳାଳିଙ୍କୁ ମିଳିପାରେ। ହରଲିନ୍ ଦେଓଲ ଏବଂ ସ୍ନେହ ରାଣାଙ୍କ ପରି ଭାରତୀୟ ଖେଳାଳି ଥିଲେ ମଧ୍ୟ ବେଥ୍ ମୁନି କିମ୍ବା ଆସ୍‌ଲେ ଗାର୍ଡନରଙ୍କ ମଧ୍ୟରୁ ଜଣଙ୍କୁ ଅଧିନାୟିକା ଦାୟିତ୍ୱ ମିଳିବା ସମ୍ଭାବନା ବେଶି।

**ଦିଲ୍ଲୀ କ୍ୟାପିଟାଲ୍ସ:** ଦିଲ୍ଲୀ ଫ୍ରାଞ୍ଚାଇଜ୍ ନିକଟରେ ମେଗ୍ ଲାନିଙ୍ଗ୍, ଜେମିମା ରୋଡ୍ରିଗୁଏଜ ଏବଂ ଶେଫାଳି ବର୍ମାଙ୍କ ପରି ଖେଳାଳି ଥିଲେ ହେଁ ଲାନିଙ୍ଗ୍ ଏହି ତାଲିକାରେ ଆଗୁଆ ଅଛନ୍ତି।

**ୟୁପି ୱାରିୟର୍ସ:** ୟୁପି ୱାରିୟର୍ସ ୨.୬ କୋଟି ଟଙ୍କାରେ ଦୀପ୍ତି ଶର୍ମାଙ୍କୁ କିଣିଛି। ଅଭିଜ୍ଞ ଖେଳାଳି ଦୀପ୍ତି ଅଧିନାୟିକା ଦୌଡ଼ରେ ଆଗୁଆ ରହିଥିବା ବେଳେ ସୋଫି ଏକେଲଷ୍ଟୋନ ଏବଂ ଟାହଲିଆ ମ୍ୟାକ୍‌ଗ୍ରାଥଙ୍କ ପରି ଖେଳାଳି ମଧ୍ୟ ସାମିଲ ଅଛନ୍ତି।

# ବିକ୍ରି ହେଲେନି ଓଡ଼ିଶା ଖେଳାଳି

**ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ)ର ପ୍ରଥମ ସଂସ୍କରଣ ପାଇଁ ୮୭ ଖେଳାଳିଙ୍କ ନିଲାମ ହୋଇଥିବା ବେଳେ ଜଣେ ବି ଓଡ଼ିଶା ଖେଳାଳି ବିକ୍ରି ହୋଇ ନାହାନ୍ତି। ଓଡ଼ିଶାର ସମୁଦାୟ ୮ ଜଣ ଖେଳାଳି ଏହି ନିଲାମୀରେ ସାମିଲ ଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ମାଧୁରୀ ମେହେଟା, ରସନାରା ପରୱିନ୍, କାଜଲ ଜେନା, ଏସ୍ ବି ଲରେନ୍ସ, ସୁଜାତା ମଲିକ୍, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଏବଂ ଶୁସ୍ରୀ ଦିବ୍ୟଦର୍ଶିନୀ ନିଲାମୀରେ ସାମିଲ ହୋଇଥିବା ବେଳେ ରେଲୱେ ପକ୍ଷରୁ ସ୍ୱାଗତିକା ରଥ ସାମିଲ ହୋଇଥିଲେ। ଏହା ମଧ୍ୟରୁ କେବଳ ସ୍ୱାଗତିକାଙ୍କ ନାମ ନିଲାମୀ ଡାକରାରେ ଆସିଥିଲେ ମଧ୍ୟ କୌଣସି ଫ୍ରାଞ୍ଚାଇଜି କିଣିବାକୁ ଆଗ୍ରହ ପ୍ରକାଶ କରିନଥିଲେ।

# ୫ ଫ୍ରାଞ୍ଚାଇଜର ଖେଳାଳି ତାଲିକା

ମୁମ୍ବାଇ, ୧୩।୨ (ପି.ଟି.)



ମୁମ୍ବାଇସ୍ଥିତ ଜିଓ ୱାର୍ଲ୍ଡ କନ୍‌ଭେନଶନ ସେଣ୍ଟରଠାରେ ସୋମବାର ଉଦ୍‌ଘାଟନୀ ମହିଳା କ୍ରିକେଟ ପ୍ରିମିୟର ଲିଗ୍ ଖେଳାଳି ନିଲାମ ଅବସରରେ ଅଫିସିଆଲଙ୍କ ସହ ମୁମ୍ବାଇ ଇଣ୍ଡିଆନ୍ସ ମାଲିକାଣୀ ନୀତା ଅମ୍ବାନୀ, ଆକାଶ ଅମ୍ବାନୀ ଓ ମାହେଲା ଜୟବର୍ଦ୍ଧନେ।

ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ)ର ପ୍ରଥମ ସଂସ୍କରଣ ପାଇଁ ଖେଳାଳିଙ୍କ ନିଲାମୀ ଶେଷ ହୋଇଛି। ୯୦ଟି ସ୍ଲଟ ପାଇଁ ୪୦୯ ଖେଳାଳିଙ୍କ ନିଲାମୀ ହୋଇଥିଲା। ୨୪୬ ଜଣ ଭାରତୀୟ ଏବଂ ୧୬୩ ବିଦେଶୀ ଖେଳାଳିଙ୍କୁ ନେଇ ନିଲାମୀ ସମ୍ପନ୍ନ ହୋଇଛି। ଦିଲ୍ଲୀ କ୍ୟାପିଟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ଗୁଜରାଟ ଜାଏଣ୍ଟ୍ସ ୧୮ ଜଣ ଲେଖାଏ ଖେଳାଳି କିଣିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ୧୭ ଓ ୟୁପି ୱାରିୟର୍ଜ ୧୬ ଜଣ ଖେଳାଳିଙ୍କୁ କିଣିବାରେ ସଫଳ ହୋଇଥିଲା। ୫ ଫ୍ରାଞ୍ଚାଇଜିର ସମ୍ପୂର୍ଣ୍ଣ ଦଳ ତାଲିକା...

## ଦିଲ୍ଲୀ କ୍ୟାପିଟାଲ୍ସ

ଜେମିମା ରୋଡ୍ରିଗୁଏଜ(୨.୨ କୋଟି), ଶେଫାଳି ବର୍ମା (୨ କୋଟି), ମାରିଜେନ୍ କାପ୍ (୧.୫ କୋଟି), ମେଗ ଲାନିଙ୍ଗ (୧.୧ କୋଟି), ଆଲିସ୍ କାପ୍‌ସି (୭୫ ଲକ୍ଷ), ଶିଖା ପାଣ୍ଡେ (୬୦ ଲକ୍ଷ), ଜେସ୍ ଜୋନାସେନ୍(୫୦ ଲକ୍ଷ), ଲୌରା ହାରିସ୍(୪୫ ଲକ୍ଷ), ରାଧା ଯାଦବ(୪୦ ଲକ୍ଷ), ଅରୁନ୍ଧତୀ ରେଡ୍ଡୀ(୩୦ ଲକ୍ଷ), ମିନ୍ନୁ ମଣି(୩୦ ଲକ୍ଷ), ପୁନମ ଯାଦବ (୩୦ ଲକ୍ଷ), ସ୍ନେହା ଦୀପ୍ତି( ୩୦ ଲକ୍ଷ), ତାନିୟା ଭାଟିଆ(୩୦ ଲକ୍ଷ), ତିତାସ୍ ସାଧୁ(୨୫ ଲକ୍ଷ), ଜାସିଆ ଅକତର(୨୦ ଲକ୍ଷ), ଅପର୍ଣ୍ଣା ମଣ୍ଡଳ(୧୦ ଲକ୍ଷ), ତାରା ନୋରିଶ(୧୦ ଲକ୍ଷ)।

## ଗୁଜରାଟ ଜାଏଣ୍ଟ୍ସ

ଆସ୍‌ଲେ ଗାର୍ଡନର(୩.୨ କୋଟି), ବେଥ୍ ମୁନି(୨ କୋଟି), ଜର୍ଜିଆ ୱେୟାରହାମ୍(୭୫ ଲକ୍ଷ), ସ୍ନେହ ରାଣା(୭୫ ଲକ୍ଷ), ଆନାବେଲ ସଦରଲାଣ୍ଡ(୭୦ ଲକ୍ଷ), ଡିଆଣ୍ଡ୍ରା ଡଟିନ୍(୬୦ ଲକ୍ଷ), ସୋଫିଆ ଡଙ୍କଲି(୬୦ ଲକ୍ଷ), ସୁଷମା ବର୍ମା(୬୦ ଲକ୍ଷ), ତନୁଜା କନୱର(୫୦ ଲକ୍ଷ), ହରଲିନ୍ ଦେଓଲ୍(୪୦ ଲକ୍ଷ), ଅଶ୍ୱିନୀ କୁମାରୀ(୩୫ ଲକ୍ଷ), ଦୟଲାନ ହେମଲତା(୩୦ ଲକ୍ଷ), ମାନସୀ ଯୋଶୀ(୩୦ ଲକ୍ଷ), ମୋନିକା ପଟେଲ(୩୦ ଲକ୍ଷ), ସଭିନେନୀ ମେଘନା (୩୦ ଲକ୍ଷ), ହର୍ଲି ଗାଲା(୧୦ ଲକ୍ଷ), ପାରୁଣିକା ସିସୋଦିଆ(୧୦ ଲକ୍ଷ), ଶବନମ ଶକିଲ (୧୦ ଲକ୍ଷ)।

## ମୁମ୍ବାଇ ଇଣ୍ଡିଆନ୍ସ

ନାଟାଲି ସ୍କିଭର(୩.୨କୋଟି), ପୂଜା ବସ୍ତ୍ରକାର(୧.୯ କୋଟି), ହରମନ୍‌ପ୍ରୀତ କୌର୍(୧.୮ କୋଟି), ୟସ୍ତିକା ଭାଟିଆ (୧.୫ କୋଟି), ଆମେଲିଆ କେର(୧ କୋଟି), ଅମନଜୋତ କୌର(୫୦ ଲକ୍ଷ), ହେଲି ମାଥ୍ୟୁସ (୪୦ ଲକ୍ଷ), କ୍ଲୋଏ ଟ୍ରାୟନ(୩୦ ଲକ୍ଷ), ହିଥର ଗ୍ରାହାମ(୩୦ ଲକ୍ଷ), ଇସାବେଲ ଓଙ୍ଗ(୩୦ ଲକ୍ଷ), ପ୍ରିୟଙ୍କା ବାଲା(୨୦ ଲକ୍ଷ), ଧାରା ଗୁଜ୍ଜର(୧୦ ଲକ୍ଷ), ହୁମାଇରା କାଜି (୧୦ ଲକ୍ଷ), ଜିନ୍ତିମାନି କାଲିତା (୧୦ ଲକ୍ଷ), ନୀଲମ ବିସ୍ତ (୧୦ ଲକ୍ଷ), ସାଇକା ଇଶାକ୍ (୧୦ ଲକ୍ଷ), ସୋନମ ଯାଦବ (୧୦ ଲକ୍ଷ)।

## ଆରସିବି

ସ୍ମୃତି ମନ୍ଧାନା(୩.୪ କୋଟି), ରିଚା ଘୋଷ(୧.୯ କୋଟି), ,ଲିସ୍ ପେରୀ(୧.୭ କୋଟି), ରେଣୁକା ସିଂ(୧.୫ କୋଟି), ସୋଫି ଡିଭାଇନ୍(୫୦ ଲକ୍ଷ), ହିଥର ନାଇଟ୍(୪୦ ଲକ୍ଷ), ମେଗାନ୍ ଶୁଟ୍(୪୦ ଲକ୍ଷ), କନିକା ଆହୁଜା(୩୫ ଲକ୍ଷ), ଡେନ୍ ଭାନ୍ ନିକର୍କ(୩୦ ଲକ୍ଷ), ଏରିନ୍ ବର୍ନସ (୩୦ ଲକ୍ଷ), ପ୍ରୀତି ବୋଷ (୩୦ ଲକ୍ଷ), କୋମଲ ଜାଞ୍ଜାଡ୍(୨୫ ଲକ୍ଷ), ଆଶା ଶୋବନା(୧୦ ଲକ୍ଷ), ଦିଶା କଶାଟ (୧୦ ଲକ୍ଷ), ଇନ୍ଦ୍ରାଣୀ ରୟ (୧୦ ଲକ୍ଷ), ପୁନମ ଖେମନାର (୧୦ ଲକ୍ଷ), ଶାହନା ପୱାର (୧୦ ଲକ୍ଷ), ଶ୍ରେୟଙ୍କା ପାଟିଲ (୧୦ ଲକ୍ଷ)।

## ୟୁପି ୱାରିୟର୍ଜ

ଦୀପ୍ତି ଶର୍ମା (୨.୬ କୋଟି), ସୋଫି ଏକେଲଷ୍ଟୋନ(୧.୮ କୋଟି), ଦେବିକା ବୈଦ୍ୟ(୧.୪ କୋଟି), ଟାହଲିଆ ମ୍ୟାକଗ୍ରାଥ(୧.୪ କୋଟି), ଶବନିମ୍ ଇସମାଇଲ(୧ କୋଟି), ଗ୍ରେସ୍ ହାରିସ୍(୭୫ ଲକ୍ଷ), ଅଞ୍ଜଳି ଶ୍ରାବଣୀ(୫୫ ଲକ୍ଷ), ରାଜେଶ୍ୱରୀ ଗାଏକ୍ୱାଡ(୪୦ ଲକ୍ଷ), ଶ୍ୱେତା ଶେରାୱତ(୪୦ ଲକ୍ଷ), କିରଣ ନାଭଗିରେ(୩୦ଲକ୍ଷ), ଲରେନ୍ ବେଲ୍(୩୦ ଲକ୍ଷ), ଲକ୍ଷ୍ମୀ ଯାଦବ(୧୦ ଲକ୍ଷ), ପାର୍ଶଭି ଚୋପ୍ରା(୧୦ ଲକ୍ଷ), ଏସ୍ ଯଶସ୍ରୀ(୧୦ ଲକ୍ଷ), ସିମରନ୍ ଶେଖ୍ (୧୦ ଲକ୍ଷ)।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ